


◀ ଆଜିର 'ସକାଳ' ସହ 'ସିନ୍ଦୁରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-241 ♦BHUBANESWAR ♦SUNDAY ♦25 FEBRUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୪୧ ♦ଭୁବନେଶ୍ୱର ♦ରବିବାର ♦୨୫ ଫେବୃଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦ (ସିନ୍ଦୁରା ସହ)


'ଇଣ୍ଡିଆ ଟୁଡେ ଷ୍ଟେଟ୍ ଅଫ୍ ଦ ଷ୍ଟେଟ୍ କନକ୍ଲେଭ୍'ରେ ନବୀନଙ୍କ ସ୍ୱୋକ୍ତି

# ବିପର୍ଯ୍ୟୟ ଶିଖାଇଛି ଜିତିବାର କୌଶଳ




- '୫-ଟି' ଆଧାରିତ ଲୋକାଭିମୁଖୀ ଶାସନ ଆମ ସଫଳତାର ମନ୍ତ୍ର
- ଭୋକର ଭୂଗୋଳରୁ ଖାଦ୍ୟ ବଳକା ରାଜ୍ୟ ହୋଇଛି ଓଡ଼ିଶା
- ଶୂନ୍ୟ ପୁଞ୍ଜିନିବେଶ ରାଜ୍ୟରୁ ହୋଇପାରିଛି ନିବେଶକଙ୍କ ପ୍ରଥମ ପସନ୍ଦ
- ଦକ୍ଷିଣ ଏସିଆର ଆଲୁମିନିୟମ୍ କ୍ୟାପିଟାଲ ଓ ଦେଶର ଷ୍ଟିଲ୍ ହବ୍ ଓଡ଼ିଶା

■ **ଭୁବନେଶ୍ୱର, ୨୪।୨ (ସମିସ):** ରାଜ୍ୟର ଉଲ୍ଲେଖନୀୟ ରୂପାନ୍ତରଣ ଓଡ଼ିଶାକୁ ଉତ୍କର୍ଷରେ ପହଞ୍ଚାଇଛି। ଅତୀତର ଦୁଃଖକଷ୍ଟ ଓ ହତାଶାକୁ ପଛରେ ପକାଇ ରାଜ୍ୟ ଏବେ ସଫଳତାର ଉତ୍ସବ ପାଳନ କରୁଛି। ସେଥିପାଇଁ ମୁଁ ବେଶ୍ ଆନନ୍ଦିତ। ସମୟାନୁସାରେ ପ୍ରସ୍ତୁତି ଓ ପଦକ୍ଷେପ ଯୋଗୁଁ ଅନେକ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଢ଼ତାର ସହିତ ମୁକାବିଲା କରି ପ୍ରତ୍ୟେକ ଥର ଅଧିକରୁ ଅଧିକ ସଶକ୍ତ ହୋଇ ଉଭା ହୋଇଛୁ। ଜନଜୀବନ ସୁରକ୍ଷା କ୍ଷେତ୍ରରେ ବିଶ୍ୱ ପାଇଁ ଓଡ଼ିଶା ପାଲଟିଛି ଉଦାହରଣ। କୋଭିଡ୍ ମହାମାରୀ ସମୟରେ ବିଭିନ୍ନ ରାଜ୍ୟକୁ ଅମ୍ଳଯାନ ଯୋଗାଇ ଦେଶର ହଜାରହଜାର ଜନଜୀବନକୁ ରକ୍ଷା କରିବାରେ ଆମେ ସକ୍ଷମ ହୋଇଛୁ।

ଓଡ଼ିଶାର ପ୍ରତ୍ୟେକ ନାଗରିକଙ୍କ ସହଭାଗିତାରେ ରାଜ୍ୟର ରୂପାନ୍ତରଣ ଯାତ୍ରା ଜାରି ରହିଛି। ଏହି ଯାତ୍ରା ଓଡ଼ିଶାର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଶକ୍ତ କରିବାର ଯାତ୍ରା। ଆଜି ଆମେ ଏକ ନୂଆ ଯୁଗରେ ପାଦ ଦେଇଛୁ। '୫-ଟି' ଉପକ୍ରମ ଆଧାରରେ ଏକ ନୂଆ ଓ ସଶକ୍ତ ଓଡ଼ିଶା ଗଠନ ଆମର ଏକମାତ୍ର ଲକ୍ଷ୍ୟ। ଆସନ୍ତୁ ଆମେ ସମସ୍ତେ ମିଳିତ ଭାବେ ୨୦୩୬ ସୁଦ୍ଧା ଏକ ନୂଆ ଓଡ଼ିଶା ଗଠନ କରି ଦେଶ ପାଇଁ ସଶକ୍ତିକରଣର ଆଲୋକବର୍ତ୍ତିକା ସାଜିବା ▶ପୃଷ୍ଠା-୧୩

ଉତ୍ତରପ୍ରଦେଶରେ ବଡ଼ ଦୁର୍ଘଟଣା

# ପୋଖରୀକୁ ଟ୍ରାକ୍ଟର ଓଲଟି ୨୪ ମୃତ

■ **ଲକ୍ଷ୍ନୌ, ୨୪।୨ (ଏଜେନ୍ସି):** ମାଘ ପୂର୍ଣ୍ଣମୀରେ ଉତ୍ତରପ୍ରଦେଶ କାଶଗଞ୍ଜରେ ବଡ଼ ଦୁର୍ଘଟଣା ଘଟିଛି। ଶୁଭ ମୁହୂର୍ତ୍ତରେ ଗଙ୍ଗା ସ୍ନାନ କରି ପୁଅର ଚୁଟି ପକାଇବାକୁ ଟ୍ରାକ୍ଟର-ଟ୍ରଲିରେ ବାହାରିଥିବା ଜୈଥରା ଗ୍ରାମର ୫୪ ଲୋକଙ୍କ ଆଶା ଆଶାରେ ରହିଯାଇଛି। ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିବା ଏହି ଟ୍ରଲି କାଶଗଞ୍ଜରେ ନିୟନ୍ତ୍ରଣ ହରାଇ ୨୦ ଫୁଟ ତଳେ ଥିବା ପୋଖରୀକୁ ପଡ଼ି ଯାଇଛି। ଏହି ଦୁର୍ଘଟଣାରେ ୨୪ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୧୩ ମହିଳା, ୧୦ ଶିଶୁ ଏବଂ ଜଣେ ପୁରୁଷ ସାମିଲ ଅଛନ୍ତି। ଅନ୍ୟ ୩୦ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୦ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଏମାନଙ୍କୁ ଅଲିଗଡ଼ ପଠାଇ ଦିଆଯାଇଛି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଚିକିତ୍ସା ପରେ ୨୦ ଜଣଙ୍କୁ ଡାକ୍ତରଖାନାରୁ ଛାଡ଼ କରିଦିଆଯାଇଛି।

ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ ଏହି ଲୋକମାନେ କାଦରଗଞ୍ଜ ଘାଟକୁ ଗଙ୍ଗା ସ୍ନାନ ପାଇଁ ଯାଉଥିଲେ। ଏହି ସମୟରେ ଦ୍ରୁତଗତି ଯୋଗୁଁ ରିୟାବଗଞ୍ଜ ପଟିଆଲୀ ▶ପୃଷ୍ଠା-୧୩



▶▶ ବୈତରଣୀ ବାମପାର୍ଶ୍ୱ ନଦୀବନ୍ଧ ଏବଂ ସଡ଼କ ନିର୍ମାଣ ପ୍ରକଳ୍ପର ଅନୁଧ୍ୟାନ କଲେ '୫-ଟି' ଅଧ୍ୟକ୍ଷ

# ସୁଦୃଢ଼ ହେବ ନଦୀବନ୍ଧ, ଦୂରହେବ ବନ୍ୟା ଭୟ

■ **ଭଦ୍ରକ/ଭୁବନେଶ୍ୱର, ୨୪।୨ (ସମିସ):** ରାଜ୍ୟବ୍ୟାପି ରୂପାନ୍ତରଣ ପର୍ବ ଜାରି ରହିଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମବିକାଶକୁ ଗୁରୁତ୍ୱ ଦେଉଛନ୍ତି। '୫-ଟି' ଉପକ୍ରମ ଅଧୀନରେ ବିକାଶମୂଳକ କାର୍ଯ୍ୟକ୍ରମ ଯେପରି ସଠିକ୍ ଢଙ୍ଗରେ କାର୍ଯ୍ୟାନ୍ୱୟନ ହୋଇପାରିବ ସେନେଇ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଲଗାତାର ଜିଲ୍ଲା ଗସ୍ତ କରି ଏହାର ସମୀକ୍ଷା କରୁଛନ୍ତି। ଏହିକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀ ପାଣ୍ଡିଆନ୍ ଶନିବାର ଭଦ୍ରକ ଗସ୍ତରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ଆଖୁଆପଦା ଏବଂ ଆଇଜିଏମ୍ କଲେଜ ପଡ଼ିଆରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗ ଦେଇ ଲୋକଙ୍କଠାରୁ ବିଭିନ୍ନ ଦାବି ଏବଂ ଅଭିଯୋଗପତ୍ର ଗ୍ରହଣ କରିବା ସହ ଏହାର ତ୍ୱରିତ୍ ସମାଧାନ କରାଯିବ ବୋଲି ଦୃଢ଼ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ▶ପୃଷ୍ଠା-୧୩






- ନିଜେ ଚଳାଇଲେ ମଟର ସାଇକେଲ, ଦେଖିଲେ ନଦୀବନ୍ଧ ସ୍ଥିତି
- ବିଭିନ୍ନ ସ୍ଥାନରେ ବିପୁଳ ସ୍ୱାଗତ, ସେବା ମନୋଭାବ ପାଇଁ କଲେ ଉଚ୍ଚ ପ୍ରଶଂସା
- ଆଖୁଆପଦା ଓ କୋଚିଲା ଅନ୍ତଃନଦୀ ଜଳାଶୟ ପ୍ରକଳ୍ପର କଲେ ସମୀକ୍ଷା
- ୬୮୧ କୋଟି ବିନିମୟରେ ଉଭୟ ପ୍ରକଳ୍ପ ହେଉଛି କାର୍ଯ୍ୟାନ୍ୱୟନ
- ଆଖୁଆପଦା ଓ ଧାମନଗରରେ ଜନସମାବେଶରେ ଯୋଗଦାନ
- ଲୋକଙ୍କ ସମସ୍ୟା ଏବଂ ଦାବିପତ୍ର ଗ୍ରହଣ, ତ୍ୱରିତ୍ ସମାଧାନ ପାଇଁ ପ୍ରତିଶ୍ରୁତି




# ଝାଡ଼ଖଣ୍ଡରେ ଉତ୍କଳମଣିଙ୍କ ନାମରେ ନାମିତ ଟାଉନ୍ ହଲ୍ ଲୋକାର୍ପିତ



**ବାଲେଶ୍ୱର, ୨୪।୨(ସମିସ):** ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଚମ୍ପେଇ ସୋରେନ ଆଜି ନିଜ ଜିଲ୍ଲା ଷଢ଼େଇକଳା ଖରସୁଆଁରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ନାମରେ ନାମିତ ଟାଉନ୍ ହଲକୁ ଲୋକାର୍ପଣ କରିଛନ୍ତି। ଏହି ଟାଉନ୍ ହଲ୍ ୭କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ଏହି ଅବସରରେ ସେ କହିଥିଲେ ଯେ ଆଗାମୀ ଦିନରେ ଷଢ଼େଇକଳାରେ ଛଉନୃତ୍ୟର ବିକାଶ ତଥା ଶିକ୍ଷାକୁ ନେଇ ତାଙ୍କ ସରକାର ତତ୍ପର ରହିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସାଂସଦ ଗୀତା କୋଡା, ଖରସୁଆଁ ବିଧାୟକ ଦଶରଥ ଗାଗରାଇ, ଇଚାଗଡ଼ ବିଧାୟକ ସବିତା ମହାନ୍ତୋଙ୍କ ସହ ବିଭିନ୍ନ ବିଭାଗର ସଚିବ, ଜିଲ୍ଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-241 ♦BHUBANESWAR ♦SUNDAY ♦25 FEBRUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୪୧ ♦ଭୁବନେଶ୍ୱର ♦ରବିବାର ♦୨୫ ଫେବୃଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦ (ସିନ୍ଦୂରା ସହ)







**ଓଡ଼ିଶାରେ ଦେଶର ସର୍ବବୃହତ୍ ଧାନ ଅମଳ ପରବର୍ତ୍ତୀ ପଡ଼ିଆ ଜମି ପରିଚାଳନା କାର୍ଯ୍ୟକ୍ରମ**

# ଡାଲି ଓ ତୈଳବୀଜ ଉତ୍ପାଦନରେ ସମୃଦ୍ଧ ହେବ ଓଡ଼ିଶା

- ଚଳିତ ରବି ଋତୁରେ ୪ଲକ୍ଷ ହେକ୍ଟର ଜମିରେ ଚାଷ
- ରାଜ୍ୟ ସରକାର ଯୋଗାଉଛନ୍ତି ବ୍ୟାପକ ସହାୟତା

**ଭୁବନେଶ୍ୱର, ୨୪।୨(ସମିସ):** ରାଜ୍ୟରେ କୃଷକଙ୍କ ଆୟ ବୃଦ୍ଧି ଏବଂ ଫସଲ ଉତ୍ପାଦନ ବୃଦ୍ଧି ପାଇଁ ରାଜ୍ୟ ସରକାର ଏକାଧିକ ଯୋଜନାମାନ ପ୍ରଣୟନ କରିଛନ୍ତି। ଏହିକ୍ରମରେ ଚଳିତ ରବି ଋତୁରେ ରାଜ୍ୟ ସରକାର ଏକ ବଡ଼ ଲକ୍ଷ୍ୟ ଧାର୍ଯ୍ୟ କରିବା ସହ ସେହି ଅନୁଯାୟୀ ପଦକ୍ଷେପ ନିଆଯାଉଥିବା ଜଣାପଡ଼ିଛି। କୃଷି ବିଭାଗର ତଥ୍ୟ ଅନୁଯାୟୀ ସରକାର ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶାରେ ଦେଶର ସର୍ବବୃହତ୍ ଧାନ ଅମଳ ପରବର୍ତ୍ତୀ ପଡ଼ିଆ ଜମି ପରିଚାଳନା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଚଳିତ ବର୍ଷ ୪ଲକ୍ଷ ହେକ୍ଟର ଜମିରେ ଚାଷ କାର୍ଯ୍ୟ ହାତକୁ ନେଇଛି କୃଷି ବିଭାଗ। ଏହାଦ୍ୱାରା ଡାଲି ଓ ତୈଳବୀଜ ଉତ୍ପାଦନରେ ଓଡ଼ିଶା ସମୃଦ୍ଧ ହେବାର ଆଶା କରାଯାଉଛି।

ସୂଚନା ଅନୁଯାୟୀ, ରାଜ୍ୟରେ ପ୍ରାୟ ୧୬ ଲକ୍ଷ ହେକ୍ଟର ଧାନ ଅମଳ ପରବର୍ତ୍ତୀ ପଡ଼ିଆ ଜମି ରହିଛି। ଚଳିତ ରବି ଋତୁରେ ପ୍ରାୟ ୪ ଲକ୍ଷ ହେକ୍ଟର ଚାଷଜମିରେ ଶସ୍ୟ ଉତ୍ପାଦନ ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଧାନ ଅମଳ ପରବର୍ତ୍ତୀ ଆଦ୍ରତାକୁ ଉପଯୋଗ କରି ରବି ଋତୁରେ ଡାଲି ଓ ତୈଳବୀଜ ଯଥା ମୁଗ, ବିରି, ଖେସାରି, ସୋରିଷ, ବିରି, ମସୁର, ମଟର ଓ ରାଶି ଆଦି ଚାଷ କରାଯାଉଛି। କୃଷକଙ୍କୁ ଏଥିପାଇଁ ରାଜ୍ୟ ସରକାର ଅଭିନବ ଉପାୟ ଏବଂ ବୈଜ୍ଞାନିକ ପଦ୍ଧତିରେ ଚାଷ କରିବା ପାଇଁ ଆବଶ୍ୟକ ସହାୟତା ଏବଂ ଜ୍ଞାନକୌଶଳ ଯୋଗାଇ ଦେଉଛନ୍ତି। ବିଶେଷକରି ମାଟିର ଅମ୍ଳତା ହ୍ରାସ ପାଇଁ ଡୋଲୋମାଇଟ ପ୍ରୟୋଗ ପାଇଁ କୃଷକଙ୍କୁ ପ୍ରବର୍ତ୍ତାଯାଉଥିବା ବେଳେ ସମନ୍ୱିତ ରୋଗପୋକ ପରିଚାଳନାକୁ ମଧ୍ୟ ଗୁରୁତ୍ୱାରୋପ କରାଯାଉଛି। ଜୈବିକ ଉପାୟରେ କୃଷିକୁ ଗୁରୁତ୍ୱ ପ୍ରଦାନ ସହ କୃଷି ଯନ୍ତ୍ରପାତିର ଅଧିକରୁ ଅଧିକ ପ୍ରୟୋଗ ପାଇଁ କୃଷି ବିଭାଗ ପଦକ୍ଷେପ ନେଉଛି। ଏହାସହ କୃଷକମାନଙ୍କୁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ମଧ୍ୟ ପ୍ରଦାନ କରାଯାଉଛି। ସରକାରଙ୍କ ପ୍ରତ୍ୟକ୍ଷ ସହଯୋଗ କାରଣରୁ ଚଳିତ ବର୍ଷ ୪ଲକ୍ଷ ହେକ୍ଟର ଚାଷ ଜମିରେ ଫସଲ ଉତ୍ପାଦନ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି। କେବଳ ପଡ଼ିଆ ଜମିର ପରିଚାଳନା ନୁହେଁ; ବ୍ୟାପକ କୃଷି, ମୃତ୍ତିକା ଉର୍ବରତା ବୃଦ୍ଧି, ଅଧିକ ଉତ୍ପାଦନ, ଚାଷୀଙ୍କୁ ଅଧିକ ଆୟ ନିରାପତ୍ତା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କୃଷି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ରତ୍ନସିଂହାସନରେ ମହାପ୍ରଭୁଙ୍କ ଗଜଉଦ୍ଧାରଣ ବେଶ



**ପୁରୀ,୨୪।୨(ସମିସ):** ଶ୍ରୀମନ୍ଦିରରେ ଶନିବାର ମହାପ୍ରଭୁଙ୍କ ଗଜଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଛି। ଦାରୁବିଗ୍ରହଙ୍କ ଏହି ଦିବ୍ୟ ବେଶ ଦର୍ଶନ କରିଛନ୍ତି ହଜାର ହଜାର ଶ୍ରଦ୍ଧାଳୁ। ଦ୍ୱିପ୍ରହର ଧୂପ ପରେ ତିନିବାଡ଼ରେ ଗଜଉଦ୍ଧାରଣ ବେଶ କରାଯାଇଥିଲା। ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ଏହି ବେଶ କରାଇଥିଲେ। ଏହି ବେଶ ଥାଇ ସନ୍ଧ୍ୟା ଆଳତି ଏବଂ ସନ୍ଧ୍ୟାଧୂପ ନୀତି ବଢ଼ିଥିଲା। ଏହି ବେଶରେ ଠାକୁରଙ୍କ ପାଖରେ ଖିରି ଓ ଅମାଲୁ ଭୋଗ କରାଯାଇଥିଲା। ବେଶ ଓଲାଗି ହୋଇ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା।

ଗଜଉଦ୍ଧାରଣ ବେଶରେ ଶ୍ରୀଜଗନ୍ନାଥ ବିଷ୍ଣୁ ରୂପରେ ଚାରି ଭୁଜରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରି ଗରୁଡ଼ ପୃଷ୍ଠରେ ପଦ୍ମାସନ ଭଙ୍ଗୀରେ ବସିଥା'ନ୍ତି। କୋଳରେ ମା' ଲକ୍ଷ୍ମୀ (ଶ୍ରୀଦେବୀ) ଉପବେଶନ କରିଥା'ନ୍ତି। ଶ୍ରୀବଳଭଦ୍ର ବାସୁଦେବ ରୂପରେ ଚର୍ତୁର୍ଭୁଜ ହସ୍ତପଦ ବିଶିଷ୍ଟ ପଦ୍ମାସନରେ ବସିଥାନ୍ତି। ଚାରିଭୁଜରେ ଶଙ୍ଖ, ଚକ୍ର, ହଳ ଓ ମୂଷଳ ଥାଏ। ଦେବୀ ସୁଭଦ୍ରା ଦୁଇହସ୍ତ ଓ ଦୁଇପାଦ ବିଶିଷ୍ଟ କୃଷ୍ଣଙ୍କ ପରି ଛନ୍ଦାୟିତ ପଦରେ ଏକ ପଦ୍ମ କଳିକା ଧରି ଦଣ୍ଡାୟମାନ ଅବସ୍ଥାରେ ରହିଥାନ୍ତି। ଠାକୁରମାନେ ଏହି ବେଶରେ ଚୂଳ, କିରିଟୀ, କର୍ଣ୍ଣ କୁଣ୍ଡଳ, ଅଳକା, ତିଳକ, ସୂର୍ଯ୍ୟଚନ୍ଦ୍ର, ଅଣ୍ଟାପଟି, ନାକଚଣା, ପାହୁଡ଼, ବାଙ୍କି, ଗୋଡ଼ ଖଡ଼ୁ, ନାକରେ ଫାସିଆ, ଶ୍ରୀହସ୍ତରେ ଖଡ଼ୁବଳା, ପାଦରେ ପଦ୍ମ, ବାହୁରେ ବାଜୁବନ୍ଧ ଓ ବେକରେ ପଦ୍ମମାଳି ପିନ୍ଧିଥାନ୍ତି। ତିନିଠାକୁର ଯେଉଁ ଅଳଙ୍କାର ଧାରଣ କରିଥାନ୍ତି, ତାହା ସୋଲ, ଜରି, କଇଁଥ ଅଠା ପ୍ରଭୃତିରେ ପ୍ରସ୍ତୁତ କରାଯାଇଥାଏ। ଏଥିସହ ଦୁଇ ଠାକୁରଙ୍କ ସମ୍ମୁଖରେ ଦୁଇଟି ହାତୀ ଶୁଣ୍ଢରେ ପଦ୍ମ କଳିକା ଧରି ଦଣ୍ଡାୟମାନ ହୋଇଥାନ୍ତି। ଗୋଟିଏ ବଡ଼ ହାତୀ ଏବଂ ଅନ୍ୟଟି ଛୋଟ ହାତୀ। ବଡ଼ ହାତୀକୁ ଏକ ବିରାଟକାୟ କୁମ୍ଭୀର ଆକ୍ରମଣ ମୁଦ୍ରାରେ ରହିଥାଏ। ସିଂହାସନ ନିମ୍ନରେ ସମୁଦ୍ର ଦୃଶ୍ୟମାନ ହେଲା ଭଳି କରାଯାଇଥାଏ।

# ଲଣ୍ଡନ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଲା 'ଓଡ଼ିଶାର ସଂସ୍କୃତି ଓ ଐତିହ୍ୟ'



**ତୁଷୁରା, ୨୪।୨ (ସମିସ):** ବାଲୁକା ଶିଳ୍ପୀ ଓମ୍ ପ୍ରକାଶ ସାହୁଙ୍କ ଦ୍ୱାରା ନିର୍ମିତ 'ଓଡ଼ିଶାର ଐତିହ୍ୟ ଓ ସଂସ୍କୃତି' ଶୀର୍ଷକ ୪୦ ଫୁଟ୍ ଉଚ୍ଚତା ବିଶିଷ୍ଟ ବାଲୁକା ଭାସ୍କର୍ଯ୍ୟ କଳା ଲଣ୍ଡନ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ଉକ୍ତ ମଡେଲଟି କଳାହାଣ୍ଡି, ବଲାଙ୍ଗିର, ବୌଦ୍ଧ, ଫୁଲବାଣୀ ଓ ସୋନପୁର ଜିଲ୍ଲାର ସୀମାନ୍ତବର୍ତ୍ତୀ ଅଞ୍ଚଳ ଗୁଡ଼ଭେଲା ବ୍ଲକ୍‌ର ତେଲନଦୀର ପେନ୍ଦିମୁଣ୍ଡା ଘାଟରେ ମକରମେଳା ଅବସରରେ ୧୪ରୁ ୨୩ଜାନୁଆରୀ ୨୦୨୪ ପର୍ଯ୍ୟନ୍ତ ପ୍ରଦର୍ଶିତ ହୋଇଥିଲା। ଏହି ମଡେଲଟି ତିଆରି କରିବା ପାଇଁ ପ୍ରାୟ ଦଶହଜାର ଟନ୍ ବାଲି ବ୍ୟବହୃତ ହୋଇଥିଲା ଓ ଏଥିପାଇଁ ୧୫ ଦିନ ସମୟ ଲାଗିଥିଲା। ମଡେଲଟିରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ମନ୍ଦିର, ଲିଙ୍ଗରାଜ ମନ୍ଦିର, ଧଉଳି ଶାନ୍ତିସ୍ତୂପ, ମୁକ୍ତେଶ୍ୱର ମନ୍ଦିର, ରାଣିପୁରଝରିଆଳର ଇନ୍ଦ୍ରଲାଟ ମନ୍ଦିର, ଚଉଷଠୀ ଯୋଗିନୀ ମନ୍ଦିର, ହରିଶଙ୍କର, ନୃସିଂହନାଥ ମନ୍ଦିର, କଳିଙ୍ଗ ଘୋଡ଼ା ସହ ଗୌତମ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ତଥା ଓଡ଼ିଶାର ମାନଚିତ୍ର ମଧ୍ୟରେ ଓଡ଼ିଶାର ବରପୁତ୍ର ସମୂହ ଯଥା ବ୍ୟାସକବି ଫକୀର ମୋହନ ସେନାପତି, ସ୍ୱଭାବକବି ଗଙ୍ଗାଧର ମେହେର, ଉତ୍କଳଗୌରବ ମଧୁସୂଦନ ଦାସ, ବୀର ସୁରେନ୍ଦ୍ର ସାଏ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଉତ୍କଳମଣି ଗୋପବନ୍ଧୁ ଦାସ, ସନ୍ଥକବି ଭୀମ ଭୋଇଙ୍କ ପ୍ରତିକୃତି ସ୍ଥାନ ପାଇଥିଲା। ଶ୍ରୀ ସାହୁଙ୍କ ଦ୍ୱାରା ଉକ୍ତ ସ୍ଥାନରେ ୨୦୨୦ ମସିହାରେ ନିର୍ମିତ 'ଭାରତର ସଂସ୍କୃତି ଓ ଐତିହ୍ୟ' ଉପରେ ଆଧାରିତ ୨୬ ଫୁଟ୍ ଉଚ୍ଚତା ବିଶିଷ୍ଟ ବାଲୁକା କଳା ଏସିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଥିବା ବେଳେ ୨୦୨୩ ମସିହାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନୀ ଉପରେ ନିର୍ମିତ ୩୬ ଫୁଟ୍ ବିଶିଷ୍ଟ ବାଲୁକା କଳା କିଂସ୍ବ ବୁକ୍ ଅଫ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଥିଲା।

**ମାଲକାନଗିରି ସୀମାନ୍ତରେ ଯବାନ-ମାଓବାଦୀ ଗୁଳିବିନିମୟ**

# ଏନ୍‌କାଉଣ୍ଟରରେ ଜଣେ ମାଓବାଦୀ ନିହତ

- ଅଳ୍ପକେ ବର୍ତ୍ତିଲେ ବିଏସ୍ଏଫ୍ ଯବାନ
- ମାଓବାଦୀ ଖଞ୍ଜିଥିଲେ ବୋମା
- ଜଙ୍ଗଲରୁ ୩ଟି ଲ୍ୟାଣ୍ଡମାଇନ୍ ଉଦ୍ଧାର

**ମାଲକାନଗିରି/ଭୁବନେଶ୍ୱର, ୨୪।୨(ସମିସ):** ମାଲକାନଗିରି ସୀମାନ୍ତରେ ପୁଲିସ-ମାଓବାଦୀ ଗୁଳିବିନିମୟ ହୋଇଛି। ଏଥିରେ ଜଣେ ମାଓବାଦୀର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଜଙ୍ଗଲରୁ ସର୍ଚ୍ଚ ଅପରେସନ୍ ବେଳେ ଏହି ମୃତଦେହ ମିଳିଛି। ସେଠାରୁ ମଧ ଏକାଧିକ ମାଓ ସାମଗ୍ରୀ ଜବତ କରାଯାଇଛି। ମୃତ ମାଓବାଦୀକୁ ଚିହ୍ନଟ କରୁଛି ପୁଲିସ। ବୁର୍କାଲଙ୍କା ଜଙ୍ଗଲରେ ମାଓବାଦୀମାନେ କ୍ୟାମ୍ପ କରି ରହିଥିବା ନେଇ ପୁଲିସର ଗୁଇନ୍ଦା ବିଭାଗକୁ ସୂଚନା ମିଳିଥିଲା। ଏହାକୁ ଆଧାର କରି ଡିଆର୍‌ଜି ବାହିନୀ ପକ୍ଷରୁ ଆଜି ସକାଳେ ସେଠାରେ କମ୍ବିଂ ଅପରେସନ ଆରମ୍ଭ ହୋଇଥିଲା। ଯବାନଙ୍କୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳି ଚାଳନା କରିଥିଲେ। ଫଳରେ ଯବାନମାନେ ଏହାର ପାଲଟା ଜବାବ ଦେଇଥିଲେ। ଏହି ଗୁଳି ବିନିମୟରେ ଜଣେ ଦୁର୍ଦ୍ଦାନ୍ତ ମାଓବାଦୀର ମୃତ୍ୟୁ ହୋଇଥିଲା। ଏବେ ବି ସର୍ଚ୍ଚ ଅପରେସନ ଜାରି ରହିଛି।

**■ ସିଲାକୋଟା ଜଙ୍ଗଲରୁ ମାଓ ସାମଗ୍ରୀ ଜବତ**

# ମାଟି ତଳୁ ମିଳିଲା ପ୍ରେସର୍‌ବୋମା, ଜିଲୋଟିନ୍ ଷ୍ଟିକ୍



**ମାଲକାନଗିରି,୨୪।୨(ସମିସ):** ମାଲକାନଗିରି ଜିଲ୍ଲା ପଡ଼ିଆ ଥାନା ଅନ୍ତର୍ଗତ ସିଲାକୋଟା ସଂରକ୍ଷିତ ଜଙ୍ଗଲ ମଧ୍ୟରେ ମାଓ ସାମଗ୍ରୀ ଜବତ ହୋଇଛି। ଶନିବାର ସକାଳେ ବିଏସ୍ଏଫ୍ ୧୪୨ ବାଟାଲିୟନ୍ ଯବାନମାନେ କମ୍ବିଂ ଅପରେସନ କରୁଥିବା ବେଳେ ସିଲାକୋଟା ସଂରକ୍ଷିତ ଜଙ୍ଗଲର ଗୋଟିଏ ଗଛ ମୂଳେ କିଛି ମାଓ ସାମଗ୍ରୀ ପଡ଼ିଥିବା ଦେଖିବାକୁ ପାଇଥିଲେ। ଅଧିକ ଖାନତଲାସ କରିବାରୁ ଉକ୍ତ ଅଞ୍ଚଳରୁ ତିନିଟି ପ୍ରେସର୍ ବୋମା, ୨୦ ମିଟର କୋଡେକ୍ସ ତାର, ୨୪ଟି ଜିଲୋଟିନ ଷ୍ଟିକ୍ ଓ ୨ ବଣ୍ଡଲ ବିଦ୍ୟୁତ୍ ତାର ମିଳିଥିଲା। ଏହି ସାମଗ୍ରୀଗୁଡ଼ିକ ସିଲାକୋଟା ଜଙ୍ଗଲର ଆରମ୍ଭରୁ ୩୦୦ ମିଟର ମଧ୍ୟରେ ତିନିଟି ସ୍ଥାନରେ ମାଟି ତଳେ ପୋତା ହୋଇ ରହିଥିଲା।

ପ୍ରକାଶ ଥାଉକି, ୨୦୧୧ରେ ସିଲାକୋଟା ଏକଦା ମାଓବାଦୀଙ୍କ ଆଡ଼ା ଭାବେ ପରିଚିତ ଥିଲା। ସିଲାକୋଟା ଜଙ୍ଗଲର ଏକ ମାଓ କ୍ୟାମ୍ପରେ ମାଓବାଦୀମାନେ ବୈଠକ କରୁଥିବା ସମୟରେ ଯବାନମାନଙ୍କ ଆକ୍ରମଣରେ ୧୪ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ସେଥିରେ ମାଲକାନଗିରି ଜିଲ୍ଲାର ଅନେକ ଯୁବକଯୁବତୀ ମୃତ୍ୟୁବରଣ କରିଥିଲ। ତେବେ ଏହି ଜବତ ସାମଗ୍ରୀଗୁଡ଼ିକ ବହୁ ବର୍ଷ ପୂର୍ବରୁ ମାଟି ତଳେ ପୋତା ହୋଇଥିବା ସନ୍ଦେହ କରାଯାଉଛି।

**■ ସିଟି ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଟିମକୁ ସଫଳତା**

# ୩ ହଜାର ବୋତଲ ବେଆଇନ କଫ୍-ସିରପ୍ ଜବତ



**ବାରିପଦା, ୨୪।୨(ସମିସ):** ମୟୂରଭଞ୍ଜ ଜିଲ୍ଲାର ସିଟି ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ମିଳିଛି ବଡ଼ ସଫଳତା। ଏହି ଟିମ୍ ୩ ହଜାର ବୋତଲ ବେଆଇନ କଫ୍ ସିରପ ଜବତ କରିଛି। ଝାଡଖଣ୍ଡରୁ ଓଡ଼ିଶାକୁ ଆସୁଥିବା ବେଳେ ବାରିପଦା ମୁର୍ଗାବାଡ଼ିରେ ଏହି କଫ୍-ସିରପ ବୋଝେଇ ଗାଡ଼ିକୁ ଜବତ କରାଯାଇଥିଲା। ବାରିପଦା ବାଣିଜ୍ୟକର ବିଭାଗର ସିଟି ଜିଏସ୍‌ଟି ଟିମ୍ ମୁର୍ଗାବାଡ଼ି ଛକରେ ମୋବାଇଲ ଚେକିଂ ସମୟରେ ଉକ୍ତ ଗାଡ଼ିକୁ ଅଟକାଇଥିଲେ। ଗାଡ଼ିରେ ଅଟୋପାର୍ଟସ ଥିବା କହିଥିଲା ଚାଳକ। ହେଲେ କୌଣସି କାଗଜପତ୍ର ଦେଖାଇ ପାରିନଥିଲା। ସନ୍ଦେହ ହେବାରୁ ବାଣିଜ୍ୟକର ଅଧିକାରୀମାନେ ଗାଡ଼ିକୁ କାର୍ଯ୍ୟାଳୟକୁ ଆଣି ଯାଞ୍ଚ କରିବାରୁ ସେଥିରୁ ୩ ହଜାର ବୋତଲ କଫ-ସିରପ ମିଳିଥିଲା। ପରେ ବିଭାଗ ପକ୍ଷରୁ ବାରିପଦା ଅତିରିକ୍ତ ଡ୍ରଗ୍ସ କଣ୍ଟ୍ରୋଲର ଏବଂ ଭଞ୍ଜପୁର ଥାନାକୁ ଖବର ଦିଆଯାଇଥିଲା। ଏହି କଫ-ସିରପ୍‌ରେ ମିଶି ଥିବା ଉପାଦାନ ମଣିଷ ଶରୀର ପାଇଁ କ୍ଷତିକାରକ ହେତୁ ଏହାର ବିକ୍ରିକୁ ଓଡ଼ିଶାରେ ନିଷିଦ୍ଧ କରାଯାଇଛି ବୋଲି ଅତିରିକ୍ତ ଡ୍ରଗ୍ସ କଣ୍ଟ୍ରୋଲର କହିଛନ୍ତି। ଏହା ଝାଡ଼ଖଣ୍ଡର ଟାଟାରୁ ଆସି ବହଡ଼ାଗୋଡ଼ାରେ ମହଜୁଦ ରଖାଯାଇଛି। ପର୍ଯ୍ୟାୟକ୍ରମେ ଓଡ଼ି ବଜାରକୁ ଏହା ଛଡ଼ାଯାଉଛି ବୋଲି ଗାଡ଼ି ଚାଳକ ପୁଲିସକୁ କହିଛି।

## ଲୋକକଥା



କାମ ଆମ ଯାହା କହିବାର କହେ
କଥା କିଛି ଲୋଡ଼ାନାହିଁ,
ବିକାଶ ପୁରୁଷ ବିକାଶ ପଥରେ
ନିତି ଚାଲିଛନ୍ତି ଧାଇଁ।
ସବୁ ଅଞ୍ଚଳକୁ ଛୁଇଁ,
ରାଇଜ ଅଚିରେ ସମୃଦ୍ଧ ହୋଇବ
କାହାକୁ ଅଛପା ନାହିଁ!!

**ମରି ବି ଅମର**

# ସ୍ୱର୍ଗଦ୍ୱାରରେ ଦମୟନ୍ତୀଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା



**ପୁରୀ,୨୪।୨(ସମିସ):** ମୃତ୍ୟୁ ପରେ ଅଙ୍ଗଦାନ କରିଥିବା ଦମୟନ୍ତୀ ମହନ୍ତ(୧୪)ଙ୍କ ଆଜି ପୁରୀ ସ୍ୱର୍ଗଦ୍ୱାରରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ଶେଷକୃତ୍ୟ ସଂପନ୍ନ ହୋଇଛି। କେନ୍ଦୁଝର ମୂଳ ବାସିନ୍ଦା ଦୁଖବନ୍ଧୁ ମହନ୍ତ ଓ ପତ୍ନୀ ବିନିତାଙ୍କ ସାନ ଝିଅ ଦମୟନ୍ତୀ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଥିଲେ। ଏହି କିଡ୍‌ନୀ ରୋଗ କ୍ରମଶଃ ଶରୀରର ବିଭିନ୍ନ ଅଙ୍ଗକୁ ଆକ୍ରାନ୍ତ କରିଥିଲା ଏବଂ ପରବର୍ତ୍ତୀ ସମୟରେ ଏହା ମସ୍ତିଷ୍କକୁ ମଧ୍ୟ ପ୍ରଭାବିତ ହୋଇଥିଲା। ଏହା ମସ୍ତିଷ୍କକୁ ଏତେ ପ୍ରଭାବିତ କରିଥିଲା ଯେ, ଡାକ୍ତରଙ୍କ କଠିନ ପରିଶ୍ରମ ସତ୍ତ୍ୱ ତାଙ୍କ ମସ୍ତିଷ୍କ କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। ଶେଷରେ ଗତ ଫେବୃଆରୀ ୨୦ ତାରିଖରେ ଡାକ୍ତର ତାଙ୍କ ମସ୍ତିଷ୍କ ମୃତ ଘୋଷଣା କରିଥିଲେ। ଦମୟନ୍ତୀଙ୍କ ଏପରି ଅବସ୍ଥା ବିଷୟରେ ଜାଣିବା ପରେ ଭୁବନେଶ୍ୱର ଏମ୍ସର ଓଡ଼ିଶା ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସୋମନାଥ ସ୍ୱାଇଁ ତାଙ୍କ ପରିବାର ଲୋକଙ୍କ ପାଖରେ ପହଞ୍ଚି ଅଙ୍ଗଦାନ ଭଳି ମହତ୍ କାର୍ଯ୍ୟ ବିଷୟରେ ବୁଝାଇଥିଲେ। ବାମା ମାଆ ସହମତି ଦେବାରୁ ଏମ୍ସର ଏକ ଡାକ୍ତରୀ ଦଳ ଦମୟନ୍ତୀଙ୍କ ଅଙ୍ଗ ସୂକ୍ଷ୍ମ ପ୍ରଣାଳୀରେ ବାହାର କରିଥିଲେ। ଫଳରେ ଏହି ଅଙ୍ଗକୁ ଭିନ୍ନ ଭିନ୍ନ ହସ୍ପିଟାଲକୁ ସ୍ଥାନାନ୍ତର ପାଇଁ ଗ୍ରୀନ୍ କରିଡରର ବ୍ୟବସ୍ଥା କରାଯାଇଥିଲା। 'ଦମୟନ୍ତୀ ଆଉ ଆମ ସହିତ ନାହିଁ, କିନ୍ତୁ ସେ ଅନ୍ୟମାନଙ୍କୁ ଦେଇଥିବା ଜୀବନର ଉପହାର ମାଧ୍ୟମରେ ତାଙ୍କ ଆତ୍ମା ବଞ୍ଚିଛି। ତେଣୁ ଅଙ୍ଗ ଦାନ କରିବା ଏବଂ ମୂଲ୍ୟବାନ ଜୀବନ ବଞ୍ଚାଇବାରେ ସାହାଯ୍ୟ କରିବାକୁ ଆମେ ସମସ୍ତଙ୍କୁ ଅନୁରୋଧ କରୁଛୁ ବୋଲି ଅଶ୍ରୁଳ ଆଖିରେ ଦାମୟନ୍ତୀଙ୍କ ମାତାପିତା ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

**ମୃତ୍ୟୁ ପରେ ଅଙ୍ଗଦାନ କରାଇଥିଲେ ପିତାମାତା**

ଅଙ୍ଗଦାନ କରୁଥିବା ବ୍ୟକ୍ତିଙ୍କର ରାଷ୍ଟ୍ରୀୟ ମର୍ଯ୍ୟାଦାର ସହିତ ଅନ୍ତିମ ସଂସ୍କାର କରାଯିବ ବୋଲି ଗତ ୧୯ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ଏହି ଘୋଷଣା ହେବା ପରେ ପ୍ରଥମ ଅଙ୍ଗଦାନ କରିଛନ୍ତି ଦମୟନ୍ତୀ। ତେବେ ଝିଅର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ କରିବା ପାଇଁ ବାପା ମାଆ ଇଚ୍ଛା କରିଥିଲେ। ତେଣୁ ସେମାନଙ୍କର ଏହି ଇଚ୍ଛାକୁ ସମ୍ମାନ ଜଣାଇ ଦମୟନ୍ତୀଙ୍କ ଶେଷକୃତ୍ୟ ଶନିବାର ରାଷ୍ଟ୍ରୀୟମର୍ଯ୍ୟାଦାର ସହିତ ସ୍ୱର୍ଗଦ୍ୱାରଠାରେ ସମ୍ପନ୍ନ ହୋଇଛି। ଦମୟନ୍ତୀଙ୍କ ବଡ଼ବାପା ଧନେଶ୍ୱର ମହାନ୍ତ ମୁଖାଗ୍ନି ଦେଇଥିଲେ।

ସ୍ୱର୍ଗଦ୍ୱାରରେ ଦମୟନ୍ତୀଙ୍କ ପିତା ମାତାଙ୍କ ସହ ଅନ୍ୟାନ୍ୟ ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ। ସତ୍କାର ସମୟରେ ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଓଡ଼ିଶା ମୋ ପରିବାର-ଜୀବନ ବିନ୍ଦୁ ଯୁଗ୍ମ ସଂଯୋଜକ ଷ୍ଟାଲିନ ପରିଜା, ଓଡ଼ିଶା ଅଙ୍ଗ ଓ ଶରୀର ଦାନ ଅନୁଷ୍ଠାନ ପକ୍ଷରୁ ଯୁଗ୍ମ ସମ୍ପାଦକ ବଦ୍ରି ମିଶ୍ର, ସ୍ୱର୍ଗଦ୍ୱାର ସେବା ସମିତି ସମ୍ପାଦକ ସିଦ୍ଧାର୍ଥ ରାୟ, ବରିଷ୍ଠ ପରାମର୍ଶଦାତା ବ୍ରଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ ସହ ଦମୟନ୍ତୀଙ୍କ ପରିବାରବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରିଥିଲେ।

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-241 ◆BHUBANESWAR ◆SUNDAY ◆25 FEBRUARY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୧ ◆ଭୁବନେଶ୍ୱର ◆ରବିବାର ◆୨୫ ଫେବୃଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦ (ସିନ୍ଦୂରା ସହ)


## ମାର୍ଚ୍ଚ ୧ରେ ନିଯୁକ୍ତି ପାଇବେ ୮୫୯ ଅଧ୍ୟାପକ

**ଭୁବନେଶ୍ୱର, ୨୪ ।୨(ସମିସ):** ଆସନ୍ତା ମାର୍ଚ୍ଚ ୧ ତାରିଖରେ ରାଜ୍ୟରେ ନୂତନ ଭାବେ ନିଯୁକ୍ତି ପାଇବେ ୮୫୯ ଏସ୍‌ଏସ୍‌ବି ଅଧ୍ୟାପକ। ଏକକାଳୀନ ଭାବେ ଲୋକସେବା ଭବନର କନଭେନସନ୍ ହଲ୍ ଓ ରବୀନ୍ଦ୍ର ମଣ୍ଡପରେ ନିଯୁକ୍ତି ପର୍ବ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ନବନିଯୁକ୍ତ ଅଧ୍ୟାପକଙ୍କୁ ମାର୍ଗଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି। ୧ତାରିଖ ସକାଳ ୯ଟାରେ ସମସ୍ତ ସଦସ୍ୟଙ୍କୁ ଉପସ୍ଥିତ ରହିବାକୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଅବଗତ କରାଯାଇଛି। ସୂଚନାଯୋଗ୍ୟ, ପଦାର୍ଥ ବିଜ୍ଞାନ ବିଭାଗର ମାମଲା କୋର୍ଟରେ ବିଚାରଧୀନ ଥିବାରୁ ଏହାକୁ ନିଯୁକ୍ତି ପର୍ବରୁ ବାଦ୍ ଦିଆଯାଇଛି। ଇଂରାଜୀ, ରାଜନୀତି ବିଜ୍ଞାନ, ଅର୍ଥଶାସ୍ତ୍ର, ରସାୟନ ବିଜ୍ଞାନ, ଇତିହାସ, ବାଣିଜ୍ୟ ଓ ଶିକ୍ଷାବର୍ଗର ପ୍ରାର୍ଥୀ ରବୀନ୍ଦ୍ର ମଣ୍ଡପ ଓ ଅବଶିଷ୍ଟ ବର୍ଗର ପ୍ରାର୍ଥୀ ଲୋକସେବା ଭବନରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷେ ରାଜ୍ୟ ପ୍ରବରଣ ମଣ୍ଡଳୀ(ଏସ୍‌ଏସ୍‌ବି) ପକ୍ଷରୁ ଅନୁଦାନପ୍ରାପ୍ତ ବେସରକାରୀ କଲେଜରେ ଅଧ୍ୟାପକ ନିଯୁକ୍ତି ପାଇଁ ଆସନ୍ତାକାଲି ଅର୍ଥାତ୍ ରବିବାରଠାରୁ ସ୍ଥାନ ଚୟନ ପ୍ରକ୍ରିୟା ଆରମ୍ଭ ହେବ। ନିଯୁକ୍ତି ପାଇଁ ଚୟନ ହୋଇଥିବା ପ୍ରାର୍ଥୀମାନେ ଆସନ୍ତା ୨୮ ତାରିଖ ମଧ୍ୟରେ ନିଜ ପସନ୍ଦର ସ୍ଥାନ ଚୟନ କରିବେ। ଏହି ପ୍ରକ୍ରିୟା ଅଫ୍‌ଲାଇନ୍‌ରେ ଭୁବନେଶ୍ୱର ଆଚାର୍ଯ୍ୟ ବିହାରସ୍ଥିତ ପୁସ୍ତକ ଭବନଠାରେ ଅନୁଷ୍ଠିତ ହେବ। ଦିନକୁ ଦୁଇଟି ପର୍ଯ୍ୟାୟରେ ଏହି ପ୍ରକ୍ରିୟା କରାଯିବ

**ମୁଖ୍ୟମନ୍ତ୍ରୀଙ୍କ ବଡ଼ ନିଷ୍ପତ୍ତି**

# ରାଜ୍ୟରେ ଆଉ ୩୪ ଏନ୍‌ଏସି, ୫ ମ୍ୟୁନିସିପାଲିଟି

**ଭୁବନେଶ୍ୱର, ୨୪ ।୨(ସମିସ):** ଜିଲ୍ଲାସ୍ତରରେ ବିକାଶ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ଆଜି ରାଜ୍ୟର ୨୦ଟି ଜିଲ୍ଲାରେ ୩୪ଟି ନୂତନ ବିଜ୍ଞପିତ ଅଞ୍ଚଳ ପରିଷଦ ଗଠନ ଏବଂ ୪ଟି ଜିଲ୍ଲର ୫ଟି ଏନ୍‌ଏସିକୁ ମ୍ୟୁନିସିପାଲିଟିକୁ ଉନ୍ନୀତ କରାଯିବା ନେଇ ଘୋଷଣା କରିଛନ୍ତି। ତଦନୁଯାୟୀ ବୌଦ୍ଧ ଜିଲ୍ଲାର ବୌଦ୍ଧଗଡ଼, ମୟୂରଭଞ୍ଜର କରଞ୍ଜିଆ, ବଲାଙ୍ଗିରର କଣ୍ଟାବାଞ୍ଜି ଓ ଗଞ୍ଜାମ ଜିଲ୍ଲାର ଛତ୍ରପୁର ଓ ଆସ୍କା ଏନ୍‌ଏସିକୁ ମ୍ୟୁନିସିପାଲିଟିକୁ ଉନ୍ନୀତ କରାଯାଇଛି। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ବିଭିନ୍ନ ଜିଲ୍ଲା ଗସ୍ତ ଅବସରରେ ଜନସାଧାରଣଙ୍କ ପ୍ରସ୍ତାବ ଏବଂ ବିକାଶର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି। ସମ୍ପୃକ୍ତ ଅଞ୍ଚଳର ସାମଗ୍ରିକ ବିକାଶ କ୍ଷେତ୍ରରେ ନବଗଠିତ ପରିଷଦଗୁଡ଼ିକ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦଗୁଡ଼ିକ ହେଲା, ଅନୁଗୋଳ ଜିଲ୍ଲାର ପାଲଲହଡ଼ା ଓ ଛେଣ୍ଡିପଦା, ବାଲେଶ୍ୱର ଜିଲ୍ଲାର ବସ୍ତା ଓ ସିମୁଳିଆ, ବରଗଡ଼ ଜିଲ୍ଲାର ପାଇକମାଳ ଓ ଭେଡେନ, ଭଦ୍ରକ ଜିଲ୍ଲାର ଆଗରପଡ଼ା, ବଲାଙ୍ଗିର ଜିଲ୍ଲାର ବେଲପଡ଼ା ଓ ସଂଇତଳା, ଯାଜପୁର ଜିଲ୍ଲାର ବିଞ୍ଝାରପୁର, ପାଣିକୋଇଲି, ଜାରକା ଓ ଚଣ୍ଡିଖୋଲ। ସେହିପରି କଳାହାଣ୍ଡି ଜିଲ୍ଲାର ଜୟପାଟଣା, କନ୍ଧମାଳ ଜିଲ୍ଲାର ରାଇକିଆ, କୋରାପୁଟ ଜିଲ୍ଲାର ବୋରିଗୁମା, ନୂଆପଡ଼ା ଜିଲ୍ଲାର ସିନାପାଲି, ରାୟଗଡ଼ ଜିଲ୍ଲାର ଚାନ୍ଦିଲି, ମୁନିଗୁଡ଼ା ଓ ବିଷମକଟକ, ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି, ସୁନ୍ଦରଗଡ଼ ଜିଲ୍ଲାର ବଣାଇଁ, ଗଞ୍ଜାମ ଜିଲ୍ଲାର ଶେରଗଡ଼ ଓ କୁକୁଡାଖଣ୍ଡି, ନୟାଗଡ଼ ଜିଲ୍ଲାର କଣ୍ଟିଲୋ, ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଓ ବେଗୁନିଆ, କଟକ ଜିଲ୍ଲାର ସାଲେପୁର, ବଡ଼ମ୍ବା, ନରସିଂହପୁର ଓ ନିଆଳି, ମୟୂରଭଞ୍ଜ ଜିଲ୍ଲାର ବେତନଟୀ, ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ଏବଂ ବୌଦ୍ଧ ଜିଲ୍ଲାର କଣ୍ଟାମାଳକୁ ମଧ୍ୟ ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ଘୋଷଣା କରାଯାଇଛି। ସୂଚନାଯୋଗ୍ୟ ଯେ ଜନସାଧାରଣଙ୍କ ଦାବି, କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଅପରପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଉପରୋକ୍ତ ନିଷ୍ପତ୍ତି ପରେ ରାଜ୍ୟବ୍ୟାପୀ ଖୁସିର ମାହୋଲ ଖେଳିଯାଇଛି। ଲୋକମାନଙ୍କର ଦୀର୍ଘ ଦିନର ଦାବି ପୂରଣ ହୋଇଥିବାରୁ ସମ୍ପୃକ୍ତ ଅଞ୍ଚଳର ଲୋକେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିପରି ବୁଦ୍ଧିଜୀବୀମହଲ ମୁଖ୍ୟମନ୍ତ୍ରୀଙ୍କ ଉପରୋକ୍ତ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଏବଂ ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ନୂଆ ଏନଏସି ଏବଂ ମୁନିସିପାଲଟିର ଯଥେଷ୍ଟ ଆବଶ୍ୟକତା ଥିଲା ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ ଯେ ରାଜ୍ୟରେ ବର୍ତ୍ତମାନ ୪୮ଟି ମ୍ୟୁନିସିପାଲଟି, ୬୧ଟି ଏନ୍‌ଏସି ଏବଂ ୫ଟି ମହାନଗର ନିଗମ ରହିଛି। ଉପରୋକ୍ତ ନିଷ୍ପତ୍ତି କାର୍ଯ୍ୟକାରୀ ହେବା ପରେ ରାଜ୍ୟରେ ମ୍ୟୁନିସିପାଲଟି ସଂଖ୍ୟା ୫୩କୁ ବୃଦ୍ଧି ପାଇବାକୁ ଥିବା ବେଳେ ଏନ୍‌ଏସି ସଂଖ୍ୟା ୯୦ରେ ପହଞ୍ଚିବ।

■ '୫-ଟି' ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ଅବସରରେ ଜନସାଧାରଣଙ୍କ ପ୍ରସ୍ତାବ ଏବଂ ବିକାଶର ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିଷ୍ପତ୍ତି

## ୨୭ ଯାଏ ହାଲୁକା ବର୍ଷା

**ଭୁବନେଶ୍ୱର, ୨୪ ।୨(ସମିସ):** ଆସନ୍ତା ୩ ଦିନ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇପାରେ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏ ସଂପର୍କରେ ସୂଚନା ଦିଆଯାଇଛି। କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ୨୫ତାରିଖରେ ଉତ୍ତର ଓଡ଼ିଶା, ଦକ୍ଷିଣ-ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ସେହିପରି ୨୬ ତାରିଖରେ ନୂଆପଡ଼ା, ବଲାଙ୍ଗୀର, ସୋନପୁର, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହୋଇପାରେ। ୨୭ ତାରିଖରେ ଉତ୍ତର-ଉପକୂଳ ଓଡ଼ିଶାର କେତେକ ସ୍ଥାନ ସମେତ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ସମ୍ଭାବନା ରହିଛି। ୨୮ ତାରିଖ ପରଠାରୁ ପାଗରେ ପରିବର୍ତ୍ତନ ଆସିବା ସହ ପାଗ ଶୁଖିଲା ରହିବ ବୋଲି କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଅପରକ୍ଷେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ କୋହଲା ପାଗ ଅନୁଭୂତ ହୋଇଥିବା ବେଳେ କେତେକ ସ୍ଥାନରେ ସ୍ୱଳ୍ପ ବର୍ଷା ହୋଇଥିବା ଜଣାପଡ଼ିଛି।

■ ୨୨ ବର୍ଷ ପରେ ପ୍ରକାଶ ପାଇଲା ରାୟ

## ୬ ହତ୍ୟାକାରୀଙ୍କୁ ଆଜୀବନ ଜେଲ୍

**ଓଡଗାଁ, ୨୪।୨ (ସମିସ):** ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା କେଶପାନିଆ ଗାଁର ମଦନ ନାହାକ ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ଆଜି ପ୍ରକାଶ ପାଇଛି। ମାମଲାର ବିଚାର କରି ଅତିରିକ୍ତ ଜିଲ୍ଲା ଦୌରାଜଜ୍ ମାନସ ରଞ୍ଜନ ରଥ ଆଜି ୬ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଆସାମୀମାନେ ହେଲେ, ଉକ୍ତ ଗାଁର ଗଣେଶ ନାହାକ, ମେଳିଆ ନାହାକ, ଚତୁର୍ଭୁଜ ନାହାକ, ଭାଗି ନାହାକ, ଭୀମ ନାହାକ ଏବଂ ମୋଚି ନାହାକ। ଏଥିସହ ଦୋଷୀ ଭାଗି ନାହାକକୁ ବିସ୍ଫୋରକ ନିରୋଧ ଆଇନ ଏବଂ ଯୁଗଳ ନାହାକକୁ ଆକ୍ରମଣ କରିବା ଘଟଣାରେ ଅତିରିକ୍ତ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନାରେ କୋର୍ଟ ଦଣ୍ଡିତ କରିଛନ୍ତି।

କେଶପାନିଆ ଗାଁ ମଦନ ନାହାକଙ୍କ ଝିଅ କୁମାରୀ ନାହାକଙ୍କ ୨୦୦୨ ମସିହା ଅକ୍ଟୋବର ୧୦ ତାରିଖରେ କରିଥିବା ଅଭିଯୋଗ ଅନୁସାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମଦନ ନାହାକଙ୍କୁ ସେହି ଗ୍ରାମର ମୋଚି ନାହାକ ଓ ଅନ୍ୟ ୧୭ ଜଣ କଟୁରୀ ଓ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଯୁଗଳ ନାହାକ ଓ ଅନ୍ୟମାନେ ଅଭିଯୁକ୍ତଙ୍କ ଦ୍ୱାରା ବୋମା ଓ ପଥର ମାଡ଼ର ଶିକାର ହୋଇଥିଲେ। ଏହି ଘଟଣାରେ ମଦନ ନାହାକଙ୍କ ମୃତ୍ୟୁ ଘଟିଥିବା ବେଳେ ଯୁଗଳ ନାହାକଙ୍କ ସମେତ ଅନ୍ୟମାନେ ଗୁରୁତର ଭାବେ ଆହତ ହୋଇଥିଲେ। ଶରଣକୁଳ ପୁଲିସ ନମ୍ବର ୮୬/୦୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ଆଇନଜୀବୀ ଇନ୍ଦୁଭୂଷଣ ମିଶ୍ର ଏହି ମାମଲା ପରିଚାଳନା କରିଥିଲେ।

## ୨୭ ରେ 'ଓୟୁଟିଆର'ର ପ୍ରଥମ ସମାବର୍ତ୍ତନ ଉତ୍ସବ

**ଭୁବନେଶ୍ୱର, ୨୪ ।୨(ସମିସ):** ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର)ର ପ୍ରଥମ ସମାବର୍ତ୍ତନ ଉତ୍ସବ ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବ। ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ରଘୁବର ଦାସ ସଭାପତିତ୍ୱ କରିବେ। ମୁଖ୍ୟ ଅତିଥି ଭାବେ ଡିଆରଡିଓ ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ୍ ସିଷ୍ଟମ୍(ଇସିଏସ୍) ମହାନିର୍ଦ୍ଦେଶକ ଡଃ ବିନୟ କୁମାର ଦାସ ଯୋଗଦେବାର କାର୍ଯ୍ୟକ୍ରମ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ପ୍ରମୁଖ ଯୋଗଦେବେ। ବିଶ୍ୱବିଦ୍ୟାଳୟ ପରିସରରେ ଏହି ଉତ୍ସବ ଅନୁଷ୍ଠିତ ହେବ ବୋଲି କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ସମାବର୍ତ୍ତନ ଉତ୍ସବରେ ୨୦୨୧-୨୨ ଓ ୨୦୨୨-୨୩ ଶିକ୍ଷାବର୍ଷରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ବି.ଟେକ୍, ଏମ୍.ଟେକ୍ ଟପର୍ ସହ ସର୍ବାଧିକ ନମ୍ବର ରଖି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ। ଦୁଇ ଶିକ୍ଷାବର୍ଷ ପାଇଁ ମୋଟ୍ ୬ଟି ସ୍ୱର୍ଣ୍ଣପଦକ ଦିଆଯିବ। ସେହିପରି ୬୪ଟି ରୌପ୍ୟପଦକ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ସମୁଦାୟ ୨୦୯୨ଜଣ ଛାତ୍ରଛାତ୍ରୀ ଡିଗ୍ରି ପାଇବେ। ତନ୍ମଧ୍ୟରେ ବି.ଟେକ୍‌ର ସର୍ବାଧିକ ୧୩୬୧ଜଣ ଛାତ୍ରଛାତ୍ରୀ ଥିବା କୁଳସଚିବ ରେଣୁପ୍ରଭା ନାୟକ ସୂଚନା ଦେଇଛନ୍ତି।

■ ସିଏଚ୍‌ଏସ୍‌ଇ +୨ ପରୀକ୍ଷା

## ପଦାର୍ଥ ବିଜ୍ଞାନରେ ସିଲାବସ୍ ବାହାରୁ ପ୍ରଶ୍ନ ଅଭିଯୋଗ

**ଭୁବନେଶ୍ୱର, ୨୪ ।୨(ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପରିଚାଳିତ +୨ ପଦାର୍ଥ ବିଜ୍ଞାନ ପରୀକ୍ଷାରେ ସିଲାବସ୍ ବାହାରୁ ପ୍ରଶ୍ନ ଆସିଥିବା ନେଇ ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ମୋଟ୍ ୭୦ ନମ୍ବର ପରୀକ୍ଷା ହୋଇଥିବା ବେଳେ ୨୭ ନମ୍ବରର ପ୍ରଶ୍ନ ବାହାରୁ ଆସିଥିବା କହିଛନ୍ତି। ତନ୍ମଧ୍ୟରେ ଗୋଟିଏ ୧ ମାର୍କ ବିଶିଷ୍ଟ ପ୍ରଶ୍ନ, ୪ଟି ଦୁଇ ମାର୍କ ବିଶିଷ୍ଟ ପ୍ରଶ୍ନ, ୨ଟି ଲେଖାଏଁ ୩ମାର୍କ ଓ ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ସିଲାବସ୍‌ରେ ନାହିଁ। ସିଲାବସ୍ ବାହାରୁ ପ୍ରଶ୍ନ ଦେଖିବା ପରେ ଛାତ୍ରଛାତ୍ରୀମାନେ ବିବ୍ରତ ହୋଇପଡ଼ିଥିଲେ। ଫଳରେ ସେମାନେ ଠିକ୍ ଭାବେ ଦେଇପାରିନଥିବା ଅଭିଯୋଗ କରିଛନ୍ତି। ଆଗକୁ ଥିବା ପରୀକ୍ଷାରେ ସିଲାବସ୍ ବାହାରୁ ପ୍ରଶ୍ନ ଆସିବା ନେଇ ମନରେ ଆଶଙ୍କା ପ୍ରକାଶ କରିଛନ୍ତି। ତେଣୁ ଏହି ବିଷୟକୁ ବୋର୍ଡ ପକ୍ଷରୁ ବିଚାର କରାଯିବା ସହ ଗ୍ରେସ୍ ମାର୍କ ଦେବାକୁ ଦାବି କରାଯାଇଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ୩ଲକ୍ଷ ୮୬ ହଜାର ୨୫୦ଜଣ ପରୀକ୍ଷାର୍ଥୀ ଯୁକ୍ତ୨ ପରୀକ୍ଷା ଦେଉଛନ୍ତି।




RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-241 ♦BHUBANESWAR ♦SUNDAY ♦25 FEBRUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୪୧ ♦ଭୁବନେଶ୍ୱର ♦ରବିବାର ♦୨୫ ଫେବୃଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦ (ସିନ୍ଦୂରା ସହ)


## ପରୀକ୍ଷାର୍ଥୀଙ୍କୁ ଚାପମୁକ୍ତ କରିବ 'ଟେଲିମାନସ' ସେବା

**୧୪୪୧୬ ନମ୍ବରରେ କଲ୍ କରି ନେଇପାରିବେ ସହାୟତା**

**ଭୁବନେଶ୍ୱର, ୨୪।୨ (ସମିସ):** ରାଜ୍ୟରେ ଦଶମ ଓ ଦ୍ୱାଦଶ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଆରମ୍ଭ ହୋଇଛି। ପରୀକ୍ଷା ସମୟରେ ବିଭିନ୍ନ କାରଣକୁ ନେଇ ଛାତ୍ରଛାତ୍ରୀମାନେ ବିଷାଦ ଓ ଚାପଗ୍ରସ୍ତ ରହୁଛନ୍ତି। ଏଥିରୁ ମୁକୁଳି ନ ପାରିଲେ ଆତ୍ମହତ୍ୟା ପରି ଚରମ ପଦକ୍ଷେପ ନେଉଛନ୍ତି। ସପ୍ତାହେ ମଧ୍ୟରେ ୩ଜଣ ଛାତ୍ର ଜୀବନ ହାରିଥିବା ଅଭିଯୋଗ ହେଲାଣି। ଏଣୁ ଛାତ୍ରଛାତ୍ରୀଙ୍କୁ ଚାପମୁକ୍ତ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରୟାସ କରାଯାଉଛି। ଚାପଗସ୍ତ ଛାତ୍ରଛାତ୍ରୀଙ୍କ ପାଇଁ 'ଟେଲି ମାନସ' ସେବା ଆରମ୍ଭ କରାଯାଇଛି। ଟୋଲ୍-ଫ୍ରି ନମ୍ବର ୧୪୪୧୬ରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଫୋନ୍ କରି ବିଭିନ୍ନ ସହାୟତା ନେଇପାରିବେ। ଛାତ୍ରଛାତ୍ରୀମାନେ ମନରେ ଥିବା ଦ୍ୱନ୍ଦ୍ୱ ଦୂର କରିବା ସହ ସକାରାତ୍ମକ ଚିନ୍ତାଧାରା ବୃଦ୍ଧି କରିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।






# ର୍‍ୟାଗିଂରେ ଲାଗିପାରୁନି ରୋକ୍

**ଭୁବନେଶ୍ୱର,୨୪।୨(ସମିସ):** ଶିକ୍ଷାନୁଷ୍ଠାନଗୁଡ଼ିକରେ ନିୟମିତ ଭାବେ ର୍‍ୟାଗିଂ ହେଉଛି। ଏହାକୁ ରୋକିବାକୁ ବିଶ୍ୱବିଦ୍ୟାଳୟଅନୁଦାନଆୟୋଗ(ୟୁଜିସି) ବାରମ୍ବାର ମାର୍ଗଦର୍ଶିକା ଜାରି କରୁଛି। ହେଲେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନଥିବାରୁ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ର୍‍ୟାଗିଂଜନିତ ଘଟଣା ସାମ୍ନାକୁ ଆସୁଛି। କେବଳ ରାଜ୍ୟରେ ନୁହେଁ, ସମଗ୍ର ଦେଶରେ ର୍‍ୟାଗିଂ ସମସ୍ୟା ଲାଗି ରହିଛି। ଚଳିତବର୍ଷ ଆଜି ପର୍ଯ୍ୟନ୍ତ ର୍‍ୟାଗିଂ ନେଇ ୟୁଜିସି ନିକଟରେ ୧୨୪ଟି ମାମଲା ରୁଜୁ ହୋଇଛି। ତନ୍ମଧ୍ୟରେ ଓଡ଼ିଶାରୁ ୬ଟି ମାମଲା ରହିଛି। ସେହିପରି ୨୦୨୩ ମସିହାରେ ୟୁଜିସି ନିକଟରେ ୯୬୪ଟି ର୍‍ୟାଗିଂ ମାମଲା ରୁଜୁ ହୋଇଥିବା ବେଳେ ଓଡ଼ିଶାରୁ ୪୩ଟି ମାମଲା ରହିଛି। କିନ୍ତୁ ର୍‍ୟାଗିଂ ରୋକିବା ଦିଗରେ ଉଚ୍ଚଶିକ୍ଷା ବିଭାଗ ଯେତିକି ସତର୍କ ଆଉ ତତ୍ପର ହେବା ଆବଶ୍ୟକ, ତାହା ଦେଖିବାକୁ ମିଳୁନାହିଁ।

ଚଳିତ ବର୍ଷ ରାଜ୍ୟରୁ ୬ଟି ର୍‍ୟାଗିଂ ମାମଲା ୟୁଜିସି ନିକଟରେ ରୁଜୁ ହେଲାଣି। ସମସ୍ତ ମାମଲାରେ ଛାତ୍ରଙ୍କୁ ର୍‍ୟାଗିଂ କରାଯାଇଥିବା ଅଭିଯୋଗ ହୋଇଛି। ସମସ୍ତ ମାମଲା ଏପର୍ଯ୍ୟନ୍ତ ବିଚାରଧୀନ ରହିଛି। ଗତ ୯ ତାରିଖ ବିଳମ୍ବିତ ରାତିରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜର ଦ୍ୱିତୀୟ ବର୍ଷର ଜଣେ ଛାତ୍ରଙ୍କୁ ର୍‍ୟାଗିଂ ସହ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଥିଲା। ଏହି ର୍‍ୟାଗିଂ ଘଟଣାରେ ଅଭିଯୁକ୍ତ ୪ସିନିଅର୍ ଛାତ୍ରଙ୍କୁ କ୍ୟାମ୍ପସ୍‌ରୁ ନିଷିଦ୍ଧ କରାଯାଇଛି। ସେହିପରି ର୍‍ୟାଗିଂକୁ ପ୍ରଶ୍ରୟ ଦେବା ଅଭିଯୋଗରେ ଦୁଇଜଣ ଛାତ୍ରଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇଛି। ଏହି କଲେଜରୁ କେବଳ ଚଳିତ ବର୍ଷ ୩ ଟି ମାମଲା ରୁଜୁ ହେଲାଣି। ସେହିପରି ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ ଓ କନକ ମଞ୍ଜରି ଇନଷ୍ଟିଚ୍ୟୁଟ୍ ଅଫ୍



■ ଏବର୍ଷ ୟୁଜିସି ନିକଟରେ ହେଲାଣି ୬ ମାମଲା
■ ୨୦୨୩ରେ ରାଜ୍ୟରୁ ୪୩ ମାମଲା
■ ବିପିୟୁଟିରୁ ଆସୁଛି ସର୍ବାଧିକ ମାମଲା

ଫାର୍ମାସ୍ୟୁଟିକାଲ ସାଇନ୍ସ(କେଏମ୍‌ଆଇପିଏସ୍)ର ଦୁଇ ଜଣ ଛାତ୍ରଙ୍କୁ ର୍‍ୟାଗିଂ ହୋଇଥିବା ଅଭିଯୋଗ ହୋଇଛି। ଅନୁରୂପ ଭାବେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ଅଧୀନରେ ଥିବା ଚିପିଲିମା କୃଷି ମହାବିଦ୍ୟାଳୟର ଜଣେ ଛାତ୍ରଙ୍କୁ ର୍‍ୟାଗିଂ ଅଭିଯୋଗ ହୋଇଛି। ଭୁବନେଶ୍ୱରର ଏକ ଘରୋଇ ଆଇନ କଲେଜର ଜଣେ ଛାତ୍ରୀଙ୍କ ର୍‍ୟାଗିଂ ଅଭିଯୋଗ ୟୁଜିସି ନିକଟରେ ପହଞ୍ଚି ନଥିବାବେଳେ ଏହି ମାମଲା ଥାନାରେ ପହଞ୍ଚିଛି।

ସୂଚନାଯୋଗ୍ୟ, ଗତବର୍ଷ ଅର୍ଥାତ୍ ୨୦୨୩ରେ ୟୁଜିସି ନିକଟରେ ସାରା ଦେଶରୁ ୯୬୪ଟି ର୍‍ୟାଗିଂ ମାମଲା ହୋଇଥିବା ବେଳେ ସେଥିରେ ଓଡ଼ିଶାର ୪୩ଟି ମାମଲା ରହିଥିଲା। ଏଥିରେ ବିପିୟୁଟିରୁ ସର୍ବାଧିକ ୧୧ଟି ମାମଲା ରହିଥିଲା। ସେହିପରି ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟରୁ ୬ଟି ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ୫ଟି ମାମଲା ରୁଜୁ ହୋଇଥିଲା।

ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ତଥା ର୍‍ୟାଗିଂ ରୋକିବା ଲାଗି ସୁପ୍ରିମକୋର୍ଟ ୨୦୦୭ମସିହାରେ ରାୟ ଦେଇଛନ୍ତି। ସେହି ରାୟ ଅନୁଯାୟୀ ୟୁଜିସି ପକ୍ଷରୁ ୨୦୦୯ ମସିହାରେ ସମସ୍ତ ଶିକ୍ଷାନୁଷ୍ଠାନକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସେହିପରି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୭ଟି ପରାମର୍ଶ ସମ୍ବଳିତ ନିର୍ଦ୍ଦେଶନାମା ୨୦୧୩ ମସିହାରେ ଜାରି କରାଯାଇଛି। ନିର୍ଦ୍ଦେଶାନାମା ଅନୁଯାୟୀ ଶିକ୍ଷାନୁଷ୍ଠାନରେ ନାମଲେଖା ସମୟରେ ର୍‍ୟାଗିଂରେ ସମ୍ପୃକ୍ତ ରହିବେ ନାହିଁ ବୋଲି ଛାତ୍ରଛାତ୍ରୀମାନେ ସତ୍ୟପାଠ ଦାଖଲ କରିବେ। ଏହାପରେ ବି ସେମାନେ ର୍‍ୟାଗିଂରେ ସମ୍ପୃକ୍ତ ରହିଲେ, ପୁଲିସ ଏହାକୁ ଆପରାଧିକ ମାମଲା ଭାବେ ବିଚାର କରି ତଦନ୍ତ କରିପାରିବ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ୩ରୁ ୪ଜଣ ବରିଷ୍ଠ ଅଧ୍ୟାପକ ଓ କର୍ମଚାରୀଙ୍କୁ ନେଇ ଆଣ୍ଟି ର୍‍ୟାଗିଂ କମିଟି ଗଠନ ହେବ। ଏହି କମିଟି ଶିକ୍ଷାନୁଷ୍ଠାନରେ ଥିବା ହଷ୍ଟେଲରେ ବିଭିନ୍ନ ସମୟରେ ଅତର୍କିତ ଯାଞ୍ଚ କରି ସ୍ଥିତି ଅନୁଧ୍ୟାନ କରିବେ। ନବାଗତ ଛାତ୍ରଛାତ୍ରୀଙ୍କଠାରୁ ବିଭିନ୍ନ ସମୟରେ ମତାମତ ସଂଗ୍ରହ କରିବା ସହ ତାଙ୍କ ପାଇଁ ଅଲଗା ହଷ୍ଟେଲ ବ୍ୟବସ୍ଥା କରିବେ। ସେହି ହଷ୍ଟେଲକୁ ରାତି ୯ଟା ପରେ ବରିଷ୍ଠ ଛାତ୍ରଛାତ୍ରୀ ଯାଇପାରିବେ ନାହିଁ। ଶିକ୍ଷାନୁଷ୍ଠାନ, ହଷ୍ଟେଲ ଓ ସର୍ବସାଧାରଣ ଜାଗାରେ ସିସିଟିଭି ଲଗାଯିବ। ସେହିପରି ଜିଲ୍ଲା, ରାଜ୍ୟ ଓ ଉଚ୍ଚଶିକ୍ଷା ବିଭାଗ ସ୍ତରରେ ମଧ୍ୟ ଆଣ୍ଟି ର୍‍ୟାଗିଂ ସ୍କ୍ୱାଡ୍ ଗଠନ ହେବ। ଏହି ସ୍କ୍ୱାଡ୍ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ହଠାତ୍ ଗସ୍ତ କରି ସ୍ଥିତି ପରଖିବ। ର୍‍ୟାଗିଂ ବିରୋଧରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଶିକ୍ଷାନୁଷ୍ଠାନର ମୁଖ୍ୟ, ଆଣ୍ଟି ର୍‍ୟାଗିଂ କମିଟି ସଦସ୍ୟଙ୍କ ଫୋନ୍ ନମ୍ବର, ୨୪ ଘଣ୍ଟିଆ ଟୋଲ୍-ଫ୍ରି ନମ୍ବର ଆଦି ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯିବ। ଏହି ସବୁ ସୂଚନା ଶିକ୍ଷାନୁଷ୍ଠାନର ବିଭିନ୍ନ ସ୍ଥାନ ଏବଂ ହଷ୍ଟେଲଗୁଡ଼ିକରେ ସମସ୍ତଙ୍କ ଅବଗତି ପାଇଁ ଲଗାଯିବ। ଏ ସମ୍ପର୍କିତ ସୂଚନା ଏବଂ ଗୁରୁତ୍ୱପୂର୍ଣ୍ଣ ଫୋନ୍ ନମ୍ବର ଇତ୍ୟାଦି ଲିଫଲେଟ୍ ଜରିଆରେ ଛାତ୍ରଛାତ୍ରୀଙ୍କୁ ଜିଆଯିବ। ବସ୍‌ଷ୍ଟପ୍‌ରେ ମଧ୍ୟ ନିୟମିତ ଚେକିଂ କରିବାକୁ ନିୟମ ରହିଛି। ର୍‍ୟାଗିଂ ରୋକିବାକୁ ଏତେ ସବୁ ନିୟମ ୨୦୦୯ରୁ ପ୍ରସ୍ତୁତ କରାଯାଇଥିଲେ ମଧ୍ୟ କେବଳ ନାମଲେଖା ସମୟରେ ସତ୍ୟପାଠ ସଂଗ୍ରହକୁ ବାଦ୍ ଦେଲେ ଅନ୍ୟ କୌଣସି ନିୟମକୁ ସଠିକ ଭାବେ କାର୍ଯ୍ୟକାରୀ କରାଯାଉନଥିବା ଅଭିଯୋଗ ହେଉଛି। ଫଳରେ ଶିକ୍ଷାନୁଷ୍ଠାନରେ ବାରମ୍ବାର ର୍‍ୟାଗିଂ ଭଳି ଘଟଣା ଦେଖାଦେଉଛି।

## ଶ୍ରୀଲୋକନାଥ ପୀଠ: ରାତି ୩ରେ ଉଠିବ ମହାଦୀପ

**ପଙ୍କୋଦ୍ଧାର ଏକାଦଶୀ ଓ ଜାଗର ଯାତ୍ରା ନୀତି ଚୂଡ଼ାନ୍ତ**

**ପୁରୀ, ୨୪।୨(ସମିସ):** ଆସନ୍ତା ମାର୍ଚ୍ଚ ୬ ତାରିଖ ପଙ୍କୋଦ୍ଧାର ଏକାଦଶୀ ଏବଂ ୮ ତାରିଖରେ ମହାଶିବରାତ୍ରି ବା ଜାଗର ଯାତ୍ରା। ପୁରୀର ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ପୀଠରେ ପ୍ରଭୁ ଶ୍ରୀଶ୍ରୀଲୋକନାଥଦେବଙ୍କ ଜାଗର ଯାତ୍ରାକୁ ସୁଚାରୁରୂପେ ସମ୍ପନ୍ନ କରିବା ଲାଗି ଶନିବାର ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ବିଜୟ କୁମାର ଦାଶ ଲୋକନାଥ ପୀଠରେ ଜାଗର ଯାତ୍ରାରେ ବିପୁଳ ଜନସମାଗମ ହୋଇଥାଏ। ତେଣୁ ଚଳିତ ଯାତ୍ରାକୁ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ପରିଚାଳନା ସହ ଯେପରି ଶ୍ରଦ୍ଧାଳୁମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ଏବଂ ସେମାନେ ଏକ ସୁଖଦ ଅନୁଭୂତି ନେଇ ଘରକୁ ଯିବେ, ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଉପଜିଲ୍ଲାପାଳ ଗୋପୀନାଥ କୁଅଁର ସମସ୍ତଙ୍କୁ ସ୍ୱାଗତ ସହ ମାର୍ଚ୍ଚ ୬ ତାରିଖରେ ହେବାକୁ ଥିବା ପଙ୍କୋଦ୍ଧାର ଏକାଦଶୀ ଓ ଜାଗର ଯାତ୍ରାର ନିତୀକାନ୍ତି ଓ ସମୟ ନିର୍ଘଣ୍ଟର ସୂଚନା ଦେବା ସହ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଆଇନଶୃଙ୍ଖଳା ରକ୍ଷା, ପାର୍କିଂ, ପାନୀୟ ଜଳଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ପରିମଳ, ବିଦ୍ୟୁତ୍, ବ୍ୟାରିକେଡ୍, ଅଗ୍ନିନିର୍ବାପକ ବ୍ୟବସ୍ଥା, ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର, ଆମ୍ବୁଲାନ୍ସ, ସୂଚନା କେନ୍ଦ୍ର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ସଠିକ କାର୍ଯ୍ୟ ପରିଚାଳନା ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା।

ପଙ୍କୋଦ୍ଧାର ୬ ତାରିଖ ପୂର୍ବରାତି ୨ଟାରୁ ପହଡ଼ ଫିଟିବ। ରାତି ୩ଟାରୁ ମଙ୍ଗଳ ଆରତି, ଅବକାଶ ଇତ୍ୟାଦି ସରି ଭୋର୍ ୪ଟାରୁ ସକାଳ ୬ଟା ମଧ୍ୟରେ ସକାଳ ଧୂପ, ସକାଳ ୬ରୁ ୭ଟା ମଧ୍ୟରେ ମଧ୍ୟାହ୍ନ ଧୂପ, ୭ଟାରୁ ୮ଟା ମଧ୍ୟରେ ଏକାଦଶୀ ଦର୍ଶନ, ୮ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ପଙ୍କୋଦ୍ଧାର କାର୍ଯ୍ୟକ୍ରମ ଓ ମାଘ ସ୍ନାନ, ମଧ୍ୟାହ୍ନ ୧୨ଟାରୁ ରାତି ୯ଟା ସର୍ବସାଧାରଣ ଦର୍ଶନ ଓ ରାତି ୯ରୁ ରାତି ୧୧ଟା ମଧ୍ୟରେ ଧୂପ ଓ ଅନ୍ୟାନ୍ୟ ନୀତି ଏବଂ ବଡ଼ସିଂହାର ବେଶ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସେହିପରି ଜାଗର ଦିନ ଅର୍ଥାତ୍ ମାର୍ଚ୍ଚ ୮ତାରିଖ ପୂର୍ବରାତ୍ର ୧୨ଟା ୩୦ରୁ ପହୁଡ଼ ଓ ଦ୍ୱାରଖୋଲା, ରାତି ୧ଟାରୁ ୪ଟା ମଧ୍ୟରେ ମଙ୍ଗଳ ଆରତି, ଅବକାଶ, ସୂର୍ଯ୍ୟପୂଜା, ଭୋର୍ ୪ଟାରୁ ରାତ୍ର ୧୦ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ, ରାତି ୧୦ରୁ ରାତ୍ର ୨ଟା ପର୍ଯ୍ୟନ୍ତ ବିଭିନ୍ନ ନୀତି, ରାତି ୩ଟାରୁ ହରିହର ପୂଜା, ଭୋଗ ସମ୍ପନ୍ନ, ବଡ଼ସିଂହାର ବେଶ ଓ ମହଦୀପ ଉଠିବାର କାର୍ଯ୍ୟକ୍ରମ ରହିଛି ବୋଲି ଉପଜିଲ୍ଲାପାଳ ଶ୍ରୀ କୁଅଁର ସୂଚନା ଦେଇଥିଲେ।

ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ଏଡିଏମ୍‌ଓ ଡା. ବିରଜା ଶଙ୍କର ରଥଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସେବାୟତ ନିଯୋଗ କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ। ବୈଠକ ଶେଷରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

■ ଶିମିଳିପାଳରେ ଚାଲିଥିଲା ଅଫିମ ଚାଷ

## ୧୩ ହଜାର ଗଛ ପୋଡ଼ିଲା ପୁଲିସ

**ବାରିପଦା/ଯଶିପୁର,୨୪।୨(ସମିସ):** ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ଅଧୀନ ଶିମିଳିପାଳ ସଂଲଗ୍ନ ୨ଟି ଗ୍ରାମରେ ବେଆଇନ ଭାବେ ଚାଲିଥିବା ଅଫିମ ଚାଷକୁ ପୋଡ଼ି ନଷ୍ଟ କରାଯାଇଛି। ନଷ୍ଟ ହୋଇଥିବା ୧୩ ହଜାର ଅଫିମ ଗଛର ଆନୁମାନିକ ମୂଲ୍ୟ ୨୬ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହୋଇଥିବା ଆକଳନ କରାଯାଇଛି। ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ମୟୂରଭଞ୍ଜ ଏସ୍‌ପି ଏସ୍. ସୁଶ୍ରୀଙ୍କ ନିର୍ଦ୍ଦେଶକ୍ରମେ ମିଳିତ ଚଢ଼ଉ କରାଯାଇଥିଲା। ଯଶିପୁର ତହସିଲଦାରଙ୍କ ନେତୃତ୍ୱରେ କରଞ୍ଜିଆ ଏସ୍‌ଡିପିଓ, ଯଶିପୁର ଆଇଆଇସି, ଅବକାରୀ ଓ ବନବିଭାଗ ମିଳିତ ଭାବେ ସଦଳବଳ ଚଢ଼ଉ କରିଥିଲେ। ପଡ଼ାଗଡ଼ ପଞ୍ଚାୟତର ବୁଦେଇପୋଷି ଗ୍ରାମରେ ୭ ଡେସିମିଲ ଜମିରେ ହୋଇଥିବା ୩ହଜାର ଅଫିମ ଗଛ ପୋଡ଼ି ନଷ୍ଟ କରାଯାଇଥିଲା। ଏହାର ବଜାର ମୂଲ୍ୟ ୬ଲକ୍ଷ ଟଙ୍କା ହେବ। ସେହିପରି ଧଳବଣି ପଞ୍ଚାୟତର ଠାକୁରଗୋଡ଼ା ଗ୍ରାମରେ ୨୧ଡେସିମିଲ ଜମିରେ ହୋଇଥିବା ୧୦ହଜାର ଅଫିମ ଗଛ ପୋଡ଼ି ନଷ୍ଟ କରାଯାଇଥିଲା। ଏହାର ବଜାର ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଯଶିପୁର ପୁଲିସ ପକ୍ଷରୁ ଏନ୍‌ଡିପିଏସ୍ ଆକ୍ଟରେ ପୃଥକ ମାମଲା ରୁଜୁ କରାଯାଇଛି ବୋଲି ପୁଲିସ ମୁଖ୍ୟାଳୟ ଡିଏସ୍‌ପି ଦୋଳମଣି ଭୋଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ସଫଳତାର ନୂଆ ଇତିହାସ ଲେଖିବ 'ମିଶନ୍ ଶକ୍ତି ବଜାର'

**ଭୁବନେଶ୍ୱର,୨୪।୨(ସମିସ):** ଏସ୍‌ଏଚ୍‌ଜିଙ୍କୁ ଏମ୍‌ଏସ୍‌ଏମ୍‌ଇରେ ପରିଣତ କରି ମହିଳାମାନଙ୍କୁ ରୋଜଗାରକ୍ଷମ କରିବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ମହିଳାମାନେ ରୋଜଗାରକ୍ଷମ ହେଲେ ଅନ୍ୟମାନଙ୍କୁ ମଧ୍ୟ ରୋଜଗାର ଦେଇପାରିବେ। ସେମାନେ ଆର୍ଥିକ ଓ ସାମାଜିକ ସ୍ତରରେ କିଭଳି ପ୍ରତିଷ୍ଠିତ ହୋଇପାରିବେ, ସେଥିପାଇଁ ସରକାର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି। ୨୦୦୧ ମସିହାରେ ରାଜ୍ୟ ସରକାର ମିଶନ୍ ଶକ୍ତିର ଯେଉଁ ପରିକଳ୍ପନା କରିଥିଲେ, ତାହା ଆଜି କେବଳ ରାଜ୍ୟ ଭିତରେ ସୀମିତ ନାହିଁ, ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚି ପାରିଛି। ଯେଉଁ ମହିଳାମାନେ ଦିନେ ଘରର ଚାରିକାନ୍ଥ ଭିତରେ ରହୁଥିଲେ, ସେମାନେ ଆଜି ଦେଶ ବାହାରକୁ ଯାତ୍ରା କରୁଛନ୍ତି। ସେମାନଙ୍କ ହାତତିଆରି ସାମଗ୍ରୀ ଘରେଘରେ ପହଞ୍ଚୁଛି। ମହିଳାମାନଙ୍କର ବିକାଶର ଏହି ଯାତ୍ରାକୁ ଆହୁରି ସୁଦୃଢ଼ ଓ ସଶକ୍ତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ମିଶନ ଶକ୍ତି ବଜାରର ପରିକଳ୍ପନା ଦିନ କେଇଟା ପରେ ବାସ୍ତବତାର ରୂପ ନେବାକୁ ଯାଉଛି। ଭୁବନେଶ୍ୱରସ୍ଥିତ ଓରମାସ୍ ପରିସରରେ ନିର୍ମାଣଧୀନ ଏହି ବଜାରର ନିର୍ମାଣ




■ ଖୁବ୍‌ଶୀଘ୍ର ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ
■ ସହରବାସୀଙ୍କୁ ବର୍ଷତମାମ୍ ମିଳିବ ଗ୍ରାମୀଣ ସାମଗ୍ରୀ
■ ଉପଲବ୍ଧ ହେବ ବିଭିନ୍ନ ଜିଲ୍ଲାର ପ୍ରସିଦ୍ଧ ହାତ ତିଆରି ସାମଗ୍ରୀ

କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିବେ ବୋଲି ଜଣାଯାଇଛି।

ଏହି ବଜାର ଖୋଲିଲେ, ମେଳା ମହୋତ୍ସବରେ ମିଳୁଥିବା ବିଭିନ୍ନ ଜିଲ୍ଲା ମହିଳା ସ୍ୱୟଂସହାୟକ ଗୋଷ୍ଠୀର ମା'ମାନଙ୍କ ହାତତିଆରି ଉତ୍ପାଦ ଏଠାରେ ବର୍ଷତମାମ ବିକ୍ରି ହେବ। ଗ୍ରାମାଞ୍ଚଳ ତଥା ସହରାଞ୍ଚଳ ମା'ମାନଙ୍କ ଦ୍ୱାରା ପ୍ରସ୍ତୁତ ଗ୍ରାମୀଣ ଉତ୍ପାଦଠାରୁ ଆରମ୍ଭ କରି ଜଙ୍ଗଲଜାତ ଦ୍ରବ୍ୟ ହାତପାହାନ୍ତାରେ ମିଳିବ। ଏହି ଉତ୍ପାଦକୁ ସ୍ୱତନ୍ତ୍ର ଭାବେ ବ୍ରାଣ୍ଡିଂ କରାଯାଇ ବିକ୍ରିବଟା କରାଯିବ। ଖୋର୍ଦ୍ଧା ମାତୃଶକ୍ତି ଫାର୍ମର୍ସ ପ୍ରଡ୍ୟୁସର୍ କମ୍ପାନୀ ଏହାକୁ ପରିଚାଳନା କରିବ। କମ୍ପାନୀରେ ମାର୍କେଟିଂ ପାଇଁ ବିଭିନ୍ନ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବ। ଏହି ବଜାରରେ ବିଭିନ୍ନ ପ୍ରକାରର ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭ କରି ଘରକରଣା ସାମଗ୍ରୀ, କନ୍ଧମାଳ ହଳଦୀଠାରୁ ଆରମ୍ଭ କରି କୋରାପୁଟ କଫି, ଷ୍ଟ୍ରବେରୀ, ହଳଦୀ, ବଡ଼ି, ପାମ୍ପଡ଼, ଆଚାର, ବିଭିନ୍ନ ମସଲା, ମହୁ, ସମେତ ସବାଇ ହସ୍ତଶିଳ୍ପ, ଝୋଟ ସାମଗ୍ରୀ, ବିଭିନ୍ନ ହସ୍ତଶିଳ୍ପ ଓ ହସ୍ତତନ୍ତ ଏବଂ କାଇଁଚରୁ ତିଆରି ବିଭିନ୍ନ ସାମଗ୍ରୀ ଉପଲବ୍ଧ ରହିବ। ଏହାସହ ବିଭିନ୍ନ ଜିଲ୍ଲାର ପ୍ରସିଦ୍ଧ ଖାଦ୍ୟ, ଯାହା ମା'ମାନେ ପ୍ରସ୍ତୁତ କରୁଥିବେ, ତାହା ମଧ୍ୟ ଏଠାରେ ମିଳିବ। କେନ୍ଦ୍ରାପଡ଼ା ରସାବଳିଠାରୁ ଆରମ୍ଭ କରି ନିମାପଡ଼ା ଛେନାଝିଲ୍ଲୀ ମଧ୍ୟ ଉପଲବ୍ଧ ହେବ। ମା'ମାନଙ୍କ ପ୍ରସ୍ତୁତ ସାମଗ୍ରୀ ବିକ୍ରିବଟା ଓ ମାର୍କେଟ ଲିଙ୍କେଜ୍ ପାଇଁ ଓଡ଼ିଶା ଜୀବିକା ମିଶନ ଓ ଓର୍‌ମାସ ପକ୍ଷରୁ ସହଯୋଗ ଯୋଗାଇ ଦିଆଯିବା ସହ ଏହି ବଜାରରେ ଏସ୍‌ଏଚ୍‌ଜିଙ୍କ ପ୍ରସ୍ତୁତ ସାମଗ୍ରୀର ପ୍ରଦର୍ଶନୀ କରାଯିବ। ଯେକୌଣସି ସମୟରେ ଗ୍ରାହକମାନେ 'ମିଶନ ଶକ୍ତି ବଜାର' ଯାଇ ମା'ମାନଙ୍କ ହାତତିଆରି ସାମଗ୍ରୀ କିଣିବା ସାଙ୍ଗକୁ ବୁଲି ଦେଖିପାରିବେ। ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଦ୍ୱାରା ସମସ୍ତ ସାମଗ୍ରୀ ବିକ୍ରି କରାଯିବ। ବୋର୍ଡର ସଦସ୍ୟାମାନେ ବିଭିନ୍ନ ଜିଲ୍ଲାର ମା'ମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ବିକ୍ରିବଟା ନେଇ ନିଷ୍ପତ୍ତି ନେବେ। ବିକ୍ରିବଟା ପରେ ଲାଭାଂଶ ସିଧାସଳଖ ଏସ୍‌ଏଚ୍‌ଜିଙ୍କ ବ୍ୟାଙ୍କ୍ ଖାତାକୁ ଯିବ। ରାଜଧାନୀର ଏକ ପ୍ରମୁଖ ସ୍ଥାନରେ ୧୦ହଜାର ବର୍ଗଫୁଟ୍ ଜାଗାରେ ନିର୍ମିତ ଏହି ମିଶନ୍ ଶକ୍ତି ବଜାର ରାଜ୍ୟର ମା'ମାନଙ୍କ ସଫଳତାର ଏକ ନୂଆ ଇତିହାସ ଲେଖିବ।




## ନୀଳକଣ୍ଠପୁର ଘାଟରୁ ଶବ ଉଦ୍ଧାର

ପଟ୍ଟାମୁଣ୍ଡାଇ, ୨୪।୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ନୀଳକଣ୍ଠପୁର -ଜଗନ୍ନାଥପୁର ନିକଟ ବ୍ରାହ୍ମଣୀ ନଦୀରେ ଶନିବାର ଦିନ ପ୍ରାୟ ୧୦ଟା ବେଳେ ଏକ ଶବ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ଚଉଦକୁଲାଟ ଫାଣ୍ଡିକୁ ଜଣାଇଥିଲେ। ଖବର ପାଇ ପୁଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଁଚି ଶବକୁ ଉଦ୍ଧାର କରିଥିଲେ। ଏହି ଶବଟି ଇନ୍ଦୁପୁର ଧୂମାତ ଗ୍ରାମର ବାବନ ଚରଣ ସାହୁ ବୋଲି ଜଣାପଡ଼ିଛି। ଗତ ୧୯ ତାରିଖ ଦିନ ବାବନ ପାଳକୁ ଯାଇ ନିଖୋଜ ହୋଇଯାଇଥିଲେ। ଏନେଇ ତାଙ୍କ ସାନପୁଅ ଶିବପ୍ରସାଦ ନିକିରାଇ ଥାନାରେ ଅଭିଯୋଗ କରିଥିଲେ। ନିଖୋଜର ୪ଦିନ ପରେ ବାବନଙ୍କ ମୃତଦେହ ଉଦ୍ଧାର ହୋଇଛି।

## କଣ୍ଟେନର ମାଲିକ ସଂଘ ଓ ସି-ୱେଜ ବିବାଦ ସମାଧାନ

ପାରାଦୀପ, ୨୪।୨ (ସମିସ) : ପାରାଦୀପ କଣ୍ଟେନର ଆସୋସିଏସନ ଓ ସି-ୱେଜ ମଧ୍ୟରେ ଦୀର୍ଘ ୪ ଦିନ ଧରି ଚାଲିଥିବା ଆନ୍ଦୋଳନର ଅନ୍ତ ଘଟିଛି। ୪ ଦିନ ହେବ କମ୍ପାନୀ ଓ କଣ୍ଟେନର ଆସୋସିଏସନ ମଧ୍ୟରେ ତିକ୍ତତା ବଢ଼ି ବଢ଼ି ଆନ୍ଦୋଳନର ରୂପ ନେଇଥିବା ବେଳେ ଶୁକ୍ରବାର ଉଭୟଙ୍କ ପକ୍ଷରୁ ଏକ ଆଲୋଚନା କରାଯାଇ ସମସ୍ୟାର ସମାଧାନର ବାଟ ବାହାରିଥିଲା। ବୈଠକରେ ସି-ୱେଜ୍ କମ୍ପାନୀ ତରଫରୁ ଭାଗିରଥି ମିଶ୍ର, ଦେବଶିଷ ଦାସ ଓ ଆଶିଷ କୁମାର ଜେନା ପ୍ରମୁଖ ଉକ୍ତ ବୈଠକରେ ଉପସ୍ଥିତ ଥିବା ବେଳେ ପ୍ରକୃତି କଣ୍ଟେନର ଅପରେସନ ଟ୍ରଷ୍ଟ ପକ୍ଷରୁ ସଭାପତି ପ୍ରଭଞ୍ଜନ ସେନାପତି, ସମ୍ପାଦକ ରବିନାରାୟଣ ପ୍ରଧାନ, କୋଷାଧ୍ୟକ୍ଷ ନିରଞ୍ଜନ ବେହେରା ଓ ଉପଦେଷ୍ଟା ରଞ୍ଜନ କୁମାର ସ୍ୱାଇଁ ଉପସ୍ଥିତ ରହି ଉପୁଜିଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ସମାଧାନର ବାଟ ବାହାରିଥିଲା। ଏହାକୁ ଲିଖିତ ଆକାରରେ ରଖିବା ପାଇଁ କୁଜଙ୍ଗ କୋର୍ଟରେ ଏକ ଏଗ୍ରିମେଣ୍ଟ କରାଯାଇଛି।

## ସରପଞ୍ଚଙ୍କୁ ଶିକ୍ଷା ପୁରସ୍କାର ପ୍ରଦାନ

ନାଉଗାଁ, ୨୪।୨(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଘୋଡାଂଶ ପଞ୍ଚାୟତର ସରପଞ୍ଚ ନିହାର ରଞ୍ଜନ ବସ୍ତିଆଙ୍କୁ ଜିଲ୍ଲାପାଳଙ୍କ ସଦ୍‌ଭାବନଗୃହଠାରେ ୨୦୨୩-୨୪ ବର୍ଷର ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରୀ ବସ୍ତିଆ ଉକ୍ତ ପଞ୍ଚାୟତରେ ପଞ୍ଚାୟତବାସୀଙ୍କ ପାଇଁ ଚଳାଇଥିବା ଥିବା ସମବେଦନା, ନିରବଛିନ୍ନ ସ୍ୱାସ୍ଥ୍ୟସେବା ଓ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ଭଳି ବିଭିନ୍ନ ଉଲ୍ଲେଖନୀୟ ଅବଦାନ ଓ କାର୍ଯ୍ୟକ୍ରମକୁ ଲକ୍ଷ୍ୟକରି ଏହି ପୁରସ୍କାର ପ୍ରଦାନ କରାଯାଇଛି। ଯାହାକୁନେଇ ଜିଲ୍ଲାପାଳ ପାରୁଲ୍ ପଟୱାରୀ, ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଓ ସାଂସଦ ଡାକ୍ତର ରାଜଶ୍ରୀ ମଲ୍ଲିକ ତାଙ୍କୁ ଏହି ପୁରସ୍କାରରେ ସମ୍ମାନୀତ କରିଛନ୍ତି। ଯାହା ନାଉଗାଁ ବ୍ଲକ ଓ ଘୋଡାଂଶ ପଞ୍ଚାୟତ ପାଇଁ ଏକ ଗର୍ବ ଓ ଗୌରବର ବିଷୟ ପାଲଟିଥିବା ବେଳେ ଉକ୍ତ ପଞ୍ଚାୟତରେ ଥିବା ବିଦ୍ୟାଳୟ ଗୁଡିକର ଶିକ୍ଷକ, ଶିକ୍ଷୟିତ୍ରୀ, ଅଙ୍ଗନୱାର୍ଡୀ କର୍ମୀ, ଆଶାକର୍ମୀମାନଙ୍କ ସହିତ ପଞ୍ଚାୟତର ଶତାଧିକ ଜନସାଧାରଣ ଶ୍ରୀ ବସ୍ତିଆଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

### ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟିତ

# ପଟ୍ଟାମୁଣ୍ଡାଇରେ ସୁଦୃଢ଼ ହେବ କ୍ରୀଡା ଭିତ୍ତିଭୂମି

■ ଆଭାସୀ ଯୋଗେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ପଟ୍ଟାମୁଣ୍ଡାଇ, ୨୪।୨(ସମିସ): ପଟ୍ଟାମୁଣ୍ଡାଇ ଏମ ଏନ ହାଇସ୍କୁଲ ନିକଟରେ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟଅଟକଳରେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମକୁ ଭୁବନେଶ୍ୱର ଠାରେ ଭିଡିଓ କନ୍‌ଫରେନ୍ସ ଯୋଗେ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇଠାରେ ଉଦ୍‌ଘାଟନ ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଯୋଗୁଁ ଓଡ଼ିଶାରେ କ୍ରୀଡାର ଭିତ୍ତିଭୂମି ସୁଦୃଢ ହେବା ସହିତ ବିଭିନ୍ନ ଅନ୍ତର୍ଜାତୀୟ ଓ ଜାତୀୟ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇ ଓଡ଼ିଶା ଗୌରବ ବୃଦ୍ଧି ପାଇଛି। ପଟ୍ଟାମୁଣ୍ଡାଇବାସୀଙ୍କୁ ୧୦ କୋଟି ଟଙ୍କା ବ୍ୟୟରେ ବିଜୁ ପଟ୍ଟନାୟକ ବହୁମୁଖୀ ଇନଡୋର ଷ୍ଟାଡିଅମ ଯୋଗାଇ ଦେଇଥିବାରୁ ଅଞ୍ଚଳବାସୀଙ୍କ ପକ୍ଷରୁ ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ରତିକାନ୍ତ ବେହେରା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ରାଜଶ୍ରୀ ବେହେରା, ବିଡ଼ିଓ ଶୁଭ୍ରାଂଶୁ ସାହୁ, ତହସିଲଦାର ପଞ୍ଚାନନ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ, ଲାସ୍ୟମୟୀ ସାହୁ, ସାନିଆ ପରମିନ ସାହେବା ଓ ଝରଣା ବେହେରା, ଜିଲ୍ଲା ଯୁବବିଜେଡି ସମ୍ପାଦକ ଅଶୋକ ଧଳ, ଯୁବନେତା ଦିଲ୍ଲୀପ ଜେନା, ଦିଲ୍ଲୀପ ସାହୁ, ରଶ୍ମି ରଞ୍ଜନ ପାଢ଼ୀ ପ୍ରମୁଖ ବହୁ ପ୍ରଶାସନିକ ଅଧିକାରୀ, ଲୋକପ୍ରତିନିଧି, ମାନ୍ୟଗଣ୍ୟବ୍ୟକ୍ତି ଓ ଜନସାଧାରଣ ଯୋଗ ଦେଇଥିଲେ।

## ଓଷକଣା ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ




ନାଉଗାଁ, ୨୪।୨(ସମିସ): ନାଉଗାଁ ବ୍ଲକ ଓଷକଣା ପଞ୍ଚାୟତର ସରପଞ୍ଚ ନାରାୟଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସରକାରଙ୍କ 'ମୋ ଓଡ଼ିଶା ନବୀନ୍ ଓଡ଼ିଶା'ର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନୀତ ଅତିଥିଭାବେ ପୂର୍ବତନ ବିଧାୟକ ଜ୍ୟୋତିଷଚନ୍ଦ୍ର ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃପ୍ତା ଲେଙ୍କା, ଉପାଧ୍ୟକ୍ଷ ସୁଜିତ କୁମାର ପୁହାଣ, ନାଉଗାଁ ବିଡିଓ ତପନ କୁମାର ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟା ମମତା ପରିଡ଼ା, ଡାବର ସମିତିସଭ୍ୟ ସୁବଳ ବେହେରା, ବଛାଳୋ ସମିତିସଭ୍ୟ ଚନ୍ଦନ କୁମାର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ନରେଶ ସ୍ୱାଇଁ ଓ ପଞ୍ଚାୟତର ଅନ୍ୟ କର୍ମୀମାନେ ପରିଚାଳନା କରିଥିଲେ।

## କସ୍ତୁରବା ଗାନ୍ଧୀ, ଶ୍ରୀରାମଚନ୍ଦ୍ର ଭଞ୍ଜ ଓ ଅବୁଲ କଲାମଙ୍କୁ ଶ୍ରଦ୍ଧାଞ୍ଜଳି

ଜଗତସିଂହପୁର, ୨୪।୨(ସମିସ): ଭାରତମାତାର ତିନି ଯୋଗଜନ୍ମା ପ୍ରତିଭାଧାରୀ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସହଧର୍ମିଣୀ କସ୍ତୁରବା ଗାନ୍ଧୀ, ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଓ ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ଅବୁଲ କଲାମ ଆଜାଦଙ୍କ ଶ୍ରାଦ୍ଧୋତ୍ସବ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ସ୍ଥାନୀୟ ଦେଭୋଗସ୍ଥିତ ଗୁରୁକୁଳ ଶିକ୍ଷା ମନ୍ଦିର ପରିସରରେ ପାଳିତ ହୋଇଛି। ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଆଲୋଚନାରେ ଭାଗନେଇ ଭାରତର ମୁକ୍ତି ସଂଗ୍ରାମରେ କସ୍ତୁରବା ଗାନ୍ଧୀଙ୍କ ଭୂମିକା, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ପ୍ରଜାବତ୍ସଳ ମହାରାଜାଙ୍କ ଅବଦାନ ଏବଂ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ଭାବେ ଆଜାଦଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ସମ୍ପର୍କରେ ଅବତାରଣା କରିବା ସହିତ ସେମାନେ ସବୁଦିନ ପାଇଁ ଅବିସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ମଧୁସ୍ମିତା ପାଣ୍ଡେ, ଗୀତାଞ୍ଜଳୀ ନାୟକ, ରୋନକ ମହାନ୍ତି, ରାହୁଲ ବେହେରା, ପ୍ରସନ୍ନଜିତ୍ ମାନ୍ନା, ସତ୍ୟପ୍ରକାଶ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅନୁଷ୍ଠାନର ପରିଚାଳକ ସୁବାସ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ବଳଦେବଜୀଉଙ୍କ କନ୍ଦରାସୁର ବଧ



କେନ୍ଦ୍ରାପଡ଼ା, ୨୪।୨(ସମିସ): କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉଙ୍କ କନ୍ଦରାଶୁର ବଧ ବେଶ ଅନୁଷ୍ଠିତ ହୋଇଛି। ଏହି ବେଶ ମାଘ ପୂର୍ଣ୍ଣିମାରେ ଅନୁଷ୍ଠିତ ହୋଇଥାଏ। ଆଜି ପ୍ରତ୍ୟୁଷରୁ ପହୁଡ଼ ଖୋଲାଯାଇ ଜୟ ମଙ୍ଗଳା ଆଳତି କରାଯାଇଥିଲା। ପରେ ନୀତିସ୍ନାନ, ବଲ୍ଲଭ, ସକାଳ ଧୂପ, ଦ୍ୱିପହର ଧୂପ ହୋଇଥିଲା। ସନ୍ଧ୍ୟାରେ ଉଠାଣି ନୀତି ପରେ କନ୍ଦରାଶୁର ବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶ ଦେଖିବାକୁ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା। ପୁରାଣ ଅନୁଯାୟୀ ପ୍ରଭୁ ବଳଦେବ ଦୁର୍ଦ୍ଦାନ୍ତ ଦାନବ କନ୍ଦରାଶୁରକୁ ହଳ ଲଙ୍ଗଳରେ ସଂହାର କରିଥିଲେ। ତାଙ୍କର କନ୍ୟା ତୁଳସୀଙ୍କୁ ବିବାହ କରିଥିଲେ। ସେବେଠାରୁ ଜିଲ୍ଲାର ନାମ କେନ୍ଦ୍ରାପଡ଼ା ନାମରେ ନାମିତ ହୋଇଥିଲା ବୋଲି ବିଶ୍ୱାସ ରହିଛି। ପରେ ମହାସ୍ନାନ ରାତ୍ର ଧୂପ, ବଡ଼ ସିଂହାର, ରାତ୍ର ୧୧ଟା ବେଳକୁ ପହୁଡ଼ ପଡ଼ିବ ବୋଲି ପୂଜାପଣ୍ଡା ସେବାୟତ ଜ୍ୟୋତି ରଞ୍ଜନ ପତ୍ରୀ ସୂଚନା ଦେଇଛନ୍ତି।

## ବ୍ଲକସ୍ତରୀୟ କୃଷି ସମ୍ପର୍କ ମେଳା



ନାଉଗାଁ, ୨୪।୨(ସମିସ):ନାଉଗାଁ କୃଷି କାର୍ଯ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ କୃଷି ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି। ଆତ୍ମା କମିଟି ଅଧ୍ୟକ୍ଷ ବସନ୍ତ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ସମ୍ମାନୀତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃପ୍ତା ଲେଙ୍କା, ଉପାଧ୍ୟକ୍ଷ ସୁଜିତ୍ କୁମାର ପୁହାଣ, ଜିଲ୍ଲାପରିଷଦ ସଭ୍ୟା ଅମିତା ସ୍ୱାଇଁ, ମମତା ପରିଡ଼ା ପ୍ରମୁଖ ଯୋଗଦାନ କରି ଉପସ୍ଥିତ କୃଷକ ଭାଇଭଉଣୀ ମାନଙ୍କୁ କୃଷି ସମ୍ବନ୍ଧିତ ତଥ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ କୃଷି ନିରୀକ୍ଷକ ନିର୍ମାଲ୍ୟ କୁମାର ନାୟକ, ରକେଟ୍ ରଞ୍ଜନ ମାଝି ପ୍ରମୁଖ ପରିଚାଳନା କରିଥିଲେ।


ସୁସ୍ଥ ଓ ସମୃଦ୍ଧ ଶ୍ରମିକ
ମୋଦୀ ସରକାରଙ୍କ ଗ୍ୟାରେଣ୍ଟି



ପ୍ରଧାନମନ୍ତ୍ରୀ
ନରେନ୍ଦ୍ର ମୋଦୀଙ୍କ
ଦ୍ୱାରା

ସାରା ଦେଶରେ ଟ. ୨୨୮୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା
୨୧ଟି ଇଏସ୍ଆଇସି ମେଡିକାଲ କଲେଜ, ହସ୍ପିଟାଲ ଓ ଡିସପେନସରିର ଲୋକାର୍ପଣ ଓ ଉଦ୍‌ଘାଟନ

ପ୍ରକଳ୍ପର ଲାଭ

- 56 ଲକ୍ଷ ହିତାଧିକାରୀ ଉପକୃତ ହେଉଛନ୍ତି
- ଘର ନିକଟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା
- ବିନା କୌଣସି ସର୍ବୋଚ୍ଚ ସୀମାରେ କ୍ୟାସଲେସ୍ ଚିକିତ୍ସା ସୁବିଧା
- ଅତ୍ୟାଧୁନିକ ଚିକିତ୍ସା ଉପକରଣ ସହ ସ୍ୱାସ୍ଥ୍ୟ ସେବା

ସମର୍ପଣ

- ESIC ମେଡିକାଲ୍ କଲେଜ ଏବଂ ହସ୍ପିଟାଲ୍ - ଅଲୱାର୍ (ରାଜସ୍ଥାନ) ଏବଂ ବିହାଟା, ପାଟନା (ବିହାର)
- ESIC ଡାକ୍ତରଖାନା ଉଦୟପୁର (ରାଜସ୍ଥାନ), ଫୁଲୱାରୀ ସରିଫ (ବିହାର), ଆଦିତ୍ୟପୁର (ଝାଡଖଣ୍ଡ), ତିରୁପୁର (ତାମିଲନାଡୁ), କାକିନାଡା (ଆନ୍ଧ୍ରପ୍ରଦେଶ), ରାୟଗଡ, ଭିଲାଇ ଏବଂ କୋରବା (ଛତିଶଗଡ)
- ESI ଡିସପେନସାରି - ନେମ୍ରାନା, ଆବୁ ରୋଡ୍ ଏବଂ ଭିଲୱାରା (ରାଜସ୍ଥାନ)

ଉଦଘାଟନ

- ESI ଡିସପେନସାରି - ଅଲୱାର, ବେହେରା ଏବଂ ସୀତାପୁରା (ରାଜସ୍ଥାନ), ସେଲାକି (ଉତ୍ତରାଖଣ୍ଡ), ଗୋରଖପୁର (ଉତ୍ତରପ୍ରଦେଶ), କୋରାଟୀ ଏବଂ ନାଭାଇକୁଲମ୍ (କେରଳ) ପିଡିଭିମାଭରମ (ଆନ୍ଧ୍ରପ୍ରଦେଶ)

ତାରିଖ: ଫେବୃୟାରୀ ୨୫, ୨୦୨୪
ସମୟ: ଅପରାହ୍ଣ ୦୩.୦୦ ଘଟିକା
ସ୍ଥାନ: ରାଜକୋଟ, ଗୁଜୁରାଟ
ଭିଡିଓ କନଫରେନ୍ସିଂ ମାଧ୍ୟମରେ



କାର୍ଯ୍ୟକ୍ରମର ସିଧାପ୍ରସାରଣ - ଡିଡି ନ୍ୟୁଜ୍ ଚ୍ୟାନେଲ, ଅପରାହ୍ଣ ୦୩.୦୦ ଘଟିକା

## ମିଶନଶକ୍ତି ମହିଳାଙ୍କ ପ୍ରଶଂସନୀୟ କାମ

# ସ୍ୱଚ୍ଛତାରେ ସହଭାଗିତା, ମିଳୁଛି ରୋଜଗାର

**ସମ୍ବଲପୁର, ୨୪।୨(ସମିସ)**

ରାଜ୍ୟ ସରକାର ମହିଳାମାନଙ୍କୁ ସବୁ କ୍ଷେତ୍ରରେ ସାମିଲ କରି ସେମାନଙ୍କ ଆର୍ଥିକ ଓ ସମାଜିକ ସ୍ଥିତିରେ ଉନ୍ନତି ଆଣୁଛନ୍ତି। ସେମାନେ ରୋଜଗାରକ୍ଷମ ହୋଇପାରୁଛନ୍ତି। ଏହାସହ ସମାଜିକ ଦାୟିତ୍ୱ ମଧ୍ୟ ବହନ କରୁଛନ୍ତି। ସମ୍ବଲପୁର ମହାନଗର ନିଗମ ୪୦ନମ୍ବର ୱାର୍ଡ ରାସନପୁର ଠାରେ ଥିବା ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର (ସମ୍ପଦ କେନ୍ଦ୍ର) ରେ କାମ କରୁଥିବା ମହିଳାମାନେ ଉଦାହରଣ ପାଲଟିଛନ୍ତି। ମିଶନ ଶକ୍ତି ଦ୍ୱାରା ପରିଚାଳିତ ସ୍ଥାନୀୟ ମାଁ ଲକ୍ଷ୍ମୀ ଗୋଷ୍ଠୀ ଦ୍ୱାରା ଏହି ସମ୍ପଦ କେନ୍ଦ୍ର ପ୍ରାୟ ୪ ବର୍ଷ ହେଲା ପରିଚାଳିତ ହେଉଛି। ମହିଳାମାନେ ସ୍ୱଚ୍ଛତାରେ ସହଭାଗିତା ହେବା ସହ ରୋଜଗାରକ୍ଷମ ହୋଇ ପାରିଛନ୍ତି। ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଏହି ମହିଳାମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଅଳିଆ ଆବର୍ଜନାରୁ ଜୈବିକ ପଦ୍ଧତିରେ ଖତ ତିଆରି କରୁଛନ୍ତି। ଯାହାକି ଆଜି ଦିନରେ ଚାହିଦା ମଧ୍ୟ ରହିଛି। ଏଥିରୁ ସେମାନେ ମାସିକ ଦରମା ବାବଦକୁ ଏସ୍ଏମ୍ସି ପକ୍ଷରୁ ମିଳୁଛି ବୋଲି ସେମାନେ କହିଛନ୍ତି। ସମ୍ବଲପୁର ମହାନଗର ନିଗମ ୪୦, ୪୧, ୩୮, ୩୭, ୩୯ ପ୍ରମୁଖ ୱାର୍ଡ ଗୁଡ଼ିକର ପ୍ରତ୍ୟେକ ଘରୁ ବାହାରିଥିବା ଅଳିଆ ସଂଗ୍ରହ କରାଯାଉଛି। ଏସ୍ଏମ୍ସି ପକ୍ଷରୁ ସଂଗ୍ରହ କରି ଏହି କେନ୍ଦ୍ରକୁ ଗାଡ଼ି ଯୋଗେ ଆସିଥାଏ। ପ୍ରତିଦିନ ୧୨ରୁ ୧୪ ଗୋଟି ଗାଡ଼ିରେ ଅଳିଆ ଆବର୍ଜନ ଆସେ। ସୁବିଧା ଦୃଷ୍ଟିରୁ ଶୁଖିଲା ଓ ଓଦା ପୃଥକ୍ ଭାବରେ କରିଥାଉ। ମହାନଗର ନିଗମ ପକ୍ଷରୁ




ଦିଆଯାଇଥିବା ତାଲିମ ଅନୁସାରେ ପ୍ରକ୍ରିୟାକରଣ କରି ଖତ ତିଆରି କରାଯାଇଥାଏ। ମହାନଗର ନିଗମ ପକ୍ଷରୁ ଖତ ନେଇଯାଆନ୍ତି। ଶୁଖିଲା ବର୍ଜ୍ୟବସ୍ତୁ ମଧ୍ୟ ଏସ୍ଏମ୍ସି ଗାଡ଼ି ଯୋଗେ ନେଇଥାଏ। ସମ୍ବଲପୁର ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ଲାଗି ଏସ୍ଏମ୍ସି ଆମକୁ ଦାୟିତ୍ୱ ଦେଇଛି। ଆମେ ମଧ୍ୟ ସହାଯୋଗ କରୁଛୁ। ଏସ୍ଏଚ୍ଜି ଗ୍ରୁପ୍ର ୧୦ଜଣ ମହିଳା ଏହି ଖତ ତିଆରି କରି ଭଲ ପଇସା ରୋଜଗାର କରିପାରୁଛନ୍ତି। ଖତ ତିଆରି ପ୍ରଣାଳୀକୁ ନେଇ ମହିଳାମାନେ କହିଛନ୍ତି, ଏସ୍ଏମ୍ସି ଅଳିଆ ଗାଡ଼ି ବର୍ଜ୍ୟବସ୍ତୁ ନେଇ ମାଇକ୍ରୋ କମୋଷ୍ଟ ସେଣ୍ଟରରେ ପହଞ୍ଚିଥାଏ। ପରେ ମହିଳାମାନେ ଓଦା ଅଳିଆରୁ ହିଁ ଏହି ଖତ ତିଆରି କରିଥାନ୍ତି। ଖାଦ୍ୟ ଓ କଞ୍ଚା ପରିବାକୁ ନେଇ କୁଣ୍ଡରେ ରଖାଯାଏ। ଗୁଡ଼, ଦହି ଓ କୁଣ୍ଡାକୁ ପକାଇ ୭ଦିନ ପର୍ଯ୍ୟନ୍ତ ପକାଇ ମିଶାଯାଇଥାଏ। ୪୨ଦିନରେ ଖତ ପ୍ରସ୍ତୁତ ହୋଇଯାଏ। ତାକୁ ନେଇ ଖରାରେ ଶୁଖାଯାଇ ପ୍ଲାଷ୍ଟିକକୁ ଅଲଗା କରାଯାଏ। ଖତ ପ୍ରସ୍ତୁତ ହେଲା ପରେ ବିକ୍ରୟ କେନ୍ଦ୍ରକୁ ଯାଇଥାଏ। ହେଲେ ଏହି ଖତର ପ୍ରଚାର ପ୍ରସାର ଅଭାବରୁ ଓ ସ୍ଥାନୀୟ ବଜାର ସୁବିଧାର ମଧ୍ୟ ଆବଶ୍ୟକ ରହିଛି। ଏହି ମାଇକ୍ରୋ କମୋଷ୍ଟ ସେଣ୍ଟରରେ ପ୍ରତି ମାସରେ ହାରାହାରି ୧୦୦୦ କେଜିରୁ ଅଧିକ ଖତ ତିଆରି ହୋଇଥାଏ। ବାହାରେ ମିଳୁଥିବା ବଭିନ୍ନ ରାସାୟନିକ ସାର ତୁଳନାରେ ଏହି ଖତ ମାଟିକୁ କ୍ଷତି କରିନଥାଏ। ପ୍ରାକୃତିକ ଉପାୟରେ ମହିଳା ମାନେ ଏହାକୁ ତିଆରି କରିଥାନ୍ତି। ବନ ବିଭାଗ ଓ ଅନ୍ୟ ବିଭାଗ ଖତକୁ କିଣି ନିଅନ୍ତି। ପ୍ରକାଶଥାଉକି, ପ୍ରାୟ ୩ବର୍ଷରେ ଏସ୍ଏମ୍ସି ଅଧୀନ ବିଭିନ୍ନ ଅଞ୍ଚଳରେ ମୋଟ ୯ଗୋଟି ପ୍ଲାଣ୍ଟ ଗୋଟିଏ ପ୍ଲାଣ୍ଟରେ ପ୍ରତିଦିନ ୫ଟନ ଖତ ତିଆରି କରି ପାରିବାର କ୍ଷମତା ରହିଛି। ଏସ୍ଏମସି ବର୍ଜ୍ୟବସ୍ତୁରୁ ଦୁଇ ପ୍ରକାର ରାଜ ଆଦାୟ କରୁଛି। ଖତ ଓ ପ୍ଲାଷ୍ଟିକ, ସୁଦା, ଟିଣ ପଲିଥିନ ଭଳି ୧୬ ପ୍ରକାର ସାମଗ୍ରୀ ବିକ୍ରି କରି ମଧ ରାଜସ୍ୱ ଆଦାୟ କରାଯାଉଛି। ଏହା ହେବା ଫଳରେ ପରିବେଶ ପ୍ରଦୂଷଣ ମଧ କମିଯିବ ବୋଲି ଆଶା କରାଯାଉଛି।

## ଅନିୟନ୍ତ୍ରିତ କାଣ୍ଡବିନ୍ଧା ପୋକ, ଖର୍ଚ୍ଚାନ୍ତ ହେଉଛି ଚାଷୀ

**ସମ୍ବଲପୁର,୨୪।୨(ସମିସ):** ସମ୍ବଲପୁର ଜିଲ୍ଲାରେ ଧାନ ଫସଲରେ ସୃଷ୍ଟି ହୋଇଥିବା କାଣ୍ଡବିନ୍ଧା ପୋକ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଚାଷୀ କୃଷି ବିଭାଗର ପରାମର୍ଶ କ୍ରମେ ଔଷଧ ଛିଞ୍ଚନ କଲେ ମଧ କିଛି ଲାଭ ମିଳିପାରୁ ନାହିଁ। ରୋଗପୋକ ହ୍ରାସ ପାଇବା ବଦଳରେ ବୃଦ୍ଧି ପାଇବାରେ ଲାଗିଛି। ଚାଷୀ ଏହାକୁ ନେଇ ହତାଶ ହୋଇପଡ଼ିଛି। ଫସଲକୁ ନେଇ ଚିନ୍ତାରେ ଚାଷୀ। ପୋକ ଦମନ ପାଇଁ ବାରମ୍ବାର କୀଟନାଶକ ଦେଇ ଚାଷୀ ଅଧିକ ଖର୍ଚ୍ଚାନ୍ତ ହେଉଛି। ଏଭଳି ସ୍ଥିତିରେ ଚାଷୀଙ୍କ ଦାବି ଅନୁଯାୟୀ କୃଷି ବିଭାଗ ପକ୍ଷରୁ ପରୀକ୍ଷା ମଧ୍ୟ କରାଯାଇଛି। ଅନ୍ୟପଟେ ଟ୍ରାଇକୋ କାର୍ଟ ଓ ଥେରୋମିନ୍ ଟ୍ରାପ୍ କୀଟନାଶକ ମଧ ଦେଉଛି। ଯାହାଫଳରେ ଅଣ୍ଡିରା ପୋକ ତା'ର ଆକର୍ଷଣରେ ଆସି ଜାଲରେ ପଡ଼ିଥାନ୍ତି। ଫଳରେ କାଣ୍ଡବିନ୍ଧା ପୋକର ବଂଶ ବିସ୍ତାର ସମ୍ଭବ ହୋଇ ନଥାଏ। ସେହିପରି ଟ୍ରାଇକୋ କାର୍ଟରେ ଥିବା ଅଣ୍ଡା ସୂର୍ଯ୍ୟ ଆଲୋକ ପାଇବା ପରେ ସେଥିରୁ ଏକ ପୋକ ଜନ୍ମ ନେଇଥାଏ। ଉକ୍ତ ପୋକ ଫସଲରେ ଥିବା କାଣ୍ଡବିନ୍ଧା ପୋକକୁ ଖାଇ ଦମନ କରିଥାଏ। ଯେଉଁ ସ୍ଥାନରେ ଏହି ବ୍ୟବସ୍ଥାକୁ ସ୍ଥାପନ କରାଯାଇଛି ସେଠାରୁ ଭଲ ଫଳାଫଳ ମିଳୁଛି। ବର୍ତ୍ତମାନ ଧାନ ଫସଲରେ କାଣ୍ଡବିନ୍ଧା ପୋକ ବ୍ୟାପିବାରେ ଲାଗିଛି। ହେଲେ ବର୍ତ୍ତମାନ ସୁଦ୍ଧା ଜିଲ୍ଲାର କେତେ ପରିମାଣ ଜମିରେ କାଣ୍ଡବିନ୍ଧା ସମସ୍ୟା ସୃଷ୍ଟି ହୋଇଛି ତା'ର ସର୍ଭେ ସରିନି। ତେବେ ଆନୁମାନିକ ଭାବେ ସମ୍ବଲପୁର ଉପଖଣ୍ଡରେ ପ୍ରାୟ ୧୦୦୦ ହେକ୍ଟରୁ ଅଧିକ ଜମିରୁ ଏହି ସମସ୍ୟା ରହିଛି। ଆଗକୁ ଆହୁରି ବୃଦ୍ଧି ପାଇବ ବୋଲି ଚାଷୀମାନେ କହିଛନ୍ତି। ପରିସ୍ଥିତି ଗମ୍ଭୀର ହେବାକୁ ଯାଉଥିବା ବେଳେ ବର୍ତ୍ତମାନ ବିଭାଗ ପକ୍ଷରୁ କ୍ଷେତ୍ର କର୍ମଚାରୀ ପରିଦର୍ଶନ ଆରମ୍ଭ କରିଛନ୍ତି। ଜିଲ୍ଲାର ଧାନ ଫସଲର ସ୍ଥିତି କେମିତି ଅଛି, କେତେ ପରିମାଣ ଜମିରେ କାଣ୍ଡବିନ୍ଧା ପୋକ ଲାଗିଛି, କେତେ ଫସଲ ନଷ୍ଟ ହୋଇଛି ତାହା ତଦନ୍ତ କରୁଛନ୍ତି। କାଣ୍ଡବିନ୍ଧା ସମସ୍ୟାକୁ ନେଇ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ କହିଛନ୍ତି ଯେ, ପୂର୍ବରୁ ଜିଲ୍ଲା କୃଷକ ସଙ୍ଗଠନର ଏକ ପ୍ରତିନିଧ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିଥିଲେ। ହୀରାକୁଦ ଜଳସେଚନ ଚାଷ ହେଉଥିବା ଜମି ପ୍ରଭାବିତ ହୋଇଛି। ଏହାକୁ ନେଇ ଚାଷୀଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି। ତାଲବ, କନଖିଣ୍ଡା, ବସନ୍ତପୁର, ପରମାନପୁର, କୁକୁଡ଼ାପାଲି, ଗଡ଼ମୁଣ୍ଡା ଅଞ୍ଚଳର ପ୍ରଥମେ ଏହି ରୋଗପୋକ ଦେଖା ଦେଇଥିଲା। ପୂର୍ବରୁ କୃଷି ବିଭାଗ ପକ୍ଷରୁ ଧ୍ୟାନ ଦେଇଥିଲେ ଏହାର ପରିମାଣ ବୃଦ୍ଧି ପାଇ ନଥାନ୍ତା ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ରେଙ୍ଗାଲି ଓ ବାମରାକୁ ଏନ୍ଏସି କରାଯାଉ

**ସମ୍ବଲପୁର, ୨୪।୨(ସମିସ):** ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦ଟି ଜିଲ୍ଲାର ୩୪ଟି ଟାଉନକୁ ଏନ୍ଏସି ଭାବରେ ଓ ୫ଟି ଏନ୍ଏସିକୁ ପୌରପରିଷଦ (ମ୍ୟୁନିସିପାଲିଟି) ଭାବରେ ଘୋଷଣା କରିଛନ୍ତି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସମ୍ବଲପୁର ଉନ୍ନୟନ ପ୍ରାଧିକରଣର ପୂର୍ବତନ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି କହିଛନ୍ତି। ତେବେ ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ଓ ବାମରା ଟାଉନକୁ ଏହି ଏନ୍ଏସି ଘୋଷଣା ତାଲିକାରେ ସ୍ଥାନିତ କରିବାକୁ ଶ୍ରୀ ମହାନ୍ତି ମୁଖ୍ୟମନ୍ତ୍ରୀ ତଥା ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଅନୁରୋଧ କରିଛନ୍ତି। ଏହାର ପ୍ରତିଲିପି ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କୁ ମଧ୍ୟ ଦେଇଛନ୍ତି। ସେ ଦର୍ଶାଇଛନ୍ତି ଯେ, କିଛିବର୍ଷ ପୂର୍ବରୁ ଏହି ଦୁଇଟି ଟାଉନକୁ ଏନ୍ଏସି କରାଯିବା ପାଇଁ ବିଭାଗୀୟ ପ୍ରସ୍ତାବ ଥିବା ସୂଚନା ମିଳିଥିଲା। ରେଙ୍ଗାଲି ଏକ ଶିଳ୍ପାଞ୍ଚଳ ତଥା ଖଣି ଅଞ୍ଚଳ, କ୍ରମବର୍ଦ୍ଧିଷ୍ଣୁ ସହରାଞ୍ଚଳ। ଲୋକସଂଖ୍ୟା ଓ ବାଣିଜ୍ୟ ବ୍ୟବସାୟ ମଧ୍ୟ ବୃଦ୍ଧି ପାଇଛି। ରେଙ୍ଗାଲି ସମ୍ବଲପୁର ଉନ୍ନୟନ ପ୍ରାଧିକରଣ ଅଞ୍ଚଳରେ ଏକ ମୁଖ୍ୟ ସ୍ଥାନ ଅଧିକାର କରିଛି। ଏହି କ୍ରମବର୍ଦ୍ଧିଷ୍ଣୁ ସହରାଞ୍ଚଳକୁ ଯୋଜନାବଦ୍ଧ ଭାବରେ ଗଢ଼ିବାକୁ ଏନ୍ଏସିର ଆବଶ୍ୟକତା ରହିଛି। ସେହିପରି ବାମରା କୁଚିଣ୍ଡା ଉପଖଣ୍ଡର ଏକ ଆଦିବାସୀ ଗ୍ରାମୀଣ ସହରାଞ୍ଚଳ ଏବଂ ଅଞ୍ଚଳର ବ୍ୟବସାୟ କେନ୍ଦ୍ର। ଏଠାରେ ବିଭିନ୍ନ କାର୍ଯ୍ୟାଳୟ ସବୁ ରହିଛି। ଲୋକ ସଂଖ୍ୟା ମଧ ବୃଦ୍ଧି ପାଇ ଏନ୍ଏସି ମାନ୍ୟତା ପାଇବା ଯୋଗ୍ୟ। ବାମରାର ସର୍ବାଙ୍ଗୀନ ଉନ୍ନୟନ ପାଇଁ ଓ ଉନ୍ନତ ସହରାଞ୍ଚଳ ଗଠନ ପାଇଁ ଏନ୍ଏସି ର ଆବଶ୍ୟକତା ରହିଛି। ସମ୍ବଲପୁର ଜିଲ୍ଲାରେ କୌଣସି ସହରାଞ୍ଚଳକୁ ଏନ୍ଏସି ଘୋଷଣା କରାଯାଇ ନାହିଁ ଯଦିଓ ଏହାର ଆବଶ୍ୟକତା ରହିଛି। ଏଣୁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ ତଥା ବିଭାଗୀୟ କର୍ତ୍ତୃପକ୍ଷ ଏହାକୁ ବିଚାରକୁ ନେଇ ଆଜି ଘୋଷଣା ହୋଇଥିବା ଏନ୍ଏସି ତାଲିକାରେ ଏହି ଦୁଇ ସହରାଞ୍ଚଳକୁ ସାମିଲ କରିବାକୁ ଶ୍ରୀ ମହାନ୍ତି ଦାବି କରିଛନ୍ତି।

## ପାଠ ପଢ଼ି ହସି ଖେଳିବା ସମୟରେ...

# ଘୁଡ୍‌କା ବଜାଇ ପରିବାର ଚଳାଉଛନ୍ତି ଭାଇଭଉଣୀ

**ରେଢ଼ାଖୋଲ, ୨୪।୨(ସମିସ):** ପାଠ ପଢ଼ି ହସି ଖେଳିବା ସମୟରେ ଭଇ-ଭଉଣୀ ଘୁଡ୍କା ବଜାଇ ପରିବାର ପରିପୋଷଣ କରୁଥିବା ଭଳି ଘଟଣା ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ବଡ଼ବାହାଲ ଗ୍ରାମପଞ୍ଚାୟତ ପାଣ୍ଡ୍ରିପଥର ଗାଁରେ ଦେଖାଯାଇଛି। ଅନ୍ଧ ବାପା ଓ ପାଗଳି ମାଁର ସେବାସୁଶ୍ରୁଷା କରି ତାଙ୍କୁ ପେଟପୂରା

**- ପାଲ ତଳେ ଜୀବନ ବିତୁଛି**
**- ମାଁ ମାନସିକ ଭିନ୍ନକ୍ଷମ, ବାପା ଦୃଷ୍ଟିହୀନ**

ଖାଇବାକୁ ଦେବା ପାଇଁ ଏକ ଭାଇ-ଭଉଣୀ ଗାଁ ଗାଁ ବୁଲି ଘୁଡ୍କା ବଜାଇ ଭିକ୍ଷା ବୃତ୍ତି କରୁଥିବା ଦେଖାଯାଇଛି। ପାଣ୍ଡ୍ରିପଥର ଗାଁରେ ରହୁଛନ୍ତି ଏକ ଅସହାୟ ପରିବାର। ପରିବାରରେ ବାପା ବିନା ପ୍ରଧାନ ଦୀର୍ଘ ବର୍ଷ ହେବ ଆଖି ନ ଦିଶିବାରୁ ଅନ୍ଧ ଅବସ୍ଥାରେ ରହିଛନ୍ତି। ମାଁ ପୁତୁଲି ପ୍ରଧାନ ପାଗଳି ହୋଇ ରହିଛନ୍ତି। ତାଙ୍କର ଦୁଇ ସନ୍ତାନ ୧୫ବର୍ଷୀୟ ପୁଅ ଅଜୁ ପ୍ରଧାନ ଓ ୧୩ ବର୍ଷୀୟ ଝିଅ ଗୀତା ପ୍ରଧାନ ଦୁଇ ଭାଇଭଉଣୀ ବିଦ୍ୟାଳୟରେ ଯାଇ ଶିକ୍ଷା ଗ୍ରହଣ କରିପାରି ନାହାନ୍ତି। କିନ୍ତୁ ଦୁଃଖ, ଅଭାବ ଅନଟନ ବହୁତ କିଛି ଶିଖାଇ ଦେଇଛି। ପୂର୍ବରୁ ଏହି ଅସହାୟ ପରିବାର ତାଳଚେର ଅଞ୍ଚଳରେ ରହୁଥିଲେ। ସେଠାରୁ ଆସି ରେଢ଼ାଖୋଲ ଅଞ୍ଚଳର ଟାଲ ଗ୍ରାମର ପାଣ୍ଡ୍ରୀପଥର ଗାଁରେ ପାଲ ଟାଣି ଆଶ୍ରୟ ନେଇଛନ୍ତି। ଭୋର୍ରୁ ଉଠି ଭାଇ-ଭଉଣୀ ବାପାମାଁଙ୍କ ଖାଦ୍ୟ ପାନୀୟ ବ୍ୟବସ୍ଥା କରି ଘୁଡ଼କା ଧରି ବାହାରି ପଡ଼ନ୍ତି ଭିକ୍ଷା ବୃତ୍ତି ପାଇଁ। ଖାଦ୍ୟ ଅନ୍ୱେଷଣରେ ଗାଁ ଗାଁ ବୁଲି ଘୁଡ୍କା ବଜାଇ ଗୀତ, ଭଜନ ଗାଇ ଘର ଘର ବୁଲି ଭିକ୍ଷା ବୃତ୍ତି କରନ୍ତି। ଗାଁ ମାନଙ୍କରେ ସ୍ୱ ଇଚ୍ଛାରେ ଯିଏ ଯାହା ଦିଅଏ ହସ ଖୁସିରେ ଗ୍ରହଣ କରି ସନ୍ଧ୍ୟା ହେଲେ ଚାଲିଆସନ୍ତି ବାପା ମାଁ ପାଖକୁ। ଫଟା, ଦଦରା ପାଲ ତଳେ ରାତି କଟାଇଥାନ୍ତି। ପୂର୍ବରୁ ବାପା ବିନା ପ୍ରଧାନ ଘୁଡ଼କା ବଜାଇ ପରିବାର ଲୋକଙ୍କ ଭରଣ ପୋଷଣ କରିଆସୁଥିଲେ। ଆଖି ନ ଦିଶିବାରୁ ଏହି ବୃତ୍ତି ବନ୍ଦ ହୋଇଯାଇଥିଲା। ଏବେ ଦୁଇ ଭାଇଭଉଣୀ ଏହି ବୃତ୍ତି ଆପଣାଇ ନେଇଛନ୍ତି। ଯେଉଁଦିନ ଭାଇଭଉଣୀ ଭିକ୍ଷା ଗ୍ରହଣ କରି ଯାଇପାରନ୍ତି ନାହିଁ ଗାଁର ସ୍ଥାନୀୟ ଲୋକ ମାନେ ତାଙ୍କର ଖାଦ୍ୟ ବ୍ୟବସ୍ଥା କରିଦିଅନ୍ତି। ଏହିପରି ଅଭାବ ଅନାଟନ ଦୁଃଖ ରେ ରହି ଦୁଇ ଭାଇ ଭଉଣୀ ହସ ଖୁସିରେ ଗାଁ ଗାଁ ବୁଲି ନିଜ କଳା ପ୍ରଦର୍ଶନ କରି ଭିକ୍ଷା ଗ୍ରହଣ କରୁଛନ୍ତି।



## ସରେଇପାଲି ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଜମନକିରା, ୨୪।୨(ସମିସ):** ଜମନକିରା ବ୍ଲକ କୁଲୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ସରେଇପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସହାବିର ଆଲାମଙ୍କ ନେତୃତ୍ୱରେ ଏହି ବିଦ୍ୟାଳୟରେ ପ୍ରଥମ ଥର ପାଇଁ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଜମନକିରା ଗୋଷ୍ଠୀ ଶିକ୍ଷା ଅଧିକାରୀ କର୍ମଚାରୀ ନିରଞ୍ଜନ ନଏକ, ବୁଲୁ ସେଠ, ପୂର୍ବତନ ଶିକ୍ଷକ ଦିଲୀପ ବହିଦାର, ଭୁବନେଶ୍ୱର ଦ୍ୱିବେଦୀ, ଶିକ୍ଷକ ସଂଘ ସଭାପତି ଶ୍ରୀକାନ୍ତ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସ୍କୁଲ ଏସ୍ଏମ୍ସି ସଦସ୍ୟ, ବାଲାରମା, ଗରିଆ ବାହାଲ ଓ ସରେଇ ପାଲି ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ। ସ୍କୁଲ ସ୍ଥାପନର ୬୫ବର୍ଷ ପୂର୍ତ୍ତି ହୋଇଥିଲେ ମଧ ଏହା ପୂର୍ବରୁ ସ୍କୁଲରେ ବାର୍ଷିକ ଉତ୍ସବ ପାଳନ କରାଯାଇ ନଥିଲା। ସ୍କୁଲରେ ପ୍ରଥମ ଥର ବାର୍ଷିକ ଉତ୍ସବ ପାଳନ କରାଯାଉଥିବା ଯୋଗୁଁ ଅଭିଭାବକ ଓ ଗ୍ରାମବାସୀଙ୍କ ମନରେ ଖୁବ୍ ଉତ୍ସାହ ଥିବା ଦେଖିବାକୁ ମିଳିଥିଲା। ଉତ୍ସବରେ ସ୍କୁଲରେ ଅଧ୍ୟୟନ କରୁଥିବା ଓ ଆଲୁମିନି ଛାତ୍ରଛାତ୍ରୀ ମାନେ ବିଭିନ୍ନ ସଂକ୍ଷସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ କୋଶଲ ଚନ୍ଦ୍ର ରଣା, ଅଜିତା ଲାକ୍ରା ଓ ଭୀଷ୍ମ ବରର୍ତ୍ତୀଙ୍କ ସମେତ କ୍ଲଷ୍ଟରର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଆଞ୍ଚଳିକ ସାଧନ କର୍ମୀ ଉପସ୍ଥିତ ଥିଲେ।

## ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଦାବି

**ଜମନକିରା, ୨୨।୨(ସମିସ):** ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଜମନକିରା ବ୍ଲକ ସଦର ମହକୁମା କଦଳିମୁଣ୍ଡା ଠାରେ ପ୍ରାୟ ୪୧ଲକ୍ଷ ଟଙ୍କା ବିନିମୟରେ ୧୦ହଜାର ଲିଟର ବିଶିଷ୍ଟ ଓଭରହେଡ ପାଣି ଟାଙ୍କି ନିର୍ମାଣ କରାଯାଇଛି। ଜମନକିରା ଅଞ୍ଚଳବାସୀଙ୍କୁ ସକାଳେ ୨ଘଣ୍ଟା ଓ ସନ୍ଧ୍ୟାରେ ୨ଘଣ୍ଟା ପାଣି ଯୋଗାଇବାର ନିୟମ ରହିଛି। ତେବେ କେବେଳ ସକାଳ ୨ଘଣ୍ଟା ପାଣି ଯୋଗାଇ ଦିଆଯାଉଥିବା ବେଳେ ସେଥିରେ ମଧ ଶୁଦ୍ଧତା ରହୁନାହିଁ। ଜମନକିରା ପଞ୍ଚାୟତବାସୀଙ୍କୁ ପ୍ରଦାନ କରାଯାଉଥିବା ପାଣିରୁ ଦୁର୍ଗନ୍ଧ ବାହାରିବା ସହ ମୃତ ପକ୍ଷୀଡେଣା ପଡ଼ିଥିବା ଗଣେଶ ସୁନାର, ରଞ୍ଜିତା ସୁନାର, ଗୋମତି କୁମୁରା, ପ୍ରମୁଖ ଅଭିଯୋଗ କରିଛନ୍ତି। ଏହା କେବଳ ପ୍ରଥମ ଥର ନୁହେଁ ଏପରି ଅନେକ ଥର ହେଲାଣି। ପଡ଼ାବାସୀ ଏ ନେଇ ଗ୍ରାମସଭାରେ ଅଭିଯୋଗ ମଧ୍ୟ କରୁଛନ୍ତି। ଅତିକମ୍‌ରେ ବର୍ତ୍ତମାନର ଗ୍ରୀଷ୍ମ ସମୟରେ ଲୋକେ ଯେପରି ବିଶୁଦ୍ଧ ପାନୀୟ ଜଳ ଟିକେ ପାଇପାରିବେ ସେଥିପ୍ରତି ଦୃଷ୍ଟି ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।



## ପର୍ଯ୍ୟଟନସ୍ଥଳ ଦେବଝରଣରେ ସଚେତନତା କାର୍ଯ୍ୟକ୍ରମ



**ଯୁଯୁମୁରା, ୨୪।୨(ସମିସ):** ସମ୍ବଲପୁର ସଦର ବନାଞ୍ଚଳ ଗଇଲଗୁଡ଼ି ବନସୁରକ୍ଷା ସମିତି ଓ ଦେବଝରଣ୍ ବିକାଶ ମଞ୍ଚ ପକ୍ଷରୁ ମିଳିତ ଭାବେ ବନ୍ୟଜନ୍ତୁଙ୍କ ସୁରକ୍ଷା ତଥା ଜନଜୀବନ ରକ୍ଷା ଓ ବନାଗ୍ନି ନିୟନ୍ତ୍ରଣ ଉପରେ ସଚେତନତା ଶିବିର ହୋଇଯାଇଛି। ଏଥିରେ ବନ ସୁରକ୍ଷା ସମିତିର ସଭ୍ୟସଭ୍ୟା, ଗ୍ରାମବାସୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଦେବଝରଣ ବିକାଶ ମଞ୍ଚର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଗ୍ରାମରେ ଏକ ସଚେତନତା ସଭା ହୋଇଥିଲା। ବନାଗ୍ନି ସଚେତନତା ପାଇଁ ପ୍ରଥମେ ଗଇଲଗୁଡି ଗ୍ରାମରେ ଶୋଭାଯାତ୍ରା ବାହାରିଥିଲେ। ନିଜେ ସଚେତନ ରହି ଅନ୍ୟମାନଙ୍କୁ ସଚେତନ କଲେ ବନାଗ୍ନି ରୋକାଯାଇ ପାରିବ ବୋଲି ମୁଖ୍ୟ ଅତିଥି ବନାଞ୍ଚଳ ଅଧିକାରୀ ହରିଶଙ୍କର ନାଏକ କହିଥିଲେ। ସମ୍ବଲପୁର ଜିଲ୍ଲାର ପର୍ଯ୍ୟଟନସ୍ଥଳୀ ତଥା ଦେବଝରଣ ଜଳପ୍ରପାତର ବିକାଶ ଏବଂ ଜଙ୍ଗଲ ନିଆଁ ନିର୍ବାପନର ସଚେତନତା ସୃଷ୍ଟି କରିବା ପାଇଁ ଦେବଝରଣ ବିକାଶ ମଞ୍ଚର ଆବାହକ ଅରୁଣ ଦେହୁରୀ ଆହ୍ୱାନ ଦେଇଥିଲେ। ଏହି ସଚେତନତା ଶିବିରକୁ ଗଇଲଗୁଡ଼ି ବନସୁରକ୍ଷା ସଭାପତି ରମଣୀ ଭୋଇ ପରିଚାଳନା କରିଥିବାବେଳେ କ୍ଷେତ୍ର ସଂଯୋଜକ ବୃନ୍ଦାବନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସଦର ବନାଞ୍ଚଳ ତରଫରୁ ବନାଞ୍ଚଳ ଅଧିକାରୀ ନାଏକ, ଦେବଝରଣ ବିକାଶ ମଞ୍ଚର ଆବାହକ ଦେହୁରୀ, ସଭାପତି ବିରେନ୍ଦ୍ର ଭୋଇ, ସଂପାଦକ ଗୈତମ ପ୍ରଧାନ, ବନପାଳ ରବୀନ୍ଦ୍ର ବେହେରା, ପ୍ରଣତି ମିଶ୍ର, ବନରକ୍ଷୀ ଲୀନା ଦାସ, ଭାଗ୍ୟଶ୍ରୀ ଦୀପ, କ୍ଷେତ୍ରସଂଯୋଜକ ବୃନ୍ଦାବନ ପ୍ରଧାନ, ଦଳପତି ପଙ୍କଜିନୀ ସାହୁ, ଉନ୍ନୟନ ଅଧିକାରୀ ଦେବେନ୍ଦ୍ର କୁମାର ନାୟକ ସାହୁ ପ୍ରମୁଖ ଯୋଗ ଦେଇଥିଲେ।




# କଂସ ବଧ ସହ ଖଣ୍ଡୋକଟା ଧନୁଯାତ୍ରା ଉଦ୍‌ଯାପିତ

**କୁଚିଣ୍ଡା, ୨୪।୨(ସମିସ)**

କୁଚିଣ୍ଡା ବ୍ଲକ ଖଣ୍ଡୋକଟା ଗ୍ରାମପଞ୍ଚାୟତ ଖଣ୍ଡୋକଟାରେ ଫେବୃଆରୀ ୨୦ତାରିଖରୁ ଆରମ୍ଭ ହୋଇଥିବା ୩୧ତମ ଧନୁଯାତ୍ରା ମହୋତ୍ସବ ଆଜି ଉଦ୍‌ଯାପିତ ହୋଇଛି। ଧନୁଯାତ୍ରା ପଡ଼ିଆର ମୁକ୍ତାକାଶ ରଙ୍ଗମଞ୍ଚରେ ଅଞ୍ଚଳର କଳାକାର ମାନଙ୍କୁ ନେଇ ପ୍ରଥମ ଦିନରେ ଗୋପପୁରରେ କଳସ ଶୋଭାଯାତ୍ରା, କୃଷ୍ଣ ବଳରାମଙ୍କ ପ୍ରତିଷ୍ଠା, ହୋମଯଜ୍ଞ ସହ କୃଷ୍ଣଗୁରୁ, ମହିଳା କୀର୍ତ୍ତନ ଆଦି ହୋଇଥିଲା। ମଥୁରା ନଗରୀରେ ରାଜଦରବାର ଉଦ୍‌ଘାଟନ, ବସୁଦେବ ଦେବକୀଙ୍କ ବିବାହ, ଉଗ୍ରେସନଙ୍କ ଗାଦିଚ୍ୟୁତି, କଂସ ଅଭିଷେକ, ଦେବକୀ ବସୁଦେବଙ୍କୁ ବନ୍ଦୀ ଏବଂ ନାରଦ ଗୃହ ପ୍ରେରଣ ଆଦି ନାଟ୍ୟାଭିନୟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜକୀୟ ଅତିଥି ଭାବେ ବହୁମାନ୍ୟ ଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ରହିଥିଲେ। ଦ୍ୱିତୀୟ ଦିନରେ ଗୋପପୁରରେ କୃଷ୍ଣ ଜନ୍ମ, ବିଜୁଳି କନ୍ୟାକୁ ଆଣିବା, କୃଷ୍ଣ ବଳରାମଙ୍କ ନାମକରଣ, ଲବଣି ଖୁଆ ହୋଇଥିବା ବେଳେ ମଥୁରା ନଗରୀରେ କଂସଙ୍କୁ ବିଜୁଳି କନ୍ୟାଙ୍କ ଶୂନ୍ୟବାଣୀ, ପୁତୁନା ପ୍ରେରଣ, ବଡ଼ମାଲ ଗ୍ରାମରେ ଦିଗ୍ ବିଜୟ, ଦୁର୍ମିଳା ରାକ୍ଷସ ବଧ ଆଦି ନାଟ୍ୟାଭିନୟ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜକୀୟ ଅତିଥି ଭାବେ କୁଚିଣ୍ଡା ଉପଜିଲ୍ଲାପାଳ ହେମାଗର ଭୋଇ, ବିଡ଼ିଓ ନିରଞ୍ଜନ ସା ପ୍ରମୁଖ ଯୋଗ ଦେଇଥିଲେ। ତୃତୀୟ ଦିନରେ ଗୋପପୁର ନନ୍ଦୋତ୍ସବ, ଲବଣି ଖିଆ, ପୁତୁନା ବଧ, ଷଣ୍ଢାଷୁର ବଧ ତଳପଡ଼ା ଛକରେ ହୋଇଥିବା ବେଳେ ମଥୁରା ନଗରୀରେ ମହାରାଜ କଂସଙ୍କ ନଗର ଭ୍ରମଣ, ଜରାସନ୍ଧ ବଧ, କଂସ ଦରବାରରେ ବକାସୁର,



ଶକଟାସୁର, ତୃଣାବର୍ତ୍ତ ପ୍ରେରଣ, ହେତି ପ୍ରହେତି ବିବାହ ଆଦି ହୋଇଥଇଲା। ସଂସ୍କୃତିକ କାର୍ଯ୍ୟକ୍ରମ ରେ କେଦାର ପଟେଲ କମିଡ଼ି ସୋ, ଅର୍କେଷ୍ଟ୍ରା ସହ ଫୁଲବାଣୀର ରଙ୍ଗନୃତ୍ୟ ଆଦି ହୋଇଥିଲା। ଏହି ଅବସରରେ ରାଜକୀୟ ଅତିଥି ଭାବେ ସ୍ଥାନୀୟ ବିଧାୟକ କିଶୋର ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ଅଜିତ ମହାପାତ୍ର, ବ୍ଲକ ଚେୟାରମ୍ୟାନ ଭୁବନେଶ୍ୱର କିସାନ ପ୍ରମୁଖ ଯୋଗଦେଇଥିଲେ। ଚତୁର୍ଥ ଦିନରେ ଗୋପପୁର ରେ ବକାସୁର ବଧ ଗାନ୍ଧିକଟାରେ ନାବକେଳି, ତୃଣାବର୍ତ୍ତ ବଧ, ମଥୁରା ନଗରୀରେ ରଙ୍ଗସଭା, ଅକ୍ରୂର ପ୍ରେରଣ ଆଦି ନାଟ୍ୟାଭିନୟ ହେବା ସହ କୁନି ବରର୍ତ୍ତିଙ୍କ ମହିଳା ଦଣ୍ଡ ନୃତ୍ୟ ଓ ଅର୍କେଷ୍ଟ୍ରା ହୋଇଥିଲା। ରାଜକୀୟ ଅତିଥି ଭାବେ ବିଜେପି ନେତୃମଣ୍ଡଳୀ, ସ୍ଥାନୀୟ ବ୍ୟକ୍ତି ଯୋଗଦେଇଥିଲେ। ପଞ୍ଚମ ଅର୍ଥାତ ଶେଷ ଦିବସରେ ଗୋପପୁରରେ ଅକୃର ରଥରେ ରାମ କୃଷ୍ଣଙ୍କ ଆଗମନ, କୁବୁଜା ଉଦ୍ଧାର, ମଥୁରା ନଗରୀରେ କୁବଳୟା ହସ୍ତି ସଙ୍ଗେ ରାମକୃଷ୍ଣଙ୍କ ଯୁଦ୍ଧ, ଚାଣୁର ମୁଷ୍ଟିକ ସଙ୍ଗେ କୃଷ୍ଣ ବଳରାମଙ୍କ ଆଗମନରେ ମହାରାଜ କଂସ ଥରହର ହୋଇ ମଞ୍ଚାରୁ ପଡ଼ି ଯାଇଥିଲେ। ଏହାପରେ କୃଷ୍ଣବଳରାମଙ୍କ ହାତରେ କଂସଙ୍କ ବଧ ହେବା ସହ ଧନୁଯାତ୍ରା ମହୋତ୍ସବ ଉଦଯାପିତ ହୋଇଥିଲଶ। ରାଜକୀୟ ଅତିଥି ରୂପେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ଏବଂ ଝାରସୁଗୁଡା ଜିଲ୍ଲାର ସମାଜସେବୀ ଟଙ୍କଧର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଯାତ୍ର କମିଟିର ସଭାପତି ରବି ନାରାୟଣ ନାୟକ, ଉପସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, ମୁରଲୀ ସୁନାନୀ, ସମ୍ପାଦକ ଧନୀରାମ ନାୟକ, ସହ ସମ୍ପାଦକ ଅର୍ଜୁନ ଦୁତିଆଚାନ୍ଦ, କୋଷାଧକ୍ଷ ଚନ୍ଦ୍ରମଣି ନାଏକ, ମଞ୍ଚ ପରିଚାଳକ କିଶୋର ଚନ୍ଦ୍ର ସାହୁଙ୍କ ସହ ଅଞ୍ଚଳବାସୀଙ୍କ ଉଦ୍ୟମରେ ଧନୁଯାତ୍ରା ଆକର୍ଷଣୀୟ ହୋଇଥିଲା। କୁଚିଣ୍ଡା ପୁଲିସର ନିରନ୍ତର ସେବା ଯୋଗୁଁ ଅନ୍ୟବର୍ଷ ତୁଳନାରେ ଏବର୍ଷ ଶାନ୍ତିଶୃଙ୍ଖଳା ସହ ଯାତ୍ରା ସମାପନ ହୋଇଥିଲା। ଧନୁଯାତ୍ରାକୁ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଦେଖଣାହାରୀ ଆସି ଯାତ୍ରା କୁ ଉପଭୋଗ କରିଥିଲେ। ଭଳିକି ଭଳି ଦୋକାନ, ବଜାର ବସି ଭିଡ଼କୁ ଦ୍ୱିଗୁଣ କରିଥିଲେ।

# ପତ୍ରପୋଡା ଓ ଗଣ୍ଡି ପୋକ ଚିନ୍ତାରେ ଧାନ ଚାଷୀ

**ପଦ୍ମପୁର, ୨୪।୨(ସମିସ):** ପଦ୍ମପୁର ଉପଖଣ୍ଡ କନସିଂହା ପଞ୍ଚାୟତ ଅଧିନସ୍ଥ ବଇଦପାଲି ଓ ନୁଆଁପାଲିରେ ରବି ଧାନ ଫସଲ ଗଛର ପତ୍ର ସବୁ ହଳିଦିଆ ହୋଇ ପୋଡି ଯାଉଥିବା ସହ ଗଣ୍ଡି ପୋକ ନିୟନ୍ତ୍ରଣ ହେଉନାହିଁ।



କୀଟନାଶକ ପ୍ରୟୋଗ କଲେ ମଧ୍ୟ କାମ ଦେଉନାହିଁ। ସେଥିପାଇଁ ଚାଷୀମାନେ ଚିନ୍ତାରେ ଅଛନ୍ତି। ଧାନ ଚାଷ ପାଇଁ କ୍ଷେତ୍ର ପ୍ରସ୍ତୁତି, ସାର, କୀଟନାଶକ, ପହ୍ଲାରୁଆ ଓ ଆନୁସାଙ୍ଗିକ କାର୍ଯ୍ୟ ପାଇଁ ଖର୍ଚ୍ଚାନ୍ତ ହୋଇଛନ୍ତି। ଧାନର ରୋଗ ପୋକ ନିୟନ୍ତ୍ରଣ ହେଉ ନ ଥିବାରୁ ଆର୍ଥିକ, ମାନସିକ ଚିନ୍ତାର ଶୀକାର ହୋଇଛନ୍ତି ଚାଷୀବୃନ୍ଦ। ଘଟଣାକୁ କୃଷି ଅଧିକାରୀମାନେ ସମୀକ୍ଷା କରି କ୍ଷୟକ୍ଷତି ଆକଳନ କରି ସହାୟତା ପାଇଁ ଚାଷୀମାନେ ଦାବି କରିଛନ୍ତି।

# ରାସନ କାର୍ଡ଼ଧାରୀଙ୍କୁ ବ୍ୟାଗ୍‌: ଟଙ୍କା ପ୍ରଦାନ

**ବରଗଡ଼, ୨୪।୨(ସମିସ):** ବରଗଡ଼ ଜିଲ୍ଲା ରେମଣ୍ଡାଠାରେ ମଧୁବାବୁ ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା ବିଜୁ ଜନତାଦଳର ସଭାନେତ୍ରୀ ତଥା ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ରେମଣ୍ଡା ପଞ୍ଚାୟତ ଇଓ ରାଧାକାନ୍ତ ପ୍ରଧାନ ପରିଚାଳନା କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଭେଡେନ ବ୍ଲକ ବିଡିଓ ତ୍ରିପୁରା ମହାନନ୍ଦ, ବ୍ଲକ ଉପାଧ୍ୟକ୍ଷ ଡୋଳାମଣି କ୍ଷେତି, ଜିଲ୍ଲା ପରିଷଦ ସଭ୍ୟା ପିଙ୍କି ବଡ୍ରେଇ, ସରପଞ୍ଚ ଉଦ୍ଧବ ବାରିକ, ସମିତି ସଭ୍ୟା ରିଙ୍କି ସେଠ ଯୋଗ ଦେଇଥିଲେ। ମୁଖ୍ୟଅତିଥି ବୟୋଜ୍ୟେଷ୍ଠ, ଭିନ୍ନକ୍ଷମ ମାନଙ୍କୁ ମଧୁବାବୁ ନୂତନ ଭତ୍ତା ୩୪୦ ଜଣ ଓ ରାସନ କାର୍ଡ଼ଧାରୀ ୩୦ଜଣଙ୍କୁ ୧ହଜାର ଟଙ୍କା ଓ ୨ଟି ଝୋଟ ବ୍ୟାଗ ପ୍ରଦାନ କରିଥିଲେ। ରେମଣ୍ଡା ପଞ୍ଚାୟତ ୱାର୍ଡ ସଭ୍ୟ ସଭ୍ୟା ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଯୁବ ନେତା ମୋହନ ଦୋରା, ଦୁର୍ଯ୍ୟୋଧନ ସେଠ, ସଞ୍ଜୟ ଭୋଇ ପ୍ରମୁଖ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।



# ୭୩୩ ହିତାଧିକାରୀଙ୍କୁ ମିଳିଲା ମଧୁବାବୁ ପେନ୍‌ସନ୍‌

**ଅମ୍ବାଭୋନା, ୨୪।୨(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ପରିସରରେ ଶନିବାର ୧୫ଟି ପଞ୍ଚାୟତ ଅନ୍ତର୍ଗତ ୯୦ଟି ରାଜସ୍ୱ ଗ୍ରାମ ଏବଂ ୬ଟି ଅଣ ରାଜସ୍ୱ ଗ୍ରାମର ୭୩୩ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇ ହଜାରେ ଟଙ୍କା ଲେଖାଏଁ ଭତ୍ତା ଦିଆଯାଇଛି। ଅମ୍ବାଭୋନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଙ୍କର ବାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଟିକେଶ୍ୱର ପଟେଲ ଭତ୍ତା ଟଙ୍କା ପ୍ରଦାନ କରିଥିଲେ। ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ, ଜିଲ୍ଲା ପରିଷଦ ସଭ୍ୟା ନୀଳକୁମାରୀ ନାୟକ, ସମସ୍ତ ପଞ୍ଚାୟତସ୍ତରୀୟ ଜନ ପ୍ରତିନିଧି ଉପସ୍ଥିତ ରହି ବାର୍ଦ୍ଧକ୍ୟ, ବିକଳାଙ୍ଗ, ଅବିବାହିତ ମହିଳା, ସ୍ୱାମୀ ପରିତ୍ୟକ୍ତା ଆଦି ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ।



ସିକନ୍ଦରାବାଦ ହେଉଥିଲା ଚାଲାଣ

# ସର୍ଦ୍ଦାର କବଳରୁ ଖସି ଆସିଲେ ଛତିଶଗଡ଼ର ୧୨ ଦାଦନ ଶ୍ରମିକ

**ବରଗଡ଼, ୨୪।୨(ସମିସ)**

ସିକନ୍ଦରାବାଦ ଚାଲାଣ ବେଳେ ସର୍ଦ୍ଦାର କବଳରୁ ଛତିଶଗଡ଼ ଅଞ୍ଚଳର ୧୨ ଜଣ ଦାଦନ ଶ୍ରମିକ ଖସି ଆସିଛନ୍ତି। ବରଗଡ଼ ପୁଲିସ ସେମାନଙ୍କୁ ଉଦ୍ଧାର କରି ଗାଁକୁ ଫେରିବାରେ ସହାୟତା କରିଛି। ମିଳିଥିବା ସୂଚନା ଅନୁସାରେ ଛତିଶଗଡ଼ ରାଜ୍ୟ ବସନା ଥାନା ମେଦିନିପୁର

**୨ ଦିନ ବରଗଡ଼ ଷ୍ଟେସନ ବାହାରେ ଜଗିଥିଲା ସର୍ଦ୍ଦାର**

**ପୁଲିସ ସହାୟତାରେ ଗାଁକୁ ଫେରିଲେ**

ଏବଂ ସାଲେତରେଇ ଗାଁର ୧୨ ଜଣ ଶ୍ରମିକଙ୍କୁ ଜନୈକ ଦାଦନ ସର୍ଦ୍ଦାର ରାୟଗଡ଼ା ନେବାକୁ କହି ସିକନ୍ଦରାବାଦ ନେଉଥିବା ବେଳେ ସେମାନେ କୌଶଳ କ୍ରମେ ଖସି ଆସିବାରେ ସକ୍ଷମ ହୋଇଥିଲେ। ସମ୍ପୃକ୍ତ ଶ୍ରମିକମାନେ ବରଗଡ଼ ଜିଲ୍ଲା ଗୋଡଭଗା ଅଞ୍ଚଳର ଜନୈକ ଦଲାଲର ପ୍ରରୋଚନାରେ ପଡ଼ି ଗତ ଗୁରୁବାର ଗାଁରୁ ବାହାରିଥିଲେ। ପ୍ରଥମେ ସେମାନେ ଗୋଡଭଗାରେ ପହଞ୍ଚିଥିବା ବେଳେ ସେମାନଙ୍କୁ ସମ୍ବଲପୁରରୁ ଟ୍ରେନ ଯୋଗେ ରାୟଗଡ଼ା



ଅଭିମୁଖେ ନିଆଯାଇଥିଲା। ରାୟଗଡ଼ାରେ ଇଟା ଗଢ଼ିବା ପାଇଁ ସର୍ଦ୍ଦାର ନେଉଥିବା କହିଥିବା ବେଳେ ବଲାଙ୍ଗୀରରେ ସେମାନଙ୍କୁ ସିକନ୍ଦରାବାଦ ନିଆଯାଉଥିବା ଜାଣିବାକୁ ପାଇଥିଲେ ଏବଂ କୌଶଳକ୍ରମେ ଖସି ଆସିଥିଲେ। ଶୁକ୍ରବାର ସକାଳେ ବଲାଙ୍ଗୀର ରେଳ ଷ୍ଟେସନରେ ସେମାନେ ଓହ୍ଲାଇ ସେଠାକାର ରେଳବାଇ ପୁଲିସକୁ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ଯାହାକୁ ନେଇ ପୁଲିସ ଟ୍ରେନ ଯୋଗେ ସେମାନଙ୍କୁ ବରଗଡ଼ ପଠାଇ ଦେଇଥିଲା। ତେବେ ଉପରୋକ୍ତ ଶ୍ରମିକମାନେ ବରଗଡ଼ ପହଞ୍ଚିବା ପରେ ଦାଦନ ସର୍ଦ୍ଦାର ସମସ୍ତ ଘଟଣା ଜାଣି ବରଗଡ଼ ରେଳ ଷ୍ଟେସନରେ ଜଗି ରହିଥିଲା। ଯାହାକୁ ନେଇ ସମ୍ପୃକ୍ତ ଶ୍ରମିକ ମାନେ ଶୁକ୍ରବାର ଠାରୁ ବରଗଡ଼ ଷ୍ଟେସନର ଟିକେଟ କାଉଣ୍ଟର ଭିତରେ ବସି ରହିଥିଲେ। ଘଟଣା ସମ୍ପର୍କରେ ଶନିବାର ସନ୍ଧ୍ୟାରେ କିଛି ଗଣମାଧ୍ୟମ ପ୍ରତିନିଧି ଜାଣିବାକୁ ପାଇ ଷ୍ଟେସନରେ ପହଞ୍ଚି ଘଟଣା ସମ୍ପର୍କରେ ପୁଲିସକୁ ଖବର ଦେଇଥିଲେ। ଅପରପକ୍ଷେ ଶୁକ୍ରବାର ରାତିରୁ ଦାଦନ ସର୍ଦ୍ଦାର ତାର କିଛି ସହଯୋଗୀ ସହ ଷ୍ଟେସନ ବାହାରେ ଜଗି ରହିଥିବା ବେଳେ ପୁଲିସ ପହଞ୍ଚୁଥିବା ଜାଣି ସେଠାରୁ ଫେରାର ହୋଇ ଯାଇଥିଲା। ଅପରପକ୍ଷେ ବରଗଡ଼ ପୁଲିସ ସେମାନଙ୍କୁ ଉଦ୍ଧାର କରି ବସ ଯୋଗେ ଛତିଶଗଡ଼ ପଠାଇଥିଲା। ଉଦ୍ଧାର ହୋଇଥିବା ଶ୍ରମିକମାନେ ଛତିଶଗଡ଼ ରାଜ୍ୟ ବସନା ଥାନା ମେଦିନିପୁରର ଶିବ ସୋନା, ନିରା ସୋନା, ରୁକ୍ମଣୀ ସୋନା, ପ୍ରଦୀପ ସୋନା, ଓମପ୍ରକାଶ ସୋନା, ଦିବ୍ୟା ସୋନା, ଶ୍ୟାମ ସୁନା, ସାଲେତରେଇର ଚନ୍ଦ୍ରଭାନୁ ସିନ୍ଧରିଆ, ଜୟପ୍ରକାଶ ଭରାସାଗର, ସବିତା ସିନ୍ଧରିଆ ଏବଂ ଅଜୟ ସିନ୍ଧରିଆ ବୋଲି ଜଣାପଡ଼ିଛି। ସେମାନଙ୍କ ସହ ୨ ଟି ଛୋଟ ଛୁଆ ମଧ୍ୟ ରହିଥିବା ବେଳେ ବରଗଡ଼ ପୁଲିସକୁ ଉଦ୍ଧାର ଶ୍ରମିକମାନେ ଧନ୍ୟବାଦ ଜଣାଇଛନ୍ତି। ଅପରପକ୍ଷେ ସମ୍ପୃକ୍ତ ଦାଦନ ସର୍ଦ୍ଦାର ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି।

# ଦହିତାରେ ସତ୍ୟ ନାରାୟଣ ପୂଜା

**ଦହିତା, ୨୪।୨(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଦହିତା ଠାରେ ସତ୍ୟ ନାରାୟଣ ପୂଜା ଅନୁଷ୍ଠିତ ହୋଇଥିଲା। ବହୁ ପୁରାତନ ଯୁଗରୁ ଏହି ପୂଜା ଦହିତା ଗ୍ରାମରେ ହୋଇ ଆସୁଛି। ଏବର୍ଷ ପୂଜାର କର୍ତ୍ତା ଭାର ତୁଲାଇ ଛନ୍ତି ସୁଦାମ ଭୋଇ ଓ ରଶ୍ମିତା ଭୋଇ। ଶେଷଦେବ ଭୋଇ, ବଳଦେବ ଭୋଇ ଓ ଜୟ ବିହାରୀ ମାଝୀ ପୂଜା କାର୍ଯ୍ୟ କରିଛନ୍ତି। ତିନି ଦିନ ଧରି ଏହି ପୂଜାରେ ମିନା ବଜାର, ପୁରାଣ ପଠନ, କୀର୍ତ୍ତନ ଧାରା, ଅପେରା, ଦଣ୍ଡ ନୃତ୍ୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ହେବାର ଅଛି। ପୂଜା କମିଟିର ସଭାପତି ଜପ ଭୋଇ, ସମ୍ପାଦକ ଦୀପକ ଭୋଇ ଏବଂ ପୂଜାର ପ୍ରମୁଖ ଭୂମିକା ତୁଲାଉଥିବାବେଳେ କଳାଚାନ୍ଦ ବିଶ୍ୱାଳ ଓ କିଶୋର ଭୋଇଙ୍କ ନେତୃତ୍ୱରେ ପୂଜା ହୋଇ ଆସୁଛି। ସତ୍ୟ ନାରାୟଣ ଯୁବକ ସଂଘ ଓ ଶବର ପଡ଼ାର ସଭ୍ୟ ଓ ଗ୍ରାମ ବାସିନ୍ଦା ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।



# ବିଭିନ୍ନ ପଞ୍ଚାୟତର ୨୫୦୦ରୁ ଊର୍ଦ୍ଧ୍ୱ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



**ବରଗଡ଼, ୨୪।୨(ସମିସ):** ବରଗଡ଼ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ୨୫୦୦ରୁ ଊର୍ଦ୍ଧ୍ୱ ନୂତନ ହିତାଧିକାରୀଙ୍କୁ ଶନିବାର ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ମଧୁବାବୁ ପେନସନ ବଣ୍ଟନ କରାଯାଇଛି। ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ପୁଷ୍ପା ଭୋଇ ପ୍ରଭାସିନୀ ପ୍ରଧାନ, ମୀନାକ୍ଷୀ ପାଣ୍ଡେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା ପ୍ରମୁଖଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟା ଉପସ୍ଥିତ ରହିଥିଲେ। ମଧୁବାବୁ ପେନସନକୁ ମୁଖ୍ୟମନ୍ତ୍ରୀ ବୃଦ୍ଧି କରିଥିବାରୁ ଉପସ୍ଥିତ ସମସ୍ତ ହିତାଧିକାରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ।

# ଗିରି ଗୋବର୍ଦ୍ଧନ ପୀଠରେ ବାର୍ଷିକ ସତସଙ୍ଗ

**ଗୁଡେରପାଲି, ୨୪।୨(ସମିସ):** ଗାଇସିଲେଟ ବ୍ଲକ ଅନ୍ତର୍ଗତ ଚିଖିଲି ଗ୍ରାମପଞ୍ଚାୟତର କମଲପଦର କୁସମେଲ ଡୁଙ୍ଗୁରିର ଗିରି ଗୋବର୍ଦ୍ଧନ ପୀଠରେ ବାର୍ଷିକ ସତସଙ୍ଗ ଅନୁଷ୍ଠିତ ହୋଇଯାଇଛି। ତେଜରାଜ ସାହୁ ସହ ପତ୍ନୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ପଣ୍ଡିତ ବଶିଷ୍ଠ କର ପୂଜାର୍ଚ୍ଚନା କରିଥିଲେ। ଏଥିରେ ଚାଷୀନେତା କିଶୋର ଚନ୍ଦ୍ର ଦେବତା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବାବେଳେ ନିତ୍ୟାନନ୍ଦ ମହାରାଜ ଓ ରମେଶ ବାରିକ ପ୍ରବଚନ ପ୍ରଦାନ କରିଥିଲେ। ଏହି ଅବସରରେ ଅଞ୍ଚଳର ବରିଷ୍ଠ ନାଗରିକମାନଙ୍କୁ ସମ୍ମାନିତ କରାଯାଇଥିଲା। ଶତାଧିକ ଭକ୍ତ ଅଂଶଗ୍ରହଣ କରି ହରି କଥାମୃତ ଶ୍ରବଣ କରିଥିଲେ।



# ଖୁବଶୀଘ୍ର ଲୋକାର୍ପଣ ହେବ ବରଗଡ଼ ସ୍ମାର୍ଟ ପାର୍କ







- ଶିବପାର୍ବତୀଙ୍କ ଯୁଗଳ ମୂର୍ତ୍ତି ଓ ସୂର୍ଯ୍ୟ ନମସ୍କାରର ପ୍ରତିମୂର୍ତ୍ତି ଆକର୍ଷଣୀୟ
- ପିଲାଙ୍କୁ ଆକୃଷ୍ଟ କରିବ ସ୍ମାର୍ଟ ପାର୍କ

**ବରଗଡ଼, ୨୪।୨(ସମିସ)**

ଓଡ଼ିଶା ସରକାର ସ୍କୁଲ, କଲେଜ ଓ ହସପିଟାଲ ଆଦି ରୂପାନ୍ତରିକରଣ କରିବା ସହ ବିଭିନ୍ନ ମନ୍ଦିରର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ହାତକୁ ନେଇଛନ୍ତି। ସେହିପରି ଜନସାଧାରଣଙ୍କ ଆମୋଦପ୍ରମୋଦ ପାଇଁ ବିଭିନ୍ନ ସ୍ଥାନରେ ସ୍ମାର୍ଟ ପାର୍କ ଆଦି ନିର୍ମାଣ କରିଛନ୍ତି। ଏହି କ୍ରମରେ ବରଗଡ଼ ସହରରେ ଏକ ସ୍ମାର୍ଟ ପାର୍କ ନିର୍ମାଣ ହୋଇଥିବା ସହ ଖୁବ ଶୀଘ୍ର ଏହା ଲୋକାର୍ପଣ ହେବ ବୋଲି ସୂଚନା ମିଳିଛି। ବରଗଡ଼ ସହରରେ ରହିଛି ସର୍ବ ପୁରାତନ ମହାତ୍ମା ଗାନ୍ଧୀ ଶିଶୁ ଉଦ୍ୟାନ। ଯାହାକି ସହରବାସୀଙ୍କ ଅବସର ବିନୋଦନର ଏକମାତ୍ର ପାର୍କ। ବିଗତ ଦିନରେ ଏହି ପାର୍କର ଉନ୍ନତିକରଣ କରାଯାଇ ଏହାର ସୌନ୍ଦର୍ଯ୍ୟକରଣକୁ ଦ୍ୱିଗୁଣିତ କରାଯାଇଛି। କ୍ରମବର୍ଦ୍ଧିଷ୍ଣୁ ବରଗଡ଼ ସହର ପାଇଁ ଉପରୋକ୍ତ ପାର୍କ ବ୍ୟତିତ ବ୍ୟସ୍ତ ବହୁଳ ଜୀବନରେ କିଛି ସମୟ ବିତାଇବା ପାଇଁ ଅନ୍ୟ କିଛି ମାଧ୍ୟମ ନାହିଁ କହିଲେ ଚଳେ। ଯାହାକୁ ନେଇ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଅନୁରୋଧ ତଥା ଉଦ୍ୟମ କ୍ରମେ ରାଜ୍ୟ ସରକାରଙ୍କ ଦ୍ୱାରା ସହର କିଛି ଦୂର ପଞ୍ଚାୟତ କଲେଜ ନିକଟରେ ଏକ ସ୍ମାର୍ଟ ପାର୍କ ନିର୍ମାଣ କରାଯାଇଛି। ଉକ୍ତ ସ୍ମାର୍ଟ ପାର୍କର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଥିବା ବେଳେ ଖୁବ ଶୀଘ୍ର ଏହା ଉଦ୍‌ଘାଟନ ହେବ ବୋଲି ଜଣାପଡ଼ିଛି। ବରଗଡ଼-ରୋହଣିଆଁ ରାସ୍ତାର ପଞ୍ଚାୟତ କଲେଜ ସମ୍ମୁଖରେ ଥିବା ଏକ ବିରାଟ ପଥର ଚଟାଣ ଉପରେ ଏହି ସ୍ମାର୍ଟ ପାର୍କ ନିର୍ମିତ ହୋଇଛି। ସାଢ଼େ ତିନି ଏକର ଜମିରେ ନିର୍ମିତ ଏହି ପାର୍କର ମଧ୍ୟସ୍ଥଳରେ



ଶିବପାର୍ବତୀଙ୍କ ଯୁଗଳ ମୂର୍ତ୍ତି ରହିଛି। ସେହିପରି ପାର୍କ ମଧ୍ୟରେ ସୂର୍ଯ୍ୟ ନମସ୍କାରର ପ୍ରତିମୂର୍ତ୍ତି ରହିଥିବା ବେଳେ କୃତ୍ରିମ ଝରଣା ସହ ଅତ୍ୟାଧୁନିକ ଆଲୋକୀକରଣର ବ୍ୟବସ୍ଥା କରାଯାଇଛି। ପାର୍କ ମଧ୍ୟରେ ବିରାଟକାୟ ଲନ୍‌, ୱାକିଂ ପାଇଁ ପାଦଚଲା ରାସ୍ତା, ପାଣିର ଫୁଆର, ଖୋଲା ବ୍ୟାୟାମଶାଳା, ଛୋଟ ପିଲାଙ୍କ ପାଇଁ ବିଭିନ୍ନ ଖେଳଣା ଓ ଝୁଲା ଆଦି ଛୋଟ ଶିଶୁ ତଥା ବୟସ୍କମାନଙ୍କୁ ବେଶ ଆକୃଷ୍ଟ କରିବ। ସେହିପରି ସ୍ମାର୍ଟ ପାର୍କ ମଧ୍ୟରେ କେଣ୍ଟିନ, ପାନୀୟ ଜଳ ବ୍ୟବସ୍ଥା ରହିଥିବା ବେଳେ ଛୋଟ ଛୋଟ ଶିଶୁମାନଙ୍କ ପାଇଁ ଆଗାମୀ ଦିନରେ ଟୟ ଟ୍ରେନର ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଛି। ଉନ୍ନୟନ ପାଣ୍ଠିରୁ ୯୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ପାର୍କ ନିର୍ମାଣ ହୋଇଥିବା ବେଳେ ପରେ ଆହୁରି ୫୫ ଲକ୍ଷ ଟଙ୍କା ଅନୁଦାନରେ ପାର୍କର ସୌନ୍ଦର୍ଯ୍ୟକରଣ କରାଯାଇଥିବା ନେଇ ସୂଚନା ମିଳିଛି। ଏହି ସ୍ମାର୍ଟ ପାର୍କ ଦ୍ୱାରା ବରଗଡ଼ ସହର ସମେତ ରୋହଣିଆଁ, ଧାଙ୍ଗେର ତଥା ଆଖପାଖ ଅଞ୍ଚଳର ଲୋକେ ଅବସର ବିନୋଦନ କରିପାରିବେ। ସେହିପରି ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ମଧ୍ୟ ଏହି ସ୍ମାର୍ଟ ପାର୍କ ବେଶ ଆକୃଷ୍ଟ କରିବ। ବରଗଡ଼ ପୌର ପରିଷଦ ତରଫରୁ ନିର୍ମାଣ ହୋଇଥିବା ଏହି ପାର୍କ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଆଗାମୀ ୨୯ ତାରିଖରେ ଉଦଘାଟିତ ହେବ ବୋଲି ସୂଚନା ମିଳିଛି। ଏହି ପାର୍କ ଉଦଘାଟନ ପରେ ଜନସାଧାରଣଙ୍କ ଅବସର ବିନୋଦନର ଏକ ପ୍ରକୃଷ୍ଟ ସ୍ଥାନ ଭାବରେ ପରିଗଣିତ ହେବ।

## ୭ମ ଭେଡେନ ପ୍ରିମିୟର ଲିଗ୍‌ କ୍ରିକେଟ୍‌ ଟୁର୍ଣ୍ଣାମେଣ୍ଟ

# ଭେଡ଼େନ ପାୱାର ହିଟର ବିଜୟୀ

**ଭେଡେନ, ୨୪।୨(ସମିସ):** ଭେଡେନ ସ୍ଥିତ ରଣଜିତା ମିନି ଷ୍ଟାଡିୟମ ଠାରେ ଏଫ.ସି.କ୍ଲବ ଆନୁକୂଲ୍ୟରେ ଚାଲିଥିବା ସପ୍ତମ ଭେଡେନ ପ୍ରିମିୟର ଲିଗ (ବିପିଏଲ) କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶନିବାର ଅନୁଷ୍ଠିତ ଫାଇନାଲ ମ୍ୟଚ ପାୱାର ହିଟର ଭେଡେନ ଓ କ୍ରେଜି ଷ୍ଟ୍ରାଇକର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କ୍ରେଜି ଷ୍ଟ୍ରାଇକର ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୯୦ରନ ସଂଗ୍ରହ କରିଥିଲା। ଏହାର ଜବାବରେ ପାୱାର ହିଟର ଭେଡେନ ଦଳ ୫.୪ ଓଭରରେ ୧ ଉଇକେଟ ହରାଇ ୯୩ରନ କରି ବିଜୟୀ ହୋଇଥିଲା। ପାୱାର ହିଟର ଭେଡେନର ପିଣ୍ଟୁ ରୋହିଦାଶ ୨୫ ରନ ଦେଇ ୩ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଅନୁଷ୍ଠିତ ଖେଳକୁ ଝସକେତନ ସୁନା ଓ ଜ୍ୟୋତିରଞ୍ଜନ ବନଛୋର ପରିଚାଳନା କରିଥିବାବେଳେ ସ୍କୋରର ଭାବରେ ସୁଜୟ ମେହେର, ଚନ୍ଦନ ସରାଫ ଦାୟିତ୍ୱ ତୁଲାଇଥିଲେ। ସୁଦାମ ମେହେର ଓ କିଶୋର ପଧାନ ଧାରାବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବରେ ରେକର୍ଡ ବ୍ରେକର ଦଳର ମାଲିକ ଦିଲିପ ବିଶ୍ୱାଳ ଯୋଗଦାନ କରିଥିଲେ।



## ଆନ୍ଧ୍ରରେ ଏକାଠି ଲଢ଼ିବେ ଟିଡିପି-ଜନସେନା

ହାଇଦରାବାଦ, ୨୪।୨ (ଏଜେନ୍ସି): ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନରେ ତେଲୁଗୁ ଦେଶମ ପାର୍ଟି (ଟିଡିପି) ଏବଂ ଜନସେନା ଏକାଠି ଲଢ଼ିବାକୁ ଘୋଷଣା କରିଛନ୍ତି। ଉଭୟ ଦଳର ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ ଏବଂ ପବନ କଲ୍ୟାଣ ନିର୍ବାଚନ ପାଇଁ ଶନିବାର ୧୧୮ ଜଣ ପ୍ରାର୍ଥୀଙ୍କ ପ୍ରଥମ ତାଲିକା ଜାରି କରିଛନ୍ତି। ଟିଡିପି ୯୪ ଏବଂ ଜନସେନା ୨୪ ଆସନରେ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛି। ୩ ଲୋକସଭା ଆସନରେ ମଧ୍ୟ ପବନ କଲ୍ୟାଣଙ୍କ ଜନସେନା ପ୍ରତିଦ୍ୱନ୍ଦ୍ୱିତା କରିବ। ଆନ୍ଧ୍ରରେ ୧୭୫ ବିଧାନସଭା ଏବଂ ୨୫ ସଂସଦ ଆସନ ରହିଛି। ଚଳିତ ବର୍ଷ ଏକାସଙ୍ଗେ ଉଭୟ ନିର୍ବାଚନ ଅନୁଷ୍ଠିତ ହେବ।

## ବିଲ୍‌କିସ୍ ବାନୋ ଦୋଷୀଙ୍କୁ ପାରୋଲ୍

ଅହମଦାବାଦ, ୨୪।୨ (ଏଜେନ୍ସି): ବିଲ୍‌କିସ୍ ବାନୋ ଦୁଷ୍କର୍ମ ମାମଲାର ଦୋଷୀ ରମେଶ ଚନ୍ଦନାଙ୍କୁ ଗୁଜରାଟ ହାଇକୋର୍ଟ ଶୁକ୍ରବାର ୧୦ ଦିନ ପାଇଁ ପାରୋଲ ଦେଇଛନ୍ତି। ମାର୍ଚ୍ଚ ୫ରେ ହେବାକୁ ଥିବା ନିଜ ଭାଣେଜୀ ବାହାଘରରେ ସାମିଲ ହେବା ପାଇଁ ଦୋଷୀଙ୍କୁ ଏହି ପାରୋଲ ମିଳିଛି। ସେ ଏଥିପାଇଁ ଗତ ସପ୍ତାହରେ ଆବେଦନ କରିଥିଲେ। ଏହା ପୂର୍ବରୁ ମଧ୍ୟ ତାଙ୍କୁ ଦୀର୍ଘ ଦିନ ପର୍ଯ୍ୟନ୍ତ ପାରୋଲ ମିଳିଥିଲା। ସେହିପରି ମାମଲାର ଅନ୍ୟ ଏକ ଦୋଷୀ ପ୍ରଦୀପ ମୋଧିଆକୁ ଗତ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ହାଇକୋର୍ଟ ପାରୋଲ ପ୍ରଦାନ କରିଥିଲେ। ସୁପ୍ରିମକୋର୍ଟରେ ରାଜ୍ୟ ସରକାର ଦେଇଥିବା ସତ୍ୟପାଠ ଅନୁଯାୟୀ ଚନ୍ଦନା ୨୦୦୮ ରୁ ଏ ପର୍ଯ୍ୟନ୍ତ ୧୧୯୮ ଦିନର ପାରୋଲ ଏବଂ ୩୭୮ ଦିନର ଛୁଟି ନେଇଥିଲେ।

## ମଣିପୁରରେ ପୁଣି ହିଂସା; ଜଣେ ମୃତ

ଇମ୍ଫାଲ, ୨୪।୨ (ଏଜେନ୍ସି): ମଣିପୁରରେ ପୁଣି ହିଂସା ହୋଇଛି। ଇମ୍ଫାଲ ୱେଷ୍ଟର ତାଙ୍ଗମେଇବେଣ୍ଡର ସ୍ଥିତ ଡିଏମ କଲେଜ ବାହାରେ ଶୁକ୍ରବାର ରାତି ୯ଟା୨୫ରେ ଆଇଇଡି ବିସ୍ଫୋରଣ ହୋଇଛି। ଏଥିରେ ୨୪ ବର୍ଷୀୟ ଆଇନମ କେନେଗିଙ୍କ ମୃତ୍ୟୁ ହୋଇଛି। ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଡାକ୍ତରଖାନାରେ ଆହତଙ୍କ ଚିକିତ୍ସା ଚାଲିଛି। ଏହା ବ୍ୟତୀତ ବିଳମ୍ବିତ ରାତିରେ ଇମ୍ଫାଲ ଇଷ୍ଟରେ ଥିବା ୟୁନାଇଟେଡ କମେଟ ମଣିପୁର ଏନ୍‌ଜିଓର କାର୍ଯ୍ୟାଳୟକୁ ଉପଦ୍ରବୀ ଜାଳି ଦେଇଛନ୍ତି। ପୁଲିସ ଏହି ମାମଲାର ତଦନ୍ତ କରୁଛି। ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି। ନିଆଁ ଲଗାଇବା ସମୟରେ କାର୍ଯ୍ୟାଳୟରେ କେହି ନ ଥିଲେ।

## ହଲଦ୍‌ୱାନୀ ହିଂସାର ମୁଖ୍ୟ ଅଭିଯୁକ୍ତ ଗିରଫ

ଡେରାଡୁନ୍,୨୪।୨(ଏଜେନ୍ସି): ହଲଦୱାନୀ ସହରରେ ଗତ ୮ ତାରିଖରେ ଘଟିତ ହିଂସା ଓ ଦଙ୍ଗାରେ ୫ଜଣଙ୍କର ଜୀବନ ଯାଇଛି। ସେହି ହିଂସାକାଣ୍ଡର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଅବଦୁଲ ମଲିକକୁ ଉତ୍ତରାଖଣ୍ଡ ପୁଲିସ୍ ଆଜି ନୂଆଦିଲ୍ଲୀରୁ ଗିରଫ କରିଛି। ହଲଦୱାନୀ ହିଂସା ଘଟଣାରେ ପୂର୍ବରୁ ୭୮ ଜଣଙ୍କୁ ଗିରଫ କରାଯାଇଛି। ନୈନିତାଲ ଜିଲ୍ଲାର ହଲଦୱାନୀରେ ଗତ ୮ ତାରିଖରେ ନାଜୁଲ(ସରକାରୀ ଜମି ଯାହା ରାଜସ୍ୱ ରେର୍କଡ ଲିପିବଦ୍ଧ ହୋଇନାହିଁ) ଜମିରେ ଥିବା ଏକ ମସଜିଦ୍ ଓ ଏକ ମାଦ୍ରାସାକୁ ସ୍ଥାନୀୟ ପ୍ରଶାସନ ଉଚ୍ଛେଦ କରିବାରୁ ମୁସଲିମ୍ ସମ୍ପ୍ରଦାୟର ଲୋକେ ଉତ୍ତ୍ୟକ୍ତ ହୋଇ ବ୍ୟାପକ ପୋଡ଼ାଜଳା, ଟେକାପଥରମାଡ଼, ପୁଲିସ ଷ୍ଟେସନ ଉପରେ ଆକ୍ରମଣ ଆଦି ଘଟାଇଥିଲେ। ଉପଦ୍ରବକାରୀଙ୍କୁ ଦେଖିବାମାତ୍ରେ ଗୁଳି ନିର୍ଦ୍ଦେଶ ଦିଆଯାଇଥିଲା।

# ସୂର୍ଯ୍ୟଙ୍କ କୋରୋନାରୁ ପ୍ଲାଜ୍‌ମା ବାହାରୁଥିବା ରେକର୍ଡ କଲା

### ଆଦିତ୍ୟ ଏଲ୍-୧କୁ ବଡ଼ ସଫଳତା



ନୂଆଦିଲ୍ଲୀ, ୨୪।୨ (ଏଜେନ୍ସି): ଭାରତର ସୂର୍ଯ୍ୟ ଅଭିଯାନ 'ଆଦିତ୍ୟ ଏଲ୍-୧'କୁ ବଡ଼ ସଫଳତା ମିଳିଛି। ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ର ଏହି ଯାନରେ ଲାଗିଥିବା ଇନ୍-ସିଟୁ ପେଲୋଡ଼ ପ୍ଲାଜମା ଆନାଲାଇଜର ପ୍ୟାକେଜ ଫର ଆଦିତ୍ୟ (ପାପା) ସୂର୍ଯ୍ୟଙ୍କ ବାହ୍ୟ କ୍ଷେତ୍ର କୋରୋନାରୁ ପ୍ଲାଜମା ବାହାରୁଥିବା ଘଟଣାକୁ ରେକର୍ଡ କରିଛି। ଏହି ଘଟଣାକୁ କୋରୋନଲ ମାସ ଇଜେକ୍ସନ (ସିଏମଇ) କୁହାଯାଇଥାଏ। ଏହା ସୂର୍ଯ୍ୟଙ୍କ କାର୍ଯ୍ୟକଳାପର ଅଧ୍ୟୟନରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ସିଏମଇ ସମୟରେ ସୌର ପବନରେ ଇଲକେଟ୍ରୋନ ଏବଂ ଆୟନର ସଂଖ୍ୟା ଅଧିକ ବୃଦ୍ଧି ପାଇଥିବା ପାପାର ସେନ୍‌ସର ରେକର୍ଡ କରିଛି। ଏହି ପେଲୋଡକୁ ବିକ୍ରମ ସାରାଭାଇ ସ୍ପେସ୍ ସେଣ୍ଟରର ସ୍ପେସ ଫିଜିକ୍ସ ଲାବରୋଟୋରୀ ଆଣ୍ଡ ଏଭିୟୋନିକ୍ସ ଏନଟିଟି ପ୍ରସ୍ତୁତ କରିଛି।

ଇସ୍ରୋ ପକ୍ଷରୁ କୁହାଯାଇଛି ଯେ ଏହା ପୂର୍ବରୁ ୨୦୨୩ ଡିସେମ୍ବର ୧୫ ଏବଂ ୨୦୨୪ ଫେବୃଆରୀ ୧୦-୧୧ରେ ସୂର୍ଯ୍ୟ ପୃଷ୍ଠରେ ସିଏମଇ ଘଟଣା ଘଟିଥିଲା। ପାପା ପେଲୋଡକୁ ସୌର ପବନରେ ଥିବା ଇଲେକଟ୍ରୋନ ଏବଂ ଆୟନର ସମୀକ୍ଷା ପାଇଁ ପ୍ରସ୍ତୁତ କରାଯାଇଛି। ଏଥିରେ ୨ଟି ସେନ୍‌ସର ସୋଲାର ୱିଣ୍ଡ ଇଲେକଟ୍ରୋନ ଏନର୍ଜି ପ୍ରୋବ (ସ୍ୱିପ) ଏବଂ ସୋଲାର ୱିଣ୍ଡ ଆୟନ କମ୍ପୋଜିସନ ଆନାଲାଇଜର (ସ୍ୱୀକାର) ଲାଗିଛି। ସ୍ୱିପ୍ ୧୦ ଇଲେକଟ୍ରୋନଭୋଲ୍ଟରୁ ନେଇ ୩ କିଲୋ ଇଲେକଟ୍ରୋନଭୋଲ୍ଟ ପର୍ଯ୍ୟନ୍ତ ଇଲେକଟ୍ରୋନ ଗଣନା କରିପାରିବ।

### ରାଜ୍ୟଗୁଡ଼ିକୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ

# ନିର୍ବାଚନ ପୂର୍ବରୁ ଅଧିକାରୀଙ୍କୁ ବଦଳି କର

ନୂଆଦିଲ୍ଲୀ, ୨୪।୨ (ଏଜେନ୍ସି):




ନିର୍ବାଚନ ପୂର୍ବରୁ ଅଧିକାରୀଙ୍କ ବଦଳିକୁ ନେଇ ନିର୍ବାଚନ କମିଶନ (ଇସି) ଶନିବାର ରାଜ୍ୟସରକାରମାନଙ୍କ ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ଏବେ ଯେଉଁ ଜିଲ୍ଲାର

**ସମାନ ସଂସଦୀୟ କ୍ଷେତ୍ରର ଜିଲ୍ଲାକୁ ବଦଳି ନ ହେଉ**

ଅଧିକାରୀ ନିଯୁକ୍ତ ଅଛନ୍ତି, ସେହି ଜିଲ୍ଲାର ସଂସଦୀୟ କ୍ଷେତ୍ରକୁ ବଦଳି ନ କରିବା ପାଇଁ କହିଛନ୍ତି। ସଠିକ୍ ଭାବନାର ସହ ନିର୍ଦ୍ଦେଶ ପାଳନ କରିବାକୁ ପରାମର୍ଶ ଦେଇଛନ୍ତି। ଏହା ପୂର୍ବରୁ ମଧ୍ୟ ଇସି ଏ ସଂକ୍ରାନ୍ତୀୟ ନିର୍ଦ୍ଦେଶ ରାଜ୍ୟମାନଙ୍କୁ ଜାରି କରିଥିଲେ। ଇସିଙ୍କ ନୀତି ଅନୁଯାୟୀ ଯେଉଁ ଅଧିକାରୀ ନିଜ ଗୃହ ଜିଲ୍ଲାରେ ମୁତୟନ ଅଛନ୍ତି କିମ୍ବା ଗୋଟିଏ ସ୍ଥାନରେ ତିନି ବର୍ଷରୁ ଅଧିକ ସମୟ ରହିଥିବା ଅଧିକାରୀଙ୍କୁ ଲୋକସଭା ଏବଂ ବିଧାନସଭା ନିର୍ବାଚନ ପୂର୍ବରୁ ବଦଳି କରାଯାଇଥାଏ। କୌଣସି ଗୋଟିଏ ଦଳ କିମ୍ବା ପ୍ରାର୍ଥୀଙ୍କୁ ଲାଭ ଦେବା ପାଇଁ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ ନ କରିବା ଲାଗି ଏହି ବଦଳି କରାଯାଇଥାଏ। ଏବେ ନିର୍ବାଚନକୁ ଅଧିକ ସ୍ୱଚ୍ଛ କରିବା ପାଇଁ ଇସି ନୀତିକୁ ଅଧିକ ମଜବୁତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଶନିବାର ଚେନ୍ନଇରେ କହିଛନ୍ତି ଯେ ଜିଲ୍ଲା ବାହାରକୁ ବଦଳି କରାଯାଉଥିବା ଅଧିକାରୀଙ୍କୁ ଗୋଟିଏ ସଂସଦୀୟ କ୍ଷେତ୍ରରେ ମୁତୟନ ନ କରାଯାଉ। କେବଳ ମାର୍ଗଦର୍ଶିକା ପାଳନ କରାଯାଇଛି ବୋଲି ଦେଖାଇବାକୁ ରାଜ୍ୟ ପ୍ରୟାସ ନ କରନ୍ତୁ। ଭଲ ଉଦ୍ଦେଶ୍ୟ ରଖି ନିର୍ଦ୍ଦେଶ ପାଳନ କରନ୍ତୁ। ତେବେ କେବଳ ୨ଟି ଲୋକସଭା ଆସନ ଥିବା ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳରେ ଏହି ନିୟମ କାର୍ଯ୍ୟକାରୀ ହେବନାହିଁ।

ଇସିଙ୍କ ସୂଚନା ଅନୁଯାୟୀ ଜିଲ୍ଲା ପାଖରେ ଥିବା ଅନ୍ୟ ଏକ ଜିଲ୍ଲାକୁ ଅଧିକାରୀଙ୍କୁ ବଦଳି କରାଯିବାର ଅନେକ ମାମଲା ସାମ୍ନାକୁ ଆସିଛି। ମାତ୍ର ଉଭୟ ଜିଲ୍ଲା ଗୋଟିଏ ସଂସଦୀୟ କ୍ଷେତ୍ର ଅଧିନରେ ଆସୁଛି। କମିଶନ ଏହାକୁ ଗୁରୁତର ସହ ନେଇଛନ୍ତି। ରାଜ୍ୟ ସରକାରମାନେ ନୀତିରେ ଥିବା ଏହି ତ୍ରୁଟିର ଫାଇଦା ଉଠାଉ ଥିଲେ। ସିଇସି କହିଛନ୍ତି ଯେ ନିର୍ବାଚନୀ ଘୋଷଣା କରିବାର ଅଧିକାର ରାଜନୈତିକ ଦଳଙ୍କର ରହିଛି। ତେବେ ଏହି ଘୋଷଣା ବାସ୍ତବ କି ନୁହେଁ ତାହା ଜାଣିବାର ଅଧିକାର ଭୋଟରଙ୍କର ରହିଛି। ଏହି ଯୋଜନାକୁ କେମିତି ସାକାର କରାଯିବ, ପାଣ୍ଠି କେଉଁଠୁ ଆସିବ ତାହା ଜନତା ଜାଣିବା ଉଚିତ।

## ଜୁଲାଇ ୧ରୁ କାର୍ଯ୍ୟକାରୀ ହେବ ୩ ନୂଆ ଆପରାଧିକ ଆଇନ

ନୂଆଦିଲ୍ଲୀ, ୨୪।୨(ଏଜେନ୍ସି): ଭାରତୀୟ ଦଣ୍ଡ ସଂହିତା ବା ଇଣ୍ଡିଆନ୍ ପେନାଲ କୋଡ (ଆଇପିସି), ଦଣ୍ଡବିଧି ସଂହିତା ବା କୋଡ ଅଫ୍ କ୍ରିମିନାଲ ପ୍ରୋସିଜ୍ୟୁୟର (ସିଆରପିସି) ଓ ସାକ୍ଷ୍ୟ ଆଇନ ବା ଏଭିଡେନ୍ସ ଆକ୍ଟ ବଦଳରେ ଜୁଲାଇ ପହିଲାରୁ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଆଇନ ଲାଗୁହେବ। ଆଜି କେନ୍ଦ୍ର ସରକାର ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ବ୍ରିଟିଶ ଅମଳର ଆଇପିସି, ସିଆରପିସି ଓ ଏଭିଡେନ୍ସ ଆକ୍ଟରେ ପୂର୍ଣ୍ଣତଃ ପରିବର୍ତ୍ତନ କରାଯାଇ ନୂଆ ଆଇନ ୩ଟିରେ ଅନେକ ନୂତନତ୍ୱ ସାଙ୍ଗକୁ ଆତଙ୍କବାଦର ସ୍ପଷ୍ଟ ସଂଜ୍ଞା ବା ପରିଭାଷା, ରାଜଦ୍ରୋହକୁ ଅପରାଧ ସୂଚୀରୁ ହଟାଇ ତାହା ବଦଳରେ ରାଷ୍ଟ୍ର ବିରୋଧରେ ଅପରାଧ ଭଳି ଏକ ନୂଆ ଅଧ୍ୟାୟ ରହିଛି। ଏହା କାର୍ଯ୍ୟକାରୀ ହେବା ପରେ ସମସ୍ତ ଧାରା ବଦଳି ଯିବ। ଆଇପିସିର ଧାରା ୩୦୨ ବଦଳି ୧୦୧ ହୋଇଯିବ। ଠକେଇ ପାଇଁ ୪୨୦ ବଦଳରେ ୩୧୬ ଲାଗିବ। ହତ୍ୟା ଉଦ୍ୟମର ଧାରା ୧୦୯ ହୋଇଯିବ। ସେହିପରି ଦୁଷ୍କର୍ମର ଧାରା ୬୩ ହେବ। ତେବେ ହିଟ୍ ଆଣ୍ଡ ରନ୍ ସମ୍ବନ୍ଧିତ ଆଇନକୁ ଏହା ସହ କାର୍ଯ୍ୟକାରୀ କରାଯିବ ନାହିଁ।



## କ୍ୟାବିନେଟ୍ ମନ୍ତ୍ରୀଙ୍କୁ ୧୦୦ ଦିନର ଯୋଜନା ମାଗିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୪।୨ (ଏଜେନ୍ସି): ବିରୋଧୀ ଦଳଗୁଡିକ ଲୋକସଭା ନିର୍ବାଚନ ପାଇଁ ମେଣ୍ଟ କରିବାକୁ ଲାଗିଥିବାବେଳେ ବିଜେପି ବିଜୟ ନେଇ ଆଶ୍ୱସ୍ତ ରହିଛି। ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ କ୍ୟାବିନେଟ ମନ୍ତ୍ରୀଙ୍କୁ ଆଗାମୀ ୧୦୦ ଦିନର କାର୍ଯ୍ୟ ଯୋଜନା ମାଗିଛନ୍ତି। ମାର୍ଚ୍ଚ ୩ରେ ହେବାକୁ ଥିବା ଶେଷ କ୍ୟାବିନେଟ ବୈଠକରେ ନିଜ ନିଜର ଯୋଜନା ଉପସ୍ଥାପନ କରିବାକୁ କହିଛନ୍ତି। ଗତ ୨୧ ତାରିଖରେ ହୋଇଥିବା ବୈଠକରେ ପ୍ରଧାନମନ୍ତ୍ରୀ ଏହି ନିର୍ଦ୍ଦେଶ ଦେଇଥିଲେ। ରିପୋର୍ଟ ଅନୁଯାୟୀ ଭଲଭାବେ ଚିନ୍ତା କରି ଏବଂ ଅଭିଜ୍ଞ ଅମଲାତାନ୍ତ୍ରିକ ଅଧିକାରୀ ଏବଂ ବିଶେଷଜ୍ଞଙ୍କ ପରାମର୍ଶ ନେଇ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ମନ୍ତ୍ରୀଙ୍କୁ କୁହାଯାଇଛି। ଆଗାମୀ କାର୍ଯ୍ୟକାଳରେ ସରକାର କେଉଁ କ୍ଷେତ୍ରକୁ ଅଧିକ ଧ୍ୟାନ ଦେବେ ତାହା ଚିହ୍ନଟ କରିବାକୁ କୁହାଯାଇଛି। ଏହି ଯୋଜନା ମାଧ୍ୟମରେ ବିଜେପି ପ୍ରତି ଗାଁ ଏବଂ ଘର ପର୍ଯ୍ୟନ୍ତ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି।

## ଆସନବଣ୍ଟନ ନେଇ ଆପ୍ ଓ କଂଗ୍ରେସର ମିଳିତ ଘୋଷଣା

ନୂଆଦିଲ୍ଲୀ, ୨୪।୨ (ଏଜେନ୍ସି): ଆମ୍ ଆଦମୀ ପାର୍ଟି(ଆପ୍) ଓ କଂଗ୍ରେସ ଆଜି ଏଠାରେ କନଷ୍ଟିଚ୍ୟୁସନ୍ କ୍ଲବରେ ଆହୂତ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଆଗାମୀ ଲୋକସଭା ନିର୍ବାଚନ ପାଇଁ ଆସନ ବଣ୍ଟନ ବୁଝାମଣା ସମ୍ପର୍କରେ ଘୋଷଣା କରିଛନ୍ତି। ଉଭୟ ଦଳ ଦିଲ୍ଲୀ, ହରିୟାନା, ଗୁଜରାଟ ଓ ଗୋଆରେ ବିଜେପି ବିରୋଧରେ ମିଶିକରି ଲଢ଼ିବେ। ଚଣ୍ଡିଗଡ଼ ଆସନରେ କଂଗ୍ରେସ ପ୍ରାର୍ଥୀ ଲଢ଼ିବେ ଓ ତାଙ୍କୁ ଏଏପି ସମର୍ଥନ ଦେବ। ସାମ୍ବାଦିକଙ୍କୁ ବରିଷ୍ଠ କଂଗ୍ରେସ ନେତା ମୁକୁଲ ୱାସନିକ କହିଛନ୍ତି, ଦିଲ୍ଲୀର ମୋଟ ୭ ଆସନରୁ ଏଏପି ପ୍ରାର୍ଥୀ ନୂଆଦିଲ୍ଲୀ, ପୂର୍ବ ଦିଲ୍ଲୀ, ଦକ୍ଷିଣ ଦିଲ୍ଲୀ ଓ ପଶ୍ଚିମ ଦିଲ୍ଲୀ-ଏହି୪ଟିରେ ଓ କଂଗ୍ରେସ ପ୍ରାର୍ଥୀ ଚାନ୍ଦିନୀଚୌକ, ଉତ୍ତର -ପୂର୍ବ ଦିଲ୍ଲୀ ଓ ଉତ୍ତର-ପଶ୍ଚିମ ଦିଲ୍ଲୀ –ଏହି ୩ଟି ଆସନରେ ଲଢ଼ିବେ। ହରିୟାନାର ମୋଟ ୧୦ ଲୋକସଭା ଆସନରୁ କଂଗ୍ରେସ ୯ଟିରେ ଓ ଏଏପି ଗୋଟିଏ(କୁରୁକ୍ଷେତ୍ର) ଆସନରୁ ଲଢ଼ିବ। ଗୁଜରାଟର ମୋଟ ୨୬ ଆସନରୁ କଂଗ୍ରେସ ୨୪ ଟି ଆସନରେ ପ୍ରାର୍ଥୀ ଦେବ ଓ ଏଏପି ୨ଟି(ଭାରୁଚ ଓ ଭାବନଗର) ଆସନରୁ ଲଢ଼ିବ। ଗୋଆରେ ୨ଟି ଲୋକସଭା ଆସନ ଅଛି। ଉଭୟ ଆସନରେ କଂଗ୍ରେସ ପ୍ରାର୍ଥୀ ଦେବ।

## ପାକିସ୍ତାନରେ ଇରାନର ଆକ୍ରମଣ / ଆତଙ୍କୀ କମାଣ୍ଡର ନିହତ

ଇସଲାମାବାଦ,୨୪।୨(ଏଜେନ୍ସି): ପାକିସ୍ତାନ ଉପରେ ଇରାନ ପୁଣି ଥରେ ସର୍ଜିକାଲ ଷ୍ଟ୍ରାଇକ୍ କରିଛି। ଇରାନ ସେନା ପାକିସ୍ତାନ ସୀମା ମଧ୍ୟକୁ ପ୍ରବେଶ କରି ଆତଙ୍କବାଦୀ ସଂଗଠନ ଜୈଶ ଅଲ-ଅଦଲ (ନ୍ୟାୟ ସେନା) ଉପରେ ଆକ୍ରମଣ କରିଛି। ଏହି ଘଟଣାରେ ଜୈଶ ଅଲ-ଅଦଲ କମାଣ୍ଡର ଇସମାଇଲ ଶାହବକ୍ସ ଏବଂ ତା'ର କିଛି ସହଯୋଗୀ ନିହତ ହୋଇଛନ୍ତି। ପ୍ରାୟ ମାସକ ତଳେ ଇରାନ ପାକିସ୍ତାନରେ ଏୟାର ଷ୍ଟ୍ରାଇକ୍ କରିଥିଲା ବେଳେ ସେତେବେଳେ କିଛି ସେନା କର୍ମଚାରୀଙ୍କ ସହ ସାଧାରଣ ଲୋକଙ୍କ ମୃତ୍ୟୁ ହୋଇଥିଲା। ତେବେ ଇରାନ ଏବେ ଜୈସ୍ ଅଲ୍-ଅଦଲ ସଂଗଠନକୁ ନିଶାଣ କରି ଆକ୍ରମଣ କରିଛି। ୨୦୧୨ରେ ଗଠନ ହୋଇଥିବା ଏହି ସଂଗଠନ ଇରାନର ସୁନ୍ନି ବହୁଳ ଅଞ୍ଚଳରେ ଆତଙ୍କବାଦୀ କାର୍ଯ୍ୟକଳାପ ଚଳାଇଥାଏ । ଏହି ସୁନ୍ନି କଟ୍ଟରପନ୍ଥୀ ସଂଗଠନକୁ ଇରାନ୍ ଆତଙ୍କବାଦୀ ସଂଗଠନ ବୋଲି ଦାବି କରୁଛି।ଇରାନର ଦକ୍ଷିଣ-ପୂର୍ବ ପ୍ରଦେଶ ସିସ୍ତାନ-ବାଲୁଚିସ୍ତାନରେ ବହୁ ଆତଙ୍କବାଦୀ କାର୍ଯ୍ୟ କରିଛି। ଗତ କିଛି ବର୍ଷ ମଧ୍ୟରେ ଜୈଶ-ଅଲ-ଅଦଲ ଇରାନର ସୁରକ୍ଷା ବାହିନୀ ଉପରେ ଅନେକ ଥର ଆକ୍ରମଣ କରିଛି ।

### ଏମିତି ବି ହୁଏ ପ୍ରେମ୍ ...

# ବିବାହ ପାଇଁ ଟିଭି ଉପସ୍ଥାପକଙ୍କୁ ଅପହରଣ କଲେ ମହିଳା ବ୍ୟବସାୟୀ

ହାଇଦରାବାଦ, ୨୪।୨ (ଏଜେନ୍ସି):



**କାର୍‌ରେ ଲଗାଇଥିଲେ ଟ୍ରାକିଂ ଡିଭାଇସ୍**

**ଦିନରାତି ରଖିଥିଲେ ନଜର**

ହାଇଦରବାଦରୁ ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ଜଣେ ୩୧ ବର୍ଷୀୟ ମହିଳା ବ୍ୟବସାୟୀ ବିବାହ ପାଇଁ ଏପରି ଅନ୍ଧ ହୋଇଯାଇଥିଲେ ଯେ ସେ ଟିଭି ଉପସ୍ଥାପକଙ୍କ ପିଛା କରିବା ସହିତ ତାଙ୍କୁ ଅପହରଣ କରି ନେଇଛନ୍ତି। ନିଜ କାର୍ଯ୍ୟାଳୟକୁ ନେଇ ମାର୍‌ପିଟ କରିଛନ୍ତି। ବିବାହ ଏବଂ କଥାହେବା ପାଇଁ ରାଜି ହେବା ପରେ ଉପସ୍ଥାପକଙ୍କୁ ଛାଡ଼ିଛନ୍ତି। ପୁଲିସ ଏହି ମାମଲାରେ ଶୁକ୍ରବାର ମହିଳାଙ୍କୁ ଗିରଫ କରିଛି। ସେ ନଜର ରଖିବା ପାଇଁ ଉପସ୍ଥାପକଙ୍କ କାର୍‌ରେ ଟ୍ରାକିଂ ଡିଭାଇସ ଲଗାଇଥିଲେ ବୋଲି ଜଣାପଡ଼ିଛି। ପୁଲିସ ସୂଚନା ଅନୁଯାୟୀ ଡିଜିଟାଲ ମାର୍କେଟିଂ ବ୍ୟବସାୟ କରୁଥିବା ବୋଗିରେଡ୍ଡୀ କୃଷ୍ଣା ଟିଭି ଉପସ୍ଥାପକ ପ୍ରଣବ ସିଷ୍ଟାଙ୍କ ଫଟୋ ମ୍ୟାଟିମନି ସାଇଟରୁ ଦେଖିଥିଲେ। ସେ ଫଟୋ ଦେଖି ପ୍ରେମରେ ପଡ଼ି ଯାଇଥିଲେ। ପରେ ମାଟ୍ରିମନି ଆକାଉଣ୍ଟରେ କଥାବାର୍ତ୍ତା ଆରମ୍ଭ କରିଦେଇଥିଲେ। ମାତ୍ର କିଛି ଦିନ ପରେ ଏହି ଆକାଉଣ୍ଟରେ ଆଉ ଜଣେ କେହି କଥା ହେଉଥିବା ଜାଣି ପାରିଥିଲେ। ସେ ପରେ ପ୍ରୋଫାଇଲ ଖୋଜି ଉପସ୍ଥାପକଙ୍କ ନଂ ଆଣି ମେସେଜ ପଠାଇ ଥିଲେ। କେହି ତାଙ୍କ ନାମରେ ଆକାଉଣ୍ଟ ଖୋଲି କଥା ହେଉଥିବା କହିଥିଲେ। ଏ ନେଇ ସିଷ୍ଟା ଥାନାରେ ଏତଲା ଦେଇଥିଲେ।

କୃଷ୍ଣା ସିଷ୍ଟାଙ୍କ ପାଇଁ ପାଗଳ ହୋଇ ଯାଇଥିଲେ। ବାରମ୍ବାର ମେସେଜ କରିବାରୁ ସେ ତାଙ୍କୁ ବ୍ଲକ କରିଦେଇଥିଲେ। ମହିଳା ତାଙ୍କୁ ବିବାହ କରିବେ ବୋଲି ନିଷ୍ପତ୍ତି ନେଇ ସାରିଥିଲେ। ଏଥିପାଇଁ ସେ ଅପହରଣ ଯୋଜନା କରି ଭୁଲ ବୁଝାମଣା ଏଡ଼ାଇବାକୁ ଚାହୁଁଥିଲେ। ମହିଳା ୪ ଜଣ ଲୋକଙ୍କ ସହ ଯୋଗାଯୋଗ କରିଥିଲେ। ଏମାନେ ସିଷ୍ଟାଙ୍କ କାର୍‌ରେ ଟ୍ରାକିଂ ଡିଭାଇସ ଲଗାଇ ନଜର ରଖିଥିଲେ। ଗତ ୧୧ ତାରିଖରେ ଏହି ୪ ଜଣ ଉପସ୍ଥାପକଙ୍କୁ ଅପହରଣ କରିଥିଲେ। ପରେ ମହିଳାଙ୍କ ଅଫିସକୁ ନେଇ ବାଡ଼େଇ ଥିଲେ। ସିଷ୍ଟା ନିଜ ଜୀବନ ବଞ୍ଚାଇବା ପାଇଁ ମହିଳାଙ୍କ କଲ୍ ଗ୍ରହଣ କରିବେ ବୋଲି କହିଥିଲେ। ଏହା ପରେ ତାଙ୍କୁ ଛଡ଼ା ଯାଇଥିଲା। ଏଠାରୁ ଯିବାପରେ ସିଷ୍ଟା ଉପ୍ପଲ ଥାନାରେ ମହିଳାଙ୍କ ବିରୋଧରେ ଏତଲା ଦେଇଥିଲେ। ପୁଲିସ ମାମଲାର ତଦନ୍ତ କରି ମହିଳାଙ୍କ ସମେତ ଅପହରଣକାରୀଙ୍କୁ ଗିରଫ କରିଛି।

### ନାର୍କୋ ଟେରର ମାମଲା

## ୨ କୋଟି ଟଙ୍କାର ସମ୍ପତ୍ତି ଜବତ କଲା ଏନ୍‌ଆଇଏ

କାଶ୍ମୀର, ୨୪।୨ (ଏଜେନ୍ସି): ନାର୍କୋ ଟେରର ମାମଲାରେ ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନଆଇଏ) ଶନିବାର ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କାଶ୍ମୀର କୁପୱାଡ଼ା ଜିଲ୍ଲାର ହନ୍ଦୱାଡ଼ାର ୪ ସମ୍ପତ୍ତି ଏବଂ ୨.୨୭ କୋଟି ଟଙ୍କା ଜବତ କରିଛି। ଏହି ସମ୍ପତ୍ତି ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା (ଏଲଇଟି) ଏବଂ ହିଜବୁଲ ମୁଜାହିଦ୍ଦିନ ସମ୍ବନ୍ଧିତ। ଏହି ସମ୍ପତ୍ତି ମଧ୍ୟରେ ଅଭିଯୁକ୍ତ ଅଫାକ ଅହମ୍ମଦ ୱାନିର ୨ ମହଲା ବିଶିଷ୍ଟ ଘର, ମୁନିର ଅହମ୍ମଦ ପାଣ୍ଡେର ଏକ ମହଲା ବିଶିଷ୍ଟ ଘର, ସଲିମ ଅନ୍ଦ୍ରାବି ଏବଂ ଇସଲାମ ଉଲ ହକର ୨ ମହଲା ଘର ସାମିଲ ଅଛି। ହନ୍ଦୱାଡ଼ା-କୁପୱାଡ଼ା କ୍ଷେତ୍ରରେ ପାଣ୍ଠି ସଂଗ୍ରହ ପାଇଁ ଲସ୍କର ଏବଂ ହିଜବୁଲ ଡ୍ରଗ୍ସ ବିକ୍ରି କରୁଛି। କିଛି ଦିନ ତଳେ ଏନଆଇଏ ହନ୍ଦୱାଡ଼ାର ଲଙ୍ଗେଟ ଅଞ୍ଚଳରୁ ଏକ ଗାଡ଼ିରୁ ବିପୁଳ ସଂଖ୍ୟାରେ ୫୦୦ ଟଙ୍କିଆ ନୋଟ ଜବତ କରାଯାଇଥିଲା। ଏ ପର୍ଯ୍ୟନ୍ତ ଏହି ମାମଲାରେ ୧୨ ଜଣଙ୍କୁ ଗିରଫ କରାଗଲାଣି।

## ଉତ୍ତରପ୍ରଦେଶ କନଷ୍ଟେବଲ ନିଯୁକ୍ତି ପରୀକ୍ଷା ବାତିଲ୍

ଲକ୍ଷ୍ନୌ,୨୪।୨(ଏଜେନ୍ସି): ଉତ୍ତରପ୍ରଦେଶ ପୁଲିସ ବିଭାଗ ପକ୍ଷରୁ କନଷ୍ଟେବଲ ନିଯୁକ୍ତି ପାଇଁ ଫେବୃଆରୀ ୧୭ ଓ ୧୮ ତାରିଖରେ ଲିଖିତ ପରୀକ୍ଷା ହୋଇଥିଲା। ସେହି ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ଜଣାପଡ଼ିବା ପରେ ରାଜ୍ୟ ସରକାର ପରୀକ୍ଷାକୁ ବାତିଲ କରିଦେଇଛନ୍ତି। ଆସନ୍ତା ୬ମାସ ମଧ୍ୟରେ ପୁଣି ଉକ୍ତ ପରୀକ୍ଷା କରାଯିବା ନିମନ୍ତେ ସ୍ଥିର କରାଯାଇଛି। ପରୀକ୍ଷାର୍ଥୀମାନେ ସରକାରୀ ବସରେ ମାଗଣାରେ ପରୀକ୍ଷା କେନ୍ଦ୍ରକୁ ଯେପରି ଆସିପାରିବେ ତାହାର ବନ୍ଦୋବସ୍ତ କରାଯିବ ବୋଲି ସରକାରଙ୍କ ତରଫରୁ କୁହାଯାଇଛି। କନଷ୍ଟେବଲ ନିଯୁକ୍ତି ନିମନ୍ତେ ୪୮ ଲକ୍ଷ ଆଶାୟୀ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୪୩ଲକ୍ଷ ଆଶାୟୀ ଦୁଇଟି ଦଫାରେ ପରୀକ୍ଷା ଦେଇଥିଲେ। ହେଲେ ପରୀକ୍ଷାର ୮ରୁ ୧୨ ଘଣ୍ଟା ତଳୁ ଏକ ପ୍ରଶ୍ନପତ୍ରର ନକଲ ସୋସିଆଲ ମିଡିଆରେ ଭାଇରଲ ହୋଇଥିଲା।

### ■ ଆମେରିକାରେ ଜାହ୍ନବୀ କଣ୍ଡୁଲା ମୃତ୍ୟୁ ମାମଲା

## ନିଷ୍ପତ୍ତିର ସମୀକ୍ଷା ପାଇଁ କହିଲା ଭାରତ

ନୂଆଦିଲ୍ଲୀ, ୨୪।୨ (ଏଜେନ୍ସି): ଆମେରିକାର ସିଆଟେଲରେ ପୁଲିସ ଅଫିସର କେଭିନ ଡାଭେଙ୍କ କାର୍ ଧକ୍କାରେ ଭାରତୀୟ ଛାତ୍ରୀ ଜାହ୍ନବୀ କଣ୍ଡୁଲା (୨୩) ମୃତ୍ୟୁ ହୋଇଥିଲା। ଏହି ଘଟଣାରେ କିଙ୍ଗ କାଉଣ୍ଟିର ପ୍ରସିକ୍ୟୁଟରଙ୍କ ଅଫିସ ସଂପୃକ୍ତ ପୁଲିସ ଅଫିସରଙ୍କ ବିରୋଧରେ ଅପରାଧିକ ମାମଲା ଚାଲିବ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଏହି ଦୁର୍ଘଟଣା ପାଇଁ ଦାୟୀ ପୁଲିସ ଅଫିସର ଅନାୟସରେ ଯେପରି ଖସିଗଲେ ସେଥିରେ ସିଆଟେଲସ୍ଥିତ ଭାରତୀୟ ଦୂତାବାସର କାର୍ଯ୍ୟକର୍ତ୍ତା ଉଦବେଗ ପ୍ରକାଶ କରିଛନ୍ତି। ମାମଲାର ପୁନଃତର୍ଜମା କରି ଦୁର୍ଘଟଣା ନିମନ୍ତେ ଦାୟୀ ସଂପୃକ୍ତ ପୁଲିସ୍ ଅଫିସରଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରତୀୟ ଦୂତାବାସ ପକ୍ଷରୁ ସିଆଟେଲ ସିଟି ଆଟର୍ଣ୍ଣିଙ୍କ ଦପ୍ତରକୁ ପତ୍ର ଲେଖାଯାଇଛି। ଜାହ୍ନବୀଙ୍କୁ ଯେପରି ନ୍ୟାୟ ମିଳେ ତାହା ସୁନିଶ୍ଚିତ କରିବୁ ବୋଲି ଭାରତୀୟ ଦୂତାବାସର ଜଣେ ବରିଷ୍ଠ ଅଫିସର କହିଛନ୍ତି।



# ଗଡ଼ ମଣ୍ଡି

## ଓଡ଼ିଶା




‘୫-ଟି’ ଉପକ୍ରମରେ ଚାଲିଥିବା ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ସରିଛି । ସବୁଠି ବିଦ୍ୟାଳୟ ପରିବେଶ ସବୁଜ ଓ ସୁନ୍ଦର ହୋଇଛି । ସବୁଆଡ଼େ ପରିବର୍ତ୍ତନର ରଙ୍ଗିନ୍ ସ୍ପର୍ଶ ପାଇଛି । ବିଦ୍ୟାଳୟ ହତା ପାର୍କ ବା ଘରୋଇ ବିଦ୍ୟାଳୟ ଭ୍ରମ ସୃଷ୍ଟି କରୁଛି । ଅତ୍ୟାଧୁନିକ ଶିକ୍ଷା ବ୍ୟବସ୍ଥା ସମସ୍ତଙ୍କୁ ଆକର୍ଷିତ କରୁଛି । ପାରମ୍ପରିକ ପଦ୍ଧତିରୁ ଆଧୁନିକ ପଦ୍ଧତିରେ ଶିକ୍ଷାଦାନ କରାଯାଉଛି । ଶିକ୍ଷା ସହ ଶାରୀରିକ ଅଭିବୃଦ୍ଧି ପାଇଁ ଆକାଂକ୍ଷୀ ପାଠ୍ୟକ୍ରମ ଆରମ୍ଭ ହୋଇଛି । ଏହି ସମସ୍ତ ରୂପାନ୍ତରଣ ପାଠ ପ୍ରତି ଛାତ୍ରଛାତ୍ରୀଙ୍କ ରୁଚିକୁ ଅପ୍ରତ୍ୟାଶିତ ଭାବେ ବୃଦ୍ଧି କରିଛି । ଶୈକ୍ଷିକ ମାନବୃଦ୍ଧି ପାଇଁ ରୂପାନ୍ତରଣ ସହ ନିଯୁକ୍ତି ପ୍ରକ୍ରିୟାକୁ ଗୁରୁତ୍ୱ ଦିଆଯାଇଛି । ପୁରାତନ ଛାତ୍ରଛାତ୍ରୀଙ୍କୁ ନିଜ ବିଦ୍ୟାଳୟ ସହ ଯୋଡ଼ିଛି । ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଶିଖର ପହଞ୍ଚାଇବା ପାଇଁ ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପରି ଶିକ୍ଷା ପ୍ରୋତ୍ସାହନ ଯୋଜନା ସାମିଲ କରାଯାଇଛି ।

ପ୍ରସ୍ତୁତି- ବିଶ୍ୱଜିତ୍ ଗାଇଗରିଆ





# ବିଦ୍ୟାଳୟ ବିକାଶରେ ‘୫-ଟି’ ରୂପାନ୍ତରଣ

## ଆକର୍ଷିତ କରୁଛି ଅତ୍ୟାଧୁନିକ ବ୍ୟବସ୍ଥା

୨୦୧୭ ମସିହା ଶିଶୁ ଦିବସରୁ ଉଦ୍ଘୋଷିତ ଏହି ରୂପାନ୍ତରଣ କାର୍ଯ୍ୟକ୍ରମ ସରିଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ତଥା ‘୫-ଟି’ ଅଧକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାମ ଶେଷ ହୋଇଛି । ଫଳରେ ରାଜ୍ୟରେ ବଦଳୁଛି ଶିକ୍ଷା ବ୍ୟବସ୍ଥା । ବଦଳିଛି ବିଦ୍ୟାଳୟ କାୟାକଳ୍ପ । ଉନ୍ନତ ହେଉଛି ଶୈକ୍ଷିକ ବାତାବରଣ । ବହି ବଦଳରେ ଇ-କଣ୍ଟେଣ୍ଟ ଏବଂ କଳାପଟା ବଦଳରେ ପ୍ରୋଜେକ୍ଟର୍ ବ୍ୟବହାର କରୁଛନ୍ତି । ଉନ୍ନତ ଭିତ୍ତିଭୂମି ସାଙ୍ଗକୁ ଶୈକ୍ଷିକ ମାନ ବୃଦ୍ଧି କରିବାକୁ ସରକାର ମଧ୍ୟ ସଂକଳ୍ପବଦ୍ଧ । ଉନ୍ନତମାନର ସୂଚନା ଓ ପ୍ରଯୁକ୍ତିବିଦ୍ୟାରେ ଶିକ୍ଷା ପ୍ରଦାନ ପାଇଁ ସୁଦୃଢ଼ ଭିତ୍ତିଭୂମି ପ୍ରସ୍ତୁତ କରୁଛନ୍ତି । ସରକାରୀ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସରେ ପଢ଼ିବା ସାଙ୍ଗକୁ ରୋବଟିକ୍ସ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭଳି ଅତ୍ୟାଧୁନିକ ବ୍ୟବସ୍ଥା କରିଛନ୍ତି । ‘୫-ଟି’ ଉପକ୍ରମରେ ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ଶେଷ ହୋଇଛି । ମୋଟ ଚାରୋଟି ପର୍ଯ୍ୟାୟରେ ସମସ୍ତ ୮୬୮୧ ଟି ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ ହୋଇଛି । ସ୍ମାର୍ଟ କ୍ଲାସରୁମ, ଇ-ଲାଇବ୍ରେରୀ, କମ୍ପ୍ୟୁଟର ଲ୍ୟାବ୍, ସାଇନ୍ସଲ୍ୟାବ୍ ଭଳି ଉନ୍ନତ ମାନର ଶିକ୍ଷଣୀୟ ବ୍ୟବସ୍ଥା ଉପଲବ୍ଧ କରାଯାଉଛି । ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମରେ ସମୁଦାୟ ୧୬,୯୨୦ ଟି ସ୍ମାର୍ଟ ଶ୍ରେଣୀଗୃହ କରାଯାଇଛି । ସେହିପରି ୭୯୨୦ଟି ଇ-ପାଠାଗାର, ୭୮୬୩ ଟି ବିଜ୍ଞାନ ପ୍ରୟୋଗଶାଳା ମଧ୍ୟ ପ୍ରସ୍ତୁତ ହୋଇଛି । ବିଭିନ୍ନ କର୍ପୋରେଟ ସଂସ୍ଥା, ଜିଲ୍ଲା ଖଣିଜ ପାଣ୍ଠି, ରାଜ୍ୟ ସରକାରଙ୍କ ସହାୟତା ରାଶି ଏବଂ ଓମ୍ୱାଡ୍ସ ସହଯୋଗରେ ମୋଟ୍ ୪ଟି ପର୍ଯ୍ୟାୟରେ ୪,୩୫୨ କୋଟି ଟଙ୍କା ବ୍ୟୟରେ ୮,୬୮୧ଟି ବିଦ୍ୟାଳୟର ରୂପାନ୍ତରଣ କରାଯାଇଛି । ବିଦ୍ୟାଳୟର ବିକାଶ ପାଇଁ ‘ମୋ ସ୍କୁଲ ଯୋଜନା’ ରେ ଆସୁଥିବା ପାଣ୍ଠି ସହ ରାଜ୍ୟ ସରକାର ଦୁଇଗୁଣା ଅର୍ଥ ମିଶାଇ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିଛନ୍ତି ।

## ମାଆ କରିବେ ରକ୍ଷଣାବେକ୍ଷଣ

ଗଞ୍ଜାମ ଜିଲ୍ଲା ହିଞ୍ଜିଳିରୁ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଥିବା ‘୫-ଟି’ ବିଦ୍ୟାଳୟ ଲୋକାର୍ପଣ କାର୍ଯ୍ୟକ୍ରମ ଯାଜପୁରରେ ଶେଷ ହୋଇଛି । ବିଦ୍ୟାଳୟର ଶୈକ୍ଷିକ ବାତାବରଣକୁ ଦୀର୍ଘସ୍ଥାୟୀ କରିବା ପାଇଁ ସମସ୍ତ ରୂପାନ୍ତରିତ ବିଦ୍ୟାଳୟରେ ସୁରକ୍ଷା ଓ ରକ୍ଷଣାବେକ୍ଷଣକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନେ ଏହାର ସୁରକ୍ଷା ଓ ରକ୍ଷଣାବେକ୍ଷଣ କରିବେ । ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରୁ ୩ ଜଣଙ୍କୁ ଏଥିପାଇଁ ନିୟୋଜିତ କରାଯାଉଛି । ବିଦ୍ୟାଳୟର ପୁଷ୍ପ ଉଦ୍ୟାନ, ଫଳ ଉଦ୍ୟାନ ସମେତ ପରିଷ୍କାର ରଖିବା ଦାୟିତ୍ୱ ନିର୍ବାହ କରିବେ । ଏହାସହ ଆନୁସାଙ୍ଗିକ କାର୍ଯ୍ୟ କରି ବିଦ୍ୟାଳୟକୁ ଶ୍ରେଷ୍ଠ କରିବେ । ବର୍ତ୍ତମାନ ସୁଦ୍ଧା ୫,୫୮୯ଟି ଗୋଷ୍ଠୀ ବିଦ୍ୟାଳୟଗୁଡ଼ିକର ସୁପରିଚାଳନା ପାଇଁ କାର୍ଯ୍ୟ କରୁଛନ୍ତି ।

## ବିଦ୍ୟାଳୟ ଡାକୁଛି ଆ’

ଯେଉଁ ବିଦ୍ୟାଳୟ ଜୀବନର ମୂଳଦୂଆ ଗଢ଼ିଥିଲା, ଆଜି ସେହି ବିଦ୍ୟାଳୟ ହାତଠାରି ଡାକୁଛି ଆ’ । ନିଜର ଅବଦାନ ଦେଇ ପରବର୍ତ୍ତୀ ପିଢ଼ିକୁ ଶିଖରରେ ପହଞ୍ଚାଇବାକୁ ଦେଉଛି ଆହ୍ୱାନ । ସରକାରଙ୍କ ‘ମୋ ସ୍କୁଲ୍’ ଯୋଜନା ଏହାକୁ ତ୍ୱରାନ୍ୱିତ କରୁଛି । ପୁରାତନ ଓ ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୂତ୍ରଧର ସାଜିଛି ‘ମୋ ସ୍କୁଲ୍’ । ଆର୍ଥିକ, ମାନସିକ ଓ ବୌଦ୍ଧିକ ସହାୟତା ଦେଇ ବିଦ୍ୟାଳୟ ବିକାଶର ବିନ୍ଧାଣି ସାଜୁଛନ୍ତି ପୁରାତନ ଛାତ୍ରଛାତ୍ରୀ । ଫଳରେ କେଉଁଠି ଶିକ୍ଷାନୁଷ୍ଠାନ ପରିସର ପାର୍କର ଭ୍ରମ ସୃଷ୍ଟି କରୁଛି ଆଉ କେଉଁଠି ଇ-ଲାଇବ୍ରେରୀ ଓ ଆଇସିଟି ଲ୍ୟାବ୍ ପିଲାଙ୍କ ପାଠପଢ଼ା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି । ୨୦୧୭ ନଭେମ୍ବର ୧୪ ତାରିଖରେ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଥିବା ଏହି ଯୋଜନାରେ ଅଦ୍ୟାବଧି ୩୦ଲକ୍ଷରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ସାମିଲ ହୋଇଛନ୍ତି । ସମ୍ପର୍କ, ଅବଦାନ, ଉତ୍ସବ, ସୃଷ୍ଟି ଓ ସହଯୋଗ ପରି ପାଞ୍ଚଟି କ୍ଷେତ୍ରକୁ ଆଧାର କରି କାର୍ଯ୍ୟକ୍ରମ ଜାରି ରହିଛି । ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା, କଳା, ସଂସ୍କୃତି ସହିତ ବିଜ୍ଞାନ ପ୍ରତି ଆଗ୍ରହ ଜନ୍ମାଇବା ପାଇଁ ମଧ୍ୟ ପୁରାତନ ଛାତ୍ରଛାତ୍ରୀମାନେ ସାମିଲ ହୋଇଛନ୍ତି । ପିଲାଙ୍କୁ ପାଠ ପଢ଼ାଇବା, କ୍ରୀଡ଼ା, ନୃତ୍ୟ ସହ ବ୍ୟକ୍ତିତ୍ୱ ବିକାଶରେ ମଧ୍ୟ ସହାୟତା କରୁଛନ୍ତି । ସେହି ଅର୍ଥର ଦୁଇଗୁଣ ଅଧିକ ଅର୍ଥ ସରକାର ଦେଉଛନ୍ତି । ତହିଁରେ ଶ୍ରେଣୀ ଗୃହ ଉନ୍ନତିକରଣ, ପୃଥକ ଶୌଚାଳୟ, ଅଡିଟୋରିୟମ ଆଦିର ନିର୍ମାଣ କରାଯାଉଛି । ଏବେ ସୁଦ୍ଧା ୭ଲକ୍ଷ ୯୩ ହଜାର ୯୪୦ ଜଣ ପୁରାତନ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ବିଭିନ୍ନ ଉପକରଣ ପ୍ରଦାନ କରିଥିବା ବେଳେ ୧୪ ଲକ୍ଷ ୩୦ ହଜାରରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ସେବା ଯୋଗାଇଛନ୍ତି । ସେହିପରି ୮ ଲକ୍ଷ ୨୮ ହଜାରରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।





## ବଢ଼ୁଛି ଅଭିଭାବକଙ୍କ ଆଗ୍ରହ

ରୂପାନ୍ତରଣ ପରେ ସରକାରୀ ବିଦ୍ୟାଳୟରେ ଉନ୍ନତମାନର ଶିକ୍ଷାଦାନ ସହ ଅଭିଜ୍ଞ ଶିକ୍ଷକ ନିଯୁକ୍ତି, ଅତ୍ୟାଧୁନିକ ଶୈକ୍ଷିକ ଉପକରଣ ଆଦି ଯୋଗାଇ ଦିଆଯାଉଛି । ବିଶେଷତଃ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ପାଇଁ ସମସ୍ତ ଆବଶ୍ୟକ ଉପକରଣ ସହିତ ଉତ୍ତମ ଶୈକ୍ଷିକ ବାତାବାରଣ ଉପରେ ଧ୍ୟାନ ଦିଆଯାଉଛି । ପିଲାମାନଙ୍କୁ ବହି ବଦଳରେ ଏଣିକି ଇ-କଣ୍ଟେଣ୍ଟ ଓ ସ୍ମାର୍ଟ କ୍ଲାସରୁମର ପ୍ରୋଜେକ୍ଟରରେ ପାଠ ପଢ଼ାଯାଉଛି । ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦିଆଯାଇ ଦକ୍ଷ ମଧ୍ୟ କରାଯାଉଛି । ଅତ୍ୟାଧୁନିକ ଯନ୍ତ୍ରାଂଶ ସାହାଯ୍ୟରେ ସେମାନେ କିପରି ଶିକ୍ଷାଦାନ କରିବେ ସେନେଇ ପ୍ରଶିକ୍ଷଣ ନେଉଛନ୍ତି । ୨୦୨୨ରୁ ୨୦୨୪ ମସିହା ମଧ୍ୟରେ ପ୍ରାୟ ୩୬ ହଜାରରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇ ସେମାନଙ୍କ ଦକ୍ଷତା ବିକାଶ କରାଯାଇଛି । ସୁସଜ୍ଜିତ ଓ ଅତ୍ୟାଧୁନିକ ଶ୍ରେଣୀ ଗୃହ, ପାଠାଗାର ଆଦି ପିଲାଙ୍କୁ ସ୍କୁଲ ପ୍ରତି ଆକୃଷ୍ଟ କରୁଛି । ଖାଲି ମାଧ୍ୟମିକ ବିଦ୍ୟାଳୟ ନୁହେଁ, ପ୍ରାଥମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ମଧ୍ୟ ନବକଳେବର କରାଯାଉଛି । ସୌନ୍ଦର୍ଯ୍ୟକରଣ ସହ ଶ୍ରେଣୀ ଗୃହରେ ଅତ୍ୟାଧୁନିକ ଶିକ୍ଷାଦାନ ବ୍ୟବସ୍ଥା ଅଭିଭାବକଙ୍କ ଆସ୍ଥା ଜିଣିଛି । ଏଣୁ ଘରୋଇ ବିଦ୍ୟାଳୟ ଠାରୁ ମୁହଁ ଫେରାଇ ଅଭିଭାବକମାନେ କ୍ରମାଗତ ଭାବେ ସରକାରୀ ବିଦ୍ୟାଳୟରେ ପିଲାଙ୍କ ନାମ ଲେଖାଉଛନ୍ତି । ୨୦୨୧-୨୨ ଓ ୨୦୨୨-୨୦୨୩ ଶିକ୍ଷାବର୍ଷରେ ସରକାରୀ ବିଦ୍ୟାଳୟରେ ନାମଲେଖା ବଢ଼ିଥିବା ବିଧାନସଭା ତଥ୍ୟରୁ ସ୍ପଷ୍ଟ ହୋଇଛି ।



## ବ୍ୟକ୍ତିତ୍ୱ ବିକାଶ ପାଇଁ ଆକାଂକ୍ଷୀ

ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ଛାତ୍ରଛାତ୍ରୀଙ୍କ ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶ ପାଇଁ ଆକାଂକ୍ଷୀ ପାଠ୍ୟକ୍ରମର ଆରମ୍ଭ କରାଯାଇଛି । ଶିକ୍ଷାର୍ଥୀଙ୍କ ସାମର୍ଥ୍ୟ ବିକାଶ ପାଇଁ ୪ ଟି ସ୍ୱତନ୍ତ୍ର କ୍ଲବ ଜିଜ୍ଞାସା, ସାହିତ୍ୟ ସୃଜନୀ, କୁଶଳୀ ଓ କ୍ରୀଡ଼ାଙ୍ଗନ ଗଠନ କରାଯାଇଛି । ଏହି କ୍ଲବ୍ ମାଧ୍ୟମରେ ସେମାନଙ୍କୁ କୋଡ଼ିଂ, ପୁସ୍ତକ ସମୀକ୍ଷା, କ୍ରୀଡ଼ା, କଳା, କୌଶଳ ବିକାଶ ନେତୃତ୍ୱ ନେବାର ଦକ୍ଷତା ଏବଂ ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଯାଇଛି ।



## ଶିକ୍ଷା ପାଇଁ ପ୍ରୋତ୍ସାହନ

ଶିକ୍ଷାକ୍ଷେତ୍ରରେ ଓଡ଼ିଶାକୁ ଶୀର୍ଷରେ ପହଞ୍ଚାଇବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ଉନ୍ନତ ଶିକ୍ଷା ଭିତ୍ତିଭୂମି ଗଢ଼ିବା ପାଇଁ ପ୍ରଥମଥର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି । ଶିକ୍ଷା କ୍ଷେତ୍ର ସହ ଜଡ଼ିତ ଥିବା ବିଭିନ୍ନ ବର୍ଗ ଓ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଛି । ରାଜ୍ୟସ୍ତରରେ ୧୯ ହଜାର ୪୬୭ଟି ପୁରସ୍କାର ବାବଦରେ ୩୨ କୋଟି ୧୭ ଲକ୍ଷ ୨୯ ହଜାର ଟଙ୍କା, ଜିଲ୍ଲାସ୍ତରରେ ୪,୬୮୦ଟି ପୁରସ୍କାର ପାଇଁ ୨୪ କୋଟି ୫୮ ଲକ୍ଷ ୫୦ ହଜାର ଟଙ୍କା, ବ୍ଲକ୍‌ସ୍ତରରେ ୩୪, ୮୫୪ଟି ପୁରସ୍କାର ବାବଦକୁ ୫୯ କୋଟି ୯୭ ଲକ୍ଷ ୪୦ ହଜାର ଟଙ୍କା, ମହାନଗରନିଗମ ସ୍ତରରେ ୫୦ଟି ଓ ଉପଖଣ୍ଡ ସ୍ତରରେ ୫୮ଟି ପୁରସ୍କାର ପାଇଁ ୧୧ ଲକ୍ଷ ୬୦ ହଜାର ଟଙ୍କା ପୁରସ୍କାର ରାଶି ଦିଆଯାଇଛି ।

## ଏସ୍‌ସି-ଏସ୍‌ଟି ଆବାସିକ ବିଦ୍ୟାଳୟର ନୂଆରୂପ

ସବୁବର୍ଗର ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ରାଜ୍ୟ ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି । ରାଜ୍ୟର ଅନୁସୂଚିତ ଜନଜାତି(ଏସ୍‌ସି) ଏବଂ ଅନୁସୂଚିତ ଜାତି(ଏସ୍‌ଟି) ବହୁଳ ଅଞ୍ଚଳଗୁଡ଼ିକର ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ କରାଯିବା ନେଇ ନିଷ୍ପତ୍ତି ହୋଇଛି । ଏହି କ୍ରମରେ ରାଜଧାନୀର ଆବାସିକ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ କରାଯାଉଛି । ଏସ୍‌ଟି ଓ ଏସ୍‌ସି ବର୍ଗର ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ବିକାଶ ସହ ସେମାନଙ୍କ ଶାରୀରିକ ବିକାଶ(ପୁଷ୍ଟିସାଧନ)କୁ ଗୁରୁତ୍ୱ ଦିଆଯିବା ଲାଗି ବ୍ୟବସ୍ଥା ହୋଇଥିବା ବେଳେ ଆବାସିକ ସ୍କୁଲଗୁଡ଼ିକର ୨୪ ଘଣ୍ଟିଆ ଆମୋଦପ୍ରମୋଦ ବ୍ୟବସ୍ଥା ପ୍ରଦାନ କରାଯାଉଛି । ଏସ୍‌ସି-ଏସ୍‌ଟି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ ବିକାଶ, ସ୍କୁଲ ଓ ଗଣଶିକ୍ଷା, ପଞ୍ଚାୟତିରାଜ ଓ ପାନୀୟ ଜଳ, ପୂର୍ତ୍ତ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ସହଯୋଗରେ କାର୍ଯ୍ୟ ତ୍ୱରାନ୍ୱିତ ହେଉଥିବାବେଳେ ସ୍କୁଲଗୁଡ଼ିକରେ ସାଂସ୍କୃତିକ ମଞ୍ଚ, ମୁକ୍ତାକାଶ ରଙ୍ଗମଞ୍ଚ, ସକାଳ ପ୍ରାର୍ଥନା ଓ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କୁ ନେଇ ବୈଠକ ହେବା ଭଳି ଭିତ୍ତିଭୂମି ନିର୍ମାଣକୁ ପ୍ରାଥମିକତା ଦିଆଯାଇଛି । ଆଦିବାସୀ ପିଲାଟିଏ ନିଜ ବାପାମାଆଙ୍କ ଠାରୁ ଦୂରରେ ରହି ଶିକ୍ଷା ଗ୍ରହଣ କରୁଥିବାରୁ ମାନସିକସ୍ତରରେ ଯେପରି ପିଲାଟି ସକାରାତ୍ମକ ରହିବ ସେଥିପ୍ରତି ଦୃଷ୍ଟି ଦିଆଯାଉଛି । ପ୍ରତି ଭିତ୍ତିଭୂମିରେ ନିରାପତ୍ତା, ନିରବଚ୍ଛିନ୍ନ ଶୁଦ୍ଧ ପାନୀୟ ଜଳ ଯୋଗାଣ, ଉଜ୍ଜ୍ୱଳ ଆଲୋକ, ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବସ୍ଥା କରାଯାଉଛି ।




## ପୋଷ୍ୟ ବିଦ୍ୟାଳୟ ଉନ୍ନତିକରଣ ପାଇଁ ପ୍ରତିଜ୍ଞା

ପୁରାତନ ଛାତ୍ରଛାତ୍ରୀ ତଥା ପ୍ରମୁଖ ବ୍ୟକ୍ତିମାନେ ବିଭିନ୍ନ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରୁଛନ୍ତି । ନିଜେ ପଢ଼ିଥିବା ବିଦ୍ୟାଳୟ ବା ଭାବାବେଗ ଜଡ଼ିତ ଥିବା ବିଦ୍ୟାଳୟର ଉନ୍ନତିକରଣ ପାଇଁ ପ୍ରତିଜ୍ଞା କରୁଛନ୍ତି । ବିଦ୍ୟାଳୟର ଶୈକ୍ଷିକ ଓ ଭିତ୍ତିଭୂମି ସୁଦୃଢ଼ୀକରଣ ପାଇଁ ପ୍ରୟାସ କରୁଛନ୍ତି । ଅଦ୍ୟାବଧି ଏହି କାର୍ଯ୍ୟକ୍ରମରେ ୧୧୩୮ ଜଣ ମେଣ୍ଟର ୧୩୧୫ଟି ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି ।

## ପ୍ରେରଣା ଦେଉଛନ୍ତି ପୁରୁଖା

ଲକ୍ଷ୍ୟ ହାସଲ ପାଇଁ ଛାତ୍ରଛାତ୍ରୀଙ୍କୁ ମାନସିକ ସ୍ତରରେ ଦୃଢ଼ କରଯାଉଛି । ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ବ୍ୟକ୍ତି ନିଜର ଅଭିଜ୍ଞତା, ସଂଘର୍ଷ ଓ ଜୀବନ ଯାତ୍ରା ସମ୍ପର୍କରେ ଅବଗତ କରୁଛନ୍ତି । ଉଜ୍ଜଳ ଭବିଷ୍ୟତ ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଉଛନ୍ତି । ପାଠ ସହ ଆନୁସଙ୍ଗିକ ବିଷୟରେ ଅବଗତ କରାଉଛନ୍ତି । ବିଦ୍ୟାଳୟ ରୂପାନ୍ତରଣ ଯୋଜନାରେ ଗ୍ରହଣ କରାଯାଇଥିବା ଏହି ପଦକ୍ଷେପ ୟୁ-ଟ୍ୟୁବରେ ପ୍ରସାରିତ ହେଉଛି । ମାସକୁ ୨ ଥର ଛାତ୍ରଛାତ୍ରୀଙ୍କୁ ପୁରୁଖାମାନେ ପ୍ରେରଣା ଦେଉଛନ୍ତି ।

# କୃଷି ଓ କୃଷକଙ୍କ ଭାଗ୍ୟଜ୍ୟୋତି ଇନ୍ଦ୍ରାବତୀ



ପ୍ରତିଟି ଉତ୍କର୍ଷତା ପଛରେ ଥାଏ ଉପଲବ୍ଧ ସମ୍ବଳ ଓ ସମ୍ପଦର ଭୂମିକା । ସେମିତି ଏକ ଅକ୍ଷୟ ସମ୍ବଳ ହେଉଛି ନଦୀ । ଏହି କ୍ରମରେ ସଂସ୍କୃତିସମ୍ପନ୍ନ ଜିଲ୍ଲା କଳାହାଣ୍ଡିର ଜୀବନରେଖା ପାଲଟିଛି ଇନ୍ଦ୍ରାବତୀ ନଦୀ । କଳାହାଣ୍ଡି ଦୀର୍ଘ ସମୟ ଧରି ମରୁଡ଼ି ଓ ଅନଟନ ଦ୍ୱାରା ପ୍ରଭାବିତ ହେଉଥିବା ବେଳେ ଆଜି ସତେ ଯେମିତି ଇନ୍ଦ୍ରାବତୀ ସୁଖର ସବୁଜ ଚାଦର ବିଛେଇ ଦେଇଛି । ଏହାର ପ୍ରତିଟି ଜଳବିନ୍ଦୁ କଳାହାଣ୍ଡିକୁ ସମୃଦ୍ଧ କରିଛି । ପ୍ରତିଟି କଳାହାଣ୍ଡିଆଙ୍କ ଦେହରେ ଇନ୍ଦ୍ରାବତୀର ପାଣି ରକ୍ତ ହୋଇ ବହୁଛି । ଇନ୍ଦ୍ରାବତୀ ଏବେ ପାଲଟିଛି କଳାହାଣ୍ଡିଆଙ୍କ ଭାଗ୍ୟଜ୍ୟୋତି ।

ଭବାନୀପାଟଣାରୁ ସ୍ୱାଧୀନ ପାତ୍ରଙ୍କ ରିପୋର୍ଟ

## ଐତିହାସିକ ପୃଷ୍ଠଭୂମି

ଇନ୍ଦ୍ରାବତୀ ନଦୀକୁ ବହୁମୁଖୀ ପ୍ରକଳ୍ପ ଭାବେ ବ୍ୟବହାର କରିବା ପାଇଁ ଆରମ୍ଭ ହୋଇଥିବା ଉଦ୍ୟମ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଫଳବତୀ ହୋଇଥିଲା । ଫଳରେ କେବଳ ଜିଲ୍ଲାର ଭାଗ୍ୟ ବଦଳିଥିଲା ତା' ନୁହେଁ, ସମଗ୍ର କଳାହାଣ୍ଡି ଜିଲ୍ଲାର ଟାଙ୍ଗରା ଭୂଇଁରେ ବି କଅଁଳି ଉଠିଥିଲା ଜୀବନ । ଫୁଟିଥିଲା ଲକ୍ଷେ ମୁହଁରେ ହସ । ବର୍ତ୍ତମାନ ଦୃଷ୍ଟିଗୋଚର ହେଉଥିବା ୭୧ ମିଟର ଉଚ୍ଚ ଏବଂ ୨୬୩୦ ବର୍ଗ କିଲୋମିଟର ଆୟତନ ବ୍ୟାପ୍ତ ୪୩ କିଲୋମିଟର ଲମ୍ବ ଓ ୯ କିଲୋମିଟର ଓସାର ବିଶିଷ୍ଟ ଜଳଭଣ୍ଡାର ଯାହା ୪ଟି ଡ୍ୟାମ୍ ଓ ୮ଟି ଡାଇକ୍ ଦ୍ୱାରା ପରିଚାଳିତ । ଏଥିରେ ଗୋଟିଏ ମୁଖ୍ୟ କେନାଲ, ୩ଟି ଡିଷ୍ଟ୍ରିବ୍ୟୁଟରୀ, ୩୦ଟି ମାଇନର୍ କେନାଲ, ୧୫୧ଟି ସବ୍-ମାଇନର୍ କେନାଲ ରହିଛି । ମୁଖ୍ୟ କେନାଲ ୮୭.୭୦୬ କିଲୋମିଟର, ଡିଷ୍ଟ୍ରିବ୍ୟୁଟରୀ ୨୮.୩୦୫ କିଲୋମିଟର, ମାଇନର୍ କେନାଲ ୧୨୩.୦୮୫ କିଲୋମିଟର, ସବ ମାଇନର୍ କେନାଲ ୨୨୯.୫୦୮ କିଲୋମିଟର ରହିଛି । ତାହାର ଇତିହାସ ମଧ୍ୟ ଏକ ସୁଦୀର୍ଘ ଯାତ୍ରା । ବହୁମୁଖୀ ପ୍ରକଳ୍ପ ହିସାବରେ ଏଥିରେ ଉଠା ଜଳସେଚନ ପ୍ରକଳ୍ପକୁ ଯେତେ ଗୁରୁତ୍ୱ ଦିଆଯାଇଥିଲା, ଠିକ ସେମିତି ଜଳବିଦ୍ୟୁତ ଉତ୍ପାଦନ ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଥିଲା । ୧୯୫୬ ମସିହାରେ ଏହାର ସର୍ବେକ୍ଷଣ ଆରମ୍ଭ ହୋଇଥିଲା । ଯାହା ୧୯୭୮ରେ ଅନୁମୋଦିତ ହୋଇଥିଲା ଏବଂ ଏହାକୁ ରାଜ୍ୟ ସରକାର ୧୯୭୯ରେ ଗୃହୀତ କରିଥିଲେ । ୨୦୮.୧୫କୋଟିର ବ୍ୟୟ ଅଟକଳରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ୧୯୭୮ ମସିହା ଏପ୍ରିଲ ୪ ତାରିଖରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମୋରାରଜି ଦେଶାଇଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା ।









## କଳାହାଣ୍ଡିଆଙ୍କ ଆତ୍ମା

ଇନ୍ଦ୍ରାବତୀ କେବଳ ଯେ ଜିଲ୍ଲାର ବିଦ୍ୟୁତ୍ ଉତ୍ପାଦନ ବା ଜଳସେଚନ ସହ ଜଡ଼ିତ ନୁହଁ, ବରଂ ଏହା ସୁନ୍ଦର ମନୋରମ ପର୍ଯ୍ୟଟନସ୍ଥଳୀ ଭାବେ ମଧ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିଛି । ଏଥିରେ ଥିବା ନୌବିହାର ବ୍ୟବସ୍ଥା ସମସ୍ତଙ୍କୁ ଆକର୍ଷିତ କରିଛି । କହିବାକୁ ଗଲେ କଳାହାଣ୍ଡିର ଗଙ୍ଗା-ଇନ୍ଦ୍ରାବତୀ ଏବେ କଳାହାଣ୍ଡିଆଙ୍କ ଆତ୍ମା ପାଲଟିଛି ।

## ମୁଖୀଗୁଡ଼ାଠାରେ ଜଳବିଦ୍ୟୁତ୍

ଜଳଭଣ୍ଡାର କାମ ସହିତ ଜିଲ୍ଲାର ସଦର ମହକୁମା ଭବାନୀପାଟଣାଠାରୁ ୮୫କିଲୋମିଟର ଦୂରରେ ଅବସ୍ଥିତ ମୁଖୀଗୁଡ଼ା ଠାରେ ଜଳବିଦ୍ୟୁତ ଉତ୍ପାଦନ ପାଇଁ ପାୱାର୍ ହାଉସ୍ ପ୍ରତିଷ୍ଠା କରାଯାଇଥିଲା । ଜଳସେଚନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ନ୍ରତିଷ୍ଠା କରାଯାଇଥିବା ଏହି ଟାୱାର୍‌ହାଉସ୍‌ରୁ ବାର୍ଷିକ ୬୦୦ ମେଗାୱାଟର୍ ବିଦ୍ୟୁତ୍ ଉତ୍ପାଦନ ହୋଇ ରାଜ୍ୟର ବିଦ୍ୟୁତ୍ ସେବା କ୍ଷେତ୍ରରେ ଏକ ମେରୁଦଣ୍ଡ ପାଲଟିଛି । ଅନ୍ୟପକ୍ଷେ ୧୯୬୨ ମିଲି ୟୁନିଟ୍ କ୍ଷମତା ଥିବା ବେଳେ ୧୫୦୫ ମିଲି ୟୁନିଟ୍ ଜଳବିଦ୍ୟୁତ ଉତ୍ପାଦ ହେଉଛି । ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୪୨ ମିଟର ରହିଛି ।



## ଇନ୍ଦ୍ରାବତୀ ପ୍ରକଳ୍ପ : ଲେଫ୍ଟ, ଲିଫ୍ଟ ଓ ରାଇଟ୍ କେନାଲ

- ଦକ୍ଷିଣ ମୁଖ୍ୟ କେନାଲ ଶୂନ୍ୟରୁ ୪୧,୧୦୦ କିଲୋମିଟର ପର୍ଯ୍ୟନ୍ତ କଙ୍କ୍ରିଟ୍ ଲାଇନିଙ୍ଗ୍ ଓ ପୁନରୁଦ୍ଧାର ହେବା ଯୋଗୁଁ ୫୦ ଘନଫୁଟ୍ ଜଳ ସୁରୁଖୁରୁରେ ଜୟପାଟଣା, କଳମପୁର ଓ ଜୁନାଗଡ଼ ବ୍ଲକ୍ ଅଧୀନରେ ଥିବା ଚାଷଜମିକୁ ଜଳଯୋଗାଣ ହୋଇପାରୁଛି । ଏହା ଯୋଗୁଁ ଇନ୍ଦ୍ରାବତୀ ଦକ୍ଷିଣ କେନାଲର ସେଚାଞ୍ଚଳରେ ୧୩ ହଜାର ଚାଷୀ ଉପକୃତ ହୋଇପାରୁଛନ୍ତି ।
- ଇନ୍ଦ୍ରାବତୀ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ହେବା ଯୋଗୁଁ ଅଣ ଜଳସେଚିତ ଅଞ୍ଚଳ ଏବଂ ଦୁର୍ଭିକ୍ଷପ୍ରବଣ ଅଞ୍ଚଳରେ ୨୯,୨୪୮ ହେକ୍ଟର ଜମିରେ ଜଳସେଚିତ ହୋଇପାରୁଛି । ଏହି ପ୍ରକଳ୍ପରେ ଥିବା ୪୩ କିଲୋମିଟର ଲାଇନିଙ୍ଗ୍ କେନାଲ ଯୋଗୁଁ ଜୟପାଟଣା, କୋକସରା, ଧର୍ମଗଡ଼ ଏବଂ ଜୁନାଗଡ଼ ବ୍ଲକର ୮୮ଟି ଗ୍ରାମର ଚାଷୀ ଉପକୃତ ହୋଇପାରୁଛନ୍ତି ।
- ପୁନଶ୍ଚ ଉଠା ଜଳସେଚନ କେନାଲରୁ ଉଛଲା ଗ୍ରାମ ପାଖରେ ଏକ ଲିଫ୍ଟ ପମ୍ପ ହାଉସ୍ ବସାଯାଇ ବାମ କେନାଲର ବାମ ପାର୍ଶ୍ୱରେ ଥିବା ୧୦୦୦ ହେକ୍ଟର ଅଞ୍ଚଳ ଜଳସେଚିତ ହୋଇପାରୁଛି । ଏହା ଦ୍ୱାରା ୫ଟି ଗ୍ରାମର ଚାଷୀ ଉପକୃତ ହୋଇପାରୁଛନ୍ତି ।
- ଇନ୍ଦ୍ରାବତୀ ପ୍ରକଳ୍ପ ଅଧୀନସ୍ଥ ସମୁଦାୟ ୨୬୭ଟି ପାଣି ପଞ୍ଚାୟତ ସହାୟତାରେ ୪୪୨ ଟି ଗ୍ରାମକୁ ଜଳସେଚିତ କରାଯାଇ ପାରୁଛି ।

### ୨୦୨୩- ୨୪ ଆର୍ଥିକବର୍ଷର ଜଳସେଚନ ସ୍ଥିତି

1. ଦକ୍ଷିଣ କେନାଲରେ - ୩୪,୦୭୦ ହେକ୍ଟର
2. ବାମ କେନାଲରେ - ୫୯,୩୦୮ ହେକ୍ଟର
3. ଲିଫ୍ଟ କେନାଲରେ - ୨୫,୨୭୪ ହେକ୍ଟର

ଜଳସେଚିତ ହୋଇପାରୁଛି ମୋଟ୍ ୧,୧୮,୬୬୨ ହେକ୍ଟର



ଇନ୍ଦ୍ରାବତୀ ଦକ୍ଷିଣ କେନାଲ ମରାମତି କାର୍ଯ୍ୟ ଗତ ଦୁଇବର୍ଷ ଧରି ଚାଲିବା ଫଳରେ ଜଳଯୋଗାଣ ବନ୍ଦ ଥିଲା । ମରାମତି ନିତାନ୍ତ ଜରୁରୀ ଥିଲା କାରଣ କେନାଲ ହୁଡ଼ାସବୁ ମାଟିରେ ତିଆରି ହୋଇଥିଲା ତେଣୁ ଦୁର୍ବଳ ଥିଲା ଜଳ ପ୍ରବାହକୁ ସହ୍ୟ କରି ନ ପାରି ସ୍ଥାନେ ସ୍ଥାନେ ଭୁଶୁଡ଼ି ପଡୁଥିଲା ଫଳରେ ଜଳସେଚନରେ ବ୍ୟାଘାତ ସୃଷ୍ଟି ହେଉଥିଲା । ପୁନଶ୍ଚ ମରାମତି ହୋଇ ଜଳଯୋଗାଣ ହେବାକୁ କିଛି ଦିନ ଲାଗିଯାଉଥିଲା । ଶହ ଶହ ଏକର ଚାଷ ଜମିରେ ପାଣି ମାଡ଼ିଯାଇ ଫସଲ ନଷ୍ଟ ହେଉଥିଲା । ଅନେକ ଚାଷ ଜମି ମାଟି ପୋତି ହୋଇ ନଷ୍ଟ ହେଉଥିଲା । କେନାଲ ଭିତର ମଧ୍ୟ ମାଟି ପୋତିହୋଇ ଜଳ ପ୍ରବାହ ବାଧାପ୍ରାପ୍ତ ହେଉଥିଲା । କିନ୍ତୁ ମରାମତି କାର୍ଯ୍ୟ ହେବା ଦ୍ୱାରା କେନାଲ ହୁଡ଼ା, ଚଟାଣ ସିମେଣ୍ଟ କଂକ୍ରିଟ ହେଲା । ବର୍ତ୍ତମାନ ହୁଡ଼ା ଭାଙ୍ଗିବାର ଭୟ ରହିବ ନାହିଁ । ଆମେ ଉଚିତ ସମୟରେ ଯଥେଷ୍ଟ ପରିମାଣରେ ପାଣି ପାଇ ପାରୁଛୁ ।

## ଉତ୍ପତ୍ତି ଓ କିମ୍ବଦନ୍ତୀ

ଜିଲ୍ଲାର ପ୍ରବଳ ଥଣ୍ଡା ଅନୁଭୂତ ବଣପାହାଡ଼ ଆଚ୍ଛାଦିତ ଭୂମି ଥୁଆମୂଳ ରାମପୁର ବ୍ଲକର ମରୁଡ଼ିଗୁଡ଼ାଠାରୁ ଇନ୍ଦ୍ରାବତୀର ଉତ୍ପତ୍ତି । ଗାଁ ମୁଣ୍ଡରେ ଏକ ଆମ୍ବଗଛ ମୂଳରୁ କେଉଁ ଆଦିମ କାଳରୁ ଏହା ଚିରସ୍ରୋତା ଭାବେ ବହିଚାଲିଛି । ଗଛମୂଳରୁ ତିନି ଧାର ହୋଇ ପାଣି ବାହାରିବା ପରେ ଏହା ଆଗକୁ ଆଗକୁ ବଢ଼ିଛି । ଆରମ୍ଭ ବେଳକୁ ପାଣିଧାର ସରୁ ଥିବା ବେଳେ ପଚାଶ ହାତ ଆଗକୁ ଗଲା ପରେ ଏହା ବଡ଼ ଆକାର ଧାରଣ କରିଛି । ଏହା କଳାହାଣ୍ଡିରୁ ନବରଙ୍ଗପୁର ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଛି ।

କିମ୍ବଦନ୍ତୀ କୁହେ, ପୂର୍ବେ ଥୁଆମୂଳ ଏକ ଆକର୍ଷଣୀୟ ସ୍ଥାନ ଥିଲା । ଚମ୍ପା ଓ ଚନ୍ଦନ ବଣର ମହମହ ବାସ୍ନାରେ ବିମୋହିତ କରୁଥିଲା । ଦିନେ ସ୍ୱର୍ଗରୁ ଇନ୍ଦ୍ର ଓ ଇନ୍ଦ୍ରାଣୀ ଏଠିକି ବିଚରଣ କରିବାକୁ ଆସିଥିଲେ । ସେମାନେ ବୁଲୁବୁଲୁ ମରୁଡ଼ିଗୁଡ଼ାରେ ପହଞ୍ଚିଲେ । ସେଠାରେ କିଛିଦିନ ଧରି ରହିବା ଭିତରେ ଜାଗାଟି ଇନ୍ଦ୍ରାଣୀଙ୍କୁ ବହୁତ ଭଲ ଲାଗିଲା । ଇନ୍ଦ୍ର ଦେଖିଲେ ଯେ ଇନ୍ଦ୍ରାଣୀ ଆଉ ସ୍ୱର୍ଗକୁ ଯିବାକୁ ମନବଳଉ ନାହାନ୍ତି । ତେଣୁ ସେ କୌଶଳକରି ଦେବୀଙ୍କଠୁ ବିଦାୟ ନେଇ ଅବିଭକ୍ତ କଳାହାଣ୍ଡିର ସୁନବେଡ଼ା ଅଭୟାରଣ୍ୟ ଆଡ଼କୁ ଚାଲିଗଲେ । ଦିନ ପରେ ଦିନ ଗଡ଼ି ଚାଲିଲା । କିନ୍ତୁ ଇନ୍ଦ୍ର ଆଉ ଫେରିଲେ ନାହିଁ । ଇଆଡ଼େ ଦେବୀ ଥୁଆମୂଳ ଛାଡ଼ିବାକୁ ନାରାଜ । ଫଳରେ ଇନ୍ଦ୍ରାଣୀ, ଇନ୍ଦ୍ରଙ୍କୁ ଝୁରିଝୁରି ନଦୀ ହୋଇ ବହିବାକୁ ଲାଗିଲେ । ମାତ୍ର ଇନ୍ଦ୍ରଙ୍କ ପତ୍ତା ସୁଦ୍ଧା ପାଇଲେ ନାହିଁ । ତେଣୁ ଇନ୍ଦ୍ରାବତୀ ନାମ ଧାରଣକରି ଏଯାବତ ଇନ୍ଦ୍ରାବତୀ ନଦୀ ବହିଚାଲିଛି । ସେପଟେ ଇନ୍ଦ୍ର ନୂଆପଡ଼ାର କୋମନା ଓ ଖରିଆର ଅଞ୍ଚଳ ମଝିରେ ଉଦନ୍ତୀ ନାମକ ଝିଅକୁ ବିବାହ ହୋଇ ଇନ୍ଦ୍ରନଦୀ ଭାବେ ରହିଗଲେ । ଏବେ ମଧ୍ୟ ଦେଖିବାକୁ ମିଳୁଛି ଯେ ନୂଆପଡ଼ା ଜିଲ୍ଲାରେ ଉଦନ୍ତୀ ଓ ଇନ୍ଦ୍ରନଦୀ ରହିଛି । ତେବେ ଇନ୍ଦ୍ରାବତୀକୁ ନେଇ ଅନେକ ଲୋକକଥା, ଲୋକଗୀତ ଓ ଜନଶ୍ରୁତି ଶୁଣିବାକୁ ମିଳେ ।

## ଶସ୍ୟଶ୍ୟାମଳା କଳାହାଣ୍ଡି

କଳାହାଣ୍ଡି ଜିଲ୍ଲାରେ ଜଳସେଚନର ସୁବିଧା ପାଇଁ ବାମ ଓ ଡାହାଣ କେନାଲ କାମ କରୁଛି । ଖରିଫ ଚାଷ ସମୟରେ ୧,୨୯,୦୯୭ହେକ୍ଟର ଏଚ୍‌ୱାଇଭି ଧାନ, ୧୫,୧୦୬ହେକ୍ଟର ହାଇବ୍ରିଡ଼ ଧାନ, ଦେଶୀ ଧାନ ୨୧୨ ହେକ୍ଟର ଏବଂ ରବି ଫସଲର ଟାର୍ଗେଟ ରହିଥିବା ୩୮,୦୦୦ହେକ୍ଟର ଜମିରୁ ୩୯,୧୬୯ଜମିକୁ ଜଳସେଚିତ କରାଯାଇପାରିଛି । ସେହିପରି ସମୁଦାୟ ଲାଞ୍ଜିଗଡ଼, ଜୁନାଗଡ଼, ଧର୍ମଗଡ଼ ଓ



ଭବାନୀପାଟଣା ନିର୍ବାଚନ ମଣ୍ଡଳୀର ୧,୧୭,୦୩୫ ହେକ୍ଟର ଜମି ଜଳସେଚନର ସୁବିଧା ପାଇବା ସହ ଧାନ ଉତ୍ପାଦନରେ ଜିଲ୍ଲା ଆଜି ରାଜ୍ୟରେ ସର୍ବାଗ୍ରେ ରହିବାକୁ ଯାଉଛି । ଜିଲ୍ଲା ଯୋଗାଣ ବିଭାଗର ରିପୋର୍ଟ ଅନୁଯାୟୀ ୨୦୨୩-୨୪ରେ ଖରିଫ ଓ ରବି ଧାନ ଉତ୍ପାଦନ ୮୧,୨୦,୦୦୦କ୍ୱିଣ୍ଟାଲରୁ ଅଧିକ ହେଉଥିବା ବେଳେ ଠିକ୍ ୧୦ ବର୍ଷ ପୂର୍ବେ ୨୦୧୫-୧୬ରେ ୩୮,୦୦୦ କ୍ୱିଣ୍ଟାଲ୍‌ରେ ସୀମିତ ରହିଥିଲା । ୨୦୧୫-୧୬ରେ ୫୪୦ କୋଟି ଧାନ କ୍ରୟ କରାଯାଉଥିବା ବେଳେ ବର୍ତ୍ତମାନ ୧,୭୦୦ କୋଟିରୁ ଅଧିକ ଧାନ କ୍ରୟ କରାଯାଉଛି । ଆଜି ଇନ୍ଦ୍ରାବତୀ କଳାହାଣ୍ଡି ଜିଲ୍ଲାରେ ତା'ର ସୁନାର ଫସଲ ଫଳେଇବା ସହ ଗତ ଦଶବର୍ଷକୁ ଅନୁଧ୍ୟାନ କଲେ ୫୧,୭୦୪ରୁ ଚାଷୀ ସଂଖ୍ୟା ୧,୧୧,୨୧୭ରେ ପହଞ୍ଚିଛି ।



### ଶସ୍ୟଶ୍ୟାମଳା ଦେଖି ଖୁସି ଲାଗୁଛି

ଇନ୍ଦ୍ରାବତୀ କଥା କହିଲେ, ପୂର୍ବତନ ସାଂସଦ ପ୍ରତାପ କେଶରୀ ଦେଓ ଏବଂ ପୂର୍ବତନ କୋକସରା ବିଧାୟକ ତଥା କୃଷିମନ୍ତ୍ରୀ ରାସବିହାରୀ ବେହେରାଙ୍କ ଅବଦାନକୁ ସ୍ୱୀକାର କରିବାକୁ ପଡ଼ିବ । ପୂର୍ବତନ ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି ଯେ, କଳାହାଣ୍ଡି ଏକ ନଦୀବହୁଳ ଜିଲ୍ଲା ହୋଇଥିଲେ ସୁଦ୍ଧା ବର୍ଷା ଅଭାବଜନିତ ସମସ୍ୟା ଅତ୍ୟନ୍ତ ଉତ୍କଟ ରୂପ ଧାରଣ କରିଥିଲା । ରାଜ୍ୟ କୃଷିମନ୍ତ୍ରୀ ଭାବେ ଶ୍ରୀ ବେହେରା ବିଧାନସଭାରେ କଳାହାଣ୍ଡିର ବିକଳଚିତ୍ରକୁ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ଇନ୍ଦ୍ରାବତୀକୁ ଦୃଷ୍ଟିରେ ରଖି ପ୍ରତାପ କେଶରୀ ଦେଓ ଏବଂ ଶ୍ରୀ ବେହେରା ନିଜେ ଲୋକସଭାରେ କଳାହାଣ୍ଡିକୁ ନେଇ ଷ୍ଟାର ପ୍ରଶ୍ନ କରିଥିଲେ । କଳାହାଣ୍ଡିରେ ଚାଷୀମାନେ ସାର ବ୍ୟବହାର ପ୍ରତି ସୁଯୋଗ ପାଉ ନ ଥିଲେ । ଚାଷ ପାଇଁ ପାଣିର ବ୍ୟବସ୍ଥା ଓ ସାର ଉପଯୋଗ ନେଇ ଚେଷ୍ଟା ଚଳାଇଥିଲେ । ଧୀରେ ଧୀରେ ଇନ୍ଦ୍ରାବତୀର ଜଳରାଶିରେ କଳାହାଣ୍ଡି ମରୁଡ଼ିର ଚିତ୍କାର ମିଳେଇ ଯାଇଥିଲା ଓ ସାର ବ୍ୟବହାର ଆଜି ଏପରି କରାଯାଉଛି, ଯାହାକି ଓଡ଼ିଶାରେ ସାର ବ୍ୟବହାରରେ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛି ପାରିଛି । ସେ ଯାହା ହେଉ, ଅପର ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପର ପରିକଳ୍ପନା ଦିଗରେ ମୋର ନିଜର ସାମାନ୍ୟତମ ଭୂମିକା ନିଭାଇଥିବା ଯୋଗୁଁ ଆଜିର ଶସ୍ୟଶ୍ୟାମଳ ମୋତେ ଅତ୍ୟନ୍ତ ଖୁସୀ ଦେଇଛି ବୋଲି ଶ୍ରୀ ବେହେରା କହିଛନ୍ତି ।

**ରାସବିହାରୀ ବେହେରା**
ପୂର୍ବତନ କୋକସରା ବିଧାୟକ ତଥା କୃଷିମନ୍ତ୍ରୀ



### ପର୍ଯ୍ୟଟନ ଉପଯୋଗୀ କରାଯାଇପାରିବ

କଳାହାଣ୍ଡି ବିକାଶର ମାନଚିତ୍ରରେ ଇନ୍ଦ୍ରାବତୀ ଜଳ ଯୋଜନା ଏକ ସମୃଦ୍ଧିର ପ୍ରତୀକ । ଇନ୍ଦ୍ରାବତୀ କଳାହାଣ୍ଡିର ଜୀବନରେଖା । ଏହି ନଦୀ ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକ୍‌ର ମରଡ଼ିଗୁଡ଼ା ଗ୍ରାମରୁ ଉତ୍ପତ୍ତି ଲାଭକରି ଦକ୍ଷିଣ ଦିଗକୁ ପ୍ରବାହିତ ହୋଇ ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲା ସୀମାନ୍ତରେ ପୋଡାଗଡ଼, ମୁରାନ, କପୁର ଏବଂ ଇନ୍ଦ୍ରାବତୀ ନଦୀର ସମ୍ମିଶ୍ରଣରେ ୧୧୦ ବର୍ଗ କିଲୋମିଟର ପରିବ୍ୟାପ୍ତ ଏକ ବିରାଟ ଜଳ ଭଣ୍ଡାର ସୃଷ୍ଟି କରିଛି । ଫଳରେ କଳାହାଣ୍ଡି ଜିଲ୍ଲାର ୧ ଲକ୍ଷ ୩୦ ହଜାର ହେକ୍ଟର ଜମିରେ ଜଳସେଚନ ହେବା ସଙ୍ଗେ ସଙ୍ଗେ ୬୦୦ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ କରି ଜିଲ୍ଲାର କୃଷି ଓ ଶକ୍ତି କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଅବଦାନ ସୃଷ୍ଟି କରିପାରିଛି । ଜଳଭଣ୍ଡାରର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ମଧ୍ୟ ଆକର୍ଷିତ କରୁଛି । ଏହାର ପରିସରରେ ବସବାସ କରୁଥିବା ଅଧିବାସୀଙ୍କ ଜୀବନଯାତ୍ରା ଓ ଆଦିମ ଜନଜାତିଙ୍କ ଜୀବନ ଶୈଳୀ, କୃଷି ଓ ଗୋପାଳନ ପରମ୍ପରା, ଯାନିଯାତ୍ରା ବହୁ ଭାବରେ ଏଠାକାର ସାମାଜିକ ସଂସ୍କୃତିର ପ୍ରଦର୍ଶନ କରିଥାଏ । ଇନ୍ଦ୍ରାବତୀ ନଦୀର ଉର୍ବର ଉପତ୍ୟକାରେ ରହିଥିବା ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ପ୍ରତ୍ନତାତ୍ତ୍ୱିକ ବିଭବ ଏକ ପ୍ରାଚୀନ ସଭ୍ୟତାର ରୂପରେଖ ସମ୍ପର୍କରେ ସୂଚନା ଦେଇଥାଏ । ଇନ୍ଦ୍ରାବତୀ ଜଳ ଯୋଜନାର ସମ୍ପର୍କ କେବଳ ବିଦ୍ୟୁତ ଓ ଜଳସେଚନରେ ସୀମିତ ନ ରହି ଏହା ଏକ ପର୍ଯ୍ୟଟନ, ମତ୍ସ୍ୟଚାଷ, ନୌଚାଳନା ତଥା ଗୋପାଳନ କ୍ଷେତ୍ରରେ ମଧ୍ୟ ନୂତନ ଉଦ୍ୟମିତାର ବିଭବ ସୃଷ୍ଟି କରିପାରିଛି । ଆଜି ବି ପର୍ଯ୍ୟଟକ ଏହାର ସଂଦର୍ଶନ ପାଇଁ ବହୁ ଦୂରରୁ ଏଠାକୁ ଛୁଟି ଆସନ୍ତି । ମୁଖିଗୁଡ଼ା କେନାଲଗୁଡ଼ିକର କୋଟି କୋଟି ଟଙ୍କା ବିନିମୟରେ ରୂପାନ୍ତରିତ ହେବାପରେ ଚାଷୀଙ୍କ ମୁହଁରେ ହସ ଫୁଟିଛି । ଇନ୍ଦ୍ରାବତୀର ପ୍ରାକୃତିକ ବୈଭବକୁ ଦ୍ୱିଗୁଣିତ କରିବା ପାଇଁ ପର୍ଯ୍ୟଟନ ଉପଯୋଗୀ ବ୍ୟବସ୍ଥା ସହିତ ଏହି ପ୍ରକଳ୍ପ ପରିସରସ୍ଥ ଅଞ୍ଚଳବାସୀଙ୍କ ନିମ୍ନତମ ଆବଶ୍ୟକତାକୁ ଯଦି ଦୃଷ୍ଟି ଦିଆଯାଏ, ତେବେ ଆମେ ଇନ୍ଦ୍ରାବତୀ ପ୍ରକଳ୍ପର ବହୁମୁଖୀ ଉନ୍ନୟନର ରୂପରେଖକୁ ଜନସମ୍ମୁଖରେ ଉପସ୍ଥାପିତ କରିପାରିବା ।

**ସତ୍ୟନାରାୟଣ ମୁଣ୍ଡଛିନା**
ବିଶିଷ୍ଟ ସାହିତ୍ୟିକ ତଥା ସଂସ୍କୃତି ଗବେଷକ



### କଳାହାଣ୍ଡିର ଅର୍ଥନୈତିକ ଅଭିବୃଦ୍ଧି ହୋଇଛି

ଲୋକମାନଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ସହିତ ଜୟପାଟଣା ବ୍ଲକ୍‌ର ବାନେରଠାରେ ୨୨୦/୧୩୨/୩୩ ଗ୍ରୀଡ୍‌ର ଲୋକାର୍ପଣ ହୋଇଯାଇଛି । ୧୨୦ଟି ଗ୍ରାମର ୩୦ ହଜାର ପରିବାରଙ୍କୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଛି । ସେ ସମ୍ପର୍କରେ ତତ୍କାଳୀନ ଶକ୍ତି ମନ୍ତ୍ରୀ ତଥା ବର୍ତ୍ତମାନର ଜୁନାଗଡ଼ ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର କହିଛନ୍ତି, ଇନ୍ଦ୍ରାବତୀ ପ୍ରକଳ୍ପ ଶିଳାନ୍ୟାସର ୪୩ ବର୍ଷ ଓ ଶକ୍ତି ଉତ୍ପାଦନର ୨୦ ବର୍ଷ ପରେ କଳାହାଣ୍ଡିରେ ଶତାଧିକ ପରିବାରଙ୍କୁ ବିଦ୍ୟୁତ ସେବା ଉପଲବ୍ଧ ହୋଇଛି । ନିକଟ ଅତୀତରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଲୋକାର୍ପଣ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିଥିଲେ ଯେ, ଏହି ୩ଟି ଶକ୍ତି ପ୍ରକଳ୍ପ ଦ୍ୱାରା କଳାହାଣ୍ଡି ଜିଲ୍ଲାର ଜୟପାଟଣା, କୋକସରା ଓ କଳମପୁର ଅଞ୍ଚଳବାସୀ ଉପକୃତ ହେବେ । ଲୋକମାନଙ୍କୁ ଉନ୍ନତମାନର ବିଶ୍ୱାସନୀୟ ଓ ନିରବଚ୍ଛିନ୍ନ ବିଦ୍ୟୁତ ସେବା ମିଳିଛି । ଆଜି ପୂର୍ବାପେକ୍ଷା ପାୱାରକଟ୍ ସମସ୍ୟା ଆଉ ନାହିଁ କହିଲେ ଚଳେ । ଯାହା ଦ୍ୱାରା ଚାଷୀ, ମହିଳା ଓ ଛାତ୍ରଛାତ୍ରୀମାନେ ବେଶ୍ ଉପକୃତ ହେଉଛନ୍ତି । ଏବେ କଳାହାଣ୍ଡି ଜିଲ୍ଲାର ଜୟପାଟଣା, କୋକସରା ଓ କଳମପୁର ବ୍ଲକର ୧୨୦ ଟି ଗ୍ରାମର ୩୦ ହଜାର ବିଦ୍ୟୁତ ଗ୍ରାହକ ସିଧାସଳଖ ଇନ୍ଦ୍ରାବତୀ ବିଦ୍ୟୁତ ପ୍ରକଳ୍ପରୁ ବିଜୁଳି ପାଉଛନ୍ତି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବାଦ୍ୱାରା କଳାହାଣ୍ଡି ଜିଲ୍ଲା ଇନ୍ଦ୍ରାବତୀ ହାଇଡ୍ରୋ ଇଲେକ୍ଟ୍ରିକ୍ ପ୍ରୋଜେକ୍ଟ ଦ୍ୱାରା ଯେଉଁ ବିଦ୍ୟୁତ୍ ଶକ୍ତି ବାହାରକୁ ଯାଉଥିଲା, ତାହା ଏବେ କଳାହାଣ୍ଡି ଜିଲ୍ଲାରେ ଉପଲବ୍ଧ ହେଉଛି । ଉତ୍ପନ୍ନ ବିଦ୍ୟୁତ ଶକ୍ତିକୁ ବ୍ୟବହାର କରାଯିବା ସହିତ କୃଷି, ଜଳସେଚନ ଓ ଆନୁଷଙ୍ଗିକ କ୍ଷେତ୍ରରେ କଳାହାଣ୍ଡିର ଅର୍ଥନୈତିକ ଅଭିବୃଦ୍ଧି ଦ୍ୱାରା କଳାହାଣ୍ଡି ଆଉ ଏକ ପାଦ ଆଗକୁ ବଢ଼ିଛି । କେବଳ ସେତିକି ନୁହେଁ ଆଗାମୀ ଦିନରେ ଅନ୍ୟ ବ୍ଲକକୁ ସମ୍ପ୍ରସାରଣ କରାଯାଇ ୪୭ କିମି ଦୀର୍ଘ ଆଉ ଏକ ୧୩୨ କେଭି ଡବଲ୍ ସାକେଟ୍ ଲାଇନ୍ ଜୁନାଗଡ଼କୁ ସମ୍ପ୍ରସାରଣ କରାଯିବ । କଳାହାଣ୍ଡିର ସାମୂହିକ ବିକାଶ ଉପରେ ସବୁବେଳେ ରାଜ୍ୟ ସରକାର ଅହରହ ଉଦ୍ୟମ କରୁଛନ୍ତି । ଏହା ଦ୍ୱାରା ଜିଲ୍ଲାର ଜଳସେଚନ ଆହୁରି ଅଧିକ ବିକଶିତ ହେବା ସହିତ ୩୩ କେଭିର ବିଦ୍ୟୁତ ସଂଯୋଗର ୨ଟି ମେଗା ଲିଫ୍ଟ ପଏଣ୍ଟକୁ ମଧ୍ୟ ବିଦ୍ୟୁତ ସଂଯୋଗ ହୋଇପାରିବ ।

**କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର**
ବିଧାୟକ, ଜୁନାଗଡ଼

# ଗୁଡ଼ ମର୍ଣ୍ଣିଂ ରିପୋର୍ଟର

## ସ୍ୱାଧୀନତା ସଂଗ୍ରାମର ମୂକସାକ୍ଷୀ

# ରାଜାବଖରୀ

**ସପ୍ତଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ତତ୍କାଳୀନ ଚୌହାନ ରାଜା ଛତ୍ର ସାଏଙ୍କ ସମୟରେ ଏହି ଭବ୍ୟ ରାଜପ୍ରସାଦ ନିର୍ମାଣ କରାଯାଇଥିଲା। ଦୋମହଲା ବିଶିଷ୍ଟ ଏହି କୋଠାରେ ୪୦ଟି କୋଠରୀ ରହିଛି। ହଜାରିବାଗ ଜେଲରୁ ମୁକୁଳିବା ପରେ ୧୮୫୭ରେ ବୀର ସୁରେନ୍ଦ୍ର ସାଏ ସମ୍ବଲପୁରକୁ ୧୫ଶହ ଅନୁଗାମୀଙ୍କ ସହ ଆସି ଏହି ରାଜ ପ୍ରାସାଦକୁ ପ୍ରବେଶ କରିଥିଲେ। ବ୍ରିଟିଶମାନଙ୍କ ସହ ଲଢ଼େଇ ସମୟରେ ଏହି ପ୍ରାସାଦରେ କିଛିଦିନ ରହିଥିଲେ। ଭାରତ ଛାଡ଼ ଆନ୍ଦୋଳନ ସମୟରେ ଏଠାରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା।**







**ଶୁଭାଶିଷ ପାଢ଼ୀ**

ସମ୍ବଲପୁର ସହରର ଐତିହାସିକ ମୂକସାକ୍ଷୀ, ଅନେକ ସ୍ମୃତି ଥିବା ରାଜା ବଖରୀ (ରାଜପ୍ରାସାଦ)ର ପୁନରୁଦ୍ଧାର ହେବାକୁ ଯୋଜନା ହୋଇଛି। ଇଣ୍ଡିଆନ୍ ନ୍ୟାସନାଲ୍ ଟ୍ରଷ୍ଟ ଫର୍ ଆର୍ଟ ଏଣ୍ଡ କଲଚୁରାଲ୍ ହେରିଟେଜ୍ (ଇନ୍‌ଟାକ୍) ପକ୍ଷରୁ ଏହି ପ୍ରକଳ୍ପ ପାଇଁ ପ୍ରଥମ ଡିପିଆର୍ କାର୍ଯ୍ୟକାରୀ ହେବାରେ ବିଳମ୍ବ ହେବାରୁ ଦ୍ୱିତୀୟ ଡିପିଆର ତିଆରି କରି ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ଇନ୍‌ଟାକ୍ ପକ୍ଷରୁ ଏକ ପ୍ରତିନିଧି ଦଳ ମଧ୍ୟ ଆସି ତଦାରଖ କରି ଫେରିଛନ୍ତି। ଡିପିଆର୍ ଦେବା ପରେ ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ କାମ ଆରମ୍ଭ ହୋଇଯିବ ବୋଲି ଐତିହାସିକ ତଥା ଇନ୍‌ଟାକ୍ ସମ୍ବଲପୁର ସଦସ୍ୟ ଦୀପକ ପଣ୍ଡା ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, ଆସାମୀୟ କବି ବେଜବରୁଆଙ୍କ ଘରର ପୁନରୁଦ୍ଧାର କାମ ଇନ୍‌ଟାକ୍ ପକ୍ଷରୁ ଚାଲିଛି। ଖୁବଶୀଘ୍ର ଶେଷ ହୋଇଯିବ। ଶେଷ ହେବା ପରେ ରାଜାବଖରୀର କାମ କରାଯିବ। ଏବେ ସମ୍ବଲପୁର ପ୍ରେସ୍ କ୍ଲବ୍, ଜିଲ୍ଲା କୃଷକ ସଂଗଠନ ସହିତ ଅନେକ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ, କଲେଜ ଛାତ୍ରଛାତ୍ରୀଙ୍କ ପକ୍ଷରୁ ସାମୁହିକ ଶ୍ରମଦାନ ଜରିଆରେ ରାଜାବଖରୀ ପରିସରରୁ ଆବର୍ଜନା ଅପସାରଣ ସହିତ ସ୍ୱଚ୍ଛତା ଅଭିଯାନ କରାଯାଉଛି। ଏହି ରାଜା ବଖରୀକୁ ପୂର୍ବରୁ ଲେଡ଼ିଲୁଇସ୍ ବାଳିକା ହାଇସ୍କୁଲର ହଷ୍ଟେଲ ପାଇଁ ପ୍ରସ୍ତାବ ରହିଥିଲା। ତେବେ ଏହି ପୁରାତନ ସୌଧର ସଂରକ୍ଷଣ ଏବଂ ପ୍ରଚାର ପ୍ରସାର ପାଇଁ ସାଧାରଣରେ ମତ ପ୍ରକାଶ ପାଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଏହାକୁ ପୌଷ୍ୟ କୀର୍ତ୍ତି ଭାବେ ଗ୍ରହଣ କରିବା ପ୍ରସ୍ତାବ ରହିଛି। ସୂଚନାଯୋଗ୍ୟ ଯେ, ଏହାର ଦରବାର ହଲ୍‌ରେ ପ୍ରଥମେ ଜିଲ୍ଲା ସ୍କୁଲ ଏବଂ ଏବେ ଲେଡ଼ିଲୁଇସ୍ ବାଳିକା ହାଇସ୍କୁଲ ଚାଲିଛି। ସମ୍ବଲପୁରର ସମୃଦ୍ଧ ଇତିହାସର ମୂକସାକ୍ଷୀ ଭାବେ ଛିଡ଼ା ହୋଇଥିବା ରାଜାବଖରୀ ଅବହେଳିତ ଅବସ୍ଥାରେ ଏବେ ରହିଛି। ବର୍ତ୍ତମାନ ସମ୍ବଲପୁରର ରାଣୀ ବଖରୀ ବା ରାଣୀଙ୍କ ପ୍ରାସାଦର ପୁନଃରୁଦ୍ଧାର ପରେ ଇନ୍‌ଟାକ୍ ପକ୍ଷରୁ ୧୯୦୨ର ଭିକ୍ଟୋରିଆ ଡିଷ୍ଟ୍ରିକ୍ଟ ହଲ୍ ଏବଂ ଆସାମ ସାହିତ୍ୟ ବିଶିଷ୍ଟ କଥାକାର ଲକ୍ଷ୍ମୀନାଥ ବେଜବରୁଆଙ୍କ କାର୍ଯ୍ୟାଳୟ ଓ ସାଧନାଗୃହର ପୁନଃରୁଦ୍ଧାର କରାଯାଉଛି।

# ଜଙ୍ଗଲ ପ୍ରେମରେ ଯନ୍ତ୍ରୀ

**ଏକଦା ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିବା ବଙ୍ଗୋପସାଗର ବେଳାଭୂମୀ ପାରାଦୀପରେ ବୃହତ ବନ୍ଦର ପ୍ରତିଷ୍ଠା ଓ ପରବର୍ତ୍ତି ସମୟରେ ଏଠାରେ ବିଭିନ୍ନ ଶିଳ୍ପ ସଂସ୍ଥା ଗଢିଉଠିବା ଦ୍ୱାରା ପରିବେଶ ଉପରେ ଏହାର ପ୍ରଭାବ ପଡ଼ିଛି। ଶିଳ୍ପାୟନର ଆବଶ୍ୟକତା ପାଇଁ ସବୁଜ ବନାନୀକୁ ବିଦାୟ ନେବାକୁ ପଡୁଛି। ଫଳରେ ପରାଦୀପ, କୁଜଙ୍ଗ ଓ ମହାକାଳପଡ଼ା ଅଞ୍ଚଳରେ ପରିବେଶ ଅସନ୍ତୁଳିତ ହେବାରେ ଲାଗିଛି। ଏଠାରେ ବଢୁଥିବା ପ୍ରଦୂଷଣକୁ ହ୍ରାସ କରିବାକୁ କିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି।**





**ରଶ୍ମି ରଞ୍ଜନ ମହାପାତ୍ର**

ଜଗତସିଂହପୁର ଜିଲ୍ଲା ବିଶ୍ୱାଳୀ ଗ୍ରାମର ଯନ୍ତ୍ରୀ ଅମରେଶ ନରେଶ ସାମନ୍ତ ଓ ତାଙ୍କ ଦ୍ୱାରା ଗଠିତ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ ସ୍ଥାନୀୟ ଅଞ୍ଚଳରେ ପରିବେଶର ସୁରକ୍ଷା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଯନ୍ତ୍ରୀ ଅମରେଶ ଓ ତାଙ୍କ ସଂଗଠନ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ସବୁଜିମା ସୃଷ୍ଟି ପାଇଁ ଉଦ୍ୟମ ଦ୍ୱାରା ୨୦ଟି ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି ହୋଇଛି। ଯନ୍ତ୍ରୀ ଅମରେଶ ଓ ତାଙ୍କ ସଂଗଠନ ପରିବେଶ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହିତ ଆଦ୍ରଭୂମିର ସୁରକ୍ଷା ପାଇଁ ଲୋକଙ୍କୁ ସଚେତନ କରୁଛନ୍ତି। ଅମରେଶଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୫ ଓ ୨୦୨୩ରେ ପ୍ରକୃତିବନ୍ଧୁ, ୨୦୧୬ରେ ତାଙ୍କ ସଂଗଠନକୁ ପ୍ରକୃତିମିତ୍ର ସମ୍ମାନ ମିଳିଛି। ପ୍ରଧାନମନ୍ତ୍ରୀ ତାଙ୍କର ମନ କି ବାତ କାର୍ଯ୍ୟକ୍ରମର ୨୫ତମ ସଂସ୍କରଣରେ ଅମରେଶଙ୍କର ପ୍ରଶଂସା କରିଛନ୍ତି। ପିଲାଦିନରୁ ଅମରେଶଙ୍କର ଗଛ ପ୍ରତି ଦୁର୍ବଳତା ଥିଲା। ସ୍କୁଲ ଜୀବନରେ ଗଛ ଲଗାଇ ଏହାକୁ ଯତ୍ନର ସହିତ ବଢ଼ାଇବାର ଆନନ୍ଦ ତାଙ୍କୁ ପରବର୍ତ୍ତୀ ଜୀବନରେ ସବୁଜିମାମୟ ଜଙ୍ଗଲ ସୃଷ୍ଟି କରିବାକୁ ପ୍ରେରଣା ଦେଇଥିଲା। ଇଞ୍ଜିନିୟରିଂ ଶିକ୍ଷା ଲାଭ କରିବା ପରେ ସେ ପାରାଦୀପ ବନ୍ଦରରେ ଜଣେ ଯନ୍ତ୍ରୀ ଭାବରେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ମାତ୍ର ଏହି ସମୟରେ ଗଛ ଲଗାଇବାର ନିଶା ବୃଦ୍ଧିପାଇବା ସହିତ ଏହାକୁ ଜୀବନର ବ୍ରତ ଭାବରେ ସେ ଗ୍ରହଣ କରିଛନ୍ତି। ଏପରିକି ନିଜ ଦରମାର ଅଧାରୁ ଅଧିକ ସେ ଗଛ ଲଗାଇବା ଓ ଜଙ୍ଗଲ ସୃଷ୍ଟି କରିବାରେ ବିନିଯୋଗ କରିଛନ୍ତି। ୨୦୦୫ରୁ ତାଙ୍କ ଦ୍ୱାରା ଗଠିତ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ ସଂଗଠନର ସଦସ୍ୟମାନେ ତାଙ୍କ ସହିତ ପାଦ ମିଳାଇ ଏହି ମହାନ କାର୍ଯ୍ୟରେ ତାଙ୍କୁ ସହଯୋଗ କରୁଥିବା ଜଣାପଡ଼ିଛି। ତାଙ୍କର ଏହି ପ୍ରୟାସକୁ ଅଧିକ ବ୍ୟାପକ କରିବାକୁ ସେ ଓଡ଼ିଶା ଜୈବ ବିବିଧତା କଂଗ୍ରେସ ଗଠନ କରିଛନ୍ତି। ତାଙ୍କ ପ୍ରଚେଷ୍ଟାରେ ଖୁରୁସିଆ, ଲୁଣ୍ଡୁକୁଆ, ଚଉମୁହାଣି, ନରେନ୍ଦ୍ରପୁର, ପିପଳ, ପାରାଦୀପଗଡ଼, ଉଚ୍ଛବାନନ୍ଦପୁର, ବିଶ୍ୱାଳି ତଥା କେନ୍ଦ୍ରାପଡ଼ା ଜିଲ୍ଲାର କେତେକ ସ୍ଥାନରେ ଶହ ଶହ ଗଛ ଲଗାଇ ସବୁଜ ଜଙ୍ଗଲ ସୃଷ୍ଟି କରାଯାଇ ପାରିଛି। ମହାନଦୀର ମୁହାଣ ମୁହଁ ଚଉମୁହାଣିରେ ବ୍ୟାପକ ହେନ୍ତାଳ ବଣ ସୃଷ୍ଟି ପାଇଁ ଦୀର୍ଘ ୫ବର୍ଷ ଧରି ଉଦ୍ୟମ ଜାରି ରଖିଛନ୍ତି। ଏଠାରେ ହେନ୍ତାଳ ଚାରା ପ୍ରସ୍ତୁତ କରାଯିବା ସହିତ ଚାରାରୋପଣ ମଧ୍ୟ ଜାରି ରହିଛି।









# ଆଧ୍ୟାତ୍ମିକ ଚେତନାର ଉତ୍କର୍ଷ ପୀଠ

**ଧରିତ୍ରୀକୁ ଯାହା ଧରି ରଖିଥାଏ, ତାହାକୁ ଧର୍ମ ବୋଲି ଅନେକ ବିବେଚନା କରନ୍ତି। ତେବେ ଧର୍ମ ଯାହା ହେଉନା କାହିଁକି ମଣିଷକୁ ସତ୍‌ମାର୍ଗରେ ପରିଚାଳିତ କରିବା ତାର ମୁଖ୍ୟ ଉଦ୍ଦେଶ୍ୟ। ସେହିପରି ଓଡ଼ିଶାରେ ବହୁଜନ ଆଦୃତ ଏକ ପ୍ରସିଦ୍ଧ ଧର୍ମୀୟ ଭାବନା ଓ ଆଧ୍ୟାତ୍ମିକ ଚେତନା ହେଉଛି ଅଲେଖ ମହିମା ଧର୍ମ। ଓଡ଼ିଶା ତଥା ଦେଶର ବିଭିନ୍ନ ସ୍ଥାନରେ ଏହା ଗ୍ରହଣୀୟ ହୋଇଥିଲେ ହେଁ ପଶ୍ଚିମ ଓଡ଼ିଶାରେ ଅନେକ ଲୋକ ଦୀକ୍ଷିତ ହୋଇଛନ୍ତି।**





**ସ୍ୱାଧୀନ ପାତ୍ର**

ପ୍ରାୟ ସ୍ଥାନରେ ଅଲେଖ ଧର୍ମାବଲମ୍ବୀ ରହୁଥିବା ବେଳେ ଭବାନୀପାଟଣା ସହରର ଗୋଦାମପଡ଼ାରେ ରହିଥିବା ସିଦ୍ଧବାବା ରତ୍ନମଣି ଅଲେଖ ମହିମା ଆଶ୍ରମ ଏକ ପୁରାତନ ଅଲେଖ ମହିମା ପୀଠ। ପ୍ରାୟ ୧୫୦ ବର୍ଷ ତଳେ ରାଜକୀୟ ଶାସନ ସମୟରେ ଏହା ସ୍ଥାପିତ ହୋଇଥିଲା। ମହାରାଜ ପ୍ରତାପକେଶରୀ ଦେଓଙ୍କ ଜେଜେମା ତଥା ମହାରାଣୀ ରାମଚନ୍ଦ୍ର ପ୍ରିୟା ଦେବୀଙ୍କ ସୌଜନ୍ୟରୁ ଏହି ଜାଗାଟି ପ୍ରଦତ୍ତ ହୋଇଥିଲା। ମହାରାଣୀ ପୁତ୍ରର ସୁସ୍ଥତା କାମନା କରି ଅଲେଖ ବାବାଙ୍କ ଦ୍ୱାରା ଆରୋଗ୍ୟ ଲାଭ କରିଥିବା ହେତୁ ସେ ମହିମା ଧର୍ମଧାରୀଙ୍କୁ ଏଠାରେ ରହିବା ପାଇଁ ସୁବିଧା ଯୋଗାଇ ଦେଇଥିଲେ। ସେବେଠୁ କିଛି ମହିମା ଧର୍ମାବଲମ୍ବୀ ଏଠାରେ ରହିଆସୁଥିଲେ। ଅନେକ ସମୟରେ ବାବାମାନେ ଭ୍ରମଣରେ ଚାଲିଯାଉଥିବାରୁ ଭଗ୍ନ ଅବସ୍ଥାରେ ଆଶ୍ରମଟି ରହିଥିଲା। ସେତେବେଳେ ଏହା ଝାଟିମାଟିରେ ତିଆରି ହୋଇଥିଲା। ସମୟକ୍ରମେ ସିଦ୍ଧବାବା ରତ୍ନମଣି ଓଡ଼ିଶାର ବିଭିନ୍ନ ସ୍ଥାନ ପରିଭ୍ରମଣ କରିସାରିଲା ପରେ ଏଠାରେ ସ୍ଥାୟୀ ଭାବେ ରହିବାର ଯୋଜନା କରିଥିଲେ। ବାବାଙ୍କ ସହ ତାଙ୍କର ଅନୁଗାମୀ ଓ ଶିଷ୍ୟମାନେ ମଧ୍ୟ କ୍ରମେ ତାଙ୍କ ସହ ରହିବାକୁ ଲାଗିଲେ। ଏଠାରେ ଅଲେଖ ଦର୍ଶନ ସହ ଜ୍ଞାନର ଅଲୋଚନା ଚାଲିଲା। ପ୍ରାରମ୍ଭିକ ଭାବେ ଏହା ୨୦ଏକର ପରିମିତ ଜାଗା ଥିଲା। କାଳକ୍ରମେ ଏହା ବର୍ତ୍ତମାନ ବିଭିନ୍ନ କାରଣରୁ ଗୋଟିଏ ଏକରରୁ କମ ଜାଗା ବିଶିଷ୍ଟ ହୋଇଯାଇଛି।

ଏହି ସ୍ଥାନଟି ୧୯୮୫ ମସିହାବେଳକୁ ଅମରିବଣ ପରିପୂର୍ଣ୍ଣ ଥିଲା। ସେହି ସମୟରେ ସିଦ୍ଧବାବା ରତ୍ନମଣିଙ୍କ ସୁଯୋଗ୍ୟ ଉତ୍ତରାଧିକାରୀ ତଥା ବାବା ଭଗବାନ ଦାସ ଯୋରନ୍ଦାରେ ଦୀର୍ଘଦିନ ରହିବା ପରେ ଏହି ଆଶ୍ରମକୁ ଆସିଥିଲେ। ଗୁରୁଙ୍କ ଆଜ୍ଞାରେ ଗୁରୁଙ୍କ ପାଖେ ପାଖେ ରହିବାକୁ ମନସ୍ଥ କରିଥିଲେ। ସ୍ଥାନୀୟ ବାସିନ୍ଦା ନକୁଳ ମାଝୀ ଆଶ୍ରମର ଦୁରାବସ୍ଥା ଦେଖି ଦୁଇଟି କୁଡ଼ିଆ ନିର୍ମାଣ କରିଦେଇଥିଲେ, ଯିଏ କି ଜଣେ ଅଲେଖ ଧର୍ମର ସାଧକ ଥିଲେ। ୧୯୮୭ ମସିହାରେ ଅସୁସ୍ଥତା କାରଣରୁ ରତ୍ନମଣି ବାବାଙ୍କ ଦେହାନ୍ତ ପରେ ବାବା ଭଗବାନ ଦାସ ଆଶ୍ରମର ଦାୟିତ୍ୱ ନେଇଥିଲେ। ବାଲ୍ୟକାଳରୁ ବୈରାଗୀ ସାଜିଥିବା ବାବା ଭଗବାନ ବଲାଙ୍ଗୀରର ଯୋଗୀମୁଣ୍ଡାରେ ଜନ୍ମଗ୍ରହଣ କରିଥିଲେ। ଅଲେଖ ପ୍ରଭୁଙ୍କ କୃପାରୁ ସେ ଜନ୍ମ ହୋଇଥିବା ବେଳେ ୧୨ବର୍ଷ ବୟସରୁ ଅଲେଖ ମହିମା ଧର୍ମରେ ଦୀକ୍ଷିତ ହୋଇଥିଲେ। ପ୍ରାରମ୍ଭିକ ଭାବେ ବୈରାଗୀ ହୋଇ ଗୁରୁ ରତ୍ନମଣି ବାବାଙ୍କ ମାର୍ଗଦର୍ଶନରେ ସେ ଅନ୍ୟମାନଙ୍କୁ ମଧ୍ୟ ଦୀକ୍ଷିତ କରିଆସୁଛନ୍ତି। ଗୁରୁ ଆଜ୍ଞା- "ଗ୍ରାମକୁ ରାତିଏ, ଘରକୁ ମୁଠିଏ, ଆଜ୍ଞା ପାଳିଥିବ, ପିଣ୍ଡେ ପ୍ରାଣ ଥିବା ଯାଏଁ, ରହିବାକୁ ଭଙ୍ଗାଘର ଚାଟଶାଳ, ଅସମୟେ ବୃକ୍ଷମୂଳକୁ ଆଧାର କରି ସେ ନିଜର ଧର୍ମୀୟ ଜୀବନ ଅତିବାହିତ କରିଆସୁଛନ୍ତି। ଗୁରୁ ରତ୍ନମଣି ବାବାଙ୍କ ଦେହତ୍ୟାଗ ପରେ ଆଶ୍ରମର ଉନ୍ନତି ପାଇଁ ସେ ବିଶେଷ ଉଦ୍ୟମ କରିଥିଲେ। ଭବାନୀପାଟଣା ପୁରୁଣାପଡ଼ାର ଘାସିରାମ ପ୍ରଧାନଙ୍କ ସହାୟତାରେ ମଣ୍ଡପ ନିର୍ମାଣ ସହ ଅନ୍ୟ ଗୃହ ମଧ୍ୟ ନିର୍ମିତ ହୋଇଥିଲା। ସେହିପରି ତତ୍କାଳୀନ ଭବାନୀପାଟଣା ବିଧାୟକ ଭକ୍ତଚରଣ ଦାସଙ୍କ ସହଯୋଗରେ ଦୁଇଟି ମନ୍ଦିର ଓ ବର୍ତ୍ତମାନ ଦୃଷ୍ଟିଗୋଚର ହେଉଥିବା ପୁରୁଣାଘର ନିର୍ମିତ ହୋଇଥିଲା। ବାବା ଭଗବାନ ଦାସ ଅହୋରାତ୍ର ଆଶ୍ରମର ଉନ୍ନତି ଦିଗରେ ମନୋନିବେଶ କରିଥିଲେ। ବର୍ତ୍ତମାନ ସେ ୭୬ବର୍ଷ ବୟସରେ ଉପନୀତ। ଅନେକ ବ୍ୟକ୍ତି, ଦାତା ତଥା ଶୁଭେଚ୍ଛୁଙ୍କ ସହଯୋଗରେ ଆଶ୍ରମର ଅନେକ ଉନ୍ନତି ସମ୍ଭବପର ହୋଇପାରିଛି। ସେହିପରି ଭବାନୀପାଟଣା ବିଧାୟକ ପ୍ରଦୀପ ନାଏକ ମଧ୍ୟ ସହାୟତାର ହାତ ବଢ଼ାଇଛନ୍ତି। ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ ଅନେକ ସାଧକ, ବୈରାଗୀ ଓ ଦୀକ୍ଷିତ ବ୍ୟକ୍ତି ଏଠାରେ ରହୁଥିବା ବେଳେ ବିକାଶର ଆବଶ୍ୟକତା ରହିଛି।



# ପୁଅର ଗୁଳିମାଡ଼ରେ ମାଆ ଗୁରୁତର

**ଦଶପଲ୍ଲା, ୨୪।୨(ସମିସ):** ପୁଅର ଗୁଳିମାଡ଼ରେ ମାଆ ଗୁରୁତର। ଏଭଳି ଅଭାବନୀୟ ଘଟଣା ଘଟିଛି ନୟାଗଡ଼ ଜିଲ୍ଲା ବାଣୀଗୋଛା ଥାନା ଅନ୍ତର୍ଗତ କଳସାଖମଣ ଗ୍ରାମରେ। ଗୁରୁତର ମହିଳା ହେଲେ, ଦୁହିତା ପ୍ରଧାନ। ତାଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦୁହିତାଙ୍କ ବାମ ଆଣ୍ଠୁରେ ଗୋଟିଏ ଗୁଳି ପଶି ବାହାରି ଯାଇଛି। ଅପରପକ୍ଷେ ଗ୍ରାମବାସୀ ଗୁଳିମାଡ଼ କରିଥିବା ଦୁହିତାଙ୍କ ବଡ଼ପୁଅ ସୁଶାନ୍ତ ପ୍ରଧାନଙ୍କୁ କାବୁ କରି ବାଣୀଗୋଛା ପୁଲିସର ଜିମା ଦେଇଛନ୍ତି। ପୁଲିସ୍ ତା'ଠାରୁ ବନ୍ଧୁକ ଜବତ କରିବା ସହ ତାକୁ ଅଟକ ରଖି ପଚରାଉଚରା କରୁଛି। ସୂଚନାନୁଯାୟୀ, ଆଜି ସଂଧ୍ୟାରେ କୌଣସି କଥାକୁ କେନ୍ଦ୍ର କରି ଦୁହିତାଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ କଳହ ହୋଇଥିଲା। ଏଥିରେ ରାଗିଯାଇ ସୁଶାନ୍ତ ପରିବାରର ସମସ୍ତଙ୍କୁ ମାରପିଟ୍ କରିଥଲା। ତେଣୁ ପରିବାରଲୋକ ତାକୁ ବାନ୍ଧି ପକାଇଥିଲେ। କିଛି ସମୟ ପରେ ସୁଶାନ୍ତ କୌଶଳକ୍ରମେ ଖସି ଯାଇ ଏକ ଦେଶୀ ବନ୍ଧୁକରୁ ମା' ଦୁହିତାଙ୍କୁ ଗୁଳି କରିଥିଲା। ଶବ୍ଦ ଶୁଣି ସାହିପଡ଼ିଶା ଓ ଗ୍ରାମବାସୀ ସେଠାରେ ପହଞ୍ଚି ସୁଶାନ୍ତଙ୍କୁ କାବୁ କରିବା ସହ ଗୁରୁତର ଦୁହିତାଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ।

## ଅବଶିଷ୍ଟାଂଶ...

### ବିପର୍ଯ୍ୟୟ ଶିଖାଇଛି...

ବୋଲି ଶନିବାର ଭୁବନେଶ୍ୱରରେ ଇଣ୍ଡିଆ ଟୁଡେ ପକ୍ଷରୁ ଆୟୋଜିତ 'ଷ୍ଟେଟ୍ ଅଫ୍ ଦ ଷ୍ଟେଟ୍ କନକ୍ଲେଭ୍-୨୦୨୪'ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି। ନାରୀ ସଶକ୍ତିକରଣ, କ୍ରୀଡ଼ା, ବିପର୍ଯ୍ୟୟ ପରିଚାଳନା, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡ଼ିଶାର ଅଭୂତପୂର୍ବ ରୂପାନ୍ତରଣ ଆଜି ବିଶ୍ୱ ସମୁଦାୟକୁ ଆକର୍ଷିତ କରୁଛି। ପ୍ରତିଟି କ୍ଷେତ୍ରରେ ଓଡ଼ିଶା ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିଛି। କିନ୍ତୁ ଓଡ଼ିଶାର ଏହି ସଫଳ ଯାତ୍ରା ଆଦୌ ସହଜ ନଥିଲା। ପଥ କଣ୍ଟକିତ ଥିଲା। ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ହେଉ ଅବା ପୁଞ୍ଜିବିନିଯୋଗ, କ୍ରୀଡ଼ା ଭିତ୍ତିଭୂମିର ବିକାଶ ଅବା ଏକ ରାଜସ୍ୱ ବଳକା ରାଜ୍ୟରେ ପରିଣତ କରିବାରେ '୫-ଟି' ମନ୍ତ୍ର ଆମପାଇଁ ସହାୟକ ହୋଇଛି।

ମୁଖ୍ୟମନ୍ତ୍ରୀ କହିଥିଲେ, ଦୁଇ ଦଶନ୍ଧି ପୂର୍ବେ ମୁଁ ଯେତେବେଳେ ଓଡ଼ିଶାର ଶାସନ ଭାର ହାତକୁ ନେଇଥିଲି, ସେତେବେଳେ ଓଡ଼ିଶା ଗୁରୁତର ଆର୍ଥିକ ସଙ୍କଟ ଦେଇ ଗତି କରୁଥିଲା। ଏବେ ବିତ୍ତିୟ ପରିଚାଳନାରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟ ହୋଇଛି। ଦୁଇ ଦଶନ୍ଧି ପୂର୍ବେ ଓଡ଼ିଶା ଦାରିଦ୍ରତା ଓ କୁପୋଷଣର ଜ୍ୱଳନ୍ତ ଉଦାହରଣ ଥିଲା। ଓଡ଼ିଶାର କେବିକେ ଅଞ୍ଚଳକୁ ଭୋକର ଭୂଗୋଳ ଭାବେ ଗଣମାଧ୍ୟମରେ ଚିତ୍ରଣ କରାଯାଉଥିଲା। କିନ୍ତୁ ଆଜି ଏହି ଅଞ୍ଚଳ ପ୍ରତିଦିନ ବିକାଶର ନୂଆ ସୋପାନ ଅତିକ୍ରମ କରୁଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶା ଉଲ୍ଲେଖନୀୟ ବିକାଶ ସୁନିଶ୍ଚିତ କରିଛି। ୨୦ ବର୍ଷ ପୂର୍ବେ ଓଡ଼ିଶାରେ ଟଙ୍କାଟିଏ ବି ବିନିଯୋଗ ହେଉନଥିଲା। କିନ୍ତୁ ଆଜି ପୁଞ୍ଜି ବିନିଯୋଗ ଆଣିବାରେ ଓଡ଼ିଶା ଦେଶର ଦ୍ୱିତୀୟ ଶ୍ରେଷ୍ଠ ରାଜ୍ୟ। କେବଳ ଉତ୍ପାଦନ ନୁହେଁ, ସେମିକଣ୍ଡକ୍ଟର ସହିତ ଅତ୍ୟାଧୁନିକ କ୍ଷେତ୍ରରେ ଓଡ଼ିଶା ପୁଞ୍ଜି ଆଣିବାରେ ସଫଳ ହେଉଛି। ଏବେ ଓଡ଼ିଶା ଦେଶର ଷ୍ଟିଲ୍ ହବ୍ ଏବଂ ଦକ୍ଷିଣ ଏସିଆରେ ଆଲୁମିନିୟମ୍ ଉତ୍ପାଦନ ରାଜଧାନୀ ଭାବେ ଉଭା ହୋଇଛି। ଶ୍ରୀ ପଟ୍ଟନାୟକ କହିଥିଲେ, କେବଳ ଗତ ଦଶନ୍ଧି ମଧ୍ୟରେ ଦାରିଦ୍ର୍ୟତା ୪୮ ପ୍ରତିଶତ ହ୍ରାସ ପାଇଛି। ଏକ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠିଛନ୍ତି। ଖାଦ୍ୟ ଅଭାବୀ ଓଡ଼ିଶା, ଦେଶର ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ସବୁଠାରୁ ବଡ଼ ଯୋଗଦାନ ଦେଉଛି। କ୍ରୀଡ଼ା ଭିତ୍ତିଭୂମିରେ ଅଭୂତପୂର୍ବ ସୁଧାର ଆସିଛି। ଚାରି ଦଶନ୍ଧିରୁ ଅଧିକ ସମୟର ବ୍ୟବଧାନ ପରେ ଓଡ଼ିଶାର ସହଭାଗିତାରେ ଭାରତୀୟ ହକି ଦଳ ଅଲିମ୍ପିକ୍ସରେ ମେଡାଲ ଅର୍ଜନ କରିଛି, ଯାହା ସମଗ୍ର ଦେଶକୁ ଗର୍ବିତ କରିଥିଲା। ମହିଳା ସଶକ୍ତିକରଣ କ୍ଷେତ୍ରରେ ବି ଓଡ଼ିଶା ଆଦର୍ଶ ରାଜ୍ୟ ହୋଇପାରିଛି। ମିଶନ୍ ଶକ୍ତି ଜରିଆରେ ମହିଳାଙ୍କୁ ସ୍ୱାବଲମ୍ବି ତଥା ଉଦ୍ୟୋଗୀ କରିବା ଲକ୍ଷ୍ୟରେ ଏ ସରକାର କାର୍ଯ୍ୟ କରୁଛି।

୨୦୧୯ ଲୋକସଭା ନିର୍ବାଚନରେ ଆମ ଦଳ ମହିଳା ମାନଙ୍କୁ ଏକ ତୃତୀୟାଂଶ ଆସନ ପ୍ରଦାନ କରିଥିଲା। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଗରିବରୁ ଗରିବ ଲୋକଙ୍କୁ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଛି। ରୂପାନ୍ତରିତ ବିଦ୍ୟାଳୟର ଶ୍ରେଣୀ ଗୃହରେ ବସି ସାଧାରଣ ପରିବାରର ପିଲାଟିଏ ବଡ଼ ସ୍ୱପ୍ନ ଦେଖୁଛି ଆଉ ତାକୁ ସାକାର କରିବା ପାଇଁ ଉଦ୍ୟମ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ସୁଦୃଢ଼ ହେବ...

ସୂଚନାଯୋଗ୍ୟ ଯେ ଗତ ଜୁନ୍ ମାସରେ ଶ୍ରୀ ପାଣ୍ଡିଆନଙ୍କ ଭଦ୍ରକ ଗସ୍ତ ପରଠାରୁ ଲୋକଙ୍କ ଦାବି ଏବଂ ପ୍ରସ୍ତାବ ଆଧାରରେ ଜିଲ୍ଲାରେ ପ୍ରାୟ ୧୬୯୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ଅବସରରେ ୫-ଟି ଅଧ୍ୟକ୍ଷ ବୈତରଣୀ ବାମପାର୍ଶ୍ୱ ବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟ ଏବଂ ସଡ଼କ ଉନ୍ନୟନ ପ୍ରକଳ୍ପର ଅନୁଧ୍ୟାନ କରିଛନ୍ତି। ଉପରୋକ୍ତ ପ୍ରକଳ୍ପ ୧୫୦.୨୪ କୋଟି ଟଙ୍କା ମୂଲ୍ୟରେ କାର୍ଯ୍ୟକାରୀ ହେଉଛି। ଏହି ସମୟରେ ସେ ନିଜେ ପ୍ରାୟ ୫୦ କିମି ସଡ଼କ ପଥରେ ଯାତ୍ରା କରିବା ସହ ନଦୀବନ୍ଧର ସ୍ଥିତି ଅନୁଧ୍ୟାନ କରିଥିଲେ। ଆଖୁଆପଦାଠାରୁ ପାଳସାହି ଯାଏଁ ସେ ନିଜେ ବାଇକ୍ ଚଳାଇ ଯାଇଥିବା ବେଳେ ହଜାର ହଜାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ ଜଣାଇଥିଲେ। ଜନସେବା ପାଇଁ ୫-ଟି ଅଧ୍ୟକ୍ଷଙ୍କ ଏପରି ମନୋଭାବକୁ ସ୍ଥାନୀୟ ଲୋକେ ବେଶ୍ ପ୍ରଶଂସା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଗତ ଡିସେମ୍ବର ମାସରେ ଶ୍ରୀ ପାଣ୍ଡିଆନ୍ ଧାମନଗର ଗସ୍ତ ବେଳେ ସ୍ଥାନୀୟ ଲୋକେ ଉପରୋକ୍ତ ନଦୀବନ୍ଧ ସୁଦୃଢ଼ୀକରଣ ପାଇଁ ମତାମତ ଦେଇଥିଲେ। ଲୋକଙ୍କ ମତାମତ ଆଧାରରେ ସରକାର ଏହି ନଦୀବନ୍ଧ ସୁଦୃଢ଼ୀକରଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହି ପ୍ରକଳ୍ପ ଦ୍ୱାରା ଭଣ୍ଡାରିପୋଖରୀ, ଧାମନଗର ଓ ଚାନ୍ଦବାଲି ବ୍ଲକରେ ବନ୍ୟା ପ୍ରାଦୁର୍ଭାବକୁ ହ୍ରାସ କରାଯାଇପାରିବ। ସେହିପରି ନଦୀ ବନ୍ଧ ଉପରେ ବିରିଡିରୁ ତିନିତର ଯାଏଁ ନିର୍ମାଣଧିନ ପକ୍କା ରାସ୍ତା ଯୋଗୁଁ ଯାତ୍ରା ସମୟ ୩ ଘଣ୍ଟାରୁ ୨ ଘଣ୍ଟାକୁ ହ୍ରାସ ପାଇବ। ବିଶେଷକରି ଏହି ରାସ୍ତା ଯାଜପୁର ମେଡିକାଲ କଲେଜ ଏବଂ ଜାତୀୟ ରାଜପଥ-୧୬କୁ ସିଧାସଳଖ ସଂଯୋଗ କରିବ। ଉପରୋକ୍ତ ପ୍ରକଳ୍ପ ଦ୍ୱାରା ଭଣ୍ଡାରିପୋଖରୀ, ଧାମନଗର ଓ ଚାନ୍ଦବାଲି ବ୍ଲକର ପ୍ରାୟ ୧.୨୦ ଲକ୍ଷ ଲୋକେ ଉପକୃତ ହେବେ। ସେହିପରି ବୈତରଣୀ ନଦୀ ଉପରେ ନିର୍ମାଣଧିନ ଆଖୁଆପଦା ଏବଂ କୋଚିଲା ଅନ୍ତନଦୀ ଜଳାଶୟ ପ୍ରକଳ୍ପର ମଧ୍ୟ ଅନୁଧ୍ୟାନ କରିଛନ୍ତି କାର୍ତ୍ତିକ ପାଣ୍ଡିଆନ୍। ଉପରୋକ୍ତ ପ୍ରକଳ୍ପ ଦ୍ୱୟ ୬୮୧ କୋଟି ଟଙ୍କା ବିନିମୟରେ କାର୍ଯ୍ୟକାରୀ ହେଉଛି। ଉପରୋକ୍ତ ଦୁଇଟି ଅନ୍ତନଦୀ ଜଳାଶୟ ପ୍ରକଳ୍ପ ଦ୍ୱାରା ପ୍ରାୟ ୮୧୨୦୦ ଏକର ଅଞ୍ଚଳରେ ସେଚ ସାମର୍ଥ୍ୟ ସୃଷ୍ଟି କରିବ। ସେହିପରି ପ୍ରକଳ୍ପ ଦ୍ୱୟ ସ୍ଥାନୀୟ ଅଞ୍ଚଳରେ ପାନୀୟ ଜଳ ଯୋଗାଣଠାରୁ ଆରମ୍ଭ କରି କରି ମତ୍ସ୍ୟଚାଷ ଦିଗରେ ବେଶ୍ ସହାୟକ ହୋଇପାରିବ। ଗତ ଜୁନ୍ ମାସରେ ଶ୍ରୀ ପାଣ୍ଡିଆନ୍ ଭଦ୍ରକ ଗସ୍ତ ଅବସରରେ ଉପରୋକ୍ତ ଦୁଇଟି ଅନ୍ଦୀ ଜଳାଶୟ ପ୍ରକଳ୍ପ ନିର୍ମାଣ ପାଇଁ ସାଧାରଣ ଲୋକେ ଦାବି କରିଥିଲେ। ଲୋକଙ୍କ ଦାବିକୁ ଅଗ୍ରାଧିକାର ଦେଇ ରାଜ୍ୟ ସରକାର ଉପରୋକ୍ତ ପ୍ରକଳ୍ପ ଦ୍ୱୟ କାର୍ଯ୍ୟକାରୀ କରୁଛନ୍ତି। ଆଜିର ଗସ୍ତ ଅବସରରେ ଶ୍ରୀ ପାଣ୍ଡିଆନ୍ ଆଖୁଆପଦା ଏବଂ ଆଇଜିଏମ୍ କଲେଜ ପଡିଆରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗ ଦେଇଥିଲେ। ନିକଟରେ ମୁଖ୍ୟମନ୍ତ୍ରୀ ସାମାଜିକ ସୁରକ୍ଷା ଯୋଜନା ଅଧିନରେ ସବୁବର୍ଗର ହିତାଧିକାରୀଙ୍କ ପାଇଁ ୫୦୦ ଟଙ୍କା ଭତ୍ତା ବୃଦ୍ଧି କରିଛନ୍ତି। ଏହି ନିଷ୍ପତ୍ତି ଦ୍ୱାରା ପ୍ରାୟ ୫୮ ଲକ୍ଷ ହିତାଧିକାରୀ ଉପକୃତ ହେବେ ବୋଲି ସେ ସୂଚନା ପ୍ରଦାନ କରିଥିଲେ। ସେହିପରି ମମତା ଯୋଜନା ଅଧିନରେ ସହାତୟା ରାଶି ୧୦ ହଜାର ଟଙ୍କାକୁ ବୃଦ୍ଧି ହୋଇଥିବା ବେଳେ ଏହାଦ୍ୱାରା ଉଭୟ ମହିଳା ଏବଂ ନବଜାତକ ଉପକୃତ ହୋଇପାରିବେ ବୋଲି ୫-ଟି ଅଧ୍ୟକ୍ଷ ମତପ୍ରକାଶ କରିଥିଲେ। ସେହିପରି ଛାତ୍ରଛାତ୍ରୀଙ୍କ ପାଇଁ ନୂଆ-ଓ ଛାତ୍ରବୃତ୍ତି ସମ୍ପର୍କରେ ସୂଚନା ଦେଇ ସେ କହିଲେ ଯେ ଏହାଦ୍ୱାରା ବିଶ୍ୱ ବିଦ୍ୟାଳୟ, ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଦାପ ପ୍ରାପ୍ତ କଲେଜ ସହ ଉଚେଚଶିକ୍ଷା ବିଭାଗ ଅଧିନରେ ଆସୁଥିବା ସମସ୍ତ ସଂସ୍କୃତ କଲେଜ ଓ ଅନ-ଏଡେଡ କଲେଜର ଛାତ୍ରଛାତ୍ରୀ ଉପକୃତ ହେବେ। ଏହି ବୃତ୍ତି ଅଧିନରେ ଛାତ୍ରଙ୍କୁ ୯ ହଜାରର ଏବଂ ଛାତ୍ରୀଙ୍କୁ ୧୦ ହଜାର ଟହ୍କା ମିଳିବ। ସେହିପରି ଯୋଗ୍ୟ ଅନୁସୂଚିତ ଜାତି/ଜନଜାତି ଏବଂ ନିର୍ମାଣ ଶ୍ରମିକ ପରିବାରରୁ ଆସୁଥିବା ଛାତ୍ରଙ୍କୁ ୧୦ ହଜାର ଏବଂ ଛାତ୍ରୀଙ୍କୁ ୧୧ ହଜାର ଟଙ୍କା ମିଳିବ। ଚଳିଶିକ୍ଷା ବର୍ଷ ପାଇଁ ଆସନ୍ତା ୨୬ ତାରିଖ ପରଠାରୁ ଉପରୋକ୍ତ ବୃତ୍ତି ରାଶି ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇ ଦିଆଯିବ ବୋଲି ସେ ଘୋଷଣା କରିଥିଲେ। ସେହିପରି ଲକ୍ଷ୍ମୀ ବସ୍ ଯୋଜନା ସମ୍ପର୍କରେ ସେ ସୂଚନା ପ୍ରଦାନ କରି ମହିଳା ଏବଂ ଛାତ୍ରଛାତ୍ରୀମାନେ ମାତ୍ର ୫ ଟଙ୍କାରେ ଯାତ୍ରା କରିପାରିବେ ବୋଲି ସୂଚନା ପ୍ରଦାନ କରିଥିଲେ।

### ପୋଖରୀକୁ ଟ୍ରାକ୍ଟର...

ମାର୍ଗ ସ୍ଥିତ ଗଡ଼ଇ ଗ୍ରାମ ନିକଟରେ ଟ୍ରାକ୍ଟର-ଟ୍ରଲି ଦୁର୍ଘଟଣାର ଶିକାର ହୋଇଥିଲା। ଡ୍ରାଇଭର ଗାଡ଼ିରୁ ନିୟନ୍ତ୍ରଣ ହରାଇବାରୁ ଏହା ପୋଖରୀରେ ଯାଇ ପଡ଼ିଥିଲା। କିଛି ଲୋକ ଟ୍ରଲି ତଳେ ଚାପି ହୋଇ ରହିଥିଲେ। ଅନେକ ପାଣିରେ ବୁଡ଼ି ଯାଇଥିଲେ। ଯେଉଁ ଟ୍ରାକ୍ଟର ଟ୍ରଲିରେ ଲୋକେ ଆଧ୍ୟାତ୍ମିକ ଗୀତ ଶୁଣି ସ୍ନାନ ପାଇଁ ଯାଉଥିଲେ ତାହା ଅଚାନକ ଚିତ୍କାରରେ ବଦଳି ଯାଇଥିଲା। ଦୁର୍ଘଟଣାସ୍ଥଳରେ ଲୋମଟାଙ୍କୁରା ଦୃଶ୍ୟ ଦେଖିବାକୁ ମିଳିଥିଲା। କିଏ ଟ୍ରଲି ତଳେ ଦବି ରହିଥିଲେ ତ ଆଉ କିଏ ପାଣିରେ ବୁଡ଼ି ଯାଉଥିଲେ। ସମସ୍ତେ ଉଦ୍ଧାର ପାଇଁ ଚିତ୍କାର କରିବାରେ ଲାଗିଥିଲେ। ଏହା ଦେଖିବା ପରେ ସ୍ଥାନୀୟ ଲୋକ ଆସି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ। ପରେ ପୁଲିସ ଏବଂ ଦମକଳ ବାହିନୀକୁ ସୂଚନା ଦିଆଯାଇଥିଲା। ଜେସିବି ମାଧ୍ୟମରେ ଟ୍ରଲିକୁ ଉଠା ଯାଇଥିଲା। ଚେତା ହରାଇଥିବା ଲୋକଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ମୃତ୍ୟୁ ହୋଇ ଯାଇଥିଲା। କିଛି ସମୟ ପରେ ମୃତଦେହ ପାଣିରୁ ବାହାରିବାରେ ଲାଗିଥିଲା। ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଲୋକେ ପାଗଳଙ୍କ ପରି ନିଜ ସମ୍ପର୍କୀୟଙ୍କୁ ଖୋଜିବାରେ ଲାଗିଥିଲେ। ମହିଳା ନିଜ ପୁଅର ମୃତଦେହ ଦେଖି ଚେତା ହରାଇ ଥିଲେ। ଆଉ କେହି ଶିଶୁର ମୃତଦେହ ଦେଖି ନିଜକୁ ଦୋଷ ଦେଉଥିଲେ। ଦୁର୍ଘଟଣାସ୍ଥଳରେ ମୃତକଙ୍କ ପୋଷାକପତ୍ର, ଖାଦ୍ୟ ପଦାର୍ଥ ଆଦି ସବୁକିଛି ପଡ଼ି ରହିଛି। ଅନ୍ୟପକ୍ଷରେ ଏକ ଗାଡ଼ିକୁ ବଞ୍ଚାଇବାକୁ ଯାଇ ଟ୍ରାକ୍ଟର-ଟ୍ରଲି ଦୁର୍ଘଟଣାଗ୍ରସ୍ତ ହେଲା ବୋଲି କିଛି ଲୋକ କହୁଛନ୍ତି।


**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact-Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

I, Sanjukta Subudhi, W/o- Ajit Kumar Sahoo, resident of At-Golaganda, Po-Rajib, Cuttack, Pin-754009, Odisha declare by this affidavit No.351, dated- 23/02/2024 that now onwards I shall be known as **SANJUKTA SAHOO** for all future purposes.

**GROOM WANTED**

Wanted a suitable employed groom for a Khandayat girl, age-38 years, 5'-11", Msc Nursing, Lecture in a govt. institution, Salary-80,000/PM, any general cast, for early marriage. Contact +9861099849, 7978465205.

**AFFIDAVIT**

I, Santosh Ray, S/o-Binakar Ray, resident of Plot No.227, Saheed Nagar, Bhubaneswar, Dist-Khordha, Pin-751007, declare by this affidavit No.135, dated-16/02/2024 that now onwards I shall be known as **SANTOSH MADHAB RAY** for all future purposes.

**AFFIDAVIT**

By virtue of an affidavit sworn before the Notary Public, Bhadrak, I Maheswar Grahacharya, S/o Laxmidhar Grahacharya, At: Kalimegha, Ps: Bidyadharpur, Ps: Tihidi, Dist: Bhadrak, Odisha declare that my actual & correct name is Maheswar Grahacharya but in our Land Khatiyan bearing Khata No 218 under Mouza: Kalimegha my name has been mentioned as Maheswar Nayak. By this affidavit no: 475, Dated 22.02.2024, both the name Maheswar Grahacharya & Maheswar Nayak is same & one person i.e; me. Henceforth I shall be known as MAHESWAR GRAHACHARYA for all purposes.

**ପୂର୍ବ ତଟ ରେଳପଥ**

**ଝାରସୁଗୁଡ଼ା ରୋଡ଼ ଏବଂ ବୃନ୍ଦାମାଲ ଷ୍ଟେସନ ମଧ୍ୟରେ ପ୍ରହରୀ ଥିବା ଲେଭେଲ୍ କ୍ରସିଙ୍ଗ୍ ବନ୍ଦ କରିବା ସମ୍ପର୍କିତ ସାର୍ବଜନିକ ସୂଚନା**

ନିମ୍ନଲିଖିତ ପ୍ରହରୀ ଥିବା 'SPL' ଶ୍ରେଣୀ ଲେଭେଲ୍ କ୍ରସିଙ୍ଗ୍ ଠାରେ ରୋଡ଼ ଓଭର ବ୍ରିଜ୍ (ROB)ର ନିର୍ମାଣ ହୋଇସାରିଥିବା ହେତୁ ସଡ଼କ ବ୍ୟବହାରକାରୀମାନଙ୍କ ନିମନ୍ତେ ଏହି ଲେଭେଲ୍ କ୍ରସିଙ୍ଗ୍ ସ୍ଥାୟୀ ରୂପେ ବନ୍ଦ କରି ଦିଆଯିବ। ସଡ଼କ ବ୍ୟବହାରକାରୀମାନେ ତା.05.03.2024 ରିଖ ଠାରୁ ନିମ୍ନ ବର୍ଣ୍ଣିତ ସୂଚନାକୁ ଧ୍ୟାନ ଦିଅନ୍ତୁ।

| ମାର୍ଗ | ଷ୍ଟେସନ ମଧ୍ୟରେ | ଲେଭେଲ କ୍ରସିଙ୍ଗ୍ ସଂ. | LCର ରେଳ କି.ମି. | ପ୍ରହରୀ ଥିବା/ ପ୍ରହରୀ ବିନା |
|---|---|---|---|---|
| ଝାରସୁଗୁଡ଼ା-ଟିଟିଲାଗଡ଼ | ଝାରସୁଗୁଡ଼ା ରୋଡ଼-ବୃନ୍ଦାମାଲ | JT-1 | 517/1-2 | ଇଣ୍ଟରଲକଡ୍ ପ୍ରହରୀ ଥିବା |
| ଝାରସୁଗୁଡ଼ା-ଟିଟିଲାଗଡ଼ | ଝାରସୁଗୁଡ଼ା ରୋଡ଼-ବୃନ୍ଦାମାଲ | JT-2 | 518/2-3 | |

ସନ୍ଦର୍ଭ: କଲେକ୍ଟର, ଝାରସୁଗୁଡ଼ାଙ୍କ ପତ୍ର ସଂ.8087/G&M, ତା.05.10.2015ରିଖ।

PR-1116/O/23-24 ମଣ୍ଡଳ ଯନ୍ତ୍ରୀ (ପୂର୍ବ)/ସମ୍ବଲପୁର


## ଗୌତମବୁଦ୍ଧ ଦାସଙ୍କୁ ପାଳଲହଡ଼ା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଦାୟିତ୍ୱ

**ଭୁବନେଶ୍ୱର, ୨୪।୨(ସମିସ):** ବିଜୁ ଜନତା ଦଳ ପକ୍ଷରୁ ଗୌତମବୁଦ୍ଧ ଦାସଙ୍କୁ ପାଳଲହଡ଼ା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ନୂଆ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ଶ୍ରୀ ଦାସ ଦେବଗଡ଼ ନିର୍ବାଚନମଣ୍ଡଳୀ ଦାୟିତ୍ୱରେ ଥିବା ବେଳେ ଏହି ଦାୟିତ୍ୱ ତାଙ୍କୁ ଅତିରିକ୍ତ ଭାବେ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ଦଳ ପକ୍ଷରୁ ଶ୍ରୀ ଦାସଙ୍କୁ ଉପରିକ୍ତ ଦାୟିତ୍ୱ ମିଳିଥିବା ନେଇ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଦଳ ପକ୍ଷରୁ ସୂଚନା ଦିଆଯାଇଛି।

## ଜେଲ୍ ଗଲେ ୩ ଗଞ୍ଜେଇ ବେପାରୀ

**ବାଲିକୁଦା,୨୪।୨(ସମିସ):** ବାଲିକୁଦା ଥାନା ଅନ୍ତର୍ଗତ ରଣପୁର ପାଣିଟାଙ୍କି ନିକଟରୁ ଗତକାଲି ସନ୍ଧ୍ୟାରେ ଏକ ଇନୋଭା ଗାଡି ସହ ଚୋରା ଗଞ୍ଜେଇ କାରବାର କରୁଥିବା ୩ ଜଣଙ୍କୁ ବାଲିକୁଦା ପୁଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ପ୍ରିୟବ୍ରତ ରାଉତ ସୂଚନା ଦେଇଛନ୍ତି। ବାଲିକୁଦା ଥାନା ଅନ୍ତର୍ଗତ ରଣପୁର ଗ୍ରାମର ସଚ୍ଚିଦାନନ୍ଦ ପଣ୍ଡା(୩୯), ମଝିକୋରା ଗ୍ରାମର ମନୋରଞ୍ଜନ ଶତପଥୀ(୪୩) ରାୟଗଡାରେ କାର୍ଯ୍ୟ କରୁଥିଲେ। ସେଠାରେ ରାୟଗଡା ଜିଲ୍ଲାର ମୁନା ନାୟକ ସହ ମିଳାମିଶା କରିବା ପରେ ବାଲିକୁଦାରେ ଚୋରା ଗଞ୍ଜେଇ ବ୍ୟବସାୟ କରିବା ପାଇଁ ଏକ ଇନୋଭା କାରରେ ୧୪କିଲୋ ଗଞ୍ଜେଇ ଆଣି ଆସୁଥିଲେ।


**OFFICE OF THE PANCHAYAT SAMITI: SULIAPADA**

At/P.o.- Suliapada, Dist.- Mayurbhanj, Odisha,
E-Mail: ori-suliapada@nic.in

**CORRIGENDUM**

**1st corrigendum notice to Bid Identification No.659 dt.17.02.24**

1. Name of the Project: - Const. of Office Building for Block Resource Centre at Block Premises under OMBADC scheme.
2. The last date of tender document selling is extended up to 4P .M on dt.27.02.2024.
3. Last date of receipt of tender paper is extended up to 1 PM on dt.28.02.2024.
4. Last date of opening of tender paper extended up to 3 PM on dt.29.02.2024.

**Sd/- Block Development Officer, Suliapada, Mayurbhanj**


**Format C-2**

(for political party to publish in website, newspapers, TV)

**Declaration about criminal antecedents of candidates set up by the party**

(As per the judgement dated 25th September, 2018, of Hon'ble Supreme Court in WP(Civil) No. 536 of 2011 (Public Interest Foundation & Ors. Vs. Union of India & Anr.)

Name of political Party: **BIJU JANATA DAL**

Name of Election: **BIENNIAL ELECTION TO THE COUNCIL OF STATES FROM ODISHA, 2024.**

Name of State: **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| | Name of constituency | Name of candidate | (A)Pending criminal cases | | (B)Details about cases of conviction for criminal offences | | |
| Sl No. | | | Name of Court, Case No. & status of the case(s) | Sections of the Acts concerned & brief description of offence(s) | Name of Court & date(s) of order(s) | Description of offence (s) & punishment imposed | Maximum Punishment imposed |
| 1. | BIENNIAL ELECTION TO THE COUNCIL OF STATES, 2024 FROM ODISHA | DEBASHISH SAMANTARAY | **JMFC, Cuttack; Vigilance G.R. Case No.- 18/1991; Status-Pending** | **U/s 7 of Essential Commodities Act, 1955 & Punishment for contraventions of any order made u/s-3 of the Essential Commodities Act, 1955** | 06.01.2014 | NA | NA |
| 2. | | | **JMFC, Cuttack; Case No.- 2 (C) CC 57/2003; Status-Pending** | **Sec. 9(I)(b) of Central Excise Act, 1994; Evasion of payment of excise duty. Sec. 9(I)(bb) of Central Excise Act, 1994; Removing excisable goods in contravention of provisions of the Act. Sec. 9(I)(bbb) of Central Excise Act, 1994; Possession of or transporting /depositing etc of excisable goods liable for confiscation. Sec. 9(I)(d) of Central Excise Act, 1994; Attempt to commit or abet the commission of any of the above offences** | NA | NA | NA |
| 3. | | | **A.C.J.M (Spl.), Cuttack; Case No.- 2(c) CC No.- 561/2018; Status-Pending** | **U/s 206 (7) of the Companies Act, 2013 & Failure to furnish any information or explanation or produce any document** | NA | NA | NA |
| 4. | | | **A.C.J.M (Spl.), Cuttack; Case No.-2(c) CC No.- 5/2021; Status-Pending** | **U/s 162/220 (3) of the Companies Act, 1956 & Non-filling of annual returns and balance sheet** | NA | NA | NA |
| 5. | | | **ACJM (Special Court)-cum-Assistant Sessions Judge, Cuttack; 2.(C).C.C Case No.4 of 2021; Status-disposed off** | **U/S-217 (1)(b)(d) & (e) of the Companies Act & Inspection, enquiry and investigation under the Companies Act.** | 20.01.2023 | Compounded with fine of Rs. 5000/- | **Compounded with fine of Rs. 5000/-** |
| 6. | | | **ACJM (Special Court)-cum-Assistant Sessions Judge, Cuttack; 2.(C).C.C Case No.10 of 2021; Status-disposed off** | **U/S- 211 (7) of the Companies Act & Offence for non-filling of Annual returns and balance sheet** | 20.03.2023 | Compounded with fine of Rs. 4000/- | **Compounded with fine of Rs. 4000/-** |

Sasmit Patra

Signature of office bearer of the Political Party
Name : **DR. SASMIT PATRA**
Designation : **GENERAL SECRETARY.**

# ଏନ୍‌ଏସି ଘୋଷଣା ପରେ ଭେଡ଼େନ ଅଞ୍ଚଳରେ ଖୁସିର ଲହରୀ

ଭେଡେନ, ୨୪।୨(ସମିସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭେଡେନକୁ ଏନଏସି ଘୋଷଣା ପରେ ଭେଡେନ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି ଓ ପରସ୍ପରକୁ ମିଷ୍ଟାନ ଖୁଆଇ ଅଭିନନ୍ଦନ ଜଣାଇବା ଦେଖାଦେଇଛି। ଅଞ୍ଚଳବାସୀ ବହୁଦିନରୁ ଭେଡେନକୁ ଏନଏସି ମାନ୍ୟତା ପ୍ରଦାନ କରିବାକୁ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ଠାରେ ଦାବି କରିଥିଲେ। ଫଳରେ ବିଧାୟିକା ଛୁରିଆଙ୍କ ପ୍ରଚେଷ୍ଟାରେ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭେଡେନକୁ ଏନଏସି ଘୋଷଣା କରିଥିଲେ। ଭେଡ଼େନବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ଭେଡେନ ବିଜେଡି କର୍ମୀମାନେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କୁ ସ୍ୱାଗତ କରି ଏକ ବିଶାଳ ଶୋଭାଯାତ୍ରାରେ ବ୍ଲକଠାରୁ ବାହାରି ଭେଡେନ ଗ୍ରାମ ପରିକ୍ରମା କରି ବସଷ୍ଟାଣ୍ଡ ଠାରେ ପହଞ୍ଚିଥିଲେ। ଅନୁଷ୍ଠିତ ସଭାରେ ବ୍ଲକ ଅଧକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧକ୍ଷ ଡୋଳାମଣି ଖେତି, ଭେଡେନ ସରପଞ୍ଚ ଅକ୍ଷୟ ନାଏକ, ଜିଲ୍ଲା ପରିଷଦ ସଭ୍ୟା ପଦ୍ମନି ଗଡ଼ତିଆ, ପିଙ୍କି ବଢେଇ, ସତ୍ୟଜିତ ପୁରୋହିତ, ସମିତି ସଭ୍ୟ ତୋଷବନ୍ତ ବେହେରା, ରକ୍ଷୁଡା ସରପଞ୍ଚ ସୁରେନ୍ଦ୍ର କର୍ମୀ, କୁବେଡେଗା ସରପଞ୍ଚ ଜନ୍ମଜୟ ମିଶ୍ର, ପୂର୍ବତନ ବ୍ଲକ ଉପାଧକ୍ଷା ସୁପ୍ରଭା ପଧାନ, ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରା, ବ୍ଲକ ମହିଳା ସଭାନେତ୍ରୀ ନମିତା ସୁନା, ବରିଷ୍ଠ ବିଜେଡି ନେତା ଦିଲିପ ରଥ, ଭରତ ବରେଇ, ସାନନ୍ଦ ବେହେରା, ନିତ୍ୟାନନ୍ଦ ମେହେର, ଗୌରା ଅଦାବର, ଚିତ୍ତରଞ୍ଜନ ମେହେର, ମାନ ମାଡ଼ପାଚି, ପ୍ରଦୀପ ସୁନା, ପ୍ରସୂନ ଶତପଥୀ, ନରସିଂହ ରଥ, ସାହାଦତ ଖାଁ, ପ୍ରମୋଦ ଲୁହା, ଠାକୁର ଦଳେଇ, ରାଜେଶ ଅଗ୍ରୱାଲ, ମହେନ୍ଦ୍ର ମେହେର, କୁନା ମିଶ୍ର, ଘନ ମେହେର, ବିମଳ ସାହୁ, ଶ୍ରୀକାନ୍ତ ସାହୁ, ପ୍ରକାଶ ପାତ୍ର, କୃଷ୍ଣଚନ୍ଦ୍ର ବେହେରା, ମୁନସି ମେହେରଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ଭେଡେନ ଏନଏସି ଘୋଷଣା ପରେ ଅନୁଷ୍ଠିତ ସଭାରେ ଭେଡେନ ନାଗରିକ କମିଟି, ଅମୃତ କଟୁମ, ହନୁମାନ ମନ୍ଦିର କମିଟି ଭେଡେନ, ଭେଡେନ ବିଜୁ ଜନତା ଦଳର ମହିଳାମାନେ, ଜଗନ୍ନାଥ ମନ୍ଦିର କମିଟି, ଅମଲିପାଲି ନାଗରିକ କମିଟି, ଜାମଡୋଲ ନାଗରିକ କମିଟି, କୁବେଡେଗା ଗ୍ରାମବାସୀ, କୂତପାଲି ଗ୍ରାମବାସୀ, ଜଳେଶ୍ୱର ବାବା କମିଟି, କୁଟେନପାଲି ଗ୍ରାମବାସୀ, ଭେଡେନ ହରିଜନ ପଡ଼ାବାସୀ, ଭେଡେନ କିଷାନ କ୍ଲବ, ଭେଡେନ ଟାଳଗୁଡି ପଡ଼ାବାସୀ ସହିତ ଅଞ୍ଚଳର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧନା ଦେବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ।



# ନୃସିଂହନାଥରେ ମାଘ ମେଳା ଉଦ୍‌ଯାପିତ



ପାଇକମାଲ, ୨୪।୨(ସମିସ): ପାଇକମାଲ ନୃସିଂହନାଥରେ ଦୁଇଦିନ ଧରି ଚାଲିଥିବା ମାଘ ମେଳା ଉଦ୍‌ଯାପିତ ଶନିବାର ହୋଇଯାଇଛି। ଶୁକ୍ରବାର ମାଘ ମେଳା ଅବସରରେ ମନ୍ଦିର ପରିସରରେ ରାଧାକୃଷ୍ଣ ମୂର୍ତ୍ତି ସ୍ଥାପନ ସହ ମଙ୍ଗଳା ରୋପଣ ପାଞ୍ଚଗବ୍ୟ ଶୋଧନକରାଯାଇ ୧୦୮ କଳସରେ ଗଙ୍ଗାରୁ ପବିତ୍ର ଜଳ ଆଣି ପୂଜା ପିଠରେ ମା' ଭଉଣୀମାନେ ସ୍ଥାପନ କରିଥିଲେ। ବେଦବେଦାଙ୍କୁ ନିମନ୍ତ୍ରଣ କରାଯାଇ ପୂଜା ପାଠ ଆରମ୍ଭ ହୋଇଥିଲା। ଏହିସହିତ ଅଷ୍ଟପ୍ରହରୀ ନାମ ଯଜ୍ଞ ଆରମ୍ଭ କରି ହରେ ରାମ ମନ୍ତ୍ର ଆରମ୍ଭ ହୋଇଥିଲା। ଏଥିରେ ଆଠ ଗୋଟି ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ। ପୂଜାରେ ଯଜ୍ଞ କର୍ତ୍ତା ଭାବେ ବିପେଶ ନାୟକ ଓ ତାଙ୍କର ଧର୍ମ ପତ୍ନୀ ଦାମିନୀ ନାୟକ ଦାଇତ୍ୱ ତୁଲାଇ ଥିବାବେଳେ ଡିଗ୍ରାଧର ଦେବତା ପୂଜାପାଠ ସହ ହୋମ ଯଜ୍ଞ କରିଥିଲେ। ଶୁକ୍ରବାର ଅପରାହ୍ନ ୩ଟାରେ ନାମ ଯଜ୍ଞ ପୂର୍ଣ୍ଣାହୁତି ପଡ଼ିଥିଲା। ଦଧି ଭାଣ୍ଡ ଭଞ୍ଜନ, କଳସ ବିସର୍ଜନ କରାଯିବା ପରେ ସମସ୍ତଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ଏହି ଶୁଭ କାମରେ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ସୁବୋଧ ପଣ୍ଡା, ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିବାବେଳେ ଗିରିଶ ନାୟକ, ବଢ଼ ଶତପଥି, ମାନସ ନାୟକ, ବିଶ୍ୱମ୍ବର ମୁଣ୍ଡ, ସତ୍ୟ ପୂଝାରୀ, ବିଷ୍ଣୁ ପଶାୟତ ପ୍ରମୁଖ ସହଯୋଗ କରିଥିଲେ।

## ଜନ୍ମ ଦିନରେ ବଡ଼ ଘୋଷଣା

# ମୃତ୍ୟୁ ପରେ ଶରୀର ଦାନ କରିବେ ସ୍ୱପ୍ନିଲା ଅପସରୀ

ପଦ୍ମପୁର/ପାଇକମାଲ, ୨୪।୨(ସମିସ): ପଦ୍ମପୁର ଉପଖଣ୍ଡ ପାଇକମାଲ ନିକଟସ୍ଥ ବିକ୍ରମନଗର ନିବାସୀ ରମଳା ଲୁହାର ଓ କ୍ଷେତ୍ରୀ ଲୁହାରଙ୍କ କନ୍ୟା ସ୍ୱପ୍ନିଲା ଅପସରୀ (୩୦) ନିଆରା ଢଙ୍ଗରେ ନିଜର ଜନ୍ମ ଦିବସ ପାଳନ କରିଛନ୍ତି। ମୃତ୍ୟୁ ପରେ ତାଙ୍କର ଶରୀରକୁ ଦାନ କରିବେ ବୋଲି ସେ ଘୋଷଣା କରିଛନ୍ତି। ଏ ସମ୍ପର୍କରେ ଅନଲାଇନ ମାଧ୍ୟମରେ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇ ଦେଇଛନ୍ତି। ମୃତ୍ୟୁ ପରେ ମଧ୍ୟ ତାଙ୍କର କିଡନୀ, ଯକୃତ, ହାଡ, ଚମଡା, ଉଭୟ ଆଖି ଓ ଅନ୍ୟାନ୍ୟ ଅଙ୍ଗ ଅନ୍ୟ କାହା କାମରେ ଆସି ଉପକୃତ ହେବ ବୋଲି ସେ ଖୁସିରେ କହିଛନ୍ତି।



# ଲେଣ୍ଡା ପଞ୍ଚାୟତରେ ଜୀବନ ଜୀବିକା ଅଭିଯାନ

ବରପାଲି, ୨୪।୨(ସମିସ): ବରପାଲି ବ୍ଲକ ଲେଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସହାୟତ ରାଶି ଏକ ହଜାର ଟଙ୍କା ଓ ଦୁଇଟି ଝୋଟ ବ୍ୟାଗ ବଣ୍ଟନ ପର୍ବ ଆରମ୍ଭ ହୋଇଯାଇଛି। ବରପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରସନ୍ନ ପାଣ୍ଡେ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରୀ ଦେବରାଜ ତାଣ୍ଡି ଯୋଗ ଦେଇଥିଲେ। ସରପଞ୍ଚ ସୁଜାତା ବେହେରାଙ୍କ ଅଧ୍ୟକ୍ଷତାରେ ଅଭିଯାନଟି ପରିଚାଳିତ ହୋଇଥିଲା। ପରେ ଅତିଥି ମାନଙ୍କ ଗହଣରେ ବିତରଣ ଉତ୍ସବ ଆରମ୍ଭ ହୋଇଥିଲା। ପରିଚାଳନାରେ ପଞ୍ଚାୟତ କର୍ମଚାରୀମାନଙ୍କ ସମେତ ୱାର୍ଡମେମ୍ବରମାନେ ସହାୟତା କରିଥିଲେ।

# ଶୁଣ୍ଡି ସମାଜର ବୈଠକ

ବରଗଡ଼, ୨୪।୨(ସମିସ): ବରଗଡ଼ ଶୁଣ୍ଡି ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଦ୍ଧବ ଚରଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ପ୍ରସ୍ତାବ ଗୁଡ଼ିକ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା। ଆସନ୍ତା ମାର୍ଚ୍ଚ ୧୭ ତାରିଖରେ ସମାଜର ବାର୍ଷିକ ସମ୍ମିଳନୀ ଓ ବିବାହ ଯୋଗ୍ୟ ପୁଅ-ଝିଅଙ୍କ ପରିଚୟ ସମ୍ମିଳନୀ ବରଗଡ଼ ଟାଉନ୍ ହଲଠାରେ ଅନୁଷ୍ଠିତ ହେବାର ସ୍ଥିରୀକୃତ ହୋଇଥିଲା। ସମ୍ମିଳନୀ ପାଇଁ ସମସ୍ତ ସଦସ୍ୟସଦସ୍ୟା ନିଜ ଅଞ୍ଚଳର ଜାତି ଭାଇ ଓ ଭଉଣୀମାନଙ୍କୁ ଯୋଗାଯୋଗ କରି ଉକ୍ତ ସମ୍ମିଳନୀରେ ଯୋଗଦାନ ପୂର୍ବକ ସାଫଲ୍ୟ ମଣ୍ଡିତ କରିବାପାଇଁ ସମସ୍ତେ ବଦ୍ଧପରିକର ବୋଲି ମତ ରଖିଥିଲେ। ଏହି ବୈଠକରେ ରାଜକିରଣ ନାୟକଙ୍କୁ ଯୁବ ସଭାପତି ରୂପେ ମନୋନୀତ କରାଯାଇଥିଲା। ବୈଠକରେ ଡ.ପାଣ୍ଡବ ବେହେରା, ଶରତ ବେହେରା, ନିରଞ୍ଜନ ବେହେରା(୨), ମୋରାର୍ଜି ସାହୁ, ସୁଧୀର ସାହୁ, ଗଣେଶ ବେହେରା, ପ୍ରକାଶ ବେହେରା, ରାଜୁ ଚୌଧୁରୀ, ଶିବ ବେହେରା ନିଜସ୍ୱ ମତ ପ୍ରକାଶ କରିଥିଲେ। ଶେଷରେ ମହିଳା ସଭାନେତ୍ରୀ ଅଧାପିକା ଅନୁପମା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁଶ୍ରୀର ଭ୍ରାମ୍ୟମାଣ ପାଠାଗାର

# 'ପୁସ୍ତକ ମଣିଷର ଅନ୍ତଃଦୃଷ୍ଟିକୁ ବଦଳାଇ ଦେଇପାରେ'

ବରଗଡ଼, ୨୪।୨(ସମିସ): ପୁସ୍ତକ ମଣିଷ ଜୀବନର ଅନ୍ତଃଦୃଷ୍ଟିକୁ ବଦଳାଇ ଦେଇପାରେ। ଦେଶର ଭଲ ନେତା ସୃଷ୍ଟି କରିବାର ଗୁଣ ଗୋଟିଏ ଭଲ ପୁସ୍ତକ ପାଖରେ ଅଛି, ତେଣୁ ଛାତ୍ରଛାତ୍ରୀ ଓ ଯୁବକଯୁବତୀମାନେ ଭଲ ପୁସ୍ତକ ପଠନ ପ୍ରତିଦୃଷ୍ଟି ଦେବାକୁ ଶିଶୁଶ୍ରୀର ୧୫୫ ତମ ଭ୍ରାମ୍ୟମାଣ ପାଠାଗାର କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ସ୍ଥାନୀୟ 'ବିକାଶ ଫାଷ୍ଟ ଷ୍ଟେପ' ପରିସର ମଧ୍ୟରେ ସଭାପତି ମନୋରଞ୍ଜନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଅଧକ୍ଷା ପୁଷ୍ପଲତା ମହାପାତ୍ର ଭଲ ପୁସ୍ତକ ଭଲ ନେତା ସୃଷ୍ଟି କରିପାରିବାର କ୍ଷମତା ରଖିବା ସହ ମଣିଷର ଅନ୍ତଃଦୃଷ୍ଟିକୁ ବଦଳାଇ ଦେଇପାରେ ବୋଲି କହିଥିଲେ। ଭ୍ରାମ୍ୟମାଣ ପାଠାଗାର ସଂଯୋଜକ ପଣ୍ଡିତ ଗୋପବନ୍ଧୁ ପୁରୋହିତ ପୁସ୍ତକ ବ୍ୟକ୍ତିର ଚିନ୍ତା ଓ ଚେତନାକୁ ପ୍ରସାରିତ କରିଥାଏ ବୋଲି କହିଥିଲେ। ଶିକ୍ଷକଶିକ୍ଷୟିତ୍ରୀନଙ୍କ ମଧ୍ୟରୁ କଳ୍ପନା ଦାଶ, କପିଳ ପଟେଲ, ପ୍ରଭାତ ବେହେରା, ମିଳିମା ନାଗ ଓ ବଂଶିତା ଗ୍ରୋଭର ଛାତ୍ର ଜୀବନରେ ପୁସ୍ତକ ପଠନର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଆୟୋଜିତ ପୁସ୍ତକ ପଠନ କାର୍ଯ୍ୟକ୍ରମରେ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ସୌମ୍ୟା ମହାନ୍ତି, ସୁଦୀପ୍ତା ତ୍ରିପାଠୀ ଓ ଅର୍ପିତା ପାଣିଗ୍ରାହୀଙ୍କୁ ପୁରସ୍କୃତ ହେଇଥିଲେ। ଆବାହକ ଡ. ରବିନାରାୟଣ ସାହୁ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷକ ଶୈଳେନ୍ଦ୍ର କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।



# ଛୋଟଅନକିରେ ଜଗନ୍ନାଥ ମନ୍ଦିର ରତ୍ନମୁଦ ଉତ୍ସବ

ପଦ୍ମପୁର/ ଝାରବନ୍ଧ୨୪।୨(ସମିସ): ପଦ୍ମପୁର ଉପଖଣ୍ଡ ଝାରବନ୍ଧ ବ୍ଲକ ଛୋଟଅନକି ଗ୍ରାମରେ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ରତ୍ନମୁଦ ଉତ୍ସବ ସମାପନ ହୋଇଛି। ଏ ପରିପ୍ରେକ୍ଷୀରେ ଏକ ଅଷ୍ଟପ୍ରହରୀ ନାମଯଜ୍ଞ ହୋଇଥିଲା। ଶ୍ରଦ୍ଧାଳୁ ମାନେ ୧୦୮ ଜଳପୂର୍ଣ୍ଣ କଳସ ଆଣି ପୂଜାସ୍ଥଳୀରେ ସ୍ଥାପନ କରିଥିଲେ। ସଂକୀର୍ତ୍ତନ୍ୟ, ଶଙ୍ଖ, ଘଣ୍ଟ, ହରିବୋଲ, ହୁଳହୁଳି ଧ୍ୱନିରେ ସମଗ୍ର ଛୋଟ ଅନକି ମୁଖରିତ ହୋଇଥିଲା। କୁଳ ପୁରୋହିତ ଡୋଲାମଣି ହୋତା, ପୀତାମ୍ବର ହୋତା ପୂଜା କାର୍ଯ୍ୟ ତୁଲାଇଥିଲେ। ଯଜ୍ଞ କର୍ତ୍ତା ଭାବରେ ଅଜିତ ଗଡ଼ତିଆ ଓ ତାଙ୍କ ସହଧର୍ମିଣୀ ନୀଲମ ଗଡ଼ତିଆ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଗୌରୀ ଗୌରା ମହିଳା କୀର୍ତ୍ତନ୍ୟ ଦଳ କେଲେଣ୍ଡା, ଜୟଶ୍ରୀ ରାଧେ ମହିଳା କୀର୍ତ୍ତନ୍ୟ ଦଳ ଝାରବନ୍ଧ, ମାଁ ଭାରତୀ ମହିଳା କୀର୍ତ୍ତନ୍ୟ ଦଳ କୋକନରା, ଜୟ ଜଗନ୍ନାଥ କୀର୍ତ୍ତନ୍ୟ ଦଳ କୁଆବାହାରା, ଛୋଟ ଅନକି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ମନ୍ଦିର ରତ୍ନମୁଦ ମହୋତ୍ସବ ପରିଚାଳନା କମିଟି ସଭାପତି ପିତାମ୍ବର ହୋତା, ସମ୍ପାଦକ ଅଶୋକ ସାହୁ, ସହ ସମ୍ପାଦକ ବିଶିକେସନ ସାହୁ, ସୁବାଷ ଗଡ଼ତିଆ, ଜୟନ୍ତ ସାହୁ, ଶରତ ଚନ୍ଦ୍ର ଥପା ପ୍ରମୁଖ ସହଯୋଗ କରିଥିଲେ। ଯୁବ କବି ସତ୍ୟ ଭୂଷଣ ସାହୁ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ଶିଳ୍ପୀ ଡୋଲାମଣି ଭୁଏ ଓ ତାଙ୍କ ସାଥିଙ୍କ ସହିତ ମନ୍ଦିର ନିର୍ମାଣ କାର୍ଯ୍ୟ କରୁଛନ୍ତି। ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ପ୍ରମୁଖ ଯୋଗ ଦେଇ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ।



# ବିଧାୟିକାଙ୍କ ଦ୍ୱାରା ୧୯୪୮ ଜଣଙ୍କୁ ଭତ୍ତା ପ୍ରଦାନ

ଭେଡେନ, ୨୪।୨(ସମିସ): ଭେଡେନ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ମଧୁବାବୁ ପେନସନ ଯୋଜନା, ଅବିବାହିତ, ସ୍ୱାମୀ ପରିତ୍ୟକ୍ତା, ଭିନ୍ନକ୍ଷମ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ତ୍ରିପୁର ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବରେ ଅତାବିରା ନିର୍ବାଚନ ମଣ୍ଡଳୀର ବିଧୟିକା ସ୍ନେହାଙ୍ଗିନୀ ଛୁରିଆ ଯୋଗଦେଇ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧକ୍ଷ ଡୋଳାମଣି ଖେତି, ଜିଲ୍ଲାପରିଷଦ ସଭ୍ୟା ପଦ୍ମନୀ ଗଡ଼ତିଆ, ସତ୍ୟଜିତ ପୁରୋହିତ, ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କାର୍ଯ୍ୟକ୍ରମ ଆରମ୍ଭରେ ମହାମାଗାନ୍ଧୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ତରଣିସେନ ଜେନା ଓ ବ୍ଲକ ବିଜେଡି ସଭାପତି ହରିଶଙ୍କର ବେହେରା ପରିଚାଳନା କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀମତି ଛୁରିଆ ବ୍ଲକର ୧୯୪୮ ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଗତଭୁକ୍ତ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏହି ଅବସରରେ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ଚକ୍ରପାଣି ଦାଶ, ଚିନ୍ତାମଣି ମେହେର, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଭକ୍ତବନ୍ଧୁ ମହାନ୍ତି ସହଯୋଗ କରିଥିବା ବେଳେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ/ସଭ୍ୟାଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



# ୨୭୫ ନୂଆ ହିତାଧିକାରୀଙ୍କୁ ବିଧାୟକ ଭତ୍ତା ବାଣ୍ଟିଲେ

ବରଗଡ଼, ୨୪।୨(ସମିସ): ବରଗଡ଼ ପୌରାଞ୍ଚଳର ବିଭିନ୍ନ ୱାର୍ଡର ୨୭୫ରୁ ଉର୍ଦ୍ଧ୍ୱ ନୂତନ ହିତାଧିକାରୀଙ୍କୁ ବିଭିନ୍ନ ଜନହିତକାରୀ ଯୋଜନାରେ ଭତ୍ତା ବଣ୍ଟନ କରାଯାଇଛି। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା କଳ୍ପନା ମାଝୀ, ଉପାଧକ୍ଷ ରାଜେଶ ଅଗ୍ରୱାଲ, ଟାଉନ ବିଜେଡି ସଭାପତି କିଶୋର ମିଶ୍ର ପ୍ରମୁଖଙ୍କ ସମେତ ପ୍ରତି ୱାର୍ଡର କାଉନସିଲର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପୌରାଞ୍ଚଳର ବିଭାଗୀୟ ଅଧିକାରୀ ସହଯୋଗ କରିଥିଲେ।



# ଝୋଟ ବ୍ୟାଗ୍ ସହିତ ୧ ହଜାର ଟଙ୍କାର ସହାୟତା ରାଶି ବଣ୍ଟନ

ବରଗଡ଼, ୨୪।୨(ସମିସ): ପୌର ପରିଷଦର ୱାର୍ଡ ନମ୍ବର ୧୬ରେ ଖାଦ୍ୟ ଯୋଗାଣ ବିଭାଗ ଆନୁକୂଲ୍ୟରେ ପ୍ରତି ରାସନ କାର୍ଡ ହିତାଧିକାରୀଙ୍କୁ ଦୁଇଟି ଝୋଟ ବ୍ୟାଗ୍ ଓ ଏକ ହଜାର ଟଙ୍କା ଲେଖାଏଁ ଆର୍‌ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ସପ୍ଲାଇ ଇନ୍ସପେକ୍ଟର ରଞ୍ଜନ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ରାସନ କାର୍ଡ ହିତାଧିକାରୀଙ୍କୁ ଏହା ବଣ୍ଟନର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା କଳ୍ପନା ମାଝୀ ଉପସ୍ଥିତ ରହି ହିତାଧିକାରୀଙ୍କୁ ବ୍ୟାଗ୍ ସହ ଆର୍‌ଥିକ ସହାୟତା ରାଶି ବଣ୍ଟନ କରିଥିଲେ। ପୂର୍ବରୁ ରାସନ ସାମଗ୍ରୀ ଧରି ଘରକୁ ଯିବାରେ ଅସୁବିଧା ହେଉଥିବାରୁ ରାଜ୍ୟ ସରକାର ଏହି ଝୋଟ ବ୍ୟାଗ୍ ପ୍ରଦାନ କରିବା ପରେ ହିତାଧିକାରୀମାନେ ଖୁସି ପ୍ରକଟ କରିବା ସହ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଅମରଦାସ ବାବା ମଠରେ ଅଗ୍ନି ଉତ୍ସବ ପାଳିତ

ବରଗଡ଼, ୨୪।୨(ସମିସ):ବରଗଡ଼ ଜିଲ୍ଲା ଭୋଇପାଲି ଅମରଦାସ ବାବା ମଠ ଠାରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ଅଗ୍ନି ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବ ମାଘମାସ ଚତୁର୍ଦ୍ଦଶୀ ଆରମ୍ଭ ହୋଇ ପୂର୍ଣ୍ଣିମା ଦିନ ପୂର୍ଣ୍ଣାହୂତି ହୋଇଥାଏ। କେଉଁ ଆବାହମାନ କାଳରୁ ଏହି ଅଗ୍ନି ଉତ୍ସବ ପାଳନ ହେଇଆସୁଛି। ଏଥିରେ ଅମରଦାସ ବାବାଙ୍କୁ ପୂଜାର୍ଚ୍ଚନା କଲେ ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏଥିରେ ଭୋଇପାଲି ଗ୍ରାମର ଭୋଇ ବଂଶର ପୂଜକମାନେ ପୂଜା କରିଥାନ୍ତି। ସେମାନେ ହେଲେ ଗୋପାଳ ଭୋଇ, ସୁଦାମ ଭୋଇ, ନୀଳାଞ୍ଚଳ ଭୋଇ, ଚିତ୍ତ ରଞ୍ଜନ ଭୋଇ, ମନୋରଞ୍ଜନ ଭୋଇ, କିଶୋର ଭୋଇ, ସୁଧିର ଭୋଇ, ଶିଶିର ଭୋଇ ପ୍ରମୁଖ। ଏହି ଦିନ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁ ମାନେ ଅମରଦାସ ବାବାଙ୍କ ନିକଟରେ ପୂଜା କରିଥାନ୍ତି। ଚତୁର୍ଦ୍ଦଶୀ ଦିନରେ ମହିଳା ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନ ଅର୍ଥାତ ପୂର୍ଣ୍ଣମୀରେ କୀର୍ତ୍ତନ ଧାରା ଅନୁଷ୍ଠିତ ହେବା ସଂଗେ ସଂଗେ ରାତିରେ ଛୋଟଛୋଟ ବାଳକ /ବାଳିକା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ସମୟରେ ସମସ୍ତ ଶ୍ରଦ୍ଧାଳୁ ଓ ଭକ୍ତ ମାନଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ଅଗ୍ନି ଉତ୍ସବରେ ଯୋଗଦାନ କରିଥିଲେ।

# ଅଷ୍ଟମ ରାଜେଶ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ପଦ୍ମପୁର, ୨୪।୨(ସମିସ): ସ୍ଥାନୀୟ ରାଜବୋଡ଼ାସମ୍ବର ହାଇସ୍କୁଲ ପଡ଼ିଆରେ ଚାଲିଥିବା ସର୍ବ ଭାରତୀୟ ରାଜେଶ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସେମିଫାଇନାଲରେ ପଦ୍ମପୁର ଦଳ ଅକୱା ମଧ୍ୟପ୍ରଦେଶକୁ ୪-୩ ଗୋଲରେ ଏବଂ ଦ୍ୱିତୀୟ ସେମିଫାଇନାଲରେ ଭବାନିପାଟଣା ଆଠମଲ୍ଲିକ ଦଳକୁ ୧-୦ ଗୋଲରେ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଆସନ୍ତା କାଲି ପଦ୍ମପୁର ଓ ଭବାନୀପାଟଣା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଆଜିର ଖେଳରେ ମୁଖ୍ୟଅତିଥି ଭାବରେ ବରିଷ୍ଠ ଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ସମାଜସେବୀ ନିରୋଜ ଦୋରା, କୁନାଳ ସିଂ ବରିହା, ପ୍ରଦୀପ ଜାଲ, ଗୌରାଙ୍ଗ ଦେବତା, ଅଶୋକ କାଲସାଏ, ବଟକୃଷ୍ଣ ମଟିଆରୀ, ଦେବାରଚନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ମେଚକୁ ସଲିଳ, ସୃଜିତ ଭୀକକି, ଦୀପକ, ଦିଲ୍ଲିପ ପରିଚାଳନା କରିଥିଲେ। ନରୋତ୍ତମ, ଶିବା, ଉମେଶ, ରିତେଶ, ରାଜେନ୍ଦ୍ର, ବୁଠି, କେଶରଞ୍ଜନ, ନାଗ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



## ଭୂତମୁଣ୍ଡା ବୁଢ଼ାରଜା କ୍ରିକେଟ୍

# ଚେରଙ୍ଗାଝାଞ୍ଜୀକୁ ହରାଇ ସେମିରେ ଛିନ୍ଦପାଣି

ପାଇକମାଲ, ୨୪।୨ (ସମିସ)

ପାଇକମାଲ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଭୂତମୁଣ୍ଡା ଗ୍ରାମରେ ଚାଲିଥିବା ବୁଢ଼ାରଜା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ ଗୋଟିଏ କ୍ୱାର୍ଟର ଫାଇନାଲ ସହିତ ୪ଟି ଲିଗ୍ ମ୍ୟାଚ ଖେଳାଯାଇଛି। ଚେରଙ୍ଗାଝାଞ୍ଜୀ ଓ ଛିନ୍ଦପାଣି ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଛିନ୍ଦପାଣି ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭୭ ରନ ସଂଗ୍ରହ କରିଥିଲା। ୭୮ ରନ ବିଜୟ ଲକ୍ଷ୍ୟ ନେଇ ଚେରଙ୍ଗାଝାଞ୍ଜୀ ଦଳ ଆବଶ୍ୟକ ରନ ସଂଗ୍ରହ କରି ପାରିନଥିଲା। ଫଳରେ ଛିନ୍ଦପାଣି ଦଳ ୭ ରନରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚରେ ମୁଖ୍ୟଅତିଥି ଭାବେ ମଳୟ କୁମାର ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ମନ୍ମଥ ମହାନ୍ତି, ସରଜୁ ପ୍ରସାଦ ବାରିକ, ବିହାରି ପଟେଲ, ଭଜନ ପ୍ରଧାନ, ରସାନନ୍ଦ ବଢେଇ, କୈଳାସ ଲୁହୁରା, ଭୋଜରାଜ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଯଦୁମଣି ମାଝୀ, ହେମନ୍ତ ମାଝୀ, ଅମିୟ ପ୍ରଧାନ, ସୌମ୍ୟ ମହାନ୍ତି ଓ ଜୟକାନ୍ତ ମାଝୀ ପରିଚାଳନା କରିଥିଲେ। ଶଶି ପଟେଲ ସ୍କୋରର ଥିବା ବେଳେ ମିଟୁ ପଟେଲ, ଅଜିତ ପ୍ରଧାନ, ବନମାଳୀ ମିର୍ଦ୍ଧା ଧାରା ବିବରଣୀ ପ୍ରଦାନ କରିଥିଲେ। ସମସ୍ତ ସ୍ପୋର୍ଟସ କ୍ଲବ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଆସନ୍ତା ରବିବାର ଫାଇନାଲ ମ୍ୟାଚ ହେବା ବୋଲି କମିଟି ପକ୍ଷରୁ କୁହାଯାଇଛି।



# ଯୁବକଙ୍କ ଜ୍ୟାକେଟ୍‌ରୁ ବ୍ରାଉନସୁଗର ଜବତ



**ଝାରସୁଗୁଡ଼ା, ୨୪।୨(ସମିସ):** ଝାରସୁଗୁଡ଼ା ସଦର ଥାନା ପୁଲିସ ବ୍ରାଉନସୁଗର ଜବତ କରି ଜଣକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ତେଲିଭଟ୍ଟାର ଛୋଟୁ ସେନ୍ଦରିଆ (୨୮)। ତେଲିଭଟ୍ଟା କବରସ୍ଥାନ ପଡ଼ା ହନୁମାନ ମନ୍ଦିର ନିକଟରେ ପୁଲିସ ଛୋଟୁକୁ କାବୁ କରି ସେ ପିନ୍ଧିଥିବା ଜ୍ୟାକେଟ ଭିତରୁ ୧୮.୨୯ ଗ୍ରାମ ବ୍ରାଉନସୁଗର ଜବତ କରିଥିଲା। ସଦର ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ଲମ୍ବୋଦର ବୁଡ଼ା ଏଡି ସୂଚନା ଦେଇଛନ୍ତି।

# କୂଅରେ ବାଡ଼ ଦେବାକୁ କେନ୍ଦ୍ରକରି ମହିଳାଙ୍କୁ ମାଡ଼

**- ବନ୍ଧା ହେଲେ ଦୁଇ ପୁତୁରା**
**- ନୋଟିସ୍ ନେଇ ମୁକୁଳିଲେ ଦେଢ଼ଶୁର**

**ଦେବଗଡ଼, ୨୪।୨(ସମିସ):** କରଲଗା ପଞ୍ଚାୟତ ମନୋହରପୁର ଗ୍ରାମରେ ଘର ଡିହରେ ଥିବା କୂଅରେ ବାଡ଼କୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଖୁଡ଼ିକୁ ଆକ୍ରମଣ ଅଭିଯୋଗରେ ୨ ପୁତୁରାଙ୍କୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ଦେଢ଼ଶୁରକୁ ଥାନାରୁ ନୋଟିସ ଦେଇ କୁଣ୍ଢେଇଗୋଳା ପୁଲିସ ଛାଡି ଦେଇଛି। ଭଞ୍ଜକିଶୋର ବେହେରାଙ୍କ ସ୍ତ୍ରୀ ରମ୍ଭାବତୀ ବେହେରାଙ୍କ ଘର ବାଡ଼ିରେ ଥିବା କୂଅରେ ବାଡ଼ ଦେବାକୁ କେନ୍ଦ୍ରକରି ଦେଢ଼ଶୁର କ୍ଷମାନିଧି ବେହେରା ଓ ତାଙ୍କ ୨ ପୁଅ ଅଭୟ ବେହେରା (୨୫) ଓ ଅଜୟ ବେହେରା (୨୩)ଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ କ୍ଷମାନିଧି ଓ ତାଙ୍କ ଦୁଇ ପୁଅ ରମ୍ଭାବତୀଙ୍କୁ ଆକ୍ରମଣ କରିଥିଲେ। କୁଣ୍ଢେଇଗୋଳା ଥାନାରେ ଲିଖିତ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା।

# ବୁଢ଼ାପଡ଼ା ବୁରୋମାଲ ମାଘ ପୂର୍ଣ୍ଣିମା ମହୋତ୍ସବ ଆରମ୍ଭ

**ଝାରସୁଗୁଡ଼ା, ୨୪।୨(ସମିସ):** ଝାରସୁଗୁଡ଼ା ସହରର ବୁଢ଼ାପଡ଼ା ବୁରୋମାଲରେ ଶ୍ରୀ ଶ୍ରୀ ରାଧା ମାଧବ ପୂଜା କମିଟି ପକ୍ଷରୁ ମାଘ ପୂର୍ଣ୍ଣିମା ମହୋତ୍ସବ ଆରମ୍ଭ ହୋଇଛି। ରାଧା ମାଧବ ମନ୍ଦିରର ପୂଜକ ମଧୁସୁଦନ ଦାସ ପୂଜାର୍ଚ୍ଚନା କରିଥିଲେ। ଅରୁଣ ମେହେର ଓ ତାଙ୍କ ପତ୍ନୀ ହାରାବତି ମେହେର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ମୀନତି ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜପୁର ବରପାଲି ଯାତ୍ରା ମଣ୍ଡଳୀ ଗାୟକ ଡିଲେଶ୍ୱର ବଢେଇ ଓ ସାଥିଙ୍କ ଦ୍ୱାରା ଯାତ୍ରା ମଣ୍ଡଳୀ ଅନୁଷ୍ଠିତ ହୋଇଥିଲା। ରାଧା ମାଧବ ପୂଜା କମିଟି ସଭାପତି ନାରାୟଣ ପ୍ରଧାନ, ସଂପାଦକ ନିଳାଦ୍ରୀ ପଟେଲ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ ମେହେର, ସଦସ୍ୟ ମନୋଜ୍ ଦୋର, ଭାରତ ରାଉତ, ସୁରେନ୍ଦ୍ର ମହାନନ୍ଦ, ନିମାଇଁ ଚରଣ ବେହେରା, ଡିଲେଶର ଭଇସା, କୈଳାଶ ରାଉତ ପ୍ରମୁଖ ପରିଚାଳନା କରିଥିଲେ।



# ଛୁରା ଦେଖାଇ ମହିଳାଙ୍କୁ ଦୁଷ୍କର୍ମ

**ଶଶୁର ଘର ଗାଁରେ ଜ୍ୱାଇଁର କାରନାମା**
**ଅଭିଯୁକ୍ତ ସହ ସହଯୋଗୀ ଗିରଫ**

**ଦେବଗଡ଼, ୨୪।୨(ସମିସ):** କୁଣ୍ଢେଇଗୋଳା ଥାନାଞ୍ଚଳରେ ଜଣେ ୨୭ ବର୍ଷୀୟା ବିବାହିତା ମହିଳାଙ୍କୁ ଗଣଦୁଷ୍କର୍ମ ଭିଯୋଗ ହୋଇଛି। ଏହି ଘଟଣାରେ କୁଣ୍ଢେଇଗୋଳା ଥାନା ପୁଲିସ ୨ ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଅନୁଗୋଳ ଜିଲ୍ଲା କଣିହାଁ ଥାନା ମାସୁରିହତା ଗ୍ରାମର ମନୋଜ ନାଏକ (୩୨) ଓ ଜିତୁ ନାଏକ (୨୭)। ଅଦାଲତରେ ଜାମିନ ନା ମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଅଭିଯୁକ୍ତ ମନୋଜ ନିଜ ଶଶୁର ଘରକୁ ବୁଲିବାକୁ ଆସିଥିଲା। ସମ୍ପର୍କୀୟଙ୍କ ଘରେ ମହିଳା ଏକୁଟିଆ ଥିବା ସୁଯୋଗରେ ଛୁରା ଦେଖାଇ ଘର ଭିତରେ କବାଟ ବନ୍ଦ କରି ବଳ ପୂର୍ବକ ଦୁଷ୍କର୍ମ କରିଥିଲା। ଏଥିରେ ଜିତୁ ସହଯୋଗ କରିଥିଲା। ପରେ ଘର ବାହାର ପଟୁ କବାଟ ବନ୍ଦ କରି ଅଭିଯୁକ୍ତ ଦ୍ୱୟ ଫେରାର ହୋଇଯାଇଥିଲେ। କିଛି ସମୟ ପରେ ମହିଳାଙ୍କ ଶାଶୁ ଭଉା ଟଙ୍କା ନେଇ ଘରକୁ ଆସିବା ପରେ ଘର କବାଟ ଖୋଲିବା ପରେ ଘଟଣା ସମ୍ପର୍କରେ ଜାଣିଥିଲେ। ଏହା ପରେ ମହିଳା ଜଣକ ତାଙ୍କ ଶାଶୁଙ୍କ ସହ ଅଭିଯୁକ୍ତର ଶଶୁର ଘରକୁ ଯାଇ ଘଟଣା ସମ୍ପର୍କରେ କହିବା ସହ କୁଣ୍ଢେଇଗୋଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କୁଣ୍ଢେଇଗୋଳା ଥାନା ପୁଲିସ ଉଭୟ ଅଭିଯୁକ୍ତ ଓ ମହିଳାଙ୍କୁ ଡାକ୍ତରୀ ମାଇନା କରାଇବା ପରେ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ସ୍କିଲ ଇଣ୍ଡିଆ ସେଣ୍ଟର ଲୋକାର୍ପିତ

**ଦେବଗଡ଼, ୨୪।୨(ସମିସ):** ସ୍ଥାନୀୟ ପୁରୁଣାଗଡ଼ ହକି ଛକ ନିକଟରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍କିଲ ଇଣ୍ଡିଆର ଦେବଗଡ଼ ସେଣ୍ଟରକୁ ଲୋକାର୍ପଣ କରିଛନ୍ତି। ଯୁବପିଢ଼ିଙ୍କୁ ରୋଜଗାର ଓ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଏହି କେନ୍ଦ୍ରର ସ୍ଥାପନା କରାଯାଇଛି। ଏହି କେନ୍ଦ୍ରରେ ଡିଜିଟାଲ ଟେକନୋଲୋଜି ସହ ୧୦ଟି ବିଭାଗରେ ଦକ୍ଷତା ତାଲିମ ପାଇଁ ବ୍ୟବସ୍ଥା ରହିଛି ଏହି ଉଦଘାଟନ କାର୍ଯ୍ୟକ୍ରମରେ ଦେବଗଡ଼ ବିଧାୟକ ସୁବାସଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁ, ରାଜ ପରିବାର ସଦସ୍ୟା ମାଧବୀ ଦେବୀ, ଆଇନଜୀବୀ ସଚ୍ଚିକାନ୍ତ ଦାସ, ଭୋଲେଶ୍ୱର ପ୍ରଧାନ, ଉପ ନଗରପାଳ ପ୍ରଜିତ ଭୋଜ, କାଉନସିଲର ଇତିଶ୍ରୀ ମିଶ ପ୍ରମୁଖ ଉପସ୍ଥିତ ଥିଲେ।

**ବାରଦାନ ସାଜିବ ସର୍ଡା ରାସ୍ତା**

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଗ୍ରାମବାସୀ

**ଜମନକିରା, ୨୩।୨(ସମିସ):** ଜମନକିରା ବ୍ଲକ ଅନ୍ତର୍ଗତ ସର୍ଡା ଗ୍ରାମକୁ ଯିବାକୁ ଭଲ ରାସ୍ତା ଖଣ୍ଡିଏ ନ ଥିଲା। ଫଳରେ ଗ୍ରାମବାସୀଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବର୍ଷା ସମୟରେ ଏହି ରାସ୍ତାରେ ଯିବା ମୃତ୍ୟୁବରଣ କରିବା ଭଳି ଲାଗେ। ଗ୍ରାମବାସୀ ବାରମ୍ବାର ଏହି ରାସ୍ତା ନିର୍ମାଣ ପାଇଁ ଦାବି ଜଣାଇଲା ପରେ ୨୦୧୮ ମସିହାରେ ଏହି ରାସ୍ତା କାମ ଆରମ୍ଭ ହେଲା। ହେଲେ ବନପାହାଡ଼ ଘେରା ଅଞ୍ଚଳ ଥିବାରୁ ରାସ୍ତାର ସମ୍ପୂର୍ଣ୍ଣ କାର୍ଯ୍ୟ ହୋଇପାରି ନଥିଲା। ଫଳରେ ଲୋକଙ୍କ ସମସ୍ୟା କିଛି କଂସାରେ ଅସମ୍ପୂର୍ଣ୍ଣ ରହିଯାଇଥିଲା। ଗତ ନଭେମ୍ବର ୨୮ ତାରିଖରେ ସର୍ଡା ଗ୍ରାମବାସୀ ଜମନକିରା ଅଭିଯୋଗ ଶୁଣାଣିରେ ରାସ୍ତା ସମ୍ବନ୍ଧରେ ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ପରେ ଆର୍‌ଏଣ୍ଡବି ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ ପାଇଁ ଶୁକ୍ରବାର କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ଦ୍ୱାରା ରାସ୍ତ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ରାସ୍ତା ନିର୍ମାଣ ହେଲେ ସର୍ଡା ଗ୍ରାମବାସୀଙ୍କ ଜମନକିରା ଗମନାଗମନ ସୁଗମ ହୋଇଯିବ। ଏଥିପାଇଁ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଚଷା ସମାଜ ଓ ଲକ୍ଷେ ଘର ଦଳିତ ସମାଜ ବନ୍ଧୁ ମିଳନ

**ଦେବଗଡ଼, ୨୪।୨ (ସମିସ):** ତିଲେଇବଣି ବ୍ଲକ ଧୋବଲିପଥର ଗ୍ରାମରେ ଜିଲ୍ଲାସ୍ତରୀୟ ଚଷା ସମାଜର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଚଷା ସମାଜର ସଭାପତି ଗୋବିନ୍ଦ ସାହୁ, ସଂପାଦକ ସୁରେଶ ଚନ୍ଦ୍ର ସାହୁ, ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁ, ଚାଷୀ ନେତା ସନ୍ତୋଷ ସାହୁ, କିଶୋର ପ୍ରଧାନ, ଶିଶିଭୂଷଣ ସାହୁ, ଲକ୍ଷ୍ମଣ ପ୍ରଧାନ, ଭୁବନେଶ୍ୱର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ପୌଲସ୍ତୀ ସାହୁ ପରିଚାଳନା କରିଥିଲେ। ସେହିପରି ପୌରାଞ୍ଚଳ ନୀଳାବେର୍ଣ୍ଣି ସାହିର ବାଇପାସ ଛକ ନିକଟରେ ଲକ୍ଷେ ଘର ଦଳିତ (ପାଣ) ସମାଜ ପକ୍ଷରୁ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ, ବିଧାୟକ, ଉପନଗରପାଳ ପ୍ରଜିତ ଭୋଜ, ନିରାକର ପାତ୍ର, ଶିକ୍ଷାବିତ ସଂଧାରାଣୀ ପାତ୍ର, ଅଇଁଠୁ ନାୟକ, ସୁରୁ ପାତ୍ର, ହର ଭୋଜ, ବିପିନ ବିହାରୀ ସରୁଆ ପ୍ରମୁଖ ମଞ୍ଚାସୀନ ଥିଲେ।

# ୟୁଟିଲିଟି ସେଣ୍ଟର ସ୍ଥାନାନ୍ତର ଦାବି

**ଝାରସୁଗୁଡ଼ା, ୨୪।୨(ସମିସ):** ଭଇଁରଖୋଲ ପଞ୍ଚାୟତ ଅଫିସ ନିକଟରେ ଏକ ୟୁଟିଲିଟି ସେଣ୍ଟର ନିର୍ମାଣ ପାଇଁ ଲେଆଉଟ ଦିଆ ଯାଇଛି। ଏହି ସ୍ଥାନଟି ୟୁଟିଲିଟି ସେଣ୍ଟର ନିର୍ମାଣ ପାଇଁ ଆଦୌ ଉପଯୋଗୀ ନୁହେଁ। ତେଣୁ ଏହାକୁ ଅନ୍ୟ ସ୍ଥାନରେ ନିର୍ମାଣ କରାଯାଉ ବୋଲି ସାଗରପାଲି, ଠେବରା, ବେହେରାପଡ଼ା, ଏକଫଲିଆପଡ଼ା ଗ୍ରାମବାସୀ ବ୍ରଜରାଜନଗର ବିଧାୟିକା, ଜିଲ୍ଲାପାଳ, ଲଖନପୁର ବିଡିଓ ଏବଂ ଲଖନପୁର ବ୍ଲକ ଅଧ୍ୟକ୍ଷାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ୟୁଟିଲିଟି ସେଣ୍ଟର ନିର୍ମାଣ ପାଇଁ ଲେଆଉଟ ଦିଆଯାଇଥିବା ସ୍ଥାନଟି ତ୍ରିକୋଣ ସ୍ଥାନ। ଏଠାରେ ୟୁଟିଲିଟି ସେଣ୍ଟର ନିର୍ମାଣ ହେଲେ ସାଗରପାଲି, ଭଇଁରଖୋଲ ଓ ଠେବାର ଗ୍ରାମକୁ ଯିବା ପାଇଁ ଥିବା କଂକ୍ରିଟ ରାସ୍ତା ସଂକୀର୍ଣ୍ଣ ହେବ। ଏହା ଫଳରେ ଏଠାରେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ପୂର୍ବରୁ ଏହି ସ୍ଥାନରେ ଏକ କାଞ୍ଜିଆ ହାଉସ୍ ଥିଲା। ରାସ୍ତା ଭଲ ଭାବରେ ଦେଖା ନ ଯିବାରୁ ଅନେକ ଦୁର୍ଘଟଣା ଘଟୁଥିଲା। ପଞ୍ଚାୟତ କାର୍ଯ୍ୟାଳୟରେ ଲୋକଙ୍କ ଉପସ୍ଥିତିରେ ଏକ ରିଜୋଲେସନ କରି ଏହି କାଞ୍ଜି ହାଉସକୁ ଭଙ୍ଗାଯାଇଥିଲା। ଏହାପରେ ଏହି ସ୍ଥାନଟି ଦୁର୍ଘଟଣାମୁକ୍ତ ରହିଛି; ହେଲେ ପୁଣି ଏହି ସ୍ଥାନରେ ଏକ ୟୁଟିଲିଟି ସେଣ୍ଟର ନିର୍ମାଣ ପାଇଁ ଶୁଭ ଦିଆଯାଇଛି। ୫୦ ମିଟର ମଧ୍ୟରେ ବିପିଏମ ହାଇସ୍କୁଲ ରହିଛି। ଛାତ୍ରଛାତ୍ରୀ ଏହି ସ୍ଥାନକୁ ପ୍ରତିଦିନ ଯିବାଆସିବା କରୁଛନ୍ତି। ରାସ୍ତା ସଂକୀର୍ଣ୍ଣ ଯୋଗୁଁ ଛାତ୍ରଛାତ୍ରୀ ଦୁର୍ଘଟଣାର ସମ୍ମୁଖୀନ ହେବାର ଆଶଙ୍କା ଅଛି। ତେଣୁ ୟୁଟିଲିଟି ସେଣ୍ଟର ନିର୍ମାଣ ସ୍ଥାନକୁ ସ୍ଥାନାନ୍ତର କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

# ମଦ, ପୋଚ ଧରପଗଡ଼

**ଝାରସୁଗୁଡ଼ା, ୨୪।୨(ସମିସ):** ଲଖନପୁର ପୁଲିସ ପଣ୍ଡରୀ ଗ୍ରାମର ସୁଶୀଲ ସେଠ (୪୩) ଘରୁ ବିପୁଳ ମାତ୍ରରେ ବିଭିନ୍ନ କମ୍ପାନୀର ଠିପି ବନ୍ଦ ବିଦେଶୀ ମଦ ଜବତ କରିବା ସହ ତାକୁ ଗିରଫ କରିଛି। ଅନ୍ୟପକ୍ଷେ ଲଖନପୁର ଥାନା ଅଞ୍ଚଳର ହୀରାକୁଦ ଜଳ ଭଣ୍ଡାର ଭିତରେ ଥିବା ଟାପୁରୁ ପୁଲିସ ୮ କୁଇଣ୍ଟାଲରୁ ଅଧିକ ମହୁଲ ପୋଚ ଜବତ କରି ନଷ୍ଟ କରିଛି। ସେହିଭଳି ବେଆଇନ ଭାବରେ ଦେଶୀ ରନ୍ଧା ମଦ କାରବାର କରୁଥିବା ଅଭିଯୋଗରେ ଲଖନପୁର ପୁଲିସ ଠେବରା ଗ୍ରାମର ରାଜକୁମାର ଖଣ୍ଡା (୩୪)କୁ ଗିରଫ କରିଛି। ତା ନିକଟରୁ ୩୦ ଲିଟର ରନ୍ଧା ମଦ ଜବତ ହୋଇଛି।

# ହରିଜନପଡ଼ାରେ କୃଷ୍ଣଗୁରୁ ଯଜ୍ଞ

**କୋଲାବିରା, ୨୪।୨(ସମିସ):** କୋଲାବିରା ହରିଜନ ପଡ଼ାରେ କୃଷ୍ଣଗୁରୁ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମୁକ୍ତେଶ୍ୱର ଗୋଖରା ସପତ୍ନୀକ କର୍ତ୍ତା କାର୍ଯ୍ୟ ନିର୍ବାହ କରିଥିଲେ। କୋଲାବିରାସ୍ଥିତ କୃଷ୍ଣଗୁରୁ ଗାଦି ମୁଖ୍ୟ ସିଂହରାଜ ଗୋଖରା ପୂଜକ ଦାୟିତ୍ୱ ତୁଲାଇଥିଲେ। ବାମଣ୍ଡା, ସାରୁପଡ଼ା, ଧୁତରା, କୋଲାବିରାର କୃଷ୍ଣଗୁରୁ ଦଳ ନମ ସଂକୀର୍ତ୍ତନକୁ ଆଗେଇ ନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ହେମନ୍ତ ଭଞ୍ଜ, ତରଣୀସେନ ଭଞ୍ଜ, ଭୀଷ୍ମଦେବ ରଣବିଡା, ବସୁଦେବ ସୋହେଲ, ଅଶୋକ ଛତ୍ରାନ, ବାବା ମହାନନ୍ଦିଆ, ରାଜକୁମାର ଭଂଜ, ହେମାନନ୍ଦ ସୁନାନୀ, ଦିନେଶ ଗୋଖରା, କେଶବ ବାଗ, ଲଳିନ୍ଦ୍ର ଗୋଖରା ପ୍ରମୁଖ ସହଯୋଗ କରିଥିଲେ।



# ଜିଲ୍ଲା ନାଗରିକ କମିଟି ପକ୍ଷରୁ ଆଲୋଚନାଚକ୍ର

**ଦେବଗଡ଼, ୨୪।୨(ସମିସ):** ସ୍ଥାନୀୟ ଦେବଗଡ଼ ମହାବିଦ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ପେୟକ୍ଷାଳୟରେ ଜିଲ୍ଲା ନାଗରିକ କମିଟି ପକ୍ଷରୁ 'ଦେବଗଡ଼ ଜିଲ୍ଲା ବର୍ତ୍ତମାନ ଓ ଭବିଷ୍ୟତ' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ସୁଶୀଲ କପର୍ଦାରଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ପ୍ରଫେସର ଡକ୍ଟର ପ୍ରଭାତ ମହାପାତ୍ର, ପ୍ରଫେସର ଡକ୍ଟର ସଦାଶିବ ପ୍ରଧାନ, ଓଡ଼ିଶା ସରକାରଙ୍କ ଅବସରପ୍ରାପ୍ତ ସ୍ୱତନ୍ତ୍ର ସଚିବ ଜଗନ୍ନାଥ ପ୍ରଧାନ ଓ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ତିଳେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଦେବଗଡ଼ ମାଟିର ସୁପୁତ୍ର ପ୍ରଫେସର ଡକ୍ଟର ପ୍ରଭାତ ମହାପାତ୍ର, ପ୍ରଫେସର ଡକ୍ଟର ସଦାଶିବ ପ୍ରଧାନ, ଜଗନ୍ନାଥ ପ୍ରଧାନ, ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ ଓ ତିଳେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇଙ୍କୁ ନାଗରିକ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ମନୋଜ ଉପାଧ୍ୟାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମ୍ପାଦକ ସୁଧୀର କପର୍ଦାର ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ।

# ତିଲଗି ୨୪ ପ୍ରହର ନାମଯଜ୍ଞ ଉଦ୍‌ଯାପିତ



**ଲଖନପୁର, ୨୪।୨(ସମିସ):** ଲଖନପୁର ବ୍ଲକ ଉପାନ୍ତ ୧୯ ଖଣ୍ଡ ମୌଜା ପିଥିଣ୍ଡା ପଞ୍ଚାୟତ ତିଲଗି ଗାଁରେ ୨୦ତାରିଖରେ ଆରମ୍ଭ ହୋଇଥିବା ୨୪ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଛି। ଲିଙ୍ଗରାଜ ପାତ୍ର ସ୍ୱପତ୍ନୀକ କର୍ତ୍ତା ଥିବା ବେଳେ ପୂଜକ ଭାବେ ତୁଳସୀ ପୁରୋହିତ ଦାୟିତ୍ୱ ତୁଲାଇଥିଲେ। ପ୍ରମୁଖ ସଂକୀର୍ତ୍ତନ ଗାୟକ ଗୌରହରି ଖମାରି(ସାହାସବଗା) ଦଧି ଭାଣ୍ଡ ଭଞ୍ଜନ କରି ଯଜ୍ଞ ସମାପନ କରିଥିଲେ। ମେଘନାଦ ମାଝୀ, କନ୍ଦର୍ପ ମାଝୀ, କ୍ଷେତ୍ର ମାଝୀ, ଗଜାନନ ଦେହେରି, କାର୍ତ୍ତିକ ସା, ଡିଗ୍ରୀ ସାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ହିରୋ କପ୍ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ

# ଘୁସୁରାମୁଣ୍ଡାକୁ ହରାଇ ଲୋଇସିଂ ବିଜୟୀ

**ବ୍ରଜରାଜନଗର, ୨୪।୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଜଗନ୍ନାଥ ଯୁବକ ସଂଘ ପକ୍ଷରୁ ବରପାଲିରେ ୫ ଦିନିଆ ହିରୋ କପ୍ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଏହି କ୍ରିକେଟ ପ୍ରତିଯୋଗିତାରେ ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦଘାଟନୀ ମ୍ୟାଚ୍ ଲୋଇସିଂ କ୍ଲବ୍ ଓ ଘୁସୁରାମୁଣ୍ଡା କ୍ଲବ୍ ମଧ୍ୟରେ ହୋଇଥିଲା। ଘୁସୁରାମୁଣ୍ଡା ଦଳ ୮୫ ରନ ସଂଗ୍ରହ କରିଥିଲା ବେଳେ ଜବାବରେ ଲୋଇସିଂ ଦଳ ୮୬ ରନ୍ କରି ବିଜୟୀ ହୋଇଥିଲା। ଏହି ଅବସରରେ ଗ୍ରାମର ଗନ୍ତିଆ ଶ୍ରୀମାନ ଶରତ କୁମାର ସିଂ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ହେମନ୍ତ ଧୁରୁଆ, ଉଗ୍ର ବିଶି, ଶୁଭେନ୍ଦୁ ନାରାୟଣ ସିଂ ଦେଓ, ଠାକୁର ପ୍ରଧାନ, ଆକାଶ ପୋଢ଼, ଉମେଶ ବଡ଼ାଇ, କୁଶ ବାଦି, ସୁଶୀଲ ବଡ଼ାଇ, ଦିନେଶ ବଡ଼ାଇ, ବପୁନ୍ ନାଏକ, ରୋସନ ଭଇଁସାଲ, ଆକାଶ ଦୋରା, ଟନେଶ୍ୱର୍ ସେଟ, ଆଶିଷ ଧୁରୁଆ, ରୋସନ ପ୍ରଧାନ, ଅଶୋକ ଭୋଇ, ଅନିଲ ବଡ଼ାଇ, ଉଦ୍ଧବ ସେଟ, ପ୍ରଫୁଲ୍ଲ ବଡ଼ାଇ, କର୍ଣ୍ଣଚନ୍ଦ୍ର ରାଉତ, ଫକୀର ସେଟ, ବିକାଶ ପୋଢ଼, ଈଶ୍ୱରୀ ମାଝୀ, ରାଜୁ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।



## ବଜରଙ୍ଗ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ

# ମହାବୀର କ୍ରିକେଟ୍ କ୍ଲବ୍ ବିଜୟୀ



**ଦେବଗଡ଼, ୨୪।୨(ସମିସ):** ଦେବଗଡ଼ ପୌରାଞ୍ଚଳ ଅନ୍ତର୍ଗତ ମହୁଲଢିପା ସାହି ନାଳପଡ଼ିଆରେ ମହାବୀର କ୍ଲବ ପକ୍ଷରୁ ବଜରଙ୍ଗ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ଅତିଥିଭାବେ ବିଜେଡି ଜିଲ୍ଲା ପର୍ଯ୍ୟବେକ୍ଷକ ଗୌତମବୁଦ୍ଧ ଦାସ, ପୌରାଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଈ, ଜିଲ୍ଲା ବିଜେଡି ସଭାପତି ଇଂ ଚିତ୍ତରଞ୍ଜନ ପ୍ରଧାନ, ବିଜେଡି ଜିଲ୍ଲା ସହ ପର୍ଯ୍ୟବେକ୍ଷକ ସୌମ୍ୟରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ମହାବୀର କ୍ରିକେଟ କ୍ଲବ ସହିତ ରାଜୀବ ଗାନ୍ଧୀ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ରାଜୀବ ଗାନ୍ଧୀ କ୍ରିକେଟ କ୍ଲବ ଟସ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା। ମହାବୀର କ୍ରିକେଟ କ୍ଲବ ନିର୍ଦ୍ଧାରିତ ୧୫ ଓଭରରେ ୭ ୱିକେଟ ହରାଇ ୨୧୭ ରନ ସଂଗ୍ରହ କରିଥିଲା। ଜବାବରେ ରାଜୀବ ଗାନ୍ଧୀ କ୍ରିକେଟ କ୍ଲବ ୬ ୱିକେଟ ହରାଇ ୧୮୯ ରନ୍ ସଂଗ୍ରହ କରିଥିଲା। ମ୍ୟାଚରେ ମହାବୀର କ୍ରିକେଟ କ୍ଲବ ୨୮ ରନରେ ବିଜୟୀ ହୋଇଥିଲା। ମ୍ୟାଚକୁ ଟଙ୍କଧର ନାୟକ ମୁକେଶ ଦଳାଇ ପରିଚାଳନା କରିଥିଲେ। କ୍ଲବ ଉପସଭାପତି ପ୍ରିତମ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ବିଜେଡି ନଗର ସଭାପତି ଶୁକଦେବ ଭଞ୍ଜ ଅତିଥି ଭାବେ ଯୋଗ ଦେଇ କିରନ ନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

# ତୃତୀୟ ସର୍ବଭାରତୀୟ ଜି.ଶ୍ୟାମଲ ରାଓ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଫାଇନାଲରେ ଓପି ଜିନ୍ଦଲ

**ବ୍ରଜରାଜନଗର, ୨୪।୨(ସମିସ)**

ସ୍ଥାନୀୟ ଓରିଏଣ୍ଟ ଖେଳ ପଡ଼ିଆରେ ତୃତୀୟ ସର୍ବ ଭାରତୀୟ ଜି.ଶ୍ୟାମଲ ରାଓ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ବ୍ରଜରାଜନଗର କ୍ରିକେଟ୍ କ୍ଲବ ଏବଂ ଆମ୍ବିସନ୍ କ୍ଲବ ଦ୍ୱାରା ମିଳିତ ଭାବେ ଏହା ଆୟୋଜିତ ହୋଇଥିଲା। ଏନ୍‌ସିଏ ବଲାଙ୍ଗୀର ଓ ଓପି ଜିନ୍ଦଲ କ୍ରିକେଟ ଏକାଡେମି, ଘଡଘୋଡ଼ା (ସିଜି) ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ଏନ୍‌ସିଏ ବଲାଙ୍ଗୀର ଟସ୍ ଜିତି ବ୍ୟାଟିଂ କରିବାକୁ ସ୍ଥିର କରିଥିଲା। ଏନ୍‌ସିଏ ବଲାଙ୍ଗୀର ପ୍ରଥମେ ବ୍ୟାଟିଂ କରି ୨୯.୫ ଓଭରରେ ଗୋଟିଏ ୱିକେଟ ହରାଇ ୧୨୮ ରନ୍ ସଂଗ୍ରହ କରିଥିଲା। ଜବାବରେ ଓପି ଜିନ୍ଦଲ କ୍ରିକେଟ ଏକାଡେମି ଦଳ ୨୪.୩ ଓଭରରେ ୩ ୱିକେଟ୍ ହରାଇ ୧୨୯ ରନ୍ ସଂଗ୍ରହ କରି ୭ଟି ୱିକେଟରେ ବିଜୟ ହାସଲ କରି ଫାଇନାଲକୁ ପ୍ରବେଶ କରିଛି। ଓପି ଜିନ୍ଦଲ କ୍ରିକେଟ ଏକାଡେମିର ଖେଳାଳି ସକ୍ଷମ ଚୌବେ ୧୭ ବଲ୍‌ରେ ୧୮ ରନ୍ ଓ ୬ ଓଭରରେ ୧୦ ରନ୍ ଦେଇ ୨ଟି ୱିକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ବିଜଡି ବ୍ରଜରାଜନଗର ଟାଉନ ସଭାପତି ରାଧାକାନ୍ତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରମେଶ ଯାଦବ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଜ୍ୱଲ୍ ପଟେଲ ଏବଂ ଦୀପକ ପଟେଲ ଅମ୍ପାୟାର ଭାବେ ଏହି ମ୍ୟାଚ୍ ପରିଚାଳନା କରିଥିଲେ। ରବିବାର ଫାଇନାଲ ମ୍ୟାଚ ଆମ୍ବିସନ କ୍ଲବ, ବ୍ରଜାଜନଗର ଓ ଓ. ପି. ଜିନ୍ଦଲ କ୍ରିକେଟ ଏକାଡେମି, ଘଡଘୋଡ଼ା (ସି ଜି) ମଧ୍ୟରେ ଅନୁଷ୍ଠିତ ହେବ। ରବୀନ୍ଦ୍ର ସିଂ, ଅନିରୁଦ୍ଧ କେୱଟ, ଧିରେନ ରାଉଳ, ରମେଶ ଯାଦବ, ଅଶୋକ ପ୍ରଧାନ, ସଞ୍ଜୟ ଗିରି ଏବଂ ବିନୟ ଯାଦବ ପ୍ରମୁଖ ଯୋଗ ଦେଇଥିଲେ।



# ବୌଦ୍ଧ ପୌରପରିଷଦ, କଣ୍ଟାମାଳ ଏନ୍ଏସି ଘୋଷଣା ପରେ ଖୁସିର ଲହରି

**ବୌଦ୍ଧ, ୨୪।୨(ସମିସ)**

ବୌଦ୍ଧ ଜିଲ୍ଲାର ବୌଦ୍ଧଗଡ଼ ଏନଏସିକୁ ପୌରପରିଷଦ ଏବଂ କଣ୍ଟାମାଳକୁ ଏନଏସି ଭାବେ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହାକୁ ନେଇ ଜିଲ୍ଲାରେ ଖୁସିର ଲହରି ଖେଳି ଯାଇଛି। ତତ୍କାଳୀନ ବୌଦ୍ଧ ରାଜ୍ୟ ଭାରତ ସ୍ୱାଧୀନତା ପ୍ରାପ୍ତି ପରେ ୧।୧।୧୯୪୮ରେ ଓଡ଼ିଶା ରାଜ୍ୟରେ ମିଶି ବୌଦ୍ଧ-କନ୍ଧମାଳ ଜିଲ୍ଲାର ଏକ ସବ୍‌ଡିଭିଜନ ଭାବେ ମାନ୍ୟତା ଲାଭ କରିଥିଲା। ସରକାରୀ ଘୋଷଣାନାମା ସଂଖ୍ୟା ୧୦୦୪୩ (୧୪।୧୦।୧୯୬୧)ରେ ବୌଦ୍ଧ ସହର ବୌଦ୍ଧ-କନ୍ଧମାଳ ଜିଲ୍ଲାର ପ୍ରଥମ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲା। ପୌର ପରିଷଦ ମାନ୍ୟତା ସକାଶେ ପ୍ରାୟ ୬ ଦଶନ୍ଧିର ପ୍ରତୀକ୍ଷାର ଅବସାନ ଘଟାଇ ରାଜ୍ୟ ସରକାର ବୌଦ୍ଧଗଡ଼ ପୌରପରିଷଦ ଘୋଷଣା କରିଛନ୍ତି। ବିଜ୍ଞାପିତ ଅଞ୍ଚଳ ପରିଷଦକୁ ପୌର ପରିଷଦରେ ପରିଣତ କରାଯିବା ସକାଶେ ଅନେକ ଦାବି ଏବଂ ଆନ୍ଦୋଳନ କରାଯାଇଥିଲା। ୨୮।୧।୨୦୦୬ରେ ବୌଦ୍ଧଗଡ଼ ଏନଏସିରେ ଏହାକୁ ପୌରପରିଷଦ କରିବା ପାଇଁ ପ୍ରସ୍ତାବ ପାରିତ କରାଯାଇଥିଲା। ପରେ ବୌଦ୍ଧ ନାଗରିକ କମିଟି ତରଫରୁ ରାଜ୍ୟ ସରକାରଙ୍କଠାରେ ବାରମ୍ବାର ଦାବି ଉପସ୍ଥାପନ କରାଯାଇଥିଲା। ବିଶେଷକରି ୨୦୧୭ ମସିହାଠାରୁ ମୁଖ୍ୟମନ୍ତ୍ରୀ, ନଗରଉନ୍ନୟନ ମନ୍ତ୍ରୀ, ନଗର ଉନ୍ନୟନ ସଚିବଙ୍କୁ ବିଭିନ୍ନ ସମୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ୧୦।୧୧।୨୦୨୧ରେ ନାଗରିକ କମିଟି ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇ ଦାବିପତ୍ର ପ୍ରଦାନ କରାଯାଇଥିଲା। ୫।୭।୨୦୨୩ରେ '୫-ଟି' ସଚିବଙ୍କ ବୌଦ୍ଧ ଜିଲ୍ଲା ଗସ୍ତ ସମୟରେ ପ୍ରଦାନ କରାଯାଇଥିବା ଦାବିପତ୍ରରେ ବୌଦ୍ଧଗଡ଼ ପୌରପରିଷଦ ଘୋଷଣା ଏକ ପ୍ରମୁଖ ଦାବି ଥିଲା। ନାଗରିକ କମିଟିର ଏକ ପ୍ରତିନିଧି ଦଳ ସମ୍ପାଦକ ବିଶ୍ୱେଶ୍ୱର ପୃଷ୍ଟିଙ୍କ ନେତୃତ୍ୱରେ ଅତିରିକ୍ତ ସଚିବ ନଗର ଉନ୍ନୟନ ବିଭାଗଙ୍କ ଭୁବନେଶ୍ୱର କାର୍ଯ୍ୟାଳୟରେ ସାକ୍ଷାତକରି ଆନୁସଙ୍ଗିକ ଦାବି ଉପସ୍ଥାପନ କରିଥିଲେ। ରାଜ୍ୟ ସରକାର ବୌଦ୍ଧଗଡ଼ ପୌରପରିଷଦ ଓ କଣ୍ଟାମାଳକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ଘୋଷଣା କରିଥିବାରୁ ନାଗରିକ କମିଟି ବୌଦ୍ଧ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସେହିପରି ବୌଦ୍ଧଗଡ଼ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ନେତୃତ୍ୱରେ ସମସ୍ତ କାଉନସିଲର ଏବଂ ସାଧାରଣ ଜନତା ଏନଏସି କାର୍ଯ୍ୟାଳୟରୁ ବାଜା ବଜାଇ, ବାଣ ଫୁଟାଇ ଏକ ଶୋଭାଯାତ୍ରାରେ ବାହାରି ମନ୍ତ୍ରୀ ପ୍ରଦୀପ ଅମାତଙ୍କ ବାସଭବନରେ ପହଞ୍ଚି ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅଭିନନ୍ଦନ ଜଣାଇଥିଲେ। ତେବେ ମନମୁଣ୍ଡା, ବାଉଁଶୁଣୀ, ପୁରୁଣାକଟକକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ରୂପେ ମାନ୍ୟତା ଦିଆଯିବା ସକାଶେ ମୁଖ୍ୟମନ୍ତ୍ରୀ ବିଚାର କରିବାକୁ ଜିଲ୍ଲାବାସୀ ଦାବି କରିଛନ୍ତି।

# ଭତ୍ତାରୁ ବଞ୍ଚିତ 'ଉଷାବତି ହରଣ' କଳାକାର

**ଶଗଡ଼ା, ୨୪।୨( ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡ଼ଭେଲିପଦର ଗ୍ରାମର ଉଷାବତି ହରଣ କଳାକାରମାନେ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏମାନେ ଦୁର୍ଦ୍ଦିନରେ ଜୀବନଯାପନ କରୁଛନ୍ତି। ୭୦ଦଶକରୁ ୯୦ଦଶକ ପର୍ଯ୍ୟନ୍ତ ୨୦ ବର୍ଷ କାଳ ଗୁଡ଼ଭେଲି ପଦର ଗ୍ରାମର ଉଷାବତି ହରଣର କଳାକାରମାନେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଉତ୍କୃଷ୍ଟ ନାଟକ ପରିବେଷଣ କରି ଜିଲ୍ଲା ତଥା ଜିଲ୍ଲା ବାହାରେ ବହୁ ପ୍ରଶଂସା ପତ୍ର ପାଇଥିଲେ। କଳାହାଣ୍ଡିଠାରୁ ଆରମ୍ଭ କରି ବଲାଙ୍ଗିର, ସୋନପୁର, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼ ଆଦି ଅନେକ ଜିଲ୍ଲାରେ ଏହି ନାଟକ ପରିବେଷଣ କରି ବିଭିନ୍ନ ଅନୁଷ୍ଠାନ ତଥା ଜିଲ୍ଲା ସ୍ତରରୁ ଅନେକ ମାନପତ୍ର ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ଆବଶ୍ୟକ ପ୍ରୋତ୍ସାହନ ଅଭାବ ସହ ବୟସ ଅତିକ୍ରାନ୍ତ କରିବାରୁ ଏହି ନାଟକର କଳାକାରମାନେ ବର୍ତ୍ତମାନ ଅବହେଳିତ ଅବସ୍ଥାରେ ପଡ଼ି ରହିଛନ୍ତି। କୀର୍ତ୍ତନ, ଭଜନ ଆଦି କରି ଅନେକ କଳାକାର ଭତ୍ତା ହାତେଇଥିବା ବେଳେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରି ଲୋକଙ୍କ ପ୍ରଶଂସାର ପାତ୍ର ହୋଇଥିବା ଏହି ଉଷାବତି ହରଣର କଳାକାରମାନେ କଳାକାର ଭତ୍ତାରୁ ବଞ୍ଚିତ। ୨ବର୍ଷ ପୂର୍ବେ ପଞ୍ଚାୟତ କାର୍ଯ୍ୟାଳୟରେ ହୋଇଥିବା କାର୍ଯ୍ୟକ୍ରମରେ ଏହି କଳାକାରମାନେ ଉଷାବତୀ ନାଟକ ପରିବେଷଣ କରି ପଞ୍ଚାୟତସ୍ତରରେ ମଧ୍ୟ ପ୍ରଥମ ପୁରସ୍କାର ପ୍ରାପ୍ତ କରିଥିଲେ। ତେବେ ସମସ୍ତ କଳାକାର ମାନପତ୍ର ସହ ଆବେଦନ କରିଥିଲେ ସୁଦ୍ଧା ଏହି କଳାକାରମାନଙ୍କୁ କଳାକାର ଭତ୍ତା ନ ମିଳିବା ଦୁର୍ଭାଗ୍ୟଜନକ। ଏ ନେଇ କଳାକାରମାନେ କଣ୍ଟାମାଳରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ବୌଦ୍ଧ ଜିଲ୍ଲାପାଳ ଜେ ସୋନାଲ ଙ୍କୁ ପଚାରିବାରୁ ଏହି କଳାକାରମାନଙ୍କୁ ଭତ୍ତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।



# ଚାଷ ଜମିରେ ପାଣି ଦେବାକୁ ଯାଇ ଯୁବକ ନିଖୋଜ

**ଖପ୍ରାଖୋଲ, ୨୪।୨(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ଦୁଡୁକିପଦର ଗ୍ରାମର ୪୦ ବର୍ଷୀୟ ଯୁବକ ନିଖୋଜ ଥିବାନେଇ ଖପ୍ରାଖୋଲ ଥାନାରେ ଏକ ଏତଲା ଦେଇଥିବା ଜଣାପଡ଼ିଛି। ଖପ୍ରାଖୋଲ ଥାନା ଅନ୍ତର୍ଗତ ଦୁଡୁକିପଦର ଗ୍ରାମର ମୋହନ ପୁଟେଲ ଗତ ୨୨ ତାରିଖ ଦିନ ଅପରାହ୍ଣରେ ଘରୁ ବାହାରି ନିଜ କିଆରିରେ ପାଣି ଦେବାକୁ ଯାଇ ଆଉ ଫେରି ନ ଥିଲେ। ଏନେଇ ମୋହନଙ୍କ ସମ୍ପର୍କୀୟ ଭାଇ ତଥା ତାଙ୍କ ପରିବାରର ଲୋକେ ଅନେକ ଖୋଜାଖୋଜି କରିବାପରେ ତାଙ୍କ ଖବର ପାଇପାରି ନ ଥିଲେ। ଖପ୍ରାଖୋଲ ଥାନାରେ ନିଖୋଜ ହେବାର ଏତଲା ଦେଇଥିଲେ। ମୋହନଙ୍କ ପରିବାରରେ ତାଙ୍କ ସ୍ତ୍ରୀ ସହ ଦୁଇ ଝିଅ ଓ ଗୋଟିଏ ପୁଅ ଥିବା ଜଣାପଡ଼ିଛି।



# ମନମୁଣ୍ଡାକୁ ଏନ୍ଏସି ଘୋଷଣା ଦାବି

ମନମୁଣ୍ଡା, ୨୪।୨(ସମିସ): ମନମୁଣ୍ଡାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ଘୋଷଣା କରିବା ନେଇ ସ୍ଥାନୀୟ ସୁବର୍ଣ୍ଣମେରୁ ବାବା ମନ୍ଦିର ପ୍ରାଙ୍ଗଣରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମନମୁଣ୍ଡା ଏନ୍ଏସି ଆହ୍ୱାନ କମିଟି ବରିଷ୍ଠ ସଭ୍ୟ ଆଶିଷ ସାହୁଙ୍କ ଆବାହକତ୍ୱରେ ଏହି ବୈଠକ ବସିଥିଲା।

# ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର

**ବଲାଙ୍ଗିର, ୨୪।୨(ସମିସ):** ଓଡ଼ିଶା ମୋଟର ଚାଳକ ସଂଘ ତରଫରୁ ସ୍ଥାନୀୟ ଟିକ୍ରାପଡ଼ାସ୍ଥିତ ସଂଘ କାର୍ଯ୍ୟାଳୟଠାରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ଚକ୍ଷୁ ଚିକିତ୍ସକ ତୁଳସୀରାମ ସାହୁ ଓ ନିରୁପମା ସାହୁ ଏଥିରେ ଯୋଗଦେଇ ଲୋକଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ସହରର ବିଭିନ୍ନ ଅଞ୍ଚଳରୁ ଲୋକେ ଶିବିରରେ ଯୋଗଦେଇ ମାଗଣାରେ ଚକ୍ଷୁ ପରୀକ୍ଷା କରାଇଥିଲେ। ବିଶେଷ କରି ୪୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଓଡ଼ିଶା ମୋଟରଚାଳକ ସଂଘର ସଭାପତି ସତ୍ୟାନନ୍ଦ ପ୍ରଧାନ ଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିବାବେଳେ ଉପସଭାପତି ଅମରଜିତ ବେହେରା, କୋଷାଧ୍ୟକ୍ଷ ସୁବ୍ରତ ଯୋଷୀ, ରଶ୍ମୀରଞ୍ଜନ ବେହେରା ଓ ଅନ୍ୟମାନେ ସହଯୋଗ କରିଥିଲେ।

# ମୁରିବାହାଲ ବ୍ଲକରେ 'ଘରେ ଘରେ ଶଙ୍ଖ'



**ମୁରିବାହାଲ, ୨୪।୨(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ମୁରିବାହାଲ ବ୍ଲକ ଅଧୀନସ୍ଥ ମାଲିସିରା ପଞ୍ଚାୟତ, ତେନ୍ତୁଳୀଖୁଣ୍ଟି ପଞ୍ଚାୟତ, ସିରୋଲ ପଞ୍ଚାୟତ ଓ ବାଙ୍କେଲ ପଞ୍ଚାୟତର ସମସ୍ତ ଗ୍ରାମ ଗୁଡିକରେ ଘରେ ଘରେ ଶଙ୍ଖ ଓ ମୁଖ୍ୟମନ୍ତ୍ରୀଙ୍କ ଜନ ହିତକର ଯୋଜନାର ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ବଲାଙ୍ଗିର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପାଣ୍ଠି ଉପାଧ୍ୟକ୍ଷା ନିରୁପମା ମାଝୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା ଏବଂ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ହଂସରାଜ ଜୈନ। ବିଜେଡି ବରିଷ୍ଠ ନେତା ଦିଲୀପ କୁମାର ପୃଷ୍ଟି, ବିଟୁ ସିଂହ, ଶ୍ରୀଧର ମାଝୀ, କାଶ୍ୟପ ସରାଫ, କିଶୋର ବେହେରା, ଦୁଳମଣି ବାଗ, ଅଗସ୍ତି ବାଗ ତପନ ଦୀପ, ଶରତ ପୁଟେଲ, ପିଣ୍ଟୁ ଦୀପ, ଘାଟୁ ପାଣିଗ୍ରାହୀ, ପୂର୍ଣ୍ଣସାହୁ, ଚନ୍ଦ୍ର ବାଗ, ତୁଷାର ବାଗ, ଜମ୍ମଧର ବଗର୍ତ୍ତୀ, ମୋହନ ହାତୀ, ଧୁବା ମହାକୁଡ଼, ଉମାହାତୀ, ବୈଷ୍ଣବ ହାତୀ, ବିନୋଦ ଦୀପ, ବରୁଣ ଲୁହା, ମାୟା ପୋଡ଼ ସହିତ ଶହ ଶହ ବିଜୁ ଜନତା ଦଳର କର୍ମୀ ସାମିଲ ଥିଲେ।

# ବାରପୁଡୁଗିଆଠାରେ ବିଧାୟକଙ୍କ ସାଧାରଣ ସଭା

**ବଲାଙ୍ଗିର, ୨୪।୨(ସମିସ):** ବଲାଙ୍ଗିର ସଦର ବ୍ଲକସ୍ଥିତ ବାରପୁଡୁଗିଆ ଗ୍ରାମରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଧାୟକ ନରସିଂହ ମିଶ୍ର ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ କରିଥିଲେ। ଏଆଇସିସି ସଭ୍ୟ ତଥା ପିସିସି ସାଧାରଣ ସମ୍ପାଦକ ସମରେନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ। ବିଧାୟକଙ୍କ ଦ୍ୱାରା ଗେଡ଼ାବାଞ୍ଜିରୁ ବାନ୍ଧନଘୋର ରାସ୍ତା, ବନସୁରକ୍ଷା ସମିତି, ପିଇବା ପାଣି ପ୍ରକଳ୍ପ, ହରିଜନପଡ଼ା କଂକ୍ରିଟ ରାସ୍ତାର ଭିତ୍ତିପ୍ରସ୍ତର ସହ ଧୁବା ହାଇସ୍କୁଲ ହର୍ଡାଟାଲ, ସାରସପିଟା କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ କରାଯାଇଥିଲା। ବାରପୁଡୁଗିଆ ଠାରେ ଯୁବନେତା ସମରେନ୍ଦ୍ର ମିଶ୍ରଙ୍କୁ ଗାଁର ସମସ୍ତ ପୁରୁଷ ମହିଳାଙ୍କ ଦ୍ୱାରା ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବାରପୁଡୁଗିଆ ଠାରେ ଅନୁଷ୍ଠିତ ସାଧାରଣ ସଭା ବରିଷ୍ଠ ଆଇନଜିବୀ ବୈଷ୍ଣବ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଶନ୍ନ ମିଶ୍ର, ଘାସିରାମ ବେହେରା, ନିମାଇଁ ପାଣିଗ୍ରାହୀ, ସରପଞ୍ଚ ଯଜ୍ଞଜୟ ମିଶ୍ର ମଞ୍ଚାସିନ ଥିଲେ। ସଭା ସଂଯୋଜନା ଜୟକୃଷ୍ଣ ମିଶ୍ର ଏବଂ ଲକ୍ଷ୍ମୀକାନ୍ତ ସାହୁଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା।




# ଏସ୍‌ୟୁସିଆଇ (ସି) ପକ୍ଷରୁ ଦସ୍ତଖତ ସଂଗ୍ରହ ଅଭିଯାନ

**ବଲାଙ୍ଗିର, ୨୪।୨(ସମିସ):** ଦାଦନ ସମସ୍ୟାର ସ୍ଥାୟୀ ସମାଧାନ, ଦରଦାମ ବୃଦ୍ଧି ବନ୍ଦ, ଜନ ବିରୋଧି ଜାତୀୟ ଶିକ୍ଷାନୀତି ୨୦୨୦ ବାତିଲ, ସମସ୍ତଙ୍କୁ ସ୍ଥାୟୀ ନିଯୁକ୍ତି, ବିଦ୍ୟୁତ ବିଲ ୨୦୨୨ ରଦ୍ଦ କରିବା, ସ୍ମାର୍ଟ ମିଟର ବନ୍ଦ, ଜଙ୍ଗଲ ସଂରକ୍ଷଣ (ସଂଶୋଧନ) ଆଇନ ୨୦୨୩ ବାତିଲ, ନାଗରିକ ଅଧିକାର ସୁରକ୍ଷା, ଶ୍ରମକୋର୍ଡ ରଦ୍ଦ, ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଘରୋଇକରଣ ବନ୍ଦ, ପାଚିକା ସହାୟିକା, ଅଙ୍ଗନୱାଡି, ଆଶାକର୍ମୀ ସମେତ ସମସ୍ତ ଶ୍ରେଣୀର ସ୍କିମ ୱାର୍କରମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେବା, ସମସ୍ତ କୃଷିଜାତ ଦ୍ରବ୍ୟ ଉପରେ ଏମ୍ଏସ୍‌ପିକୁ ଆଇନ ମାନ୍ୟତା ଦେବା ଆଦି ୧୧ ଦଫା ନ୍ୟାର୍ଯ୍ୟ ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏସ୍‌ୟୁସିଆଇ (ସି) କେନ୍ଦ୍ରୀୟ କମିଟି ପକ୍ଷରୁ ଦେଶବ୍ୟାପି ଦସ୍ତଖତ ସଂଗ୍ରହ ଅଭିଯାନ ଚାଲିଛି। ଏହାର ଏକ ଅଙ୍ଗ ଭାବେ ବଲାଙ୍ଗିର ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲା ବ୍ୟାପି ଶତାଧିକ ଗ୍ରାମ ପରିକ୍ରମା କରି ୧୦ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ନିକଟରୁ ଦସ୍ତଖତ ସଂଗ୍ରହ କରାଯାଇଛି। ଏହି ଉପଲକ୍ଷେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ହୋଇଥିବା ପଥପ୍ରାନ୍ତ ସଭା ଗୁଡିକରେ ଏସ୍‌ୟୁସିଆଇ(ସି) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଅଶୋକ ମିଶ୍ର, ଜିଲ୍ଲା ସମ୍ପାଦକ ସୁନିଲ ଭୋଇ, ଜିଲ୍ଲା କମିଟି ସଭ୍ୟ ମଧୁସୁଦନ ବାଗ, ତାମସ ବେହେରା ବକ୍ତବ୍ୟ ରଖିଥିଲେ।



# କର୍କଟ ରୋଗୀଙ୍କ ପରିବାରଙ୍କୁ ଭେଟିଲେ ମନ୍ତ୍ରୀଙ୍କ ପ୍ରତିନିଧି ଦଳ

**ସଇଁତଲା, ୨୪।୨(ସମିସ):** ସଇଁତଲା ବ୍ଲକ ଭଦ୍ରା ପଞ୍ଚାୟତର ବରାହମାଲ ଗ୍ରାମର କର୍କଟ ରୋଗରେ ପୀଡ଼ିତା ଯଶୋଦା ସାଗର ଓ ତାଙ୍କ ପରିବାରକୁ ଟିଟିଲାଗଡ଼ ବିଧାୟିକା ତଥା ମନ୍ତ୍ରୀ ଟୁକୁନି ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏକ ପ୍ରତିନିଧି ଦଳ ରୋଗୀଙ୍କୁ ଭେଟିଛନ୍ତି। ତାଙ୍କର ଚିକିତ୍ସା ପାଇଁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସଇଁତଲା ବ୍ଲକ ପର୍ଯ୍ୟବେକ୍ଷକ ଲୋଟସ ଷଡ଼ଙ୍ଗୀ, ମନ୍ତ୍ରୀଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ରାଜେଶ ବେହେରା, ଜିଲ୍ଲା ସମ୍ପାଦକ ଡୋଳାମଣି, ନିଲୁ ମହାନନ୍ଦ, ଦିନେଶ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



# ବୀରମହାରାଜପୁରକୁ ଏନ୍ଏସି ଘୋଷଣା କରାଯାଉ

**ବୀରମହାରାଜପୁର, ୨୪।୨(ସମିସ):** ସ୍ଥାନୀୟ ମୈତ୍ରୀ ସଦନରେ ବୀରମହାରାଜପୁର ବିଜେଡି ପକ୍ଷରୁ ଏକ ସାମ୍ବାଦିକ ସାମ୍ବାଦିକ ସମ୍ମିଳନୀ ଜରିଆରେ ବୀରମହାରାଜପୁରକୁ ଏନଏସି ଘୋଷଣା କରିବାର ପୁନଃ ବିଚାର କରିବାକୁ ବ୍ଲକ ବିଜେଡି ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡି ଜିଲ୍ଲା ଉପସଭାପତି କିଶୋର ହୋତା, ରଞ୍ଜିତ ରଥ, ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟଞ୍ଜୀବ ମିଶ୍ର, ଶ୍ରୀନିବାସ ଚାନ୍ଦ, ସଞ୍ଜୀବ ଦେହୁରୀ, କଲ୍ଲୋଳ ମିଶ୍ର, ପ୍ରଦୀପ ମିଶ୍ର, ପ୍ରକାଶ ହୋତା, ଭଗବାନ କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ।



# ମକା ଚାଷ ଉପରେ ଆଲୋଚନାଚକ୍ର

**କୋମନା, ୨୪।୨(ସମିସ):** ସ୍ଥାନୀୟ କଲ୍ୟାଣ ମଣ୍ଡପନରେ ରାନିମୁହାସ ମିଶନ ଶକ୍ତି ମହିଳା ମକା ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମିଶନ ଶକ୍ତି ଅଧିକାରୀ ଧନିରାମ ଶବରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ କୋମନା ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଭେଲା ସରପଞ୍ଚ ବିମଳ ଯୋଷୀ, ତରବୋଡ ସରପଞ୍ଚ ଶ୍ୟାମ ପୃଷ୍ଟି, ପଏଁର ସରପଞ୍ଚ ପୁଷ୍ପାଞ୍ଜଳି ନାଗ, ରଜନା ସରପଞ୍ଚ କ୍ଷିରସିନ୍ଧୁ ଭୋଇ, ମାନିଗୁଡ଼ା ସରପଞ୍ଚ ବିରାଟ ବାଗ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।




## ହାତୀରାମ ନାଏକ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# କରଲାକୋଟ ଫାଇନାଲରେ ପ୍ରବେଶ

**କଲମପୁର, ୨୪।୨(ସମିସ)**

କଲମପୁର ବ୍ଲକ ଅନ୍ତର୍ଗତ ମଣ୍ଡଳ ସାଗରପଡ଼ିଆ ଠାରେ ଚାଲିଥିବା ଡଃ. ବି. ଆର. ଆମ୍ବେଦକର କ୍ଲବ ମଣ୍ଡଳ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ହାତୀରାମ ନାଏକ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସୀୟ ମ୍ୟାଚ୍ ଶନିବାର କ୍ୱାର୍ଟର ଫାଇନାଲ ଏବଂ ଏକ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଛି। ଛୋଟୁ ଇଲେଭେନକୁ ହରାଇ ପାଣିଗାଁ ଟିମ ସେମିଫାଇନାଲକୁ ପ୍ରବେଶ କରିଥିଲା। ପ୍ରଥମ ସେମିଫାଇନାଲ ଖେଳ ପାଣିଗାଁ ବନାମ କରଲାକୋଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କରଲାକୋଟ ୪-୧ ଗୋଲରେ ପାଣିଗାଁକୁ ହରାଇ ଫାଇନାଲକୁ ପ୍ରବେଶ କରିଛି। ମୁଖ୍ୟ ଅତିଥି ଭାବେ କୋଟାଗାଁ ସରପଞ୍ଚ ଚନ୍ଦନ କୁମାର ପଣ୍ଡା ଏବଂ ସମାଜସେବୀ ଗୌତମ ବିହାରୀ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥିଭାବେ ୱାର୍ଡ ସଭ୍ୟ ଉଦ୍ଧବ ନାଏକ, ଦୁଷ୍ମନ୍ତ କୁମାର ପଣ୍ଡା, ସନ୍ତୋଷ ବାଗ, ସୁମନ୍ତ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ସାମ୍ବାଦିକ ଚକ୍ରଧର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟରେ ବେଣୁଧର ନାଏକ, କୃଷ୍ଣଚନ୍ଦ୍ର ମାଝୀ, ମଳୟ ଭୋଇ, ନେତୃତ୍ୱ ନେଇ ଖେଳ ପରିଚାଳନା କରୁଥିବା ବେଳେ ମଣ୍ଡଳ ଫୁଟବେଲ ଆସୋସିଏସନ ସହଯୋଗ କରୁଛନ୍ତି। ଝଡ଼େଶ୍ୱର ଦୁର୍ଗା ଧାରାବିବରଣୀ ପ୍ରଦାନ କରିଥିଲେ।



# ଘରେ ଘରେ ଲକ୍ଷ୍ମୀ



## ସାରା ରାଜ୍ୟରେ ୧୭୪୫ ବସ୍

ଶେଷ ପର୍ଯ୍ୟାୟରେ ୫ ଜିଲ୍ଲାକୁ ମିଶାଇ ସମ୍ପ୍ରତି ରାଜ୍ୟ ସାରା ୧୭୪୫ଟି ଲକ୍ଷ୍ମୀ ବସ୍ ୬୦୩୧ ପଞ୍ଚାୟତରେ ଚଳାଚଳ ଆରମ୍ଭ କରିଛି । ଏହାଦ୍ୱାରା ରାଜ୍ୟର ୩.୬୪ କୋଟି ଲୋକ ଉପକୃତ ହୋଇଛନ୍ତି ।

# ଗାଁ ଗାଁରେ ବିକାଶର ଲକ୍ଷ୍ମୀ

- ସମସ୍ତ ୩୦ ଜିଲ୍ଲାରେ ଗଡ଼ିଲା ୧୭୪୫ ଲକ୍ଷ୍ମୀ ବସ୍
- ୬୦୩୧ ପଞ୍ଚାୟତର ୩.୬୪ କୋଟି ଲୋକ ଉପକୃତ
- ୯୫ ପ୍ରତିଶତ ପଞ୍ଚାୟତକୁ ବ୍ଲକ ସହ ଯୋଡ଼ିଲା 'ଲକ୍ଷ୍ମୀ'
- ମହିଳା, ଛାତ୍ରଛାତ୍ରୀଙ୍କୁ ୫ ଟଙ୍କାରେ ଯାତ୍ରା ସୁଯୋଗ

**୨୩-୨୬ ଆର୍ଥିକ ବର୍ଷ ପାଇଁ ୩,୧୭୮ କୋଟିର ବଜେଟ**



## 'ଲକ୍ଷ୍ମୀ'ର ସୁରକ୍ଷା ଆମର ଦାୟିତ୍ୱ: '୫-ଟି' ଅଧ୍ୟକ୍ଷ

'ଲକ୍ଷ୍ମୀ' ବସ୍ କେବଳ ଯାତାୟତର ମାଧ୍ୟମ ନୁହେଁ; ଏହା ସମୃଦ୍ଧିର ପ୍ରତୀକ ଓ ଓଡ଼ିଶାର ସମ୍ପତ୍ତି । ତେଣୁ ଏହାର ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି କହିଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ଲକ୍ଷ୍ମୀ ବସ୍ ଲୋକାର୍ପଣର ଅନ୍ତିମ ଅଧ୍ୟାୟର ସଂଯୋଜନା କରି ସେ ଏହି ବସ୍ ଚଳାଚଳ ପଛର କାହାଣୀର ଉନ୍ମୋଚନ କରିଛନ୍ତି । ତାଙ୍କ ଜିଲ୍ଲା ଗସ୍ତରୁ ଗ୍ରାମାଞ୍ଚଳରେ ଲୋକଙ୍କ ଗମନାଗମନ ସଂକ୍ରାନ୍ତ ତଥ୍ୟ ମିଳିଥିଲା । ସାଧାରଣ ଲୋକମାନେ ସେମାନଙ୍କ ଯାତାୟତ ସମସ୍ୟା ସଂକ୍ରାନ୍ତରେ ମତ ରଖି ବସ୍ ଚଳାଚଳ ପାଇଁ ପ୍ରସ୍ତାବ ଦେଇଥିଲେ । ଏହି ମତାମତ ଅନୁଯାୟୀ ସେ ୨୦୨୩ ମସିହା ମଇ ମାସ ୯ ତାରିଖରେ ଜିଲ୍ଲାପାଳମାନଙ୍କ ସହିତ ଆଲୋଚନା ହୋଇଥିଲା ଏବଂ ଅକ୍ଟୋବର ୧୨ରେ ପ୍ରଥମେ ମାଲକାନଗିରିରେ ଆରମ୍ଭ ହୋଇଥିଲା ଲକ୍ଷ୍ମୀ ବସ୍ । ସମ୍ପ୍ରତି ରାଜ୍ୟର ୩୦ଟି ଜିଲ୍ଲାର ୯୫ ପ୍ରତିଶତ ପଞ୍ଚାୟତ ଏଥିରେ ଅନ୍ତର୍ଭୁକ୍ତ ହୋଇଛି ।



## 'ଲକ୍ଷ୍ମୀ' ବସ୍‌ରେ 'ୟୁପିଆଇ କ୍ୟୁଆର୍ କୋଡ୍'

'ଲକ୍ଷ୍ମୀ' ବସରେ ଯାତାୟତ ବେଳେ କ୍ୟାସଲେସ୍ ପେମେଣ୍ଟକୁ ପ୍ରୋତ୍ସାହନ ଦିଆଯାଉଛି । ଯାତ୍ରୀମାନେ ନଗଦ ଟଙ୍କା ନ ଦେଇ ୟୁପିଆଇ ମାଧ୍ୟମରେ କ୍ୟୁଆର୍ କୋଡ୍ ବ୍ୟବହାର କରି ଭଡ଼ା ଅର୍ଥ ଦେଇ ଏହି ବସ୍‌ରେ ଯାତ୍ରା କରିବାର ସୁବିଧା ପାଉଛନ୍ତି । ପ୍ରଥମେ 'ମୋ ବସ୍'ରେ ଏହି ସୁବିଧା ଆରମ୍ଭ ହୋଇଥିବା ବେଳେ ଗତ ଡିସେମ୍ବର ମାସଠାରୁ ଲକ୍ଷ୍ମୀ ବସ୍‌ରେ ମଧ୍ୟ ଯାତ୍ରୀଙ୍କୁ ଉନ୍ନତ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ 'ୟୁପିଆଇ କ୍ୟୁଆର କୋଡ୍' ବ୍ୟବସ୍ଥା କରାଯାଇଛି । ଏହାଦ୍ୱାରା ଯାତ୍ରୀମାନେ ସୁବିଧାରେ କ୍ୟୁଆର କୋଡ୍ ସ୍କାନ କରି ଟଙ୍କା ଦେଇ ଯାତ୍ରା କରୁଛନ୍ତି । ଜନସାଧାରଣଙ୍କୁ ସହଜ ଯାତ୍ରା ଅନୁଭୂତି ପାଇଁ ଡିଜିଟାଲ୍ ସମାଧାନ ପଦ୍ଧତି ଗ୍ରହଣ ସହ ଏହା ଓଡ଼ିଶା ସରକାରଙ୍କ '୫-ଟି' ରୂପାନ୍ତରଣ ଉପକ୍ରମ ସହିତ ସମ୍ପୂର୍ଣ୍ଣ ଭାବେ ଯୋଡି ହୋଇଛି । ଲକ୍ଷ୍ମୀ କ୍ୟୁଆର କୋଡ୍ ସାହାଯ୍ୟରେ ଲୋକମାନଙ୍କ ପାଇଁ ପେମେଣ୍ଟ ପ୍ରକ୍ରିୟାକୁ ସହଜ କରାଯାଇଛି ଏବଂ ଏହାଦ୍ୱାରା ଯାତାୟତ ଆହୁରି ସରଳ ହେବ ବୋଲି ବିଭାଗ ଲକ୍ଷ୍ୟ ରଖିଛି । ପ୍ରକାଶ ଥାଉକି ସହଜ ବ୍ୟବହାର ଯୋଗ୍ୟ(ୟୁଜର ଫ୍ରେଣ୍ଡଲି) 'ଲକ୍ଷ୍ମୀ' କ୍ୟୁଆର୍ କୋଡ୍ ଉପଭୋକ୍ତାମାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ଦକ୍ଷ ଦେୟ ବିକଳ୍ପ ହୋଇଥିବା ବେଳେ ଏହା ସମୟ ହ୍ରାସ ସହ ଯାତ୍ରୀଙ୍କ ନିରାପତ୍ତା ବୃଦ୍ଧି କରିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି ।











## ସୁଦୃଢ଼ ହେବ ଅର୍ଥନୀତି

ପଞ୍ଚାୟତକୁ ବିକାଶର କେନ୍ଦ୍ର କରିବା ଓ ଗାଁର ଅର୍ଥନୀତିକୁ ମଜବୁତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲକ୍ଷ୍ୟ ରଖିଛନ୍ତି । ଲକ୍ଷ୍ମୀ ବସ୍ ଏଥିରେ ଗୁରୁତ୍ୱପୁର୍ଣ୍ଣ ଭୂମିକା ଗ୍ରହଣ କରିବ । ଲକ୍ଷ୍ମୀ ବସ୍ ଲୋକଙ୍କୁ ଲୋକଙ୍କ ସହିତ ଯୋଡିବ । ସାମାଜିକ ଓ ଆର୍ଥିକ ଜୀବନକୁ ମଜବୁତ କରିବ । ପିଲାଙ୍କୁ ସ୍କୁଲ କଲେଜ ନେବ, ଚାଷୀଙ୍କୁ ମାର୍କେଟ ସହିତ ଯୋଡିବ । ମା'ମାନେ ଓ ଛାତ୍ରଛାତ୍ରୀମାନେ ମାତ୍ର ୫ ଟଙ୍କା ମୂଲ୍ୟରେ ଏହି ବସ୍ ଯାତାୟାତ କରିପାରିବେ ।

## 'ଲକ୍ଷ୍ମୀ' ଟିକଟ ଦର

### ନନ୍-ଏସି ବସ୍ ସେବା

| ବସ୍ ସେବା | ଦୂରତା | ଟିକଟ ଦର |
|---|---|---|
| ବ୍ଲକ୍ ସଂଯୋଗ | ୦-୧୦ କିମି | ୫ ଟଙ୍କା |
| | ୧୧-୨୦ କିମି | ୧୦ ଟଙ୍କା |
| | ୨୧-୪୦ କିମି | ୧୫ ଟଙ୍କା |
| | ୪୧-୬୦ କିମି | ୨୫ ଟଙ୍କା |
| | ୬୧-୮୦ କିମି | ୩୦ ଟଙ୍କା |

### ଏସି ବସ୍ ସେବା

| ବସ୍ ସେବା | ଦୂରତା | ଟିକଟ ଦର |
|---|---|---|
| ଜିଲ୍ଲା ସଂଯୋଗ | ୦-୧୦ କିମି | ୧୦ ଟଙ୍କା |
| | ୧୧-୨୦ କିମି | ୨୦ ଟଙ୍କା |
| | ୨୧-୪୦ କିମି | ୪୦ ଟଙ୍କା |
| | ୪୧-୬୦ କିମି | ୬୦ ଟଙ୍କା |
| | ୬୧-୮୦ କିମି | ୮୦ ଟଙ୍କା |

## ଲୋକଙ୍କ ଇଚ୍ଛାକୁ ସମ୍ମାନ

ଲୋକଙ୍କ ଇଚ୍ଛାକୁ ସର୍ବଦା ସମ୍ମାନ ଦେଇ ଆସିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଲକ୍ଷ୍ମୀ ଯୋଜନା ମଧ୍ୟ ଲୋକଙ୍କ ଇଚ୍ଛାରୁ କାର୍ଯ୍ୟକାରୀ କରାଯାଇଛି । '୫-ଟି' ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଜିଲ୍ଲାଗସ୍ତ ପରେ ଲୋକଙ୍କ ଅସୁବିଧା ଜାଣିବା ପରେ ଲକ୍ଷ୍ମୀ ବସ୍ ଚଳାଚଳ ନିମନ୍ତେ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିଲେ । ମାଲକାନଗିରିରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଏବଂ ବୁଧବାର ଶେଷ ପର୍ଯ୍ୟାୟରେ ବାଲେଶ୍ୱର, ଜଗତସିଂହପୁର, ଗଞ୍ଜାମ, ନୂଆପଡ଼ା ଓ ବୌଦ୍ଧରେ ଏହା ଶେଷ ହୋଇଛି ।

## ଶେଷ ପର୍ଯ୍ୟାୟରେ ୫ ଜିଲ୍ଲା

ବୁଧବାର ୫ଟି ଜିଲ୍ଲାର ୧୦୫୭ଟି ପଞ୍ଚାୟତରେ ୨୫୫ଟି ବସ୍ ଚଳାଚଳ ଆରମ୍ଭ କରିଛି ଓ ଏହାଦ୍ୱାରା ୭୧ ଲକ୍ଷରୁ ଅଧିକ ଲୋକ ଉପକୃତ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲାର ୩୧୫ଟି ପଞ୍ଚାୟତରେ ୪୮ ଟି ବସ୍ ଚଳାଚଳ କରିଛି ଏବଂ ଏହାଦ୍ୱାରା ୨୦ଲକ୍ଷ ୪୨ ହଜାର ଲୋକ ଉପକୃତ ହୋଇଛନ୍ତି । ସେହିପରି ନୂଆପଡ଼ାର ୧୨୩ଟି ପଞ୍ଚାୟତରେ ୨୫ଟି ବସ୍ ଦ୍ୱାରା ୫.୭୪ ଲକ୍ଷ, ବୌଦ୍ଧର ୫୫ଟି ପଞ୍ଚାୟତରେ ୧୦ଟି ବସ୍ ଚଳାଚଳ ଦ୍ୱାରା ୩.୫୩ ଲକ୍ଷ, ଗଞ୍ଜାମର ୪୩୩ଟି ପଞ୍ଚାୟତରେ ୧୩୦ ବସ୍ ଚଳାଚଳ ଯୋଗୁଁ ୩୪.୪୭ ଲକ୍ଷ ଲୋକ ଉପକୃତ ହୋଇଛନ୍ତି । ଅନୁରୂପ ଭାବରେ ଜଗତସିଂହପୁରର ୧୩୧ଟି ପଞ୍ଚାୟତରେ ୪୨ଟି ବସ୍ ଚାଲିବା ସହିତ ୭ ଲକ୍ଷ ୫୦ ହଜାର ଲୋକ ଉପକୃତ ହୋଇଛନ୍ତି ।

# ଦୃଶ୍ୟମାନ ଦୃଶ୍ୟ



ମୂଳ ମାଲାୟାଲମ : ଗ୍ରେସୀ

ଅନୁବାଦ: ନନ୍ଦିତା ମହାନ୍ତି

ଏକାନ୍ତର ଶୀତଳତାରେ ବୁଡ଼ି ଯାଇଥିବା ରେଳଧାରଣାକୁ ଉଷ୍ମତା ପ୍ରଦାନ କରି ରେଳଗାଡ଼ି ରେଳଧାରଣା ଉପରେ ଦୌଡ଼ିବାକୁ ପ୍ରସ୍ତୁତ ହୋଇଗଲା। ଷ୍ଟେସନର ପରିବେଶ ମୁଖରିତ ହେବା କ୍ଷଣି ଗାଡ଼ି ଭିତରେ ମଧ ଏକ ରଙ୍ଗିନ ଭାରତୀୟ ସ୍ୱପ୍ନ ଉଦ୍ଭାସିତ ହେବାକୁ ଲାଗିଲା। ଦୂରରେ ହଳଦିଆ ରଙ୍ଗରେ ଘୋଡ଼େଇ ହୋଇଥିବା ସୋରିଷ କ୍ଷେତ, ତରଳ ସୁନା ପରି ଲହଲହ ହେଉଥିବା ଗହମ କ୍ଷେତ ଓ ରେଶମ ଝୁମୁକା ପରି ଓହଳିଥିବା ମକା ଭର୍ତ୍ତି କ୍ଷେତ ସେଇ ରଙ୍ଗିନ ସ୍ୱପ୍ନର ଝାଲର ପରି ଦିଶୁଥିଲା।

ଦୁଇ ତିନି ଥର ସିଟି ମାରି ଗାଡ଼ି ରେଳଧାରଣା ଉପରେ ଚାଲିବା ଆରମ୍ଭ କରିଦେଲା। ଫାଟକ ନଥିବା କୌଣସି ଏକ ଲେବଲ୍ କ୍ରସିଂରେ ନିଜ କାନରେ କାହାର ଫିସ୍‌ଫିସ୍ ସ୍ୱର ଶୁଣି ଗାଡ଼ି ନିଜର ବେଗ କମ୍ କରିଦେଲା।

"ଏଇ ଲେବଲ୍ କ୍ରସିଂକୁ ପାରି କଲା ବେଳେ, ମୁହୂର୍ତ୍ତକ ପାଇଁ ମୌନ ପ୍ରାର୍ଥନା କରିବାକୁ ତୁ ଅଟକି ଯାଉନାହୁଁ କାହିଁକି ?"

କୌଣସି ଏକ ସ୍ୱର ପଚାରିଲା।

"କାହିଁକି ?" ଗାଡ଼ି ଅବାକ୍ ହୋଇଗଲା।

ସତ କହିବି, ମୁଁ ହେଉଛି ଜଣେ ସହିଦ। ବିରୋଧୀ ଦଳର ବଦମାସ୍ ଲୋକମାନେ ମୋର ହାତଗୋଡ଼ ବାନ୍ଧି ମୋତେ ରେଳଧାରଣା ଉପରେ ଛାଡ଼ି ଦେଲେ। ପାଖରେ ମୋର ବାଇସାଇକେଲ ବି ରଖିଦେଲେ। ଏମିତି ମୋର ଦୁର୍ଘଟଣାରେ ମୃତ୍ୟୁ ହୋଇଗଲା। ମୁଣ୍ଡ ଗଣ୍ଡି ଅଲଗା।

ଗାଡ଼ି କୋମଳ ସ୍ୱରରେ କହିଲା, "ଏହି ଲୌହ ପିଞ୍ଜରା ଭିତରେ ଯେହେତୁ ମୋର ହୃଦୟଟି ଅଛି, ମୋତେ ସତକୁ ସତ ଦୁଃଖ ଲାଗୁଛି। କେବେ କେବେ ଆମକୁ ବି ଶରୀରଠାରୁ ବିଚ୍ଛିନ୍ନ ମସ୍ତକ ରୂପେ ରେଳଧାରଣା ଉପରେ ଦୌଡ଼ିବାର ଦେଖିଛ ନା? ଅଜାଣତରେ ଆମ ଦ୍ୱାରା ହେଉଥିବା ଏହି ଭୁଲ୍‌ର ତାହା ହେଉଛି ପ୍ରାୟଶ୍ଚିତ। ଯାହା ହେଲେ ବି ଆଗକୁ ଏଇ ରାସ୍ତା ଦେଇ ଗଲାବେଳେ ତୁମ କଥା ନିଶ୍ଚୟ ମନେ ପଡ଼ିବ। "

ନିଜର ବେଗ ବଢ଼େଇ ରେଳଗାଡ଼ି ଧଡ଼ଧଡ଼ ହୋଇ ଦୌଡ଼ିଲା। ଏକ ଅପରିଷ୍କାର ଝୁମ୍ପୁଡ଼ି ବସ୍ତି ଦେଇ ଦୌଡ଼ିଲା ବେଳେ ଗାଡ଼ିକୁ ଲାଗିଲା ଯେ, କେହି ତା'ର ଆଖି ବନ୍ଦକରି ତାକୁ କୁତୁକୁତୁ କରୁଛି। ଗାଡ଼ି ଆଶ୍ଚର୍ଯ୍ୟ ହୋଇଗଲା।

" କିଏ ?"

ଉତ୍ତରରେ କାହାର ଖିଲିଖିଲି ହସ କାନରେ ପଡ଼ିଲା।

"କୁହ ଆଉ ମୋତେ ଯିବାକୁ ଦିଅ।" ଗାଡ଼ିର ସମୟ କଣ୍ଠାରେ ବ୍ୟଗ୍ରତା ଦେଖାଦେଲା। ଆଖି ଉପରୁ ନିଜର ଟିକି ଟିକି ଆଙ୍ଗୁଳି କାଢ଼ି ନେଇ ଏକ ମୃଦୁ ସ୍ୱର କହିଲା – " କୁ-କୁ ହୋଇ ଯାଉଥିବା ରେଳଗାଡ଼ି, କୁ-କୁ କରି ଦୌଡ଼େ। ପ୍ରବଳ ଭୋକରେ ଆକ୍ତାମାକ୍ତା ମୁଁ ଅନ୍ଧ ଓ ବଧିର ହୋଇଯାଇ ରେଳଧାରଣା ଉପରେ ଚାଲୁଥିଲି, ରେଳଗାଡ଼ି ସବୁଦିନ ପାଇଁ ମୋର ଭୋକ ମେଣ୍ଟେଇଦେଲା।"

"ଆହାଃ, ମୋ ଛୁଆ, ତୋ ପାଇଁ ମୁଁ ଏବେ କ'ଣ କରିପାରିବି?" ଗାଡ଼ି ଦୁଃଖରେ ଆର୍ଦ୍ର ହୋଇ ପଚାରିଲା।

"ମୃତ ଛୁଆଙ୍କର ଆତ୍ମା ଯେତେବେଳେ ତୁମକୁ ଛୁଇଁ ଦିଅନ୍ତି, ସେତେବେଳେ ତୁମେ ଏମିତି ପ୍ରଖର ବେଗରେ ଦୌଡ଼ିବ ନାହିଁ। ସେମାନେ ତୁମ ସହିତ ଦୌଡ଼ି ପାରିବେ ନାହିଁ।" ଏକ ଦୀର୍ଘଶ୍ୱାସ ଛାଡ଼ି ଛୁଆଟିର କଥା ମାନି ଗାଡ଼ି ପୁଣି ଆଗକୁ ବଢ଼ିଲା।

ଏକ ସୁନ୍ଦର ଗାଁ ଦେଇ ଯିବା ବେଳେ ଗାଡ଼ି ନିଜ ଉପରେ କାହାର ମାଦକ ସ୍ପର୍ଶ ଅନୁଭବ କଲା। ପୂର୍ବ ଅନୁଭୂତି ଆଧାରରେ ଗାଡ଼ି ନିଶ୍ଚିତ ହୋଇ ସାରିଥିଲା ଯେ, ଇଏ ମଧ କୌଣସି ଏକ ଆତ୍ମା।

"ମୁଁ ତୁମକୁ ଚିହ୍ନି ପାରିଲିନି।" ଧଡ଼କ ଧଡ଼କ କରି ଗାଡ଼ି କହିଲା।

ଯନ୍ତ୍ରଣାସିକ୍ତ କରିଦେଲା ପରି ଏକ ସ୍ୱର ନିଜର ପରିଚୟ ଦେଲା, "ମୁଁ ଏହି ଗ୍ରାମର ସବୁଠାରୁ ସୁନ୍ଦର ଝିଅ ଥିଲି। କିଛି ନରପିଶାଚ ମୋର ସାମୂହିକ ବଳାତ୍କାର କଲେ। ମୋତେ ମୃତ ମନେକରି ଏହି ରେଳଧାରଣା ଉପରେ ପକେଇଦେଲେ। ଗାଡ଼ି କିନ୍ତୁ ମୋର ମାନମହତ ବଞ୍ଚେଇ ଦେଲା।"

"ତୁମର ସ୍ୱର ଖୁବ୍ ମିଠା। ଏହା ନିଶ୍ଚିତ ଯେ ତୁମେ ନିଶ୍ଚୟ ଖୁବ ସୁନ୍ଦରୀ ହୋଇଥିବ। ଏବେ ତୁମେ ମୋଠାରୁ କ'ଣ ଚାହଁ ?" ରେଳଗାଡ଼ି ଦୟାର୍ଦ୍ର ହୋଇଗଲା।

"ଏଇଠି ପହଞ୍ଚିଲେ ତୁମେ ମୋ ପାଇଁ ଅତି ମଧୁର ଓ ସଙ୍ଗୀତମୟ ସିଟି ବଜେଇବ।" ଝିଅଟିର ଶୋକାକୁଳ ସ୍ୱର ଶୁଣାଗଲା।

ରେଳଗାଡ଼ି ଶୀଘ୍ରତାର ସହିତ ଝିଅର କଥା ମାନିନେଲା ଓ ସିଟି ବଜେଇ ଆଗକୁ ବଢ଼ିଗଲା।

କର୍ଦ୍ଦମାକ୍ତ ଭୂମିରେ ଭରପୂର ଏକ ଅଞ୍ଚଳ ଦେଇ ଯିବା ବେଳେ ଗାଡ଼ି ନିଜର ମଥା ଉପରେ କୌଣସି ନରମ ହାତର ସ୍ପର୍ଶ ଅନୁଭବ କଲା। ସେତେବେଳକୁ ଗାଡ଼ି ସବୁ କିଛି ବୁଝି ସାରିଥିଲା, ସେଥିପାଇଁ ସିଏ ଜାଣି ପାରିଲା ଯେ, ଏହା କୌଣସି ମାଆର ଆତ୍ମାର ସ୍ପର୍ଶ ଆଉ ସେଇ କଥା ସିଏ କହିଲା ବି।

"ହଁ ପୁଅ, ମୁଁ ଜଣେ ମାଆ। ହେଲେ ମୋ ଗର୍ଭରୁ କେବଳ ଝିଅମାନେ ହିଁ ଜନ୍ମ ହେଲେ। ସେମାନଙ୍କର ବାପା ସମସ୍ତଙ୍କର ନାଁ ନଦୀର ନାଁ ଅନୁସାରେ ରଖିଥିଲେ। ଯମୁନା, କାବେରୀ, ସରଯୂ, ଅଳକାନନ୍ଦା, ମନ୍ଦାକିନୀ... ସବୁ ପବିତ୍ର ନଦୀର ନାମ। ହେଲେ ଲାଭ କ'ଣ ? ଯୌତୁକ ଦେଇ ବିବାହ କରିବା ପାଇଁ ତାଙ୍କ ପିତାଙ୍କ ନିକଟରେ ଟଙ୍କା କାହିଁ ? ସମସ୍ତଙ୍କର ସ୍ୱପ୍ନ ଭାଙ୍ଗି ଯାଇଥିଲା ଆଉ ସେମାନେ ଭୁଲ ରାସ୍ତାରେ ପାଦ ଦେଇଥିଲେ। ହେଲେ ଏକଥା ମୁଁ ବା କେମିତି ସହ୍ୟ କରିଥାନ୍ତି ? ଶେଷରେ ଗୋଟେ ରେଳଗାଡ଼ି ମୋର ସବୁ କଷ୍ଟ ଦୂର କରିଦେଲା।"

"ଖୁବ୍ ଦୁଃଖର କଥା ମାଆ ! ମୁଁ ତୁମ ପାଇଁ କିଛି କରିପାରିବି ନାହିଁ।" ଗାଡ଼ି ଉଚ୍ଚ ସ୍ୱରରେ କହିଲା।

"ହଁ ପୁଅ ସତକଥା ! ହେଲେ ଗାଡ଼ି ସବୁ ଏଇ ପଥ ଦେଇ ଗଲା ବେଳେ ମୋର ଯନ୍ତ୍ରଣାସିକ୍ତ ଅତୀତର ସ୍ମୃତିରେ ଅତ୍ୟଧିକ ବିଚଳିତ, ଆନ୍ଦୋଳିତ ହୋଇଥାନ୍ତି।"

ଯେତେବେଳେ ମୋତେ ଏ କଥା ଜଣା ପଡ଼ିଲା ଯେ, ରେଳଗାଡ଼ି ସବୁ କାହିଁକି କୌଣସି ସ୍ମୃତିରେ ହଜିଯାଇ ନିଶ୍ଚଳ ହୋଇଯାଆନ୍ତି, କେତେବେଳେ ଖୁବ୍ ଧୀରେ ଚାଲନ୍ତି, କେତେବେଳେ ଲମ୍ବା ସିଟି ବଜାନ୍ତି ଆଉ କେତେବେଳେ ଆନ୍ଦୋଳିତ, ବିଚଳିତ ମଧ ହୁଅନ୍ତି। ସେତେବେଳକୁ ଗାଡ଼ି କେରଳ ସୀମାରେ ପହଞ୍ଚି ସାରିଥିଲା। ସେତିକିବେଳେ ଗାଡ଼ି ଭିତରେ ଏକ ବିରାଟ ସତ୍ୟ ଜାଗ୍ରତ ହୋଇଉଠିଲା ଯେ ଅଦୃଶ୍ୟ ଦୃଶ୍ୟ, ଦୃଶ୍ୟମାନ ଦୃଶ୍ୟଠାରୁ କେତେ ଅଧିକ ଭୟାନକ। ସେଇ ଦୃଶ୍ୟର ଭୀଷଣତାକୁ ମନେ ପକେଇ ଗାଡ଼ି ଚମକି ଉଠିଲା। ପେଷି ହୋଇ ଯାଇଥିବା ସ୍ୱପ୍ନର ଗନ୍ଧରୁ ସିଏ ଆଉ ଏକ ଜୀବନ ଆଡ଼କୁ ଧଡ଼ଧଡ଼ ହୋଇ ଅଗ୍ରସର ହେଲା। ■



ମଧୁସୂଦନ ନଗର ଡାକଘର
ଭୁବନେଶ୍ୱର-୭୫୧୦୨୨
ମୋ: ୮୨୪୯୪୩୭୨୭୬

## ଦୃଷ୍ଟିକୋଣ

ପ୍ରଭୁ!!
ଉଡ଼ି ଉଡ଼ି ଯାଏ ଆଶା ମୋର
ଡେଣା ଦୋହଲାଇ,ସପନେ ସଜାଇ
ଆନନ୍ଦ ମନ
ଚଉଦିଗ ଚାହିଁ ଚାହିଁ।
ଛୁଇଁବ ଆକାଶ ଚୁମ୍ବିବ ଶିଖର
ଭୂ ଭୂମା ହେବ ଏକାକାର
ପ୍ରକାଶିବ ରୂପ ସମ୍ଭାର।
ପ୍ରଭୁ!
ଅଜ୍ଞାନୀ ମୁଁ ଜାଣିନି କିଛି
ଖୋଜି ଚାଲିଛି, ଖୋଜି ଚାଲିଛି
ଶାନ୍ତି ସଦନ ଜ୍ଞାନ ଭଣ୍ଡାର
କାହିଁ ଅଛି କାହିଁ ଅଛି???
ବିକଳ ମନ ତୃଷାର୍ତ୍ତ ପ୍ରାଣ
ଶୟନ ସପନ
ଜାଗରଣ
ଯୋଡ଼ ହସ୍ତେ କରେ ନିବେଦନ।
ହେ ଭଗବାନ
ହେ ସର୍ବ ଶକ୍ତିମାନ!! ମାନବିକତା ପରଶେ
ସୁଖୀ ଭବନ୍ତୁ ସର୍ବଜନ। ■



ମୂଳ ରଚନା: ଏପିଜେ ଅବଦୁଲ କଲାମ

ଅନୁସୃଜନ: ଡକ୍ଟର ସୂଚନା ପାଢ଼ୀ

## ବୃକ୍ଷ

ବନ୍ଧୁ!!
ଉଦ୍‌ବେଳିତ ମନ ମୋର
ଦେଖି ତୁମ ଥୁଣ୍ଟା ଶରୀର
ତୁମେ ଆମ ପରିବାର
କାହିଁକି ଝରାଅ ପତର???

ଧନ୍ୟ ମୋ ଜୀବନ
ତୁମ ପୂର୍ବଜ ପରଶେ
ଫଳ ଦିଏ, ଦିଏ ଛାଇ ଅକୁଣ୍ଠ ଚିତ୍ତେ
ଦେବା ଧର୍ମ ମୋର
ରଖେ ନାହିଁ ଭେଦଭାବ
ପାତର ଅନ୍ତର
ତୁମ ଚପଳ ମନ
କରିଥିଲା ପ୍ରଶ୍ନ
ଖେଳୁଛି ମୟୂର ଝରେ ଝରାଫୁଲ
ଶାଗୁଣା ଭୟେ
କାକଳି କିମ୍ପାଇଁ ଲୁଚିଯାଏ
ଗାଏନା ଗୀତ????
ସରଳ ମନ ଚପଳ
ଆନନ୍ଦ ଉଲ୍ଲାସ ଭରା
କିରଣ ପରଶେ
ନବକିଶଳୟ ହରି ନିଏ
ହୃଦୟ ବ୍ୟଥା। ■

ମୋ: ୯୪୩୮ ୬୦୪୮ ୬୫

# 'ଦି କୁକିଂ ଅଫ୍ ବୁକ୍ସ'ର ସ୍ୱର ଏବଂ ସ୍ୱରୂପ



ଡ. ସୁଜିତ କୁମାର ପୃଷ୍ଟେଠ୍

ରାମଚନ୍ଦ୍ର ଗୁହା। ସାଂପ୍ରତିକ ସମୟରେ ଭାରତୀୟ ବୌଦ୍ଧିକ ଏବଂ ଚିନ୍ତାଶୀଳ ମତକୁ ନିଜ ଲେଖନୀ ଦ୍ୱାରା ସମୃଦ୍ଧ କରୁଥିବା ଜଣେ ଚର୍ଚ୍ଚିତ ଲେଖକ। ଜଣେ ବିଶ୍ୱସ୍ତରୀୟ ଐତିହାସିକ, ମୌଳିକ ଗବେଷକ, କ୍ରିକେଟ୍ ଇତିହାସର ସମର୍ପିତ ଗବେଷକ ଭାବରେ ରାମଚନ୍ଦ୍ର ଗୁହା ସମଗ୍ର ବିଶ୍ୱରେ ପ୍ରସିଦ୍ଧ। ଏହା ସହ ଜଣେ ବିଶିଷ୍ଟ ପ୍ରାବନ୍ଧିକ ଭାବରେ ଭାରତୀୟ ଇଂରାଜୀ ସାହିତ୍ୟ ତଥା ବିଶ୍ୱ ଇଂରାଜୀ ସାହିତ୍ୟକୁ ସେ ପୁଷ୍କଳ କରିଛନ୍ତି। ରାମଚନ୍ଦ୍ର ଗୁହାଙ୍କ ଅନ୍ୟ ଏକ ଗରିମାମୟ ପରିଚୟ ହେଉଛି ଯେ, ସେ ହେଉଛନ୍ତି ମହାତ୍ମା ଗାନ୍ଧୀଙ୍କ ଉପରେ ଲିଖିତ କିଛି ସର୍ବୋତ୍କୃଷ୍ଟ ପୁସ୍ତକର ଲେଖକ। ଗାନ୍ଧୀଜୀଙ୍କ ଜୀବନରେ ଘଟିଥିବା କିଛି ଅଜ୍ଞାତ ଘଟଣାବଳୀକୁ ସମଗ୍ର ମାନବସମାଜ ସାମ୍ନାକୁ ଆଣିବାର ଶ୍ରେୟ ରାମଚନ୍ଦ୍ର ଗୁହାଙ୍କୁ ଯାଏ। ତାଙ୍କ ଲିଖିତ 'ଗାନ୍ଧୀ ବିଫୋର୍ ଇଣ୍ଡିଆ', 'ଗାନ୍ଧୀ: ଦି ଇୟରସ୍ ଦେଟ୍ ଚେନ୍‌ଜିଡ୍ ୱାଲର୍ଡ' ଏବଂ 'ରେଷ୍ଟଲେସ୍ ଏଜ୍ ମର୍କ୍ୟୁରୀ' ଇତ୍ୟାଦି ପୁସ୍ତକ ଇଂରାଜୀ ସାହିତ୍ୟ ତଥା ଗାନ୍ଧୀ ସାହିତ୍ୟର ଅନୁପମ ସର୍ଜନା। ଗାନ୍ଧୀଙ୍କ ଜୀବନୀ, ଚିନ୍ତନ ତଥା ଗାନ୍ଧୀ ସାହିତ୍ୟ ସହ ଉନ୍ନତ ଇଂରାଜୀ ଶବ୍ଦ ଚୟନ ସହ ଗୁମ୍ଫନକୁ ଅଭୂତପୂର୍ବ ଭାବେ ମିଶେଇ ପାଠକଙ୍କୁ ପରଷି ପାରୁଥିବା ଜଣେ ବିଶ୍ୱସ୍ତରୀୟ ପ୍ରାବନ୍ଧିକ ଭାବରେ ରାମଚନ୍ଦ୍ର ଗୁହା ଅଗ୍ରଗଣ୍ୟ।

୨୦୨୪ ମସିହା ଫେବୃଆରୀ ମାସରେ ଭାରତୀୟ ଇଂରାଜୀ ସାହିତ୍ୟ ଏବଂ ବିଶ୍ୱ ଇଂରାଜୀ ସାହିତ୍ୟକୁ ନିଜର ସଦ୍ୟତମ ରଚନାରେ ଆହୁରି ସମୃଦ୍ଧ କରିଛନ୍ତି ରାମଚନ୍ଦ୍ର ଗୁହା। ବହିଟିର ନାଁ ହେଉଛି 'ଦି କୁକିଂ ଅଫ୍ ବୁକ୍ସ: ଏ ଲିଟେରେରୀ ମେମୋଏର୍'। ରାମଚନ୍ଦ୍ର ଗୁହାଙ୍କ ନୂଆ ବହିର ପୃଷ୍ଠା ସଂଖ୍ୟା ୨୪୭। ଯାହା ସାତଟି ପରିଚ୍ଛେଦରେ ବିଭକ୍ତ। 'ଜଗରନଟ୍' ନାମକ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ 'ଦି କୁକିଂ ଅଫ୍ ବୁକ୍ସ' ପୁସ୍ତକ ଲେଖକ ରାମଚନ୍ଦ୍ର ଗୁହାଙ୍କ ଲେଖକ ଜୀବନରେ ଘଟିଥିବା ବହୁ ଘଟଣା ଏବଂ ବହୁ ସମ୍ପାଦକଙ୍କ ( ପ୍ରକାଶନ ସଂସ୍ଥା) ସହ ତାଙ୍କ ଅନନ୍ୟ ସମ୍ବନ୍ଧର ଏକ ଜୀବନ୍ତ ଆଲେଖ୍ୟ। ବହିର ପଛପଟ ମଲାଟ ପୃଷ୍ଠାରେ ଗୋଟିଏ ବାକ୍ୟକୁ ଲେଖା ଯାଇଛି, ଯାହା ହେଲା, "ଜଣେ ଲେଖକଙ୍କ ଜୀବନରେ ତାଙ୍କ ଜୀବନସାଥୀଙ୍କ ଛଡ଼ା ଆଉ ଜଣଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ସଂପର୍କ ରହେ, ସେ ହେଲେ ପ୍ରକାଶନ ସଂସ୍ଥାର ସମ୍ପାଦକ।"

ଇଂରାଜୀ ଭାଷାରେ ଭାରତୀୟ ଲେଖକ ରାମଚନ୍ଦ୍ର ଗୁହାଙ୍କ ରଚନା ସବୁ ମୌଳିକ ଗବେଷଣା ଆଧାରିତ। ସେଥିରେ ନିଜର ବର୍ଣ୍ଣନା ଶୈଳୀ ଏବଂ ତଥ୍ୟକୁ ରୋଚକପୂର୍ଣ୍ଣ ଭାବରେ ପରଷି ପାଠକମାନଙ୍କ ମନକୁ ଜିଣି ପାରୁଥିବା ଦକ୍ଷ ସର୍ଜନାକାର ହେଲେ ରାମଚନ୍ଦ୍ର ଗୁହା। ତାଙ୍କ ପ୍ରତିଟି ବହିରେ କିଛି ଅଜଣା ଏବଂ ଅଜ୍ଞାତ ତଥ୍ୟକୁ ସାମ୍ନାକୁ ଉଜାଗର ହୁଏ। ପୁଣି, ପ୍ରାୟ ପ୍ରତିଟି ପୃଷ୍ଠାରେ କିଛି ପାଦଟୀକା ଏବଂ ବହିଗୁଡ଼ିକର ପରିଶେଷରେ ବିସ୍ତୃତ ଗ୍ରନ୍ଥଟୀକା ରାମଚନ୍ଦ୍ର ଗୁହାଙ୍କ ଲେଖାର ବୈଶିଷ୍ଟ୍ୟ। ତାଙ୍କ ବହିଗୁଡ଼ିକ ପୃଷ୍ଠା ଦୃଷ୍ଟିରୁ ପୃଥୁଳ। ଏହିସବୁ ଚିରାଚରିତ ଧାରାଠୁ ବ୍ୟତିକ୍ରମ ହେଉଛି ରାମଚନ୍ଦ୍ର ଗୁହାଙ୍କ ସଦ୍ୟତମ ବହି 'ଦି କୁକିଂ ଅଫ୍ ବୁକ୍ସ'। ଏଥିରେ ଲେଖକ ରାମଚନ୍ଦ୍ର ଗୁହାଙ୍କ ଭାଷାର ବର୍ଣ୍ଣାଢ୍ୟ ରୂପ ରହିଛି। ବର୍ଣ୍ଣନାର ଅନନ୍ୟ ଛଟା ମଧ ରହିଛି, ହେଲେ ପୃଷ୍ଠା ଶେଷରେ ପାଦଟୀକା ଏବଂ ବହିର ପରିଶେଷରେ ସୁବିସ୍ତୃତ ଗ୍ରନ୍ଥଟୀକା ନାହିଁ। ବହିଟିର ସାତଟି ପରିଚ୍ଛେଦରେ ରହିଛି ଲେଖକ ରାମଚନ୍ଦ୍ର ଗୁହାଙ୍କ ବନ୍ଧୁ ରୁକୁଣ ଆଡ଼ଭାନୀ (ଯିଏକି ତାଙ୍କ ପ୍ରକାଶକୀୟ ସମ୍ପାଦକ)ଙ୍କ ସହ ସମ୍ପର୍କର ସ୍ମୃତିଚାରଣ।




ସାହିତ୍ୟ ଦୃଷ୍ଟିରୁ ଦେଖିଲେ ଏହା ଏକ ସ୍ମୃତିଚାରଣ ତଥା ଉଚ୍ଚକୋଟୀର ପ୍ରବନ୍ଧ। ପ୍ରକାଶନ ସଂସ୍ଥାର ସମ୍ପାଦକ ଏବଂ ଲେଖକଙ୍କ ମଧ୍ୟରେ ସଂପର୍କ ସମ୍ବନ୍ଧରେ ଆଲୋଚନା ଇଂରାଜୀ ଭାଷାରେ ତଥା ଅନ୍ୟାନ୍ୟ ଭାଷାରେ ଅତ୍ୟନ୍ତ ନଗଣ୍ୟ। ଏହି ସମ୍ପର୍କ ବିଷୟରେ ଲେଖା ବା ଆଲୋଚନା ଦେଖିଲେ ଖାସ୍ ସାମ୍ନାକୁ ଆସନ୍ତି ଲେଖକ ଜିମ୍ କରବେଟ୍ ଏବଂ ତାଙ୍କ ସମ୍ପାଦକ ରୟ ହକିନସ୍। କର୍‌ବେଟ୍ ଓ ହକିନ୍‌ସଙ୍କ ଯୋଡ଼ି ପାଠକଙ୍କୁ ପରଷି ଦେଇଥିଲେ କିଛି ଅନବଦ୍ୟ ସାହିତ୍ୟ କୃତି। ଜିମ୍ କରବେଟ୍‌ଙ୍କ ଲିଖିତ ଅନେକ ଶିକାର କାହାଣୀ ଇଂରାଜୀ ସାହିତ୍ୟର ଅନନ୍ୟ ବିଭବ, ଯାହା ପରବର୍ତ୍ତୀ ସମୟରେ ଓଡ଼ିଆ ସମେତ ବହୁ ଭାରତୀୟ ଭାଷାରେ ଅନୂଦିତ ହୋଇ ପାଠକଙ୍କୁ ରୋମାଞ୍ଚିତ ତଥା ଶିହରିତ କରି ଆସିଛି। ଜିମ୍ କରବେଟ୍‌ଙ୍କ ଅନନ୍ୟ ରଚନା ସବୁ ବର୍ତ୍ତମାନ ବିଶ୍ୱସାହିତ୍ୟର ଅଂଶବିଶେଷ। କିଛିବର୍ଷ ତଳେ ସାମ୍ବାଦିକ ବେଦ୍ ମେହେଟା ତାଙ୍କ ପ୍ରକାଶକୀୟ ସଂପାଦକ ମି.ସନ୍‌ଙ୍କ ସହ ବନ୍ଧୁତ୍ୱ ଉପରେ ଲେଖିଥିଲେ ଏକ ବହି, ଯାହାର ଶୀର୍ଷକ ଥିଲା 'ରିମେମ୍ବରିଙ୍ଗ ମି.ସନ୍‌ସ ନ୍ୟୁ ୟର୍କର୍: ଦି ଇନ୍‌ଭିଜିବଲ୍ ଆର୍ଟ ଅଫ୍ ଏଡିଟିଂ'।

ରାମଚନ୍ଦ୍ର ଗୁହାଙ୍କ ସଦ୍ୟତମ ବହି "ଦି କୁକିଂ ଅଫ୍ ବୁକ୍ସ"ର ଆରମ୍ଭ ହୁଏ ଏକ ବୌଦ୍ଧିକ ଆଲୋଚନାରୁ। ଏଥିରେ ରହିଛି ଲେଖକ ରାମଚନ୍ଦ୍ର ଗୁହାଙ୍କ ବୁଦ୍ଧିଦୀପ୍ତ ଆଲୋଚନା, ଯାହା ଲେଖକ ଓ ପ୍ରକାଶକୀୟ ସଂପାଦକଙ୍କ ସମ୍ପର୍କ ଉପରେ ଆଧାରିତ।

ଏହା ସୁଖପାଠ୍ୟ ହେବା ସହ ଏହି ବିଷୟରେ ଏକ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା, ଯେଉଁଠାରେ ଲେଖକ ରାମଚନ୍ଦ୍ର ଗୁହାଙ୍କ ମୌଳିକ ସାରସ୍ୱତ ସ୍ୱାକ୍ଷର ଦେଖିବାକୁ ମିଳେ। ୯ ପୃଷ୍ଠାର ଏହି ଆଲୋଚନା ପାଠକଙ୍କ ମନକୁ ଟାଣେ। ଏହାପରେ ଲେଖକ ରାମଚନ୍ଦ୍ର ଗୁହା ପ୍ରଥମ ପରିଚ୍ଛେଦ ଆରମ୍ଭ କରନ୍ତି ୧୯୭୩ ମସିହାରେ, ଯେତେବେଳେ ଦିଲ୍ଲୀର ସେଣ୍ଟ୍ ଷ୍ଟିଫେନ୍ସ କଲେଜର ଛାତ୍ର ପ୍ରସିଦ୍ଧ ଲେଖକ ଅମିତାଭ ଘୋଷ ଜଣେ ଛାତ୍ର ଭାବେ ଯୋଗ ଦେଇଥିବା କଥାରୁ ତାଙ୍କ ଅଭିଜ୍ଞତାକୁ ନେଇ ଆଲୋଚନାଠୁ, ପରବର୍ତ୍ତୀ ୬ଟି ପରିଚ୍ଛେଦର ଲେଖକ ରାମଚନ୍ଦ୍ର ଗୁହା ଭାରତୀୟ ଇଂରାଜୀ ସାହିତ୍ୟର ସ୍ୱର ଏବଂ ସ୍ୱରୂପର ଏକ ଅନ୍ତରଙ୍ଗ ଆଲେଖ୍ୟ ବାଢ଼ିଛନ୍ତି। ନିଜେ ରାମଚନ୍ଦ୍ର ଗୁହା କେମିତି ଜଣେ ସାଧାରଣ ଗବେଷକରୁ ଜଣେ ସମ୍ବେଦନଶୀଳ ସର୍ଜନକାର ହୋଇଛନ୍ତି ଏବଂ ଏହାର ପୃଷ୍ଠଭୂମିରେ ତାଙ୍କ ପ୍ରକାଶକୀୟ ସଂପାଦକ ରୁକୁଣ ଆଡ଼ଭାନୀ ରହିଛନ୍ତି, ସେକଥା ମଧ ଲେଖିଛନ୍ତି। ଏଥିରେ ଲେଖକ ରାମଚନ୍ଦ୍ର ଗୁହାଙ୍କ ବ୍ୟକ୍ତିଗତ ଆଳାପ ଉଲ୍ଲିଖିତ ହୋଇଛି, କିନ୍ତୁ ସେ ଭିତରେ ମଧ ଭାରତୀୟ ଇଂରାଜୀ ସାହିତ୍ୟ ଏବଂ ମୌଳିକ ଐତିହାସିକ ଗବେଷଣା ମଧ୍ୟରେ ଏକ ଅନନ୍ୟ ଓ ସୁମଧୁର ସମ୍ପର୍କ ଗଢ଼ି ଉଠିଛି, ତାହାର ମଧ ଚମତ୍କାର ବର୍ଣ୍ଣନା ରହିଛି।

ପ୍ରବନ୍ଧ ମାଧ୍ୟମରେ ଭାରତୀୟ ତଥା ବିଶ୍ୱ ଇଂରାଜୀ ସାହିତ୍ୟ ଓ ଐତିହାସିକ ଗବେଷଣା ମଧ୍ୟରେ ଅଙ୍କୁରି ଉଠୁଥିବା ସମ୍ବନ୍ଧକୁ ସଫଳ ଭାବରେ ପାଠକଙ୍କୁ ପରଷିଛନ୍ତି ପ୍ରାବନ୍ଧିକ ରାମଚନ୍ଦ୍ର ଗୁହା 'ଦି କୁକିଂ ଅଫ୍ ବୁକ୍ସ'ରେ। ■

ଫେକଲ୍‌ଟୀ
ଆଇ.ଆଇ.ଏମ୍., ସମ୍ବଲପୁର
ମୋ: ୯୮୬୮୭୬୬୭୦୫

## ପୁସ୍ତକ ପରିଚୟ

### ସୂର୍ଯ୍ୟଶିଖା ଓ ଅନ୍ୟାନ୍ୟ ନାଟିକା

ନନ୍ଦକିଶୋର ସିଂହ




ବତୀଘର
ଚଣ୍ଡୀଖୋଲ ଛକ, ସୁଙ୍ଗୁଡ଼ା
ଯାଜପୁର- ୭୫୪୨୯୬
ପ୍ରଥମ ପ୍ରକାଶକ: ୨୦୨୩
ମୂଲ୍ୟ: ୧୦୦ ଟଙ୍କା

ନାଟ୍ୟକାର ନନ୍ଦକିଶୋର ସିଂହଙ୍କ ନାଟିକା ସଂକଳନ 'ସୂର୍ଯ୍ୟଶିଖା ଓ ଅନ୍ୟାନ୍ୟ ନାଟିକା' ପ୍ରକାଶ ପାଇଛି। ଏହି ପୁସ୍ତକରେ ମୋଟ ୮ ଗୋଟି ନାଟିକା ସଂକଳିତ ହୋଇଛି। 'ସୂର୍ଯ୍ୟଶିଖା', 'ଶୁଷ୍କ ଫସିଲ୍', 'ଏକ ଭିନ୍ନ ପୃଥିବୀର ଇସ୍ତାହାର', 'ନିଶବ୍ଦ ସହର', 'ମୀନାର ମମି', 'ଯୌଥ ସଂତାନ', 'ସେ ଆସୁଛନ୍ତି', 'ନୀଳ ପରୀର ନୀଳ ଡେଣାରେ' ଆଦି ନାଟିକା ମନଛୁଆଁ ହୋଇଛି। 'ସୂର୍ଯ୍ୟଶିଖା' ନାଟିକାରେ ପ୍ରେମ ଓ ଶ୍ରେଣୀ ସଂଘର୍ଷର କଥା ପ୍ରତିଫଳିତ ହୋଇଛି। 'ସୂର୍ଯ୍ୟ' ଓ 'ଶିଖା' ଚରିତ୍ର ମଧ୍ୟରେ ଉକୁଟି ଉଠିଛି ନିବିଡ଼ ଭଲ ପାଇବା। ତେବେ ସୂର୍ଯ୍ୟଙ୍କ ଆଦର୍ଶ ଓ ନୀତିକୁ ସହଜରେ ଶିଖା ଗ୍ରହଣ କରିପାରୁନାହିଁ। ସୂର୍ଯ୍ୟ ସର୍ବଦା ସ୍ୱପ୍ନ ଦେଖନ୍ତି ଶ୍ରମିକ, ଖଟିଖିଆମାନଙ୍କ ବିକାଶ ପାଇଁ। ଏଭଳି ଭାବେ ଏହି ନାଟିକାର କାହାଣୀ ଗତିଶୀଳ। ସେହିପରି 'ମୀନାର ମମି' ନାଟିକାଟି ପ୍ରେମ, ମାନବୀୟ ଭାବାବେଗ ଓ ପାରିବାରିକ ସମ୍ବନ୍ଧକୁ ନେଇ ରଚିତ। ସାମାଜିକ ବାସ୍ତବତା, ମାନବୀୟ ସମ୍ବନ୍ଧ, ଶ୍ରେଣୀ ସଂଘର୍ଷ, ବିଜ୍ଞାନଭିତ୍ତିକ ତଥ୍ୟକୁ ନେଇ ଏହି ପୁସ୍ତକରେ ସଂକଳିତ ନାଟିକାଗୁଡ଼ିକ ରଚିତ। ନାଟିକାଗୁଡ଼ିକ ସଂକ୍ଷିପ୍ତ ହେଲେ ମଧ ବେଶ୍ ଶିକ୍ଷଣୀୟ, ଭାବଗର୍ଭକ ଓ ପ୍ରେରଣାପ୍ରଦ। ନାଟ୍ୟପ୍ରେମୀମାନଙ୍କୁ ଏହି ପୁସ୍ତକର ନାଟିକାଗୁଡ଼ିକ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ଧରଣୀ ପେନୁ

ଡକ୍ଟର ରଞ୍ଜନ ପ୍ରଧାନ




ପକ୍ଷୀଘର
୩୨, ମଧୁସୂଦନ ନଗର, ଭୁବନେଶ୍ୱର-୧
ପ୍ରଥମ ସଂସ୍କରଣ: ୨୦୨୩
ମୂଲ୍ୟ: ୨୨୫ ଟଙ୍କା

ଯୁବ କଥାଶିଳ୍ପୀ ଡକ୍ଟର ରଞ୍ଜନ ପ୍ରଧାନଙ୍କ ରଚିତ 'ଧରଣୀ ପେନୁ' ଉପନ୍ୟାସ ପ୍ରକାଶ ପାଇଛି। କନ୍ଧ ଜନଜାତିର ସାମାଜିକ, ସାଂସ୍କୃତିକ, ଧାର୍ମିକ, ଅର୍ଥନୈତିକ ପୃଷ୍ଠଭୂମିକୁ ନେଇ ରଚିତ ଏହି ଉପନ୍ୟାସଟି। ଆଧୁନିକତାର ପ୍ରଭାବରେ କିଭଳି ଗୋଟିଏ ପ୍ରାଚୀନ ଜନଜାତିର ଧର୍ମ,ସଂସ୍କୃତି, ପରମ୍ପରା ମଳିନ ପଡ଼ିଯାଇଛି, ତାହା ଅତି ମାର୍ମିକ ଭାବେ ଚିତ୍ରିତ ହୋଇଛି 'ଧରଣୀ ପେନୁ' ଉପନ୍ୟାସରେ । ଯେଉଁ 'ଜାକେଶପାଟା' ଓ 'ଦୁର୍ଦୁଲିପାଟା' ପାହାଡ଼ ଦୁଇଟି ଏକଦା କନ୍ଧମାନଙ୍କ ଦ୍ୱାରା ଦେବତା ଭାବେ ପୂଜା ପାଉଥିଲେ, ଧର୍ମାନ୍ତରୀକରଣ ପରେ ସେମାନେ ପାହାଡ଼ ଦେବତାଙ୍କୁ ପୂଜା କରିବାକୁ ଭୁଲି ଯାଇଛନ୍ତି। ସେପଟେ କନ୍ଧମାନଙ୍କ ଆରାଧ ଦେବୀ ଧରଣୀ ପେନୁ ମଧ ବର୍ଷ ବର୍ଷ ଧରି ଅପୂଜା ହୋଇ ରହିଛନ୍ତି। କନ୍ଧ ପୂଜକ ଦ୍ରୋଣ ଜାନି ଚରିତ୍ରକୁ କେନ୍ଦ୍ର କରି ଉପନ୍ୟାସର କାହାଣୀ ଗତିଶୀଳ। ଦ୍ରୋଣ ଜାନି ଭଳି ମାତ୍ର କେତେଜଣଙ୍କୁ ଛାଡ଼ି ଦେଲେ ଅନ୍ୟମାନେ କିଭଳି ନିଜର ପରମ୍ପରା, ସଂସ୍କୃତି,ପର୍ବପର୍ବାଣିକୁ ଭୁଲି ଏକ ନୂତନ ଧର୍ମ ବିଶ୍ୱାସ ଆଡ଼କୁ ଆକର୍ଷିତ ହେଉଛନ୍ତି, ତାହା ଚିତ୍ରିତ ହୋଇଛି ଏହି ଉପନ୍ୟାସରେ। କାହାଣୀରେ ନୂତନତା, ନିଆରା ଉପସ୍ଥାପନା ଶୈଳୀ, ଚରିତ୍ର ଚିତ୍ରଣରେ ଚମତ୍କାରିତା ଉପନ୍ୟାଟିକୁ ଅଧିକ ସୁଖପାଠ୍ୟ କରିଛି। 'ଧରଣୀ ପେନୁ' ଉପନ୍ୟାସଟି ପାଠକଙ୍କ ପ୍ରାଣକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ପ୍ରତିଭୂ

ପ୍ରଦ୍ୟୁମ୍ନ ପଟ୍ଟନାୟକ




ଅପୂର୍ବା
ଖାରବେଳ ନଗର
ଭୁବନେଶ୍ୱର - ୭୫୧୦୦୧
ପ୍ରଥମ ପ୍ରକାଶକ: ୨୦୨୩
ମୂଲ୍ୟ: ୨୦୦ ଟଙ୍କା

ବାଇଶଗୋଟି କ୍ଷୁଦ୍ର ଗଳ୍ପକୁ ନେଇ ପ୍ରକାଶ ପାଇଛି ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ 'ପ୍ରତିଭୂ' ପୁସ୍ତକ। ପ୍ରତିଟି ଗଳ୍ପ ଭିନ୍ନ ସ୍ୱାଦର କାହାଣୀକୁ ନେଇ ରଚିତ। 'ସରବତ' , 'ପ୍ରତିଭୂ', 'ଆଶାବାଡ଼ି', 'ବେଳାଭୂମି', 'ନିରବ ଝଡ଼', 'ରଜ ଶାଢ଼ି', 'ଅନ୍ତର୍ଦାହ', 'ଅଭିଆଡ଼ୀ', 'ନୀଳନୟନା', 'ମାମୁଘର ଚାଷ ଗାଆଁ', 'ଅଭିଶାପ', 'ଅନ୍ତ୍ୟେଷ୍ଟି', 'କନ୍ୟାଦେଖା', 'ବିଡ଼ମ୍ବିତ ଜହ୍ନରାତି', 'ସ୍ୱାଭିମାନ','ଦେବୀ ଭସାଣି', 'ଅଭାବ ସ୍ୱଭାବୀ' ଆଦି ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। 'ସରବତ' ଏକ ପ୍ରେମ ଗପ। ଗାଁରେ ନଳକୂଅ ବସୁଥାଏ। ମିସ୍ତ୍ରିମାନେ କାମରେ ଲାଗିଥାନ୍ତି। ମୁନ୍‌ସି ବିବେକ ଘଡ଼େଇ କାମ ତଦାରଖ କରିବାକୁ ଆସେ । ତାଙ୍କ ପିଣ୍ଡାରେ ବସୁଥିବାରୁ ସୁନ୍ଦରୀ ଗୋଲାପ ସବୁଦିନ ସରବତ ଗିଲାସେ ଦିଏ ବିବେକକୁ। ଏ ଭିତରେ ଉଭୟେ ପରସ୍ପର ପ୍ରତି ଆକୃଷ୍ଟ ହୁଅନ୍ତି। ଶେଷରେ ବିବେକ ସହିତ ଫେରାର୍ ହୋଇଯାଏ ଗୋଲାପ। କେବଳ ବିବେକ ଓ ଗୋଲାପର ପ୍ରେମ ନୁହେଁ, ଗୋଲାପର ଭାଇ ରାଧୁଆ ଓ କୁନ୍ତଳାର ପ୍ରେମ ଓ ପ୍ରଣୟ ମଧ ଏହି ଗଳ୍ପରେ ପ୍ରସ୍ଫୁଟିତ ହୋଇ ଉଠିଛି। ଏହି ପୁସ୍ତକର ଅନେକ ଗଳ୍ପରେ ପ୍ରେମ, ପ୍ରଣୟ, ପାରିବାରିକ ସମ୍ବନ୍ଧ, ସାମାଜିକ ବାସ୍ତବତାର ଚିତ୍ର ନିଖୁଣ ଭାବେ ପ୍ରତିଫଳିତ ହୋଇଛି। ମଣିଷର ସୁଖଦୁଃଖ, ଜୀବନଯନ୍ତ୍ରଣା, ପ୍ରେମପ୍ରଣୟକୁ ଗାଳ୍ପିକ ଅତି ସରଳ ବୋଧଗମ୍ୟ ଭାଷାରେ ରଚନା କରିଛନ୍ତି। 'ପ୍ରତିଭୂ'ର ଗଳ୍ପଗୁଡ଼ିକ ପାଠକମାନଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

# ସଜୀବନ ସଜନା | ଶେଷ ବଲ୍‌ରେ ତାରକା

ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଦ୍ୱିତୀୟ ସଂସ୍କରଣ ପ୍ରଥମ ମ୍ୟାଚ୍‌ରେ ଜଣେ ନୂଆ ତାରକା ଉଭା ହୋଇଛନ୍ତି। ସେ ହେଉଛନ୍ତି କେରଳର ୨୯ ବର୍ଷୀୟା ମହିଳା ଅଲରାଉଣ୍ଡର ସଜୀବନ ସଜନା। ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ବିଜୟୀ ହେବାକୁ ମୁମ୍ବାଇ ଇଣ୍ଡିଆନ୍ସ ଶେଷ ବଲ୍‌ରେ ୫ ରନ ଆବଶ୍ୟକ କରୁଥିଲା। ସଜନା ଏହି ଶେଷ ବଲ୍‌ରେ ଇଂଲଣ୍ଡର ସ୍ପିନ୍ ଅଲରାଉଣ୍ଡର ଆଲିସ୍ କ୍ୟାପ୍‌ସିଙ୍କୁ ଲଙ୍ଗ ଅଫ୍ ଉପରେ ଛକା ମାରି ଡିଫେଣ୍ଡିଂ ଚାମ୍ପିଅନ ମୁମ୍ବାଇକୁ ଏହି ରୋମାଞ୍ଚକ ବିଜୟ ପ୍ରଦାନ କରିଥିଲେ ଓ ଦିଲ୍ଲୀଠାରୁ ବିଜୟ ଛଡାଇ ନେଇଥିଲେ। ମାତ୍ର ଗୋଟିଏ ବଲ୍ ଖେଳି ଓ ଗୋଟିଏ ଛକା ମାରି ସଜନା ରାତାରାତି ତାରକା ବନିଯାଇଛନ୍ତି। ଏହି ସଫଳତା ଯୋଗୁ ସେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛନ୍ତି।



### ୧୦ ଲକ୍ଷ ଟଙ୍କାରେ ମୁମ୍ବାଇରେ ସାମିଲ ହୋଇଥିଲେ

ଖେଳାଳି ନୀଲାମିରେ ସଜନା ୧୦ ଲକ୍ଷ ଟଙ୍କା ମୂଳଦର ବିନିମୟରେ ମୁମ୍ବାଇ ଦଳରେ ସାମିଲ ହୋଇଥିଲେ। ଜଣେ ଅଲରାଉଣ୍ଡର ଭାବେ ସେ ଡାହାଣହାତୀ ବ୍ୟାଟିଂ କରିବା ସହ ସ୍ପିନ୍ ବୋଲିଂ କରିଥାନ୍ତି। ବିଜୟ ସୂଚକ ଛକା ମାରି ସେ ସାମାଜିକ ଗଣମାଧ୍ୟରେ ଚର୍ଚ୍ଚା ସୃଷ୍ଟି କରିଛନ୍ତି। ମହିଳା ଟି-୨୦ରେ ସେ ଏଥିସହ ଏକ ଖାସ୍ ରେକର୍ଡ ସୃଷ୍ଟି କରିଛନ୍ତି। ପଦାର୍ପଣ କରି ଅର୍ଥାତ ପ୍ରଥମଥର ପାଇଁ ମ୍ୟାଚ୍ ଖେଳି ସେ ଅନ୍ତିମ ବଲରେ ଛକା ମାରି ଦଳକୁ ଜିତାଇଛନ୍ତି। ମହିଳା ଟି-୨୦ ଇତିହାସରେ ପ୍ରଥମଥର ପାଇଁ କୌଣସି ଖେଳାଳି ଏହା କରି ଦେଖାଇଛନ୍ତି। କେରଳର ୱାୟନାଡରେ ରହୁଥିବା ସଜନା ଏପର୍ଯ୍ୟନ୍ତ ଭାରତ ପାଇଁ ଖେଳିନାହାନ୍ତି। ସେ ଅବଶ୍ୟ କେରଳ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି।

### ସଜନାଙ୍କ ସଂଘର୍ଷ

ସଜନାଙ୍କ ପିତା ଜଣେ ଅଟୋ ଚାଳକ। ମା ପାର୍ଷଦ ବା କାଉନସିଲର ଅଛନ୍ତି। ୨୦୧୮ରେ ସେ ବହୁତ କଷ୍ଟକର ସ୍ଥିତିର ସମ୍ମୁଖୀନ ହୋଇଥିଲେ। କେରଳରେ ସେତେବେଳେ ଭୟଙ୍କର ବନ୍ୟା ଆସିଥିଲା ଓ ସେ ସବୁକିଛି ହରାଇଥିଲେ। ଗୋଟିଏରୁ ଆଉ ଗୋଟିଏ ସ୍ଥାନକୁ ଯିବା ପାଇଁ ତାଙ୍କ ପାଇରେ ପଇସା ନ ଥିଲା। ଜିଲ୍ଲାସ୍ତରରେ ଖେଳିବା ପରେ ତାଙ୍କୁ ପଇସା ମିଳିଥିଲା। ଏଥିରୁ ତାଙ୍କ ଘର ଚଳୁଥିଲା। ଦୀର୍ଘବର୍ଷର ସଂଘର୍ଷ, କଠିନ ପରିଶ୍ରମ ପରେ ଆଜି ସେ କ୍ରିକେଟ ଜଗତରେ ପରିଚୟ ପାଇଛନ୍ତି।

### ୧୮ ବର୍ଷରେ ଧରିଥିଲେ ପ୍ରକୃତ ବ୍ୟାଟ

ପ୍ରଥମ ସେ ନଡିଆ ବାଉଙ୍ଗାରେ ତିଆରି ହୋଇଥିବା କିମ୍ବା ପ୍ଲାଷ୍ଟିକ ବ୍ୟାଟରେ ଖେଳୁଥିଲେ। ୧୮ ବର୍ଷ ବୟସରେ ତାଙ୍କୁ ପ୍ରକୃତ ବ୍ୟାଟ ମିଳିଥିଲା। ଏହାପରଠାରୁ ସେ ପଛକୁ ଫେରି ଚାହିଁନାହାନ୍ତି। ସେ ଦୁଇଥର କେରଳର କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ହାସଲ କରିଛନ୍ତି। ୨୦୧୫ ଓ ୨୦୧୭ରେ ସେ ଏହି ପୁରସ୍କାର ହାସଲ କରିଥିଲେ। କୁରିଚିୟା ଆଦିବାସୀ ସମ୍ପ୍ରଦାୟର ଦ୍ୱିତୀୟ ଖେଳାଳି ଭାବେ ସେ ଡବ୍ଲ୍ୟୁପିଏଲ ଖେଳିଛନ୍ତି। ତାଙ୍କୁ ପୂର୍ବରୁ ମିନ୍ନୁ ମାଣିଙ୍କୁ ଡବ୍ଲ୍ୟୁପିଏଲ ଖେଳିବାର ସୁଯୋଗ ମିଳିଥିଲା। ୱାୟନାଡର କ୍ରିଷ୍ଣଗିରି ଷ୍ଟାଡିୟମରେ ପୂର୍ବତନ କ୍ରିକେଟର ଗୌତମ ଗମ୍ଭୀରଙ୍କୁ ଭେଟିଥିଲେ। ତାଙ୍କଠାରୁ ସେ ଏକ ଅଟୋଗ୍ରାଫ୍ ସମ୍ବଳିତ ବ୍ୟାଟ ପାଇଥିଲେ। ୧୯ ବର୍ଷରୁ କମ୍ ଜିଲ୍ଲାସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ପରେ ତାଙ୍କ ଜୀବନ ଓ କ୍ୟାରିୟର ନୂଆ ମୋଡ ନେଇଥିଲା।

**ସଂକ୍ଷେପରେ...**

**ପୂରା ନାମ:** ସଜୀବନ ସଜନା
**ଜନ୍ମ:** ଜାନୁଆରୀ ୪, ୧୯୯୫, ମନନ୍ତାଭାଡି, ୱାୟନାଡ, କେରଳ
**ବର୍ଷ:** ୨୯ ବର୍ଷ ୫୧ ଦିନ
**ବ୍ୟାଟିଂ:** ଡାହାଣହାତୀ
**ବୋଲିଂ:** ଡାହାଣହାତୀ ଅଫ୍ ବ୍ରେକ୍
**ଖେଳିଥିବା ଦଳ:** ଭାରତ ଏ, କେରଳ, ମୁମ୍ବାଇ ଇଣ୍ଡିଆନ୍ସ, ଦକ୍ଷିଣାଞ୍ଚଳ, ଟିମ୍ ସାଫାୟାର।

### ମହିଳା ଟି-୨୦ରେ ଅଲରାଉଣ୍ଡ ପ୍ରଦର୍ଶନ

୨୦୨୩ରେ ସିନିୟର ମହିଳା ଟି-୨୦ରେ ସେ ୭ଟି ପାଳି ଖେଳି ୧୩୪ ରନ ସଂଗ୍ରହ କରିବା ସହ ୬ ୱିକେଟ ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏତେ ସବୁ ସଂଘର୍ଷ ସତ୍ତ୍ୱେ ସେ ପାଠ ଓ କ୍ରିକେଟ ମଧ୍ୟରେ ସନ୍ତୁଳନ ରକ୍ଷା କରିଛନ୍ତି। ରଜନୀତି ବିଜ୍ଞାନରେ ସେ ଡିଗ୍ରୀ ହାସଲ କରିଛନ୍ତି। ସେ ଭାରତୀୟ ଦଳ ତରଫରୁ ଖେଳବାକୁ ସ୍ୱପ୍ନ ଦେଖୁଛନ୍ତି। ସେ ନିଜ ବନ୍ଧୁ ପରିଜନ ଓ ପ୍ରଶିକ୍ଷକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏବେ ତାଙ୍କ ଉପରେ ପ୍ରଶଂସକ ଓ ଟିମ ମ୍ୟାନେଜମେଣ୍ଟର ଆଶା ବଢିଯାଇଛି ବୋଲି ସେ ହୃଦୟଙ୍ଗମ କରିଛନ୍ତି। ଆଗକୁ ଏବେ ପ୍ରକୃତ ପରୀକ୍ଷା ଓ ଚ୍ୟାଲେଞ୍ଜ ରହିଛି ବୋଲି ସେ ସ୍ୱୀକାର କରିଛନ୍ତି। ଆଗକୁ ସେ ଜଣେ ସଫଳ ମହିଳା କ୍ରିକେଟର ହେବେ ବୋଲି ଆଶା କରାଯାଉଛି।

---

**ପାରା ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍**

## ଏକକ ଫାଇନାଲରେ ପ୍ରମୋଦ

**ଭୁବନେଶ୍ୱର,୨୪।୨(ସମିସ):** ଥାଇଲାଣ୍ଡର ପଟ୍ଟାୟଠାରେ ଚାଲିଥିବା ପାରା ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍‌ରେ ଓଡ଼ିଶାର ପ୍ରମୋଦ ଭଗତ ଏକକ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଏସ୍‌ଏଲ୍ ୩ ବର୍ଗ ପ୍ରତିଯୋଗିତାର ସେମିଫାଇନାଲରେ ପାରା ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ପ୍ରମୋଦ ନିଜ ଦେଶର ମନୋଜ ସରକାରଙ୍କୁ ୨୩-୨୧, ୨୦-୨୨, ୨୧-୧୮ରେ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଛନ୍ତି। ଫଳରେ ପ୍ରମୋଦ ଅତିକମ୍‌ରେ ରୌପ୍ୟ ପଦକ ନିଶ୍ଚିତ କରିଛନ୍ତି। ବିଜୟୀ ହେବାକୁ ପ୍ରମୋଦଙ୍କୁ ୭୫ ମିନିଟ୍ ସମୟ ଆବଶ୍ୟକ ହୋଇଥିଲା। ଫାଇନାଲରେ ସେ ଇଂଲଣ୍ଡର ଡାନିଏଲ ବେଥେଲଙ୍କୁ ଭେଟିବେ। ବେଥେଲ ଅନ୍ୟଏକ ସେମିରେ ଭାରତର ନୀତୀଶ ରାଣାଙ୍କୁ ୨୧-୧୮, ୨୦-୨୨, ୨୧-୧୪ରେ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି। ସେହିପରି ଏସ୍‌ଏଲ୍ ୪ ବର୍ଗ ସେମିଫାଇନାଲରେ ଭାରତର ସୁକାନ୍ତ କଦମ ଇଣ୍ଡୋନେସିଆର ଫ୍ରେଡି ସେତିଆୱନଙ୍କୁ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି।

**ଯୁଗଳରେ କାଂସ୍ୟ :** ପୁରୁଷ ଯୁଗଳ ଏସ୍‌ଏଲ୍ ୩- ଏସ୍‌ଏଲ୍-୪ ବର୍ଗ ପ୍ରତିଯୋଗିତାରେ ପ୍ରମୋଦଙ୍କୁ କାଂସ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡିଛି। ଶନିବାର ଅନୁଷ୍ଠିତ କାଂସ୍ୟ ପଦକ ମୁକାବିଲାରେ ପ୍ରମୋଦ ଓ ତାଙ୍କ ପାର୍ଟନର ସୁକାନ୍ତ କଦମ ଘରୋଇ ଥାଇଲାଣ୍ଡ ଯୋଡି ମଙ୍ଗଖୋନ୍ ବୁନ୍‌ସୁନ୍ ଓ ସିରିପଙ୍ଗ ତିମାରୋମଙ୍କଠାରୁ ୧୬-୨୧. ୧୬-୨୧ରେ ପରାସ୍ତ ହୋଇଥିଲେ। ସେହିପରି ମିଶ୍ରିତ ଯୁଗଳରେ ପ୍ରମୋଦ ଓ ମନୀଷା ରାମଦାସ ୧୫-୨୧, ୧୯-୨୧ରେ ଇଣ୍ଡୋନେସିଆର ଫ୍ରେଡି ସେତିୱାନ ଓ ଖଲିମାତୁସ ସାଦିୟାଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ମହିଳା ଏକକରେ ଭାରତର ମନୀଷା ରାମଦାସ ଏସ୍‌ୟୁ ୫ ବର୍ଗ ସେମିଫାଇନାଲରେ ଫ୍ରାନ୍ସର ମାଉଦ ଲେଫୋର୍ଟଙ୍କୁ ହରାଇ ଫାଇନାଲକୁ ଉଠିଛନ୍ତି। ସେ ଟାଇଟଲ ପାଇଁ ଚୀନର ୟାଙ୍ଗ କ୍ୱିୟୁ ଜିଆଙ୍କୁ ଭେଟିବେ।



---

## ଶୀର୍ଷ ସ୍ଥାନ ବଜାୟ ରଖିଲା ଓଡ଼ିଶା ଏଫ୍‌ସି

**ଇଣ୍ଡିଆନ ସୁପର ଲିଗ୍**

**ଭୁବନେଶ୍ୱର,୨୪।୨(ସମିସ)**



**ମୋହନବାଗାନ ସହ ମ୍ୟାଚ୍ ଅମୀମାଂସିତ**

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ୧୦ମ ସଂସ୍କରଣରେ ଶନିବାର ଦୁଇ ଇନ୍‌ଫର୍ମ ଦଳ ଓଡ଼ିଶା ଏଫ୍‌ସି ଓ ମୋହନ ବାଗାନ ସୁପର ଜାଏଣ୍ଟ ପରସ୍ପରକୁ ଭେଟିଥିଲେ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍ ଗୋଲ ଶୂନ୍ୟ ଭାବେ ଶେଷ ହୋଇଛି। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଏଥିସହ ଓଡ଼ିଶା ୧୬ଟି ମ୍ୟାଚ୍ ଖେଳି ୯ ବିଜୟ, ୫ ଡ୍ର ଓ ୨ ପରାଜୟ ସହ ମୋଟ୍ ୩୨ ଅଙ୍କ ହାସଲ କରି ତାଲିକାର ଶୀର୍ଷସ୍ଥାନ ବଜାୟ ରଖିଛି। ସେହିପରି ମୋହନବାଗାନ ୧୫ ମ୍ୟାଚ୍ ଖେଳି ୯ ବିଜୟ, ୩ଟି ଲେଖାଏ ଡ୍ର ଓ ପରାଜୟ ସହ ୩୦ ଅଙ୍କ ହାସଲ କରି ତୃତୀୟ ସ୍ଥାନରେ ରହିଛି। ମୁମ୍ବାଇ ସିଟ୍ ଏଫ୍‌ସି ୩୧ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଓଡ଼ିଶା ଏବେ ତା'ର ପରବର୍ତ୍ତୀ ମୁକାବିଲାରେ ଗୁରୁବାର ଇଷ୍ଟବେଙ୍ଗଲକୁ କଳିଙ୍ଗରେ ଭେଟିବ। ସେହିପରି ମୋହନବାଗାନ ଶୁକ୍ରବାର କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ଜାମସେଦପୁର ଏଫ୍‌ସିକୁ ଭେଟିବ। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମୁକାବିଲାରେ ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ମଧ୍ୟ ଗୋଲ ଦେଇପାରି ନଥିଲେ। ମୋହନବାଗାନ କିନ୍ତୁ ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରିଥିଲା। ସଟ୍ ଓ ଲକ୍ଷ୍ୟସ୍ଥଳକୁ ସଟ୍ ମାରିବାରେ ଭ୍ରମଣକାରୀ ଦଳ ଆଗରେ ରହିଥିଲା। ସେହିପରି ଓଡ଼ିଶା ଅପେକ୍ଷା ମୋହନବାଗାନ ଅଧିକ ସମୟ ବଲ ନିଜ ଅକ୍ତିଆରରେ ରଖିବା ସହ ପାସ୍ ଦେବାରେ ଓ ନିର୍ଭୁଲ ପାସରେ ଆଗରେ ରହିଥିଲା। ମୋହନବାଗାନ ଅଧିକ ସୁଯୋଗ ପାଇଥିଲେ ମଧ୍ୟ ଏହାର ଫାଇଦା ଉଠାଇପାରି ନଥିଲା। ମୋହନବାଗନର ରକ୍ଷଣଭାଗ ଅଧିକ ଶକ୍ତିଶାଳୀ ରହିଥିଲା। ଓଡ଼ିଶା ଷ୍ଟ୍ରାଇକର ରଏ କ୍ରିଷ୍ଣା ୬୨ତମ ମିନିଟ୍‌ରେ ଏକ ସୁଯୋଗ ହାତଛଡ଼ା କରିଥିଲେ। ଉଭୟ ପଟରୁ ଘନଘନ ଆକ୍ରମଣ ହୋଇଥିଲେ ମଧ୍ୟ ମ୍ୟାଚ୍ ଗୋଲ ଶୂନ୍ୟ ରହିଥିଲା।

---

**ନିଖିଳ ଓଡ଼ିଶା ରେଡ୍‌ବଲ ସ୍ନୁକର ଉଦ୍‌ଯାପିତ**

## ରାକେଶଙ୍କୁ ହରାଇ ସୁବ୍ରତ ଚାମ୍ପିଅନ

**ଭୁବନେଶ୍ୱର, ୨୪।୨ (ସମିସ):** ବରିଷ୍ଠ ଖେଳାଳି ସୁବ୍ରତ ଦାସ ପଟିଆସ୍ଥିତ ୬ ପକେଟ୍ସ କ୍ଲବ୍‌ରେ ଚାଲିଥିବା ନିଖିଳ ଓଡ଼ିଶା ୧୫ ରେଡ୍‌ବଲ ସ୍ନୁକର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଶନିବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ସୁବ୍ରତ ଚମତ୍କାର ଖେଳ ପ୍ରଦର୍ଶନ କରି ୬-୨ ଫ୍ରେମ୍‌ରେ ଡାକ୍ତର ରାକେଶ ରୋଶନ ପ୍ରଧାନଙ୍କୁ ପରାସ୍ତ କରିଛନ୍ତି। ଚାମ୍ପିଅନ ସୁବ୍ରତ ଆରମ୍ଭରୁ ଶେଷଯାଏ ପ୍ରାଧାନ୍ୟ ବିସ୍ତାର କରିଖେଳିଥିଲେ। ସେ ମଧ୍ୟ ଭଲ ବ୍ୟବଧାନରେ ସମସ୍ତ ଫ୍ରେମ୍ ଜିତିଥିଲେ। ଚାମ୍ପିଅନ ହେବା ଫଳରେ ସୁବ୍ରତଙ୍କୁ ଟ୍ରଫି ସହ ୨୦,୦୦୦ ଟଙ୍କା, ଡାକ୍ତର ରାକେଶଙ୍କୁ ଟ୍ରଫି ସହ ୧୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ସେମିଫାଇନାଲେ ପରାଜିତ ଦୁଇ ଖେଳାଳିଙ୍କୁ ୫,୦୦୦ ଲେଖାଏଁ ଓ କ୍ୱାର୍ଟର ଫାଇନାଲରେ ପରାଜିତ ୪ଜଣ ଖେଳାଳିଙ୍କୁ ୨,୫୦୦ ଲେଖାଏଁ ଟଙ୍କା ଦିଆଯାଇଥିଲା। ଏହା ବ୍ୟତୀତ ସମସ୍ତ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ କରିବାର ପ୍ରମାଣପତ୍ର ଦିଆଯାଇଥିଲା। ପୂର୍ବରୁ ଶୁକ୍ରବାର ଖେଳାଯାଇଥିବା ସେମିଫାଇନାଲରେ ସୁବ୍ରତ ୫-୦ ଫ୍ରେମ୍‌ରେ ଜ୍ଞାନ ଦାସଙ୍କୁ ପରାସ୍ତ କରି ପ୍ରଥମ ଖେଳାଳିଭାବେ ଫାଇନାଲରେ ପ୍ରବେଶ କରିଥିଲେ। ପରେ ଖେଳାଯାଇଥିବା ଦ୍ୱିତୀୟ ସେମିରେ ରାକେଶ ୫-୩ ଫ୍ରେମ୍‌ରେ ନିଶାନ୍ତ ବିଶ୍ୱାଳଙ୍କୁ ହରାଇ ଫାଇନାଲକୁ ଯାଇଥିଲେ। ସୁବ୍ରତ-ରାକେଶଙ୍କ ମଧ୍ୟରେ ଫାଇନାଲ ମୁକାବିଲାଟି ଏକତରଫା ହୋଇଥିଲା।



---

**● ତ୍ରିରାଷ୍ଟ୍ରୀୟ ଦୃଷ୍ଟିହୀନ କ୍ରିକେଟ**

## ପାକିସ୍ତାନକୁ ହରାଇଲା ଭାରତ

**କଟକ,୨୪।୨(ସମିସ):** ୟୁଏଇରେ ଚାଲିଥିବା ତ୍ରିରାଷ୍ଟ୍ରୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୪୬ରନରେ ପାରମ୍ପରିକ ପ୍ରତିଦ୍ୱନ୍ଦୀ ପାକିସ୍ତାନକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ୨୨୪ରନ ସଂଗ୍ରହ କରିଥିଲା। ସୁନୀଲ ରମେଶ ୬୧ବଲରୁ ୮୭ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଓପନର ଡି ଭେଙ୍କଟେଶ୍ୱର ରାଓ ୫୬ରନ କରିଥିଲେ। ଜବାବରେ ପାକିସ୍ତାନ ୬ ୱିକେଟ ବିନିମୟରେ ୧୭୮ରନ କରିଥିଲା। ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ସୁନୀଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ପାକିସ୍ତାନର କନସଲ ଜେନେରାଲ ହୁସେନ ମହମ୍ମଦ ଅତିଥି ଭାବେ ଯୋଗ ଦେଇ ପୁରସ୍କୃତ କରିଥିଲେ। ପ୍ରକାଶଥାଉକି, ଚଳିତ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳରେ ୪ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଏମାନେ ହେଲେ ସୁଖରାମ ମାଝୀ, ନକୁଳ ବଡନାୟକ, ପଙ୍କଜ ଭୁଏ ଏବଂ ଦେବରାଜ ବେହେରା।



**● ଦୁବାଇ ଏଟିପି ଚାମ୍ପିଅନସିପ୍**

## ସୁମିତ ନାଗଲଙ୍କୁ ୱାଇଲ୍ଡ କାର୍ଡ

**ଦୁବାଇ,୨୪।୨(ଏଜେନ୍ସି):** ଦୁବାଇ ଚାମ୍ପିଅନସିପ୍ ପାଇଁ ଭାରତୀୟ ଶ୍ରେଷ୍ଠ ଏକକ ଟେନିସ ତାରକା ସୁମିତ ନାଗଲଙ୍କୁ ୱାଇଲ୍ଡ କାର୍ଡ ମିଳିଛି। ଏହି ଏଟିପି ୫୦୦ ଇଭେଣ୍ଟର ମୁଖ୍ୟ ଡ୍ର ପାଇଁ ତାଙ୍କୁ ଖେଳିବାର ସୁଯୋଗ ଦିଆଯାଇଛି। ଶନିବାରଠାରୁ ଟୁର୍ଣ୍ଣାମେଣ୍ଟରେ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ମୁଖ୍ୟ ଡ୍ର ସୋମବାରଠାରୁ ଆରମ୍ଭ ହେବ। ୨୬ ବର୍ଷୀୟ ନାଗଲ ପ୍ରଥମ ରାଉଣ୍ଡରେ ବିଶ୍ୱର ୪୯ ନଂ ଖେଳାଳି ଇଟାଲୀର ଲୋରେଞ୍ଜୋ ସୋନେଗୋଙ୍କୁ ଭେଟିବେ। ଏହି ଟୁର୍ଣ୍ଣାମେଣ୍ଟରେ ରୁଷିଆର ଡାନିଲ ମେଦଭେଦେଭଙ୍କୁ ଶ୍ରେଷ୍ଠ ସିଡ୍, ଆନ୍ଦ୍ରେ ରୁବଲେଭଙ୍କୁ ଦ୍ୱିତୀୟ ସିଡ୍, ପୋଲାଣ୍ଡର ହୁବର୍ଟ ହୁରକାଜଙ୍କୁ ତୃତୀୟ, ରୁଷିଆରେ କାରେନ ଖାଚାନୋଭଙ୍କୁ ଚତୁର୍ଥ ସିଡ୍ ମାନ୍ୟତା ମିଳିଛି। ନାଗଲଙ୍କ ଭଳି ଫ୍ରାନ୍ସର ଗାଏଲ ମନଫିଲ୍ସ ଓ ଜୋର୍ଡାନର ଆବେଡାଲା ସେଲବାଙ୍କୁ ୱାଇଲ୍ଡ କାର୍ଡ ମିଳିଛି।

---

**ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ**

## ମୁସିରଙ୍କ ଦ୍ୱିଶତକ: ମୁମ୍ବାଇ ୩୮୪

**ମୁମ୍ବାଇ,୨୪।୨(ଏଜେନ୍ସି)**

ଦେଶର ସର୍ବବୃହତ୍ ଘରୋଇ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫିର କ୍ୱାର୍ଟର ଫାଇନାଲ ମ୍ୟାଚ୍‌ଗୁଡିକ ଶନିବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ସ୍ଥାନୀୟ ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ଚାଲିଥିବା ବରୋଦା ବିପକ୍ଷ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ମୁସିର ଖାନ୍ ଅପରାଜିତ ଦ୍ୱିଶତକ ହାସଲ କରି ମୁମ୍ବାଇକୁ ବୃହତ୍ ସ୍କୋର ପ୍ରଦାନ କରିଛନ୍ତି। ମୁମ୍ବାଇ ପ୍ରଥମ ପାଳିରେ ୧୪୦.୪ ଓଭରରେ ୩୮୪ ରନକରି ଅଲଆଉଟ ହୋଇଛି। ଦଳ ତରଫରୁ ମୁସିର ୨୦୩ ରନ ସଂଗ୍ରହ କରି ଦ୍ୱିଶତକ ହାସଲ କରି ଅପରାଜିତ ରହିଛନ୍ତି। ସେହିପରି ୱିକେଟରକ୍ଷକ ବ୍ୟାଟର ହାର୍ଦ୍ଦିକ ତୋମାର ୫୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି। ଭାର୍ଗଭଙ୍କୁ ୭ ୱିକେଟ: ବରୋଦ ବାମହାତୀ ସ୍ପିନର ଭାର୍ଗଭ ଭଟ୍ଟ ସର୍ବାଧିକ ୭ ୱିକେଟ ଅକ୍ତିଆର କରିଛନ୍ତି। ଜବାବରେ ବରୋଦା ପ୍ରଥମ ପାଳି ଆରମ୍ଭ କରି ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୩୫ ଓଭରରେ ୨ ୱିକେଟ ହରାଇ ୧୨୭ ରନ ସଂଗ୍ରହ କରିଛି। ସାସ୍ୱତ ରାୱତ୍ ୬୯ ଓ ଅଧିନାୟକ ବିଷ୍ଣୁ ସୋଲାଙ୍କି ୨୩ ରନକରି ଅପରାଜିତ ରହିଛନ୍ତି।

### ବିଦର୍ଭ ୪୬୦ରେ ଅଲଆଉଟ

ନାଗପୁରରେ ଚାଲିଥିବା କର୍ଣ୍ଣାଟକ ପ୍ରଥମ କ୍ୱାର୍ଟର ଫାଇନାଲରେ ବିଦର୍ଭ ପ୍ରଥମ ପାଳିରେ ୧୪୩.୧ ଓଭରରେ ୪୬୦ ରନକରି ଅଲଆଉଟ ହୋଇଛି। ଦଳ ତରଫରୁ ଅଥର୍ବ ତାଇଡେ ୧୦୯, ୟଶ ରାଠୋର ୯୩, କରୁଣ ନାୟାର ୯୦ ରନ ସଂଗଅହ କରି ଆଉଟ ହୋଇଛନ୍ତି। କର୍ଣ୍ଣାଟକ ପାଇଁ ବିଦ୍ୱାତ୍ କାଭେରାପ୍ପା ସର୍ବାଧିକ ୪, ହାର୍ଦ୍ଦିକ ରାଜ ଗୋଟିଏ ୱିକେଟ ନେଇଛନ୍ତି। ଜବାବରେ କର୍ଣ୍ଣାଟକ ପ୍ରଥମ ପାଳି ଆରମ୍ଭ କରି ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୨୪ ଓଭରରେ ୨ ୱିକେଟ ହରାଇ ୯୮ ରନ ସଂଗ୍ରହ କରିଛି। ରବିକୁମରା ସମର୍ଥ ୪୩ ଓ ନିକିନ ଜୋଶ ୨୦ ରନକରି ଅପରାଜିତ ରହିଛନ୍ତି।



### କିଶୋରଙ୍କ ଅଲରାଉଣ୍ଡ ପ୍ରଦର୍ଶନ: ତାମିଲନାଡୁ ଅଗ୍ରଣୀ

କୋଏମ୍ବାଟୁରରେ ସୌରାଷ୍ଟ୍ର ବିପକ୍ଷ ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ତାମିଲନାଡୁ ପ୍ରଥମ ପାଳିରେ ଅଗ୍ରଣୀ ହାସଲ କରିଛି। ସୌରାଷ୍ଟ୍ର ୭୭.୧ ଓଭରରେ ୧୮୩ ରନକରି ଅଲଆଉଟ ହୋଇଥିଲା। ଜବାବରେ ତାମିଲନାଡୁ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୦୦ ଓଭରରେ ୬ ୱିକେଟ ହରାଇ ୩୦୦ ରନ ସଂଗ୍ରହ କରି ୧୧୭ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଦଳ ତରଫରୁ ବାବା ଇନ୍ଦ୍ରଜିତ୍ ୮୦, ସାଇ କିଶୋର ୬୦, ବୁପଥୀ କୁମାର ୬୫ ରନକରି ଆଉଟ ହୋଇଛନ୍ତି। ସୌରାଷ୍ଟ୍ରର ପାର୍ଥ ଭୁତ୍ ଦୁଇ ୱିକେଟ ନେଇଛନ୍ତି।

### ଆନ୍ଧ୍ର ବିପକ୍ଷରେ ମଧ୍ୟପ୍ରଦେଶ ଆଗୁଆ

ଇନ୍ଦୋରରେ ଚାଲିଥିବା ଆନ୍ଧ୍ର ବିପକ୍ଷ ଚତୁର୍ଥ କ୍ୱାର୍ଟର ଫାଇନାଲରେ ଘରୋଇ ମଧ୍ୟପ୍ରଦେଶ ପ୍ରଥମ ପାଳି ଅଗ୍ରଣୀ ହାସଲ କରିଛି। ମଧ୍ୟପ୍ରଦେଶ ପ୍ରଥମ ପାଳିରେ ୮୧.୧ ଓଭରରେ ୨୩୪ ରନକରି ଅଲଆଉଟ ହୋଇଥିଲ। ଜବାବରେ ଆନ୍ଧ୍ର ୬୮.୩ ଓଭରରେ ୧୭୨ ରନକରି ଅଲଆଉଟ ହୋଇ ପଛରେ ପଡିଥିଲା। ଆନ୍ଧ୍ର ପାଇଁ କରଣ ସିନ୍ଧେ ସର୍ବାଧିକ ୩୮, ଅଧିନାୟକ ରିକି ଭୁଇ ୩୨ ରନ ସଂଗ୍ରହ କରିଥିବା ବେଳେ ଅନୁଭବ ଅଗ୍ରୱାଲ ଓ କୁମାର କାର୍ତ୍ତିକେୟ ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଏହାପରେ ମଧ୍ୟ ପ୍ରଦେଶ ଦ୍ୱିତୀୟ ପାଳି ଆରମ୍ଭ କରି ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୭ ଓଭରରେ ବିନାକ୍ଷତିରେ ୨୧ ରନ ସଂଗ୍ରହ କରି ମୋଟ ଉପରେ ୮୩ ରନର ଅଗ୍ରଣୀ ହାସଲ କରିଛି।

ସୋଏବ ବସିର ଓ ଟମ୍ ହର୍ଟଲୀଙ୍କ ଚତୁର ବୋଲିଂ

# ଚତୁର୍ଥ ଟେଷ୍ଟରେ ଇଂଲଣ୍ଡର ସ୍ଥିତି ମଜଭୁତ

ରାଞ୍ଚି, ୨୪।୨(ଏଜେନ୍ସି)

ପାକିସ୍ତାନ ଜନ୍ମିତ ୨୦ ବର୍ଷୀୟ ଅଫ୍‌ସ୍ପିନର ସୋଏବ ବସିର ଓ ବାମହାତୀ ସ୍ପିନର ଟମ୍ ହର୍ଟଲୀଙ୍କ ଚତୁର ବୋଲିଂ ବଳରେ ଏଠାରେ ଭାରତ ସହ ଚାଲିଥିବା ଚତୁର୍ଥ ଟେଷ୍ଟରେ ଇଂଲଣ୍ଡ ପ୍ରଥମ ପାଳିରେ ବଡ଼ ଧରଣର ଅଗ୍ରଣୀ ନେବାର ସମ୍ଭାବନା ସୃଷ୍ଟି କରିଛି। ଏହି ମ୍ୟାଚ୍‌ରେ ଜୋ ରୁଟ ୧୨୨ ରନ୍ କରି ଅପରାଜିତ ରହିବା ଫଳରେ ଇଂଲଣ୍ଡର ପ୍ରଥମ ପାଳି ୩୫୩ ରନ୍‌ରେ ଶେଷ ହୋଇଥିଲା। ଏହା ପରେ ବସିର ୪ଟି ଓ ହର୍ଟଲୀ ୨ଟି ୱିକେଟ ନେବା ଫଳରେ ଶନିବାର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ ପ୍ରଥମ ପାଳିରେ ୭ ୱିକେଟ ହରାଇ ୨୧୯ ରନ୍ କରିଛି। ଷ୍ଟମ୍ପ୍ ଅପସାରଣ ବେଳକୁ ୱିକେଟରକ୍ଷକ ଧ୍ରୁବ ଜୁରେଲ ୩୦ ଓ ବାମହାତୀ ସ୍ପିନର କୁଲଦୀପ ଯାଦବ ୭୨ଟି ବଲ୍ ଖେଳି ୧୭ ରନ୍‌ରେ ବ୍ୟାଟିଂ କରୁଥିଲେ। ଏହି ସମୟରେ ଘରୋଇ ଦଳ ୩ଟି ୱିକେଟ ହାତରେ ରଖି ୧୩୪ ରନ୍‌ରେ ପଛୁଆ ରହିଛି। କିନ୍ତୁ ବଲ୍ ଟର୍ଣ୍ଣ ହେବା ସହ ଲୋ (ତଳୁଆ) ରହୁଥିବାରୁ ଭ୍ରମଣକାରୀ ଦଳ ଏହି ଟେଷ୍ଟରେ ସ୍ଥିତି ମଜଭୁତ କରିନେଇଛି। ଇଂଲଣ୍ଡ ପ୍ରଥମ ପାଳିରେ ରୁଟ୍‌ଙ୍କ ଅପରାଜିତ ଶତକ ବ୍ୟତୀତ ଓଲି ରବିନସନ ୫୮ ରନ୍ କରି ଇଂଲଣ୍ଡକୁ ଏକ ସମ୍ମାନଜନକ ସ୍କୋର ଦେବାରେ ସମର୍ଥ ହୋଇଥିଲେ। ଭାରତ ପକ୍ଷରୁ ବାମହାତୀ ସ୍ପିନର ରବୀନ୍ଦ୍ର ଜାଡେଜା ୪ଟି, ଆକାଶ ଦୀପ ୩ଟି, ମହମ୍ମଦ୍ ସିରାଜ ୨ଟି ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ।



### ଯଶସ୍ୱୀ ଜୟସ୍ୱାଲଙ୍କ ଅର୍ଦ୍ଧଶତକ

ଇଂଲଣ୍ଡ ପ୍ରଥମ ପାଳି ୩୫୩ ରନ୍‌ରେ ସୀମିତ ରହିବା ପରେ ଭାରତ ବ୍ୟାଟିଂ ଆରମ୍ଭ କରି ୪ ରନ୍‌ରେ ପ୍ରଥମ ୱିକେଟ ହରାଇଥିଲା। ଇଂଲଣ୍ଡର ୪୨ ବର୍ଷୀୟ ଫାଷ୍ଟ ବୋଲର ଜେମ୍ସ ଆଣ୍ଡରସନ ୱିକେଟକିପର ଫୋକ୍ସଙ୍କ ହାତରେ ଭାରତର ୩୬ ବର୍ଷୀୟ ଅଧିନାୟକ ରୋହିତ ଶର୍ମାଙ୍କୁ ଆଉଟ କରାଇ ଦଳକୁ ପ୍ରଥମ ସଫଳତା ଦେଇଥିଲେ। ଏହି ୱିକେଟ ପରେ ୨୦ ବର୍ଷୀୟ ଅଫ୍ ସ୍ପିନର ସୋଏବ ବସିର ଓ ଟମ୍ ହର୍ଟଲୀଙ୍କୁ ମୁକାବିଲା କରିବାରେ ଭାରତୀୟ ଯୁବ ଏବଂ ଅନଭିଜ୍ଞ ବ୍ୟାଟର ଅସମର୍ଥ ହୋଇଥିଲେ। ସେ କ୍ରମାଗତ ଦୁଇଟି ଡିଆର୍‌ଏସ୍‌ରେ ଶୁବମାନ ଗିଲ୍ (୩୮) ଓ ରଜତ ପାଟିଦାର (୧୭)ଙ୍କୁ ଆଉଟ କରିଥିଲେ। ଏହା ପରେ ରବୀନ୍ଦ୍ର ଜାଡେଜା ଡିଆର୍‌ଏସ୍‌ରେ ଆଉଟରୁ ବର୍ତ୍ତିବା ପରେ ଦୁଇଟି ଛକା ମାରି ଭଲ ଆରମ୍ଭ କରିଥିଲେ। କିନ୍ତୁ ଏହି ଓଭର ପରେ ସେ ବସିରଙ୍କ ତୃତୀୟ ଶିକାର ବନିଥିଲେ। ଚଳିତ ସିରିଜ୍‌ରେ ୨ଟି ଦ୍ୱିଶତକ କରିଥିବା ଯଶସ୍ୱୀ ଜୟସ୍ୱାଲ ଏକାକୀ କିଛି ସମୟ ଇଂଲଣ୍ଡ ସ୍ପିନରଙ୍କ ମୁକାବିଲା କରିଥିଲେ। ଏଠାରେ ସେ ଅର୍ଦ୍ଧଶତକ ହାସଲ କରିବା ପରେ ୧୧୭ ବଲ୍‌ରୁ ୭୩ ରନ୍ କରି ବସିରଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ। ଲଞ୍ଚ୍ ପୂର୍ବରୁ ଓ ଟି' ପରେ ଏକାଦିକ୍ରମେ ୩୧ ଓଭର ବୋଲିଂ କରି ଏହି ପାକିସ୍ତାନ ଜନ୍ମିତ ସ୍ପିନର ବସିର ଭାରତର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଦେଇଥିଲେ। ଏତିକିରେ ଇଂଲଣ୍ଡ ସ୍ପିନରଙ୍କ ପ୍ରଭାବ ଶେଷ ହୋଇ ନ ଥିଲା। ପ୍ରଥମ ଟେଷ୍ଟରେ ଭାରତୀୟ ବ୍ୟାଟରଙ୍କୁ ବୋକା ବନାଇଥିବା ବାମହାତୀ ହର୍ଟଲୀ ପ୍ରଥମେ ସର୍ଫରାଜ ଖାନ୍‌ଙ୍କୁ ୧୪ ଓ ପରେ ରବି ଅଶ୍ୱିନଙ୍କୁ ୧ ରନ୍‌ରେ ଆଉଟ କରି ଭାରତର ପାଳି ଶୀଘ୍ର ଶେଷ କରିଦେବେ ବୋଲି ସୂଚନା ଦେଇଥିଲେ। କିନ୍ତୁ ସେମାନଙ୍କ ଲକ୍ଷ୍ୟରେ ପ୍ରତିବନ୍ଧକ ସାଜିଥିଲେ ପଦାର୍ପଣକାରୀ ୱିକେଟରକ୍ଷକ ଧ୍ରୁବ ଜୁରେଲ ଓ କୁଲଦୀପ ଯାଦବ। ଉଭୟ ବ୍ୟାଟର ଜୀବନଦାନରୁ ପାଇଥିବା ସହାୟତା ଓ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ୧୦୬ଟି ବଲ୍‌ର ସାମ୍ନା କରିଥିଲେ ଓ ଏହି ଭାଗୀଦାରିରୁ ୪୨ ରନ୍ ଉଠାଇଥିଲେ। ଜଣେ ଭଲ ବ୍ୟାଟର ଭାବେ ଜଣାଶୁଣା ଜୁରେଲ ୫୮ ବଲ୍‌ର ସାମ୍ନା କରି ୩୦ ରନ୍‌ରେ ଅପରାଜିତ ଅଛନ୍ତି। କିନ୍ତୁ କୁଲଦୀପ ୧୪ ରନ୍‌ରେ ଅପରାଜିତ ରହିଥିଲେ ମଧ୍ୟ ୭୨ଟି ବଲ୍ ଖେଳି ଇଂଲଣ୍ଡକୁ ନିରାଶ କରିବା ସହ ଭାରତ ଲାଗି ଉଲ୍ଲେଖନୀୟ ଅବଦାନ ଦେବାରେ ସମର୍ଥ ହୋଇଥିଲେ। ଭାରତ ଆସିବାକୁ ବିଳମ୍ବରେ ଭିସା ପାଇଥିବା ବସିର ଏଠାରେ ଚତୁର ବୋଲିଂ କରି ୪ଟି ୱିକେଟ ନେବା ସହ ଇଂଲଣ୍ଡକୁ ସୁବିଧାଜନକ ସ୍ଥିତିରେ ପହଞ୍ଚାଇଛନ୍ତି। ହର୍ଟଲୀ ୨ଟି ଗୁରୁତ୍ୱପୂର୍ଣ୍ଣ ୱିକେଟ ଅକ୍ତିଆର କରି ଭାରତକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଛନ୍ତି।

### ଜାଡେଜାଙ୍କୁ ୪ ୱିକେଟ, ଆଉଟ ହେଲେନି ରୁଟ୍

ବାଜ୍‌ବଲ୍ ଶୈଳୀରେ ବ୍ୟାଟିଂ କରି କ୍ରମାଗତ ବିଫଳ ହେବା ପରେ ଜୋ ରୁଟ ଏଠାରେ ଶତକୀୟ ପାଳି ଖେଳି ଇଂଲଣ୍ଡକୁ ବିପଦରୁ ରକ୍ଷା କରିବା ସହ ଏକ ସମ୍ମାନଜନକ ସ୍କୋର ଦେଇଥିଲେ। ଶେଷ ପର୍ଯ୍ୟନ୍ତ ଆଉଟ ନ ହୋଇ ୧୨୨ ରନ୍ କରିଥିବା ରୁଟ୍ ୮ମ ୱିକେଟ ଭାଗୀଦାରିରେ ଓଲି ରବିନସନଙ୍କ ସହ ୧୬୩ ବଲ୍‌ର ସାମ୍ନା କରି ୧୦୨ ରନ୍ ଉଠାଇଥିଲେ। ଏହି ଭାଗୀଦାରି ଭାରତ ନିକଟରୁ ଏକ ପ୍ରକାର ମ୍ୟାଚ୍‌ର ନିୟନ୍ତ୍ରଣ ଛଡ଼ାଇନେଇଥିଲା। ଚଳିତ ସିରିଜ୍‌ରେ ପ୍ରଥମ ମ୍ୟାଚ୍ ଖେଳୁଥିବା ରବିନସନ ବ୍ୟାଟିଂରେ ଦମ୍ ଦେଖାଇ ୯୬ ବଲ୍‌ରେ ୫୮ ରନ୍ କରିଥିଲେ। ତାଙ୍କ ଆଉଟ ସହ ଇଂଲଣ୍ଡ ୬ ରନ୍‌ରେ ଶେଷ ୩ଟି ୱିକେଟ ହରାଇ ୩୫୩ ରନ୍‌ରେ ପ୍ରଥମ ପାଳି ଶେଷ କରିଥିଲା। ଦ୍ୱିତୀୟ ଦିନରେ ଇଂଲଣ୍ଡର ସମସ୍ତ ୩ଟି ଯାକ ୱିକେଟ ବାମହାତୀ ସ୍ପିନର ରବୀନ୍ଦ୍ର ଜାଡେଜାଙ୍କୁ ମିଳିଥିଲା। ଫଳରେ ଏହି ମ୍ୟାଚ୍‌ରେ ସେ ସର୍ବାଧିକ ୪ଟି ୱିକେଟ ପାଇଥିଲେ। ପ୍ରଥମ ଦିନରେ ଆକାଶ ଦୀପ ୩ଟି ଓ ମହମ୍ମଦ୍ ସିରାଜ ୨ଟି ୱିକେଟ ପାଇଥିଲେ। ଏମାନଙ୍କ ସଫଳତା ସତ୍ତ୍ୱେ ପ୍ରଥମ ଦିନରେ ଇଂଲଣ୍ଡ ପ୍ରଥମ ପାଳିରେ ୭ ୱିକେଟ ହରାଇ ୩୦୨ ରନ୍ କରିନେଇଥିଲା।

### ସଂକ୍ଷିପ୍ତ ସ୍କୋର

**ଇଂଲଣ୍ଡ ପ୍ରଥମ ପାଳି :** ୩୫୩/୧୦, ୯୦ ଓଭର (ଜୋ ରୁଟ- ଅପରାଜିତ ୧୨୨, ଓଲି ରବିନସନ-୫୮, ବେନ୍ ଫୋକ୍ସ-୪୭, ଜ୍ୟାକ୍ କ୍ରଲୀ-୪୨, ରବୀନ୍ଦ୍ର ଜାଡେଜା-୪/୬୭, ଆକାଶ ଦୀପ-୩/୮୩, ମହମ୍ମଦ୍ ସିରାଜ-୨/୭୮)।

**ଭାରତ ପ୍ରଥମ ପାଳି :** ୨୧୯/୭, ୭୩ ଓଭର (ଯଶସ୍ୱୀ ଜୟସ୍ୱାଲ-୭୩, ଶୁବମାନ ଗିଲ୍-୩୮, ଧ୍ରୁବ ଜୁରେଲ-ବ୍ୟାଟିଂ-୩୦, ସୋଏବ ବସିର-୪/୮୪, ଟମ୍ ହର୍ଟଲୀ-୨/୪୭)।

ଗୋଟିଏ ଟେଷ୍ଟ ସିରିଜ୍‌ରେ ୬୦୦ରୁ ଅଧିକ ରନ୍

## ଯଶସ୍ୱୀ ଜୟସ୍ୱାଲ ପଞ୍ଚମ ଭାରତୀୟ



**ରାଞ୍ଚି, ୨୪।୨(ଏଜେନ୍ସି):** ଚଳିତ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଭାରତର ଯୁବ ଓପନ ଯଶସ୍ୱୀ ଜୟସ୍ୱାଲ ୫ ଟେଷ୍ଟ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ୪ର୍ଥ ଟେଷ୍ଟର ସପ୍ତମ ପାଳି ଶେଷ ସୁଦ୍ଧା ୬୨୮ ରନ୍ କରିଛନ୍ତି। ଗୋଟିଏ ଟେଷ୍ଟ ସିରିଜ୍‌ରେ ୬୦୦ କିମ୍ବା ତା'ଠାରୁ ଅଧିକ ରନ୍ କରିବାରେ ସେ ହେଉଛନ୍ତି ପଞ୍ଚମ ଭାରତୀୟ। ତାଙ୍କ ପୂର୍ବରୁ ସୁନୀଲ ଗାଭାସ୍କର, ଦିଲୀପ ସରଦେଶାଇ, ରାହୁଲ ଦ୍ରାବିଡ ଓ ବିରାଟ କୋହଲି ଏହି ସଫଳତା ପାଇବାରେ ସମର୍ଥ ହୋଇଛନ୍ତି। ୨୨ ବର୍ଷୀୟ ବାମହାତୀ ଓପନର ଜୟସ୍ୱାଲ ଚତୁର୍ଥ ଟେଷ୍ଟରେ ୫୫ ରନ୍ କରିବା ପରେ ଏହି ସଫଳତା ପାଇଥିଲେ। ଚଳିତ ସିରିଜ୍‌ରେ ଜବରଦସ୍ତ ଫର୍ମରେ ଥିବା ଏହି ଖେଳାଳି ଦ୍ୱିତୀୟ ଓ ତୃତୀୟ ଟେଷ୍ଟରେ ଦୁଇଟି ଦ୍ୱିଶତକ ହାସଲ କରିସାରିଛନ୍ତି। ଗତବର୍ଷ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିବା ପରେ ଜୟସ୍ୱାଲ ୭ଟି ଟେଷ୍ଟ ଖେଳି ୩ଟି ଶତକ ଓ ୩ଟି ଅର୍ଦ୍ଧଶତକ ହାସଲ କରିପାରିଛନ୍ତି। ଭାରତ ପକ୍ଷରୁ ସୁନୀଲ ଗାଭାସ୍କର ଦୁଇଥର ଏଭଳି ସଫଳତା ପାଇଥିଲାବେଳେ ୧୯୭୦-୭୧ ୱେଷ୍ଟଇଣ୍ଡିଜ୍ ବିପକ୍ଷ ସିରିଜ୍‌ରେ ତାଙ୍କ ସହ ଦିଲ୍ଲୀପ ସରଦେଶାଇ ଏହି ସ୍କୋର କରିଥିଲେ। ଗାଭାସ୍କର ଏହି ସିରିଜ୍‌ରେ ଏଯାଏ ଭାରତ ପକ୍ଷରୁ ସର୍ବାଧିକ ୭୭୪ ରନ୍ କରିଥିଲେ। ଏଥିରେ ୪ଟି ଶତକ ଓ ୩ଟି ଅର୍ଦ୍ଧଶତକ ରହିଥିଲା। ୧୯୭୮-୭୯ରେ ୱେଷ୍ଟଇଣ୍ଡିଜ୍ ଭାରତ ଗସ୍ତରେ ଆସିଥିଲାବେଳେ ଗାଭାସ୍କର ୪ଟି ଶତକ ସହ ୭୩୨ ରନ୍ କରିଥିଲେ। କିନ୍ତୁ ଗୋଟିଏ ସିରିଜ୍‌ରେ ସର୍ବାଧିକ ରନ୍ କରିବାର ରେକର୍ଡ ଅଷ୍ଟ୍ରେଲିଆର ଡନ୍ ବ୍ରାଡ୍‌ମ୍ୟାନ୍‌ଙ୍କ ନାମରେ ରହିଛି। ସେ ଇଂଲଣ୍ଡ ବିପକ୍ଷ ୧୯୩୦ ସିରିଜ୍‌ରେ ୪ଟି ଶତକ ଓ ୧୩୯.୧୪ ହାରରେ ସର୍ବାଧିକ ୯୭୪ ରନ୍ କରିଥିଲେ।

## ଅଣଖେଳୁଆଡ଼ ମନୋଭାବ ଲାଗି ଇଂଲଣ୍ଡ ସମାଲୋଚିତ

**ରାଞ୍ଚି, ୨୪।୨(ଏଜେନ୍ସି):** ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲଙ୍କ କ୍ୟାଚ୍ ନେଇ ଇଂଲଣ୍ଡ ଦଳର ଅବିଶ୍ୱସନୀୟ ମନୋଭାବ ଓ ଅମ୍ପାୟାରଙ୍କ ସହ ଯୁକ୍ତିତର୍କ ପରି ଅଣଖେଳୁଆଡ଼ ମନୋଭାବକୁ ସମର୍ଥକମାନେ ତୀବ୍ର ସମାଲୋଚନା କରିଛନ୍ତି। ରାଞ୍ଚିରେ ଚାଲିଥିବା ଚତୁର୍ଥ ଟେଷ୍ଟରେ ଏଭଳି ଘଟଣା ଘଟିଛି। ଓଲି ରବିନସନ ପକାଇଥିବା ୨୦ତମ ଓଭରର ଶେଷ ବଲ୍‌ରେ ଜୟସ୍ୱାଲଙ୍କ ବ୍ୟାଟ ବାଜି ବଲ୍‌ଟି ୱିକେଟକିପର ବେନ ଷ୍ଟୋକ୍ସଙ୍କ ନିକଟରୁ ଯାଇଥିଲାବେଳେ ସେ ତାହାକୁ ଧରିନେଇଥିଲେ। ଏହାକୁ ସେ କ୍ୟାଚ୍ ବୋଲି ଆବେଦନ କରିବା ଫଳରେ ଫିଲ୍ଡ ଅମ୍ପାୟାର କ୍ୟାଚ୍‌ର ବୈଧତା ନେଇ ତୃତୀୟ ଅମ୍ପାୟାରଙ୍କ ସହାୟତା ଲୋଡ଼ିଥିଲେ। ଏଥିରେ ଜଣାପଡ଼ିଲା, ବଲ୍‌ଟିକୁ ଫୋକ୍ସ ଧରିବା ପୂର୍ବରୁ ମାଟି ଛୁଇଁଥିଲା। ଏହା ପ୍ରଥମେ ମାଟି ଛୁଇଁଥିବାରୁ ତୃତୀୟ ଅମ୍ପାୟାର କ୍ୟାଚ୍ ଆଉଟ ଆବେଦନକୁ ଖାରଜ କରିଦେଇଥିଲେ। ଏହାକୁ ନେଇ ଇଂଲଣ୍ଡ ଖେଳାଳିମାନେ ବିଶ୍ୱାସ ନ କରିବାର ଭାବଭଙ୍ଗୀ ଦେଖାଇଥିଲେ। ଏମିତିକି ୧୦୦ରୁ ଅଧିକ ଟେଷ୍ଟ ଖେଳିଥିବା ଅଧିନାୟକ ବେନ୍ ଷ୍ଟୋକ୍ସ ଅମ୍ପାୟାରଙ୍କ ସହ ଯୁକ୍ତିତର୍କ କରିବାକୁ ଭୂଲି ନଥିଲେ। ଏହା ପରେ ଜୟସ୍ୱାଲ ୫ମ ଭାରତୀୟ ଭାବେ ଚଳିତ ସିରିଜ୍‌ରେ ୬୦୦ ରନ୍ ପୂରଣ କରିଥିଲେ ଓ ୭୩ ରନ୍‌ରେ ଆଉଟ ହୋଇଯାଇଥିଲେ।



## ବଲ୍ ତଳୁଆ ରହିବାରୁ ବୋଲିଂ ପ୍ରଶିକ୍ଷକ ଆଶ୍ଚର୍ଯ୍ୟ

**ରାଞ୍ଚି, ୨୪।୨(ଏଜେନ୍ସି):** ଝାଡଖଣ୍ଡ ରାଜ୍ୟ କ୍ରିକେଟ ସଂଘ ଷ୍ଟାଡିୟମ୍‌ରେ ଭାରତ-ଇଂଲଣ୍ଡ ମଧ୍ୟରେ ଚାଲିଥିବା ଚତୁର୍ଥ ଟେଷ୍ଟର ପିଚ୍ ଟର୍ଣ୍ଣ ନେଇ ନାହିଁ। କିନ୍ତୁ ଏଠାରେ ଖେଳର ଦ୍ୱିତୀୟ ଦିନ ପରଠାରୁ ବଲ୍ ଏତେ ତଳୁଆ ରହିବ ବୋଲି ଆଦୌ ଆଶା କରାଯାଉ ନଥିଲା ବୋଲି ଭାରତୀୟ ଦଳର ପ୍ରଶିକ୍ଷକ ପାରସ ମାହାମ୍ବ୍ରେ ସ୍ୱୀକାର କରିଛନ୍ତି। ବଲ୍ ତଳୁଆ ରହିବା ଫଳରେ ଇଂଲଣ୍ଡର ସ୍ପିନରମାନେ ଏଠାରେ ଫାଇଦା ଉଠାଇଥିଲେ। ଯାହା ଫଳରେ ଇଂଲଣ୍ଡର ୩୫୩ ରନ୍ ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ ୨୧୯ ରନ୍‌ରେ ୭ ୱିକେଟ ହରାଇ ସଂଘର୍ଷ କରୁଛି। ଏଠାରେ ବଲ୍ ତଳୁଆ ରହିବ ଓ ବାଉନ୍ସ କରିବ ବୋଲି ଜାଣିଥିଲୁ, କିନ୍ତୁ ଏତେ ଶୀଘ୍ର ଏହା ଘଟିବ ବୋଲି ଆଶା ରଖି ନଥିଲୁ। ସେ ଯାହା ହେଉ ଭାରତର ଦୟନୀୟ ବ୍ୟାଟିଂ ଲାଗି ମାହାମ୍ବ୍ରେ ପିଚ୍‌କୁ ଦୋଷ ଦେଇ ପାରିବେ ନାହିଁ।



● ମହିଳା ପ୍ରିମିୟର ଲିଗ୍

## ଶେଷ ବଲ୍‌ରେ ଜିତିଲା ବାଙ୍ଗାଲୋର



**ବେଙ୍ଗାଲୁରୁ,୨୪।୨(ଏଜେନ୍ସି):** ଲେଗ୍ ସ୍ପିନର ଶୋଭନା ଆଶା (୫/୨୨)ଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ଶନିବାର ଅନୁଷ୍ଠିତ ମହିଳା ପ୍ରିମିୟର ଲିଗ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମାତ୍ର ୨ ରନ୍‌ରେ ୟୁପି ୱାରିୟର୍ଜକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ରିଚା ଘୋଷ ୩୭ ବଲ୍‌ରେ ୬୨ ଓ ଏସ୍ ମେଘନା ୪୪ ବଲ୍‌ରେ ୫୩ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ୬ ୱିକେଟରେ ୧୫୭ ରନ୍ କରିଥିଲା। ଜବାବରେ କେରଳ ସ୍ପିନର ଆଶାଙ୍କ ଚମତ୍କାର ବୋଲିଂକୁ ମୁକାବିଲା କରି ନପାରି ୟୁପି ୱାରିୟର୍ଜ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟରେ ହରାଇ ୧୫୫ ରନ୍ କରିବାକୁ ସମର୍ଥ ହୋଇଥିଲା। ମାତ୍ର ୪ ଓଭର ବୋଲିଂ କରି ୨୨ ରନ୍‌ରେ ୫ଟି ୱିକେଟ ନେଇ ସର୍ବାଧିକ ସଫଳତା ପାଇଥିବା ବାଙ୍ଗାଲୋରର ଆଶାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ପରାଜିତ ୟୁପି ପକ୍ଷରୁ ଅଲରାଉଣ୍ଡର ଗ୍ରେସ ହାରିସ୍ ୨୩ ବଲ୍‌ରେ ୩୮, ଶ୍ୱେତା ଶେରାୱତ ୨୫ ବଲ୍‌ରେ ୩୧ ରନ୍ କରିଥିଲେ। ମ୍ୟାଚ୍ ଶେଷ ଓଭରରେ ୧୧ ଓ ଶେଷ ବଲ୍‌ରେ ମ୍ୟାଚ୍ ଜିତିବାକୁ ୫ ରନ୍ ଦରକାର ଥିଲେ ମଧ୍ୟ ୟୁପି ଦଳ ଏହାକୁ ହାସଲ କରି ପାରି ନଥିଲା। ଶୁକ୍ରବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଶେଷ ବଲରେ ଦିଲ୍ଲୀ କ୍ୟାପିଟାଲ୍ସକୁ ହରାଇଥିଲା।

## ଯୁବା ଓପନ ବାସ୍କେଟବଲ୍ ସେମିରେ ଛତିଶଗଡ଼, ଯୁବା

**ଭୁବନେଶ୍ୱର, ୨୪।୨ (ସମିସ):** ଛତିଶଗଡ଼ ଓ ଆୟୋଜକ ଯୁବା ବାସ୍କେଟବଲ୍ ସଂଘ ଏଠାରେ ଚାଲିଥିବା ସର୍ବଭାରତୀୟ ଯୁବା ଓପନ ବାସ୍କେଟବଲ୍ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଶହୀଦ ନଗରସ୍ଥିତ ଇମ୍ପା ବାସ୍କେଟବଲ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ଛତିଶଗଡ଼ ୫୭-୪୬ ପଏଣ୍ଟରେ ପୁରୀକୁ ପରାସ୍ତ କରିଥିଲା। ବିଜୟୀ ଦଳର ସାହିଦ୍ ସର୍ବାଧିକ ୨୫ ପଏଣ୍ଟ ସ୍କୋର କରିଥିଲେ। ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଆୟୋଜକ ଯୁବା ଜୁନିଅର ଦଳ ୮୪-୭୫ ପଏଣ୍ଟରେ ଓଲଭସକୁ ପରାସ୍ତ କରି ସେମିଫାଇନାଲ ଟିକଟ ହାସଲ କରିଛି। ରାଉରକେଲା ବନାମ କାକିନାଡ଼ା ଓ ଦବ୍‌ଦବା ବନାମ ଯୁବା ସିନିୟର ମଧ୍ୟରେ ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। ରବିବାର ସକାଳେ ସେମିଫାଇନାଲ ଓ ରାତିରେ ଫାଇନାଲ ମୁକାବିଲା ହେବ ବୋଲି ଆୟୋଜକ ସଂଘର ସମ୍ପାଦକ ଦେବାଶିଷ ଚକ୍ର ଜଣାଇଛନ୍ତି। ଶନିବାର ମ୍ୟାଚ୍‌ରେ ପ୍ରମିଳା ଡେଭଲେପରର ସିଏମ୍‌ଡି ବିଶ୍ୱରଞ୍ଜନ ରାୟ ଓ ଜଳେଶ୍ୱର ପ୍ରିମିୟରର ସତ୍ତ୍ୱାଧିକାରୀ ସତ୍ୟନାରାୟଣ ବାରିକ ଅତିଥିଭାବେ ଯୋଗ ଦେଇଥିଲେ।

ଏଫ୍‌ଆଇଏଚ୍ ପୁରୁଷ ପ୍ରୋ ଲିଗ୍

## ସୁଟ୍‌ଆଉଟ୍‌ରେ ହାରିଲା ଭାରତ

ରାଉରକେଲା,୨୪।୨(ସମିସ)

ଚଳିତ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ପୁରୁଷ ପ୍ରୋ ଲିଗ୍‌ରେ ଶନିବାର ଅନୁଷ୍ଠିତ ମୁକାବିଲାରେ ଭାରତ ସୁଟ୍ ଆଉଟରେ ଶକ୍ତିଶାଳୀ ଅଷ୍ଟ୍ରେଲିଆଠାରୁ ୦-୩ରେ ପରାସ୍ତ ହୋଇଛି। ସ୍ଥାନୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଖେଳାଯାଇଥିବା ଏହି ସଂଘର୍ଷ ପୂର୍ଣ୍ଣ ମ୍ୟାଚ୍ ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ୨-୨ ଗୋଲରେ ଅମିମାଂସିତ ରହିଥିଲା। ଫଳରେ ସୁଟ୍‌ଆଉଟ ମାଧ୍ୟମରେ ମ୍ୟାଚ୍‌ର ଫଳାଫଳ ନିର୍ଣ୍ଣୟ ହୋଇଥିଲା। ବିଂଶତମ ମିନିଟ୍‌ରେ ହରମନପ୍ରୀତ ସିଂ ପେନାଲ୍ଟି ଜରିଆରେ ଗୋଲ ଦେଇ ଭାରତକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ଏହାପରେ ୨୩ତମ ମିନିଟ୍‌ରେ ଅଷ୍ଟ୍ରେଲିଆର ବ୍ଲାକ ଗୋଭର୍ସ ପେନାଲ୍ଟି ସୁଟ୍‌ରେ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ୨୯ତମ ମିନିଟ୍‌ରେ ଓଡ଼ିଆ ତାରକା ଅମିତ ରୋହିଦାସ ପେନାଲ୍ଟି କର୍ଣ୍ଣର ଜରିଆରେ ଗୋଲ ଦେଇ ପୁଣିଥରେ ଭାରତକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ୫୩ତମ ମିନିଟ୍‌ରେ ଅଷ୍ଟ୍ରେଲିଆର ଟମ୍ କ୍ରେଗ୍ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚ୍‌କୁ ଅମୀମାଂସିତ ରଖିଥିଲେ। ସୁଟ୍ ଆଉଟ୍‌ରେ ଲଳିତ ଉପାଧ୍ୟାୟ, ସୁଖଜିତ ସିଂ ଓ ଆକାଶଦୀପ ଗୋଲ ଦେବାରେ ବିଫଳ ହୋଇଥିଲେ ଓ ଭାରତ ବୋନସ ହରାଇଥିଲା।



ଅନ୍ୟପଟେ ଅଷ୍ଟ୍ରେଲିଆ ପାଇଁ ସୁଟ୍ ଆଉଟରେ ଟମ୍ ୱିକ୍‌ହାମ, ଫ୍ଲିନ୍ ଓଗିଲଭିଏ ଓ ଟିମ ବ୍ରାଣ୍ଡ ଗୋଲ ଦେଇ ଅଷ୍ଟ୍ରେଲିଆକୁ ବିଜୟୀ କରାଇଥିଲେ। ଏଥିସହ ଭାରତ ୭ ମ୍ୟାଚ୍ ଖେଳି ୨ ବିଜୟ, ୪ ଡ୍ର, ୨ ସୁଟ୍ ଆଉଟ ବୋନସ ଓ ଗୋଟିଏ ପରାଜୟ ସହ ୧୨ ଅଙ୍କ ହାସଲ କରି ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଅନ୍ୟପଟେ ଅଷ୍ଟ୍ରେଲିଆ ୭ ମ୍ୟାଚ୍ ଖେଳି ୬ ବିଜୟ, ଗୋଟିଏ ଲେଖାଏ ଡ୍ର ଓ ସୁଟ ଆଉଟ ବୋନସ ସହ ୨୦ ଅଙ୍କ ହାସଲ କରି ନେଦରଲାଣ୍ଡସ (୨୩ ଅଙ୍କ) ପଛକୁ ରହି ଦ୍ୱିତୀୟ ସ୍ଥାନରେ ରହିଛି। ଭାରତ ରାଉରକେଲା ଲେଗ୍‌ରେ ତା'ର ଅନ୍ତିମ ମୁକାବିଲାରେ ରବିବାର ଆୟର୍ଲାଣ୍ଡ ଓ ଅଷ୍ଟ୍ରେଲିଆ ଟେବଲ୍ ଟପ୍ପର ନେଦରଲାଣ୍ଡସକୁ ଭେଟିବ।

### ଆଲ୍‌ଭାରୋଙ୍କ ହ୍ୟାଟ୍ରିକ୍: ସ୍ପେନ୍‌ର ବୃହତ୍ ବିଜୟ

ପ୍ରୋ ଲିଗ୍‌ରେ ଶନିବାର ସ୍ପେନ୍ ୭-୦ ଗୋଲ ଅପେକ୍ଷାକୃତ ଦୁର୍ବଳ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଆୟର୍ଲାଣ୍ଡ ରକ୍ଷଣଭାଗର ଦୁର୍ବଳତାର ଫାଇଦା ଉଠାଇ ଶକ୍ତିଶାଳୀ ସ୍ପେନ୍ ଗୋଟିଏ ପରେ ଗୋଟିଏ ଗୋଲ ସ୍କୋର କରିଥିଲା। ସମ୍ପୂର୍ଣ୍ଣ ଏକପାଖିଆ ଏହି ମୁକାବିଲାରେ ସ୍ପେନ୍ ତରଫରୁ ଅଲଭାରୋ ହ୍ୟାଟ୍ରିକ ଗୋଲ ସ୍କୋର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ୧୪, ୩୧ ଓ ୫୦ତମ ମିନିଟ୍‌ରେ ଫିଲ୍ଡ ଗୋଲ ଦେଇଥିଲେ। କିନ୍ତୁ ଜୋସ୍ ବାସ୍ତେରା ତୃତୀୟ ମିନିଟ୍‌ରେ ଫିଲ୍ଡ ଗୋଲ ଦେଇ ଖାତା ଖୋଲିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡୁଆର୍ଡ ଡି ଇଗ୍ନାସିଓ- ସିମୋ ୩୫, ମାର୍କ ରେନ୍ ୫୧ତମ ମିନିଟ୍‌ରେ ଫିଲ୍ଡ ଗୋଲ ଦେଇଥିବା ବେଳେ ବୋର୍ଜା ଲାକାଲେ ୪୭ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ଗୋଲ ଦେଇଥିଲେ। ଏଥିସହ ସ୍ପେନ୍ ୮ ମ୍ୟାଚ୍ ଖେଳି ୨ ବିଜୟ, ୧ ଡ୍ର ଓ ୫ ପରାଜୟ ସହ ୭ ଅଙ୍କ ହାସଲ କରି ତାଲିକାର ଷଷ୍ଠ ସ୍ଥାନରେ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର

## ସମ୍ବଲପୁର ରେଳମଣ୍ଡଳ

# ଏକାଧିକ ପ୍ରକଳ୍ପ ଶିଳାନ୍ୟାସ ଓ ଲୋକାର୍ପଣ ହେବ

**ସମ୍ବଲପୁର, ୨୪।୨(ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ସୋମବାର ଆଭାସୀରେ ଅମୃତ ଷ୍ଟେସନ ଯୋଜନା ଅନୁସାରେ ଦେଶର ୫୫୪ଟି ରେଳ ଷ୍ଟେସନର ପୁର୍ନବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ସ୍ଥିର ହୋଇଛି। ୧୫୦୦ ସ୍ଥାନରେ ରୋଡ଼ ଓଭରବ୍ରିଜ୍ ଓ ରୋଡ଼ ଅଣ୍ଡର ବ୍ରିଜ୍ ଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ କରିବେ। ଏଥିରେ ସମ୍ବଲପୁର ମଣ୍ଡଳ ଅଧିନସ୍ଥ ଏକାଧିକ ପ୍ରକଳ୍ପ ରହିଛି ବୋଲି ସମ୍ବଲପୁର ଡିଆରଏମ୍ ତୁଷାରକାନ୍ତ ପାଣ୍ଡେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଅମୃତ ଷ୍ଟେସନ ଯୋଜନାରେ ସମ୍ବଲପୁର ଡିଭିଜନର ସମ୍ବଲପୁର ସିଟି, ଟିଟିଲାଗଡ଼, କେସିଙ୍ଗା ଓ ଝାରସୁଗୁଡ଼ା ରୋଡ଼ ରେଳଷ୍ଟେସନର ପୁନଃ ବିକାଶ କରାଯିବ। ସେହିପରି ଡିଭିଜନ ଅନ୍ତର୍ଗତ ମହାସମୁନ୍ଦ ୟାର୍ଡ଼, କଟାବାଞ୍ଜି ୟାର୍ଡ଼, ଗୋଡ଼ଭଗା-ଅତାବିରା, ନିକଟ ଦେବାହାଲରେ, ବରଗଡ଼, ବରଗଡ଼ ରୋଡ ୟାର୍ଡ, ଯୁଯୁମୁରା ୟାର୍ଡ ଓ ଝାରସୁଗୁଡ଼ା ରୋର୍ଡ ୟାର୍ଡରେ ରୋଡ ଓଭରବ୍ରିଜ୍ ଓ ଅଣ୍ଡରବ୍ରିଜ୍‌ଗୁଡ଼ିକର ଶିଳାନ୍ୟାସ ଓ ଲୋକର୍ପଣ କରିବେ। ଭାରତୀୟ ରେଳବାଇ ପ୍ରଧାନମନ୍ତ୍ରୀଙ୍କ ଭିଜନ୍ -୨୦୪୭କୁ ଫଳପ୍ରଦ କରିବା ପାଇଁ ଆଧୁନିକୀକରଣ ଓ ରେଳଯାତ୍ରୀମାନଙ୍କୁ ଅତ୍ୟାଧୁନିକ ବିଶ୍ୱସ୍ତରୀୟ ସୁବିଧା ଯୋଗାଇ ଦେବା ପାଇଁ ପୁନଃ ବିକାଶ କାର୍ଯ୍ୟ ଆରମ୍ଭ କରିଛନ୍ତି। ଅମୃତ ଷ୍ଟେସନ ଯୋଜନାରେ ପରିବେଶକୁ ଦୃଷ୍ଟିରେ ରଖି ପ୍ରବେଶ ପଥ ପ୍ରତୀକ୍ଷାଳୟ, ଲିଫ୍ଟ, ଏକ୍ସାଲେଟର, ନିଃଶୁଳ୍କ ୱାଇ-ଫାଇ ସୁବିଧା ରହିବ। ସମ୍ବଲପୁର ସିଟି ପାଇଁ ୩୩ କୋଟି ୭୬ ଲକ୍ଷ, ଝାରସୁଗୁଡ଼ା ରୋଡ଼ ପାଇଁ ୧୮ କୋଟି ୭୭ ଲକ୍ଷ, ଟିଟିଲାଗଡ଼ ପାଇଁ ୩୫ କୋଟି ୭୯ ଲକ୍ଷ ଏବଂ କେସିଙ୍ଗା ରେଳ ଷ୍ଟେସନର ପୁନଃ ବିକାଶ ପାଇଁ ୨୦ କୋଟି ୮୫ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି ବୋଲି ଡିଆରଏମ୍ ସୂଚନା ଦେଇଥିଲେ। ସେହିଭଳି ରେଳ ଷ୍ଟେସନମାନଙ୍କରେ ବିକାଶ କାର୍ଯ୍ୟ ଜାରି ରହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଏଡ଼ିଆରଏମ୍ ଆନନ୍ଦ ସିଂ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



## ଜିଏସ୍‌ଟିର ନୂଆଁ ଲୁଟ୍ କାରବାର

# ଅଜଣା ବ୍ୟକ୍ତିଙ୍କ ନାଁରେ ଜାଲ୍ ବ୍ୟବସାୟିକ ଫାର୍ମ

ସମ୍ବଲପୁର, ୨୪/୨ (ସମିସ)

ବୁର୍ଲାର ସୀତାରାମ ବେହେରା ଏକ ହୋଟେଲରେ ଖାଇଥିଲେ। ଖାଇ ସାରିବା ପରେ ହୋଟେଲ କାଉଣ୍ଟରକୁ ଫୋନ୍‌ପେ ଜରିଆରେ ଯେତେବେଳେ ବିଲ ବୁଝାଇବାକୁ ସେତେବେଳେ ତାଙ୍କ ଆକାଉଣ୍ଟ ଅଚଳ ହୋଇଯାଇ ଥିବା ଜାଣିଲେ। ଖାଲି ଅଚଳ ହୋଇନଥିଲା ତାଙ୍କ ଆକାଉଣ୍ଟ ମାଇନସ୍ ୩୫ ଲକ୍ଷ ଟଙ୍କା ହୋଇଥିବା ଜଣିବାକୁ ପାଇଥିଲେ। ମେସେଜ ଦେଖିବା ପରେ ତାଙ୍କ ମୁଣ୍ଡ ଘୁରାଇ ଦେଇଥିଲା। ଜିଏସ୍‌ଟି ବାବଦରେ ତାଙ୍କୁ ୩୫ ଲକ୍ଷ ଟଙ୍କା ଫାଇନ ପଡ଼ିଥିବାରୁ ଭୁବନେଶ୍ୱରର ଏକ ବ୍ୟାଙ୍କ ତାଙ୍କ ଏକାଉଣ୍ଟକୁ ଅଚଳ କରି ଦେଇଥିବା ସେ ଜାଣିଥିଲେ। ଏନେଇ ସେ ଜିଏସ୍‌ଟି ଅଫିସକୁ ଯାଇ ବୁଝାସୁଝା କରିବାରୁ ତାଙ୍କ ନାମରେ ଥିବା ବ୍ୟବସାୟୀକ ସଂସ୍ଥା ଗୁରମିତ ଏଣ୍ଟରପ୍ରାଇଜେସ୍ ଜିଏସ୍‌ଟି ବାବଦରେ ୩୫ ଲକ୍ଷ ଟଙ୍କା ଦେଇନାହିଁ। ସୀତାରାମ ଏଭଳି କୌଣସି ସଂସ୍ଥା କରିନଥିବା କିମ୍ବା ଜାଣିନଥିବା କହିବା ପରେ ତାଙ୍କ ପାନ୍ କାର୍ଡ଼କୁ ବ୍ୟବହାର କରାଯାଇ ଏଭଳି ଚଞ୍ଚକତା କରାଯାଇଥିବା ଜଣାପଡ଼ିଥିଲା।

କିଛି ବ୍ୟବସାୟୀ ଏଭଳି ଜାଲ ଜିଏସ୍‌ଟି କାରବାର କରି ସରକାରୀ ତହବିଲରୁ କୋଟି କୋଟି ଟଙ୍କା ଲୁଟି ନେଉଥିବା ଜଣାପଡ଼ିଛି। ଏହି କାରବାର ନେଇ କେହି ଟେର୍ ପାଉନଥିବା ବେଳେ ଜିଏସ୍‌ଟି ବିଭାଗର କିଛି ଅସାଧୁ ଅଧିକାରୀଙ୍କ ଜ୍ଞାତସାରରେ ଏହି କାରବାର ସୁରୁଖୁରରେ ଚାଲିଥିବା ଜଣାଯାଇଛି। ସମ୍ବଲପୁର ବଜାର ଏବେ ଏହି ଜାଲ କାରବାରର ପେଣ୍ଠ ପାଲଟିଛି। ଏହି ଜାଲ କାରବାରର ଚେର ଚାରି ଆଡ଼େ ଲମ୍ବିଥିବା ଜଣାଯାଇଛି। ଗତ କିଛି ବର୍ଷ ତଳେ ବଲାଙ୍ଗୀର ଜିଲ୍ଲାରୁ ଏହି ଜିଏସ୍‌ଟି ଘୋଟାଲାର ମାଷ୍ଟର ମାଇଣ୍ଡ ଧରାପଡ଼ି ଥିବା ବେଳେ ଏହି କାରବାରରେ ରାଜ୍ୟର ଅନେକ ବ୍ୟବସାୟୀକ ସହର ଯୋଡ଼ି ହୋଇ ରହିଛି। ସରକାର ସବୁ ସାମଗ୍ରୀ ଉପରେ ଜିଏସ୍‌ଟି ଲାଗୁ କରିଥିବା ବେଳେ ସମ୍ବଲପୁରରେ ଅନେକ ବ୍ୟବସାୟୀ

### ସାଇକଲ ମେକାନିକ, ଟ୍ରଲି ଚାଳକଙ୍କ ନାଁରେ ଜିଏସ୍‌ଟି ଆକାଉଣ୍ଟ

### ପାନ୍ କାର୍ଡ଼ ହାତେଇ ଲୁଟୁଛନ୍ତି ଜିଏସ୍‌ଟି

ଜିଏସ୍‌ଟି ବିଲ୍ ଗ୍ରାହକକୁ ପ୍ରଦାନ କରୁନାହାନ୍ତି। ନିତ୍ୟ ବ୍ୟବହାର୍ଯ୍ୟ ତେଜରାତି ସାମଗ୍ରୀର ଜିଏସ୍‌ଟି ବିଲ ମଧ୍ୟ ପ୍ରଦାନ କରାଯାଉ ନାହିଁ। ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ବିଭାଗ କେବଳ କିଛି ନିର୍ଦ୍ଦିଷ୍ଟ ସୁନା ଅଳଙ୍କାର ଦୋକାନ ଉପରେ ବର୍ଷକୁ ଥରେ ଅଧେ ଚଢ଼ାଉ କରି ତାର ଦାୟିତ୍ୱ ସାରି ଦେଉଥିବା ବେଳେ ଅସାଧୁ ବ୍ୟବସାୟୀ ମାନେ ଏବେ ଜିଏସ୍‌ଟିକୁ ଆୟର ମୁଖ୍ୟ ଉତ୍ସ କରିଛନ୍ତି। ଜିଏସ୍‌ଟି ଠକେଇ ପାଇଁ ବିନା ଦ୍ରବ୍ୟରେ କିଣା ବିକା ଚାଲିଛି। ଜାଲ ବିଲ, ଭାଉଚରକୁ ତଞ୍ଚକତା କରି ଜିଏସ୍‌ଟି ଠକେଇ କରାଯିବା ପାଇଁ ଏକ ର୍ୟାକେଟ୍ ସକ୍ରିୟ ହୋଇ ଉଠିଛି। କିଛି ବର୍ଷ ତଳେ ଝାରସୁଗୁଡ଼ା ଓ ରାଉରକେଲା ଠାରେ ଏଭଳି ଜିଏସ୍‌ଟି ଘୋଟାଲର ପର୍ଦ୍ଦାଫାସ୍ ହୋଇଥିବା ବେଳେ ସମାନ ଢ଼ଙ୍ଗରେ ବିଭିନ୍ନ ସ୍ଥାନରେ ବ୍ୟାପକ ଜାଲ ଜିଏସ୍‌ଟି କାରବାର ଚାଲିଥିବା ଜଣାଯାଇଛି। ବିନା ଫାର୍ମ ଓ ବିନା ବ୍ୟବସାୟରେ ନକଲି ଆକାଉଣ୍ଟ ଖୋଲାଯାଇ ବ୍ୟବସାୟୀ ମାନେ କେବଳ କାଗଜ କଲମରେ କୋଟି କୋଟି ଟଙ୍କାର ଲେଣଦେଣ କରୁଥିବା ଘଟଣା ଗୋଟିଏ ପରେ ଗୋଟିଏ




ସାମନାକୁ ଆସିବାରେ ଲାଗିଛି। ନକଲି କାରବାର କରୁଥିବା ବ୍ୟବସାୟୀ ମାନେ ଟେକ୍ସ ଅଧିକାରୀ ମାନଙ୍କ ଠାରୁ ଅଧିକ ଚତୁରତାର ସହିତ ତାଙ୍କର କାରବାର କରି ଚାଲିଛନ୍ତି। ବିଭାଗୀୟ ଅଧିକାରୀ ମାନଙ୍କୁ ଏଭଳି ଘୋଟାଲର ଖିଅ ବାହାର କରିବା କାଠିକାର ପାଠ ହୋଇଯାଉଛି। ଜଣେ ବ୍ୟବସାୟୀ ଠାରୁ ଅନ୍ୟ ଜଣେ ବ୍ୟବସାୟୀ କାଗଜ କଲମରେ ଦ୍ରବ୍ୟ କ୍ରୟ କରୁଥିବା ବେଳେ କେବଳ ଏକ ଇନ୍‌ଭଏସ୍ ଦେଇ କୌଶଳରେ ବ୍ୟାପକ ଅର୍ଥ ହଡ଼ପ କରି ଆସୁଛି। ସିମେଣ୍ଟ, ଲୁହା ରଡ଼ ଭଳି ସାମଗ୍ରୀରେ ବ୍ୟାପକ ଟେକ୍ସ ଠକେଇ ହେଉଥିବା ଜଣାଯାଇଛି। ପଡ଼ୋଶୀ ରାଜ୍ୟ ଗୁଡ଼ିକ ସହିତ ବିଭିନ୍ନ ଦ୍ରବ୍ୟର ଦରରେ ରହୁଥିବା ତାରତମ୍ୟ ଏହି ଜାଲ କାରବାରକୁ ପ୍ରୋତ୍ସାହିତ କରଆସୁଛି। ବ୍ୟବସାୟୀ ମାନେ ଜିଏସ୍‌ଟି ଠକେଇ କରିବା ପାଇଁ ତାଙ୍କ ପାଖରେ କାମ କରୁଥିବା ଶ୍ରମିକ, ରାତ୍ର ଜଗୁଆଳି, ଫାର୍ମ ପାଖରେ ଥିବା ପାନ ଦୋକାନୀ, ସାଇକେଲ ମେକାନିକଙ୍କ ନାମରେ ଜିଏସ୍‌ଟି ଆକାଉଣ୍ଟ ଖୋଲି ସେଥିରେ କୋଟି କୋଟି ଟଙ୍କାର କାରବାର କରି ଆସୁଛନ୍ତି। କେବଳ ସମ୍ବଲପୁର ନୁହେଁ ସାରା ରାଜ୍ୟରେ ସମାନ ଢ଼ଙ୍ଗରେ ଏହି କାରବାର ଚାଲିଛି। ଗତ ୨୦୨୧ ସେପ୍ଟେମ୍ବରରେ ରାଜ୍ୟ ଜିଏସ୍‌ଟି ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ଼ ଏହି ଜାଲ କାରବାରରେ ମାଷ୍ଟର ମାଇଣ୍ଡ କୁହାଯାଉଥିବା ଚାର୍ଟାର୍ଡ ଏକାଉଣ୍ଟାଣ୍ଟ ଅମିତ ଅଗ୍ରୱାଲ ଓ ତାର ସହଯୋଗୀ ଭୁବନେଶ୍ୱରର ସତିନ୍ଦ୍ର ଯାଦବଙ୍କୁ ଗିରଫ କରିବା ପରେ ଜିଏସ୍‌ଟି ଠକେଇର ନୂଆଁ କୌଶଳ ପଦାରେ ପଡ଼ିଥିଲା। କିଛି ବ୍ୟବସାୟୀ ତାଙ୍କ ପାଖରେ ଥିବା କର୍ମଚାରୀଙ୍କ ଫଟୋ, ଭୋଟରକାର୍ଡ଼, ଆଧାର କାର୍ଡ଼, ପାନ୍‌କାର୍ଡ଼, ବ୍ୟାଙ୍କ ପାସ୍‌ବୁକ୍ ଇତ୍ୟାଦି ସନ୍ତର୍ପଣରେ ନେଇ ସେଥିରେ ଜାଲ କମ୍ପାନି ଖୋଲି ଜିଏସ୍‌ଟି ଲୁଟୁଥିବା ଜଣାଯାଇଛି। ଏହି ଜାଲ କମ୍ପାନିରେ କୌଣସି ସାମଗ୍ରୀ ଆଦାନପ୍ରଦାନ ହେଉ ନଥିଲେ ମଧ୍ୟ ଜାଲ ବିଲ ପ୍ରସ୍ତୁତ କରାଯାଇଥାଏ। ଯେଉଁ ବ୍ୟକ୍ତିଙ୍କ ନାମରେ ଏହି ଫାର୍ମ ଚାଲୁଛି ତାଙ୍କୁ ମଧ୍ୟ ଏନେଇ କିଛି ମାଲୁମ ନଥାଏ। ଏହି ପ୍ରକ୍ରିୟାରେ ହଜାର ହଜାର କୋଟି ଟଙ୍କାର ଜାଲ ବିଲ ପ୍ରସ୍ତୁତ କରାଯାଇ ଶହ ଶହ କୋଟି ଟଙ୍କାର ଆଇଟିସି ଫାଇଦା ଉଠାଇ ନିଆଯାଇଥାଏ। ଜିଏସ୍‌ଟି ବିଭାଗ ପାଖରେ ଏଭଳି ଜାଲ କାରବାର ସମ୍ପର୍କରେ ଅନେକ ତଥ୍ୟ ରହୁଥିଲେ ମଧ୍ୟ କିଛି ଅସାଧୁ ଅଧିକାରୀ ଏହି କାରବାରରୁ ଭଲ ଫାଇଦା ପାଉଥିବାରୁ ଜାଲ କାରବାରକୁ ଲୁଚାଇ ରଖୁଥିବା ଅଭିଯୋଗ ହେଉଛି। ଅସାଧୁ କାରବାରରେ ଚାଲିଥିବା କୋଟି କୋଟି ଟଙ୍କାର କାରବର ସମସ୍ତଙ୍କ ମୁହଁକୁ ବନ୍ଦ କରି ଦେଉଥିବା ଅଭିଯୋଗ ହେଉଛି।

# ଟାଉନ ହାଇସ୍କୁଲ ନବୀକରଣ ଆରମ୍ଭ

**ସମ୍ବଲପୁର୨୪।୨(ସମିସ):** ମୋ ସ୍କୁଲ ଯୋଜନାରେ ନୃସିଂହ ଗୁରୁ ଟାଉନ ହାଇସ୍କୁଲ ଅଡିଟୋରିୟମ୍ ନବୀକରଣ କାର୍ଯ୍ୟର ଶୁଭାରମ୍ଭ ହୋଇଯାଇଛି। ସ୍କୁଲ ଆଲୁମିନି ସଭାପତି ଡ.ପରେଶ ଦାନୀ ଓ ପ୍ରଧାନ ଶିକ୍ଷକ ବଲ୍ଲଭ ମେହେର ମିଳିତ ଭାବେ ଏହି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସ୍ୱାଗତ କରି ମୋ ସ୍କୁଲ ଯୋଜନାର ଆଭିମୁଖ୍ୟ ତଥା ଏଥିରେ ସମସ୍ତଙ୍କ ଯୋଗଦାନ ବିଷୟରେ ଅଧିକ ଦେଇଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ମେହେର ସ୍କୁଲର ଉନ୍ନୟନ ପାଇଁ ବିଶେଷ ଭାବେ ଶ୍ରେଣୀଗୃହର ଆବଶ୍ୟକତା ଉପରେ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିବାକୁ କହିଥିଲେ। ଜିଲ୍ଲା ଖେଳ ପର୍ଯ୍ୟବେକ୍ଷକ ଜଗବନ୍ଧୁ ବେହେରା ଶ୍ରେଣୀଗୃହ ସହିତ ଖେଳପଡ଼ିଆର ଉନ୍ନତି କରିବାକୁ, ଦରକାର ହେଲେ ସମସ୍ତେ ଆର୍ଥିକ ସହଯୋଗ କରିବାକୁ କହିଥିଲେ। ଶିକ୍ଷୟିତ୍ରୀ ଭୁଜାତା ନନ୍ଦ, ମୀନା କୁମାରୀ ବେହେରା, ସ୍ମିତା ସାନ୍ୟାଲ ସ୍କୁଲର ବିଭିନ୍ନ ଅସୁବିଧା ବିଷୟରେ କହିଥିଲେ। ପୂର୍ବତନ ଛାତ୍ର ଚକ୍ରଧର ମିଶ୍ର, ହରିଶ କକଡ଼, ଗୋରେଖ ଦାଶ, ଅଶୋକ ପଣ୍ଡା, ପ୍ରଦୀପ ନନ୍ଦ ବିବେକାନନ୍ଦ ଗୁରୁ ଓ ରମେଶ ବେରିହା ସ୍କୁଲର ବିଭିନ୍ନ ସମସ୍ୟା ଯଥା ମଧ୍ୟାହ୍ନ ଭୋଜନ ରୋଷେଇ ଘର, ପିଲାଙ୍କ ଖାଇବା ହଲ୍, ମହିଳା ଓ ପୁରୁଷଙ୍କ ପାଇଁ ଅଲଗା ପାଇଖାନା, ସ୍କୁଲ୍ ର ପାଚେରୀ ଓ ଦୋକାନ ଗୃହ ଭଡ଼ା ଆଦାୟ ତଥା ସରକାରୀ ଦରରେ ଭଡ଼ା ଚୁକ୍ତି କରିବାକୁ କହିଥିଲେ। ସଭାପତି ଡ.ଦାନୀ ସମସ୍ତଙ୍କ ପ୍ରସ୍ତାବକୁ ପର୍ଯ୍ୟାୟ କ୍ରମେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ କହିଥିଲେ। ଆଗାମୀ ମାର୍ଚ୍ଚ ୧୦ତାରିଖରେ ପୁରାତନ ଛାତ୍ର ମାନଙ୍କ ସମ୍ମିଳନୀ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପରିଶେଷରେ ଉପସଭାପତି ଅଖିଳ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍କୁଲର ସମସ୍ତ ଶିକ୍ଷକ ଓ କର୍ମଚାରୀ, ପୁରାତନ ଛାତ୍ର ସର୍ବଶ୍ରୀ କୃଷ୍ଣ ପତି, ଶିବ ନାରାୟଣ ପାଣିଗ୍ରାହୀ, ବେଦବ୍ୟାସ ସୂପକାର, କୈଳାସ ମିସ୍ତ୍ରୀ, ସନ୍ତୋଷ ମିଶ୍ର, ଶେଖର ମିସ୍ତ୍ରୀ ଓ ଅଶୋକ ପ୍ରଧାନ ଯୋଗ ଦେଇଥିଲେ।



# ରାଷ୍ଟ୍ରପତିଙ୍କ ଗସ୍ତ ନେଇ ପ୍ରସ୍ତୁତି ବୈଠକ

**ସମ୍ବଲପୁର ୨୪।୨(ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ରାଷ୍ଟ୍ରପତିଙ୍କ ଦ୍ରୋପଦି ମୁର୍ମୁଙ୍କ ସମ୍ବଲପୁର ଗସ୍ତ ଓ ନୂଆଁଓ ସ୍କଲାରସିପ୍ କାର୍ଯ୍ୟକ୍ରମ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ବଲପୁର ଏସପି ମୁକେଶ କୁମାର ଭାମୁ, ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତି, ମହାନଗର ନିଗମ କାର୍ଯ୍ୟାଳୟର କମିସନର ବେଦ ଭୁଷଣ, ଜିଲ୍ଲା ପରିଷଦ କାର୍ଯ୍ୟାଳୟର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକଙ୍କ ସମେତ ଜିଲ୍ଲା ପ୍ରଶାସନର ବହୁ ବରିଷ୍ଠ ପଦାଧିକାରୀ ମାନେ ଉପସ୍ଥିତ ଥିଲେ। ବିଶେଷ କରି ଆସନ୍ତା ମାର୍ଚ୍ଚ ୨ ରେ ସମ୍ଭବତଃ ହେବାକୁ ଥିବା ରାଷ୍ଟ୍ରପତିଙ୍କ ସମ୍ବଲପୁର ଜିଲ୍ଲା ଗସ୍ତକୁ ନେଇ ଆୟୋଜନ ତଥା ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଏଥିସହ ସହରର ମଣ୍ଡଳିଆ ପଡ଼ିଆରେ ଛାତ୍ରଛାତ୍ରୀଙ୍କୁ ସ୍କଲାରସିପ୍ ପ୍ରଦାନ ପାଇଁ ହେବାକୁ କାର୍ଯ୍ୟକ୍ରମ ଉପରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା। ଏହା ସହ ରେଢାଖୋଲ ଠାରେ ମଧ୍ୟ କାର୍ଯ୍ୟକ୍ରମ ରହିଛି। ସନ୍ଥକବି ଭୀମଭୋଇଙ୍କ ସ୍ମୃତି ପିଠ କନ୍ଧରା ଗ୍ରାମ, ପ୍ରାପ୍ତି ପିଠ ମଧୁପୁର ଗ୍ରାମ, ଦୀକ୍ଷା ପିଠ କାଙ୍କନପଡ଼ା ଗ୍ରାମ ଏବଂ ରେଢ଼ାଖୋଲ ମିନି ଷ୍ଟାଡିୟମ, କଦଳୀଗଡ଼ ହାଇସ୍କୁଲ ପଡ଼ିଆ ପ୍ରମୁଖ ବୁଲି ଦେଖି ତଦାରଖ କରିବାର କାର୍ଯ୍ୟକ୍ରମ ରହିଛି। ମହାମହିମ ରାଷ୍ଟ୍ରପତି କେଉଁ କେଉଁ ରାସ୍ତା ଦେଇଯିବେ, ମହିମା ପିଠ ମାନଙ୍କ ରେ କିଭଳି ସୁରକ୍ଷା ବ୍ୟବସ୍ଥା ହେବ ତାକୁ ନେଇ ମଧ୍ୟ ଗତ କାଲି ରେଢାଖୋଲରେ ଆଲୋଚନା ହୋଇଥିଲା।




# ଗୁରୁ ରବି ଦାସଙ୍କ ଜୟନ୍ତୀ ଅବସରରେ ଶୋଭାଯାତ୍ରା

**ସମ୍ବଲପୁର ୨୪।୨(ସମିସ):** ସମ୍ବଲପୁର ଟାଉନ୍ ହଲ୍ ପଡ଼ିଆ ଠାରେ ଆଜି ସନ୍ଥ ଶିରୋମଣୀ ଗୁରୁ ରବିଦାସଙ୍କର ୬୪୭ ତମ ଜୟନ୍ତୀ ପାଳନ କରାଯାଇଥିଲା। ରବିଦାସ ସମାଜ ସମ୍ବଲପୁର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ରୋହିତ ପୂଜାରୀ ମୁଖ୍ୟ ଅତିଥି, ପଦ୍ମଶ୍ରୀ ଡକ୍ଟର ଜିତେନ୍ଦ୍ର ହରିପାଲ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରବିଦାସ ସମାଜ ସମ୍ବଲପୁର ଜିଲ୍ଲା କମିଟିର ସଭାପତି କେଶବ ରୋହିଦାସ, ସମ୍ପାଦକ ଯୁଧିଷ୍ଠିର ରୋହିଦାସ, ସମ୍ବଲପୁର ଟାଉନ୍ ସଭାପତି ବଳରାମ ମେହେରଙ୍କ ସମେତ ସମ୍ବଲପୁର ରୋହିଦାସ ନଗରର ସବୁ କର୍ମକର୍ତ୍ତା ଓ ଜିଲ୍ଲାର ବିଭିନ୍ନ ବ୍ଲକରୁ ପ୍ରତିନିଧି ମାନେ ମଧ ଜୟନ୍ତୀ ସଭାରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥଗଣ ସନ୍ଥ ଶିରୋମଣୀ ରବିଦାସଙ୍କ ମହତ ଉପଦେଶ ତଥା ଆଦର୍ଶକୁ ସମସ୍ତେ ପାଳନ କରିବାକୁ ପରାମର୍ଶ ଦିଆଯାଇଥିଲ। ଏହି ଜୟନ୍ତୀସଭା ଅବସରରେ ଏକ ଶୋଭାଯାତ୍ରା ସମ୍ବଲପୁର ରୋହିଦାସ ନଗର ଠାରୁ ଟାଉନ ହଲ ପର୍ଯ୍ୟନ୍ତ ପରିକ୍ରମା କରିଥିଲା।



# ନିଯୁକ୍ତି, ଦରଦାମ ହ୍ରାସ ପ୍ରତିଶ୍ରୁତି ଭୁଲିଗଲା ବିଜେପି : କଂଗ୍ରେସ

**ସମ୍ବଲପୁର, ୨୪।୨(ସମିସ):** ପ୍ରଦେଶ କଂଗ୍ରେସ ଡାକରାରେ ସଚିବାଳୟ ସମ୍ମୁଖରେ ଆସନ୍ତା ୨୬ ତାରିଖ ଧାରଣା, ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହି ବିକ୍ଷୋଭ ସମାବେଶରେ ଜିଲ୍ଲା କଂଗ୍ରେସର ସମର୍ଥକମାନେ ଯୋଗ ଦେବେ। ଜିଲ୍ଲାର ପ୍ରତ୍ୟେକ ବିଧାନ ସଭା ନିର୍ବାଚନ ମଣ୍ଡଳୀରୁ ୧୦୦ ରୁ ଅଧିକ କର୍ମୀ ଭୁବନେଶ୍ୱର ଯିବାକୁ ସ୍ଥିର ହୋଇଛି। ଦୁର୍ନୀତି, ସରକାରଙ୍କ ଅବହେଳା ବିରୁଦ୍ଧରେ କଂଗ୍ରେସ ଆନ୍ଦୋଳନ ଜାରି ରଖିବ ବୋଲି ସମ୍ବଲପୁର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ଜିଲ୍ଲା ସଭାପତି ଜୟଶଙ୍କର ମିଶ୍ର, ସୁରେଶ୍ୱର ମିଶ୍ର, ଦୁଲାଲ ପ୍ରଧାନ, ଅମିତ ଗୁରୁ, ଗିରିଜା ଶଙ୍କର ପ୍ରମୁଖ ଉପସ୍ଥିତ ରହିଥିଲେ। ବରିଷ୍ଠ ନେତା ଶ୍ରୀ ମିଶ୍ର କହିଥିଲେ, କେନ୍ଦ୍ର ସରକାର ନିର୍ବାଚନ ପୂର୍ବରୁ ଅନେକ ପ୍ରତିଶ୍ରୁତି ଦେଇଥିଲା। ହେଲେ ସବୁ ଭୁଲିଯାଇଛି। ୨ଲକ୍ଷ ନିଯୁକ୍ତି ଦେବା, ଦରଦାମ ହ୍ରାସ କରିବା, ଚାଷୀଙ୍କ ପାଇଁ ଏମ୍‌ଏସ୍‌ପି ଲାଗୁ କରି ଧାନର ମୂଲ୍ୟ କ୍ୱିଣ୍ଟାଲ ପିଛା ୨୯୩୦ଟଙ୍କା କରିବା ଆଦି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଘୋଷଣା କେବଳ ଘୋଷଣା ହୋଇ ରହିଗଲା। ଦରଦାମ ବୃଦ୍ଧି ଯୋଗୁଁ ଆଜି ପ୍ରତ୍ୟେକ ହାଣ୍ଡିଶାଳକୁ ମାଡ଼ ହୋଇଛି। ରୋଜଗାର ନାହିଁ, ଖର୍ଚ୍ଚର ବୃଦ୍ଧି ଯୋଗୁଁ ଅଧିକାଂଶ ଋଣଗ୍ରସ୍ତ। ମୌଳିକ ସେବା ଯୋଗାଇଦେବା ପରିବର୍ତ୍ତେ ସାଧାରଣ ଜନତାଙ୍କୁ ଲୁଟ୍ କରାଯାଉଛି। କୃଷକ ଆତ୍ମହତ୍ୟା ବଢ଼ିଛି, କୃଷକ ଋଣଭାରରେ ବୁଡ଼ି ରହିଛି। ମହିଳା, ଛାତ୍ର, ଯୁବକ, ଶ୍ରମିକ, କୃଷକ କେହି ଶାନ୍ତିରେ ନାହାନ୍ତି। କେବଳ ପ୍ରଚାର କରାଯାଉଛି। ଏହାର ଉଚିତ ଜବାବ ଦିଆଯିବ ବୋଲି ନେତାମାନେ କହିଛନ୍ତି।




# ପାନୀୟ ଜଳ ସମସ୍ୟା ନେଇ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଭେଟିଲେ ବିଧାୟକ

**ସମ୍ବଲପୁର ୨୪।୨(ସମିସ) :** ସମ୍ବଲପୁର ମହାନଗର ନିଗମରେ ସାମିଲ ହୋଇଥିବା ୧୨ ଗୋଟି ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଏହାକୁ ନେଇ ରେଙ୍ଗାଲି ବିଧାୟକ ନାଉରୀ ନାଏକ ପିଏଚଡି ଏସଇ ପରମେଶ୍ୱର ଦାସଙ୍କୁ ଭେଟି ଆଲୋଚନା କରିଛନ୍ତି। ସେ ଅଭିଯୋଗ କରିଥିଲେଯେ, ଏସଏମସି ଗଠନକୁ ୧୧ ବର୍ଷ ବିତି ଯାଇଛି। ପଡ଼ା ଓ ଗ୍ରାମର ଅବସ୍ଥା ଅତି ଶୋଚନୀୟ ହୋଇରହିଛି। ସର୍ବନିମ୍ନ ସୁବିଧା ମିଳୁନାହିଁ। ଅଭିଯୋଗ କଲେ ମଧ୍ୟ ସମସ୍ୟାର ସମାଧାନ ମଧ୍ୟ ହୋଇପାରୁ ନାହିଁ। ମହାନଗରରେ ନିର୍ବାଚନ ହୋଇ ନଥିବାରୁ ସ୍ଥାନୀୟ ଜନପ୍ରତିନିଧି ନାହାଁନ୍ତି। ତେଣୁ, ଲୋକେ ସାମାନ୍ୟ ଓ ମୌଳିକ ପୌର ସମସ୍ୟା ପାଇଁ ମାଧ ବିଧାୟକଙ୍କ ଦ୍ୱାରସ୍ଥ ହେଉଛନ୍ତି। ଏହି ଅଞ୍ଚଳବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇ ପାରିଲା ନାହିଁ। ଜଳ ଟିକିଏ ପାଇଁ ହଇରାଣ ହେଉଛନ୍ତି। ଏଣୁ ଅଞ୍ଚଳବାସୀଙ୍କ ପାନୀୟ ଜଳ ସମସ୍ୟା ର ଶିଘ୍ର ଓ ସ୍ଥାୟି ସମାଧାନ କରାଯାଉ ବୋଲି ଦାବୀ କରିଥିଲେ। ହୀରାକୁଦ ଜଳଭଣ୍ଡାରର ତଳେ ଓ ମହାନଦୀ ର କୂଳରେ ରହୁଥିବା ଲୋକଙ୍କୁ ଯଦି ପାନୀୟ ଜଳ କଷ୍ଟ ଭୋଗିବାକୁ ପଡୁଛି ତାହାଲେ ବିଭାଗ କଣ କରୁଛି ବୋଲି ସେ ପ୍ରଶ୍ନ କରିଥିଲେ। ସମସ୍ୟା ବିଷୟ ରେ ଅବଗତ ହେଲା ପରେ ଅଧିକ୍ଷଣ ଯନ୍ତ୍ରୀ ସମସ୍ୟା ଗୁଡ଼ିକର ଶିଘ୍ର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନରେ ବିଧାୟକ ନାଏକଙ୍କ ସହିତ ଧନୁପାଲି ମଣ୍ଡଳ ସଭାପତି ପ୍ରକାଶ ସାହୁ, କିଶୋର ମହାକୁଡ, ସୁଜିତ୍ ବଢେଇ, ଧିରେନ୍ ନାଗ, ଦୀପକ ବନଛୋର ପ୍ରମୁଖ ଉପସ୍ଥିତ ଥିଲେ।



# ସମ୍ବଲପୁର ଯାଦବ ସମାଜ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

**ସମ୍ବଲପୁର, ୨୪।୨(ସମିସ):** ସମ୍ବଲପୁର ଯାଦବ ସମାଜ ପକ୍ଷରୁ ଚାଉଁରପୁର ସେତୁଠାରେ ଏକ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରତିଦିନ ଉକ୍ତ ସେତୁରେ ସକାଳେ ଓ ସନ୍ଧ୍ୟା ସମୟରେ ଲୋକ ନିଜ ସ୍ୱାସ୍ଥ୍ୟ ପାଇଁ ଚାଲିବାକୁ ଆସିଥାନ୍ତି। ସେ ଦୃଷ୍ଟିରୁ ଉକ୍ତ ସେତୁ ସଫା ରହିବା ନିତ୍ୟାନ୍ତ ଆବଶ୍ୟକ ରହିଛି। ସେଥିପାଇଁ ଯାଦବ ସଂଘ ଉକ୍ତ ସେତୁର ସଫେଇ ଆୟୋଜନ କରିଥିଲେ। ସଫେଇ କାର୍ଯ୍ୟକ୍ରମରେ ସଂଘର ସଭାପତି ଭୋଲା ଶଙ୍କର ମହତମ, ସାଧାରଣ ସମ୍ପାଦକ ହେମନ୍ତ ଗହୀର, ସହସମ୍ପାଦକ ଗୁଣନିଧି ରାଉତ, ମୁଖ୍ୟ ଉପଦେଷ୍ଟା ସୁରେନ୍ଦ୍ର କୁମାର ବଗର୍ତ୍ତୀ, ବଳରାମ ମାଟାରୀ, ଶମ୍ଭୁ ଯାଦବ, ମନୋଜ ବନଛୋର, ହରିହର ଷଣ୍ଢ, କାନନ ନାଗ, ଘନଶ୍ୟାମ ମହାକୁର, ମନବୋଧ ବଗର୍ତ୍ତୀ ଲୋକନାଥ ବଗର୍ତ୍ତୀ, ନବ ଜାଳ, ନିଖିଳ ନାଗ, ଗୋରେଖ ନାଥ ଚାଁର, ରାଜୁ ପୋଢ, ଲୋକନାଥ ଅହୀର, ଜଗଦୀଶ ମଲ୍ଲିକ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ମହାନଗର କର୍ମଚାରୀ ସହଯୋଗ କରିଥିଲେ। ଡେପୁଟି କମିଶନର ଶଙ୍କର ପ୍ରସାଦ ସାହୁ କିପରି ଲୋକଙ୍କୁ ସଫେଇ ଉପରେ ସଚେତନ କରିବା ତା'ବିଷୟ ରେ ସଂଘ ର ସଦସ୍ୟ ଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଓ କମିଶନର ବେଦଭୂଷଣ ଉପସ୍ଥିତ ରହି ସଂଘର ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ।

# ପିଏଚ୍‌ଡି ପଡ଼ିଆରେ ୮ ଦିନ ଧରି ହେବ ଜାତୀୟ ଆଦିବାସୀ କାର୍ନିଭାଲ୍

ସମ୍ବଲପୁର, ୨୪।୨(ସମିସ)

ଆଦିବାସୀ କଳା, ସଂସ୍କୃତି, ଐତିହ୍ୟର ଏକ ଉତ୍ସବ ଆଦିବାସୀ କାର୍ନିଭାଲ୍। ଯାହାକି ସମ୍ବଲପୁର ପିଏଚ୍‌ଡି ପଡ଼ିଆରେ ହେବାକୁ ଯାଉଛି। ଫେବୃଆରୀ ୨୫ତାରିଖ ଠାରୁ ମାର୍ଚ୍ଚ ୩ ଦୀର୍ଘ ୮ ଦିନ ଧରି ଆୟୋଜନ କରାଯିବ। ଏଥିରେ ରାଜ୍ୟର ୧୯ଗୋଟି ଜିଲ୍ଲାରୁ ଯୋଗଦେବେ। ୧୦୦ ଗୋଟି ଷ୍ଟଲ୍ ରହିବ। ଏଥିରେ ହସ୍ତତନ୍ତ୍ର, ହସ୍ତଶିଳ୍ପ, ଖାଦ୍ୟ ସମାଗ୍ରୀ ବିକ୍ରି କରାଯିବ ବୋଲି ଆଜି ଖବରଦାତା ସମ୍ମିଳନୀରେ ପାଉଣ୍ଡେସନ ପକ୍ଷରୁ ସୂଚନା ଦିଆଯାଇଛି। ଆହୁରି କହିଥିଲେ ଯେ, ଦେଶରେ ଆଦିବାସୀ ସମ୍ପ୍ରଦାୟର ସମୃଦ୍ଧ ସାଂସ୍କୃତିକ, ସଂରକ୍ଷଣ ତଥା ପ୍ରୋତ୍ସାହନ ପାଇଁ ୨୦୧୭ ମସିହାରୁ ଅନୁଷ୍ଠାନ କାମ କରି ଆସୁଛି। ଓଡ଼ିଶାର ସମ୍ବଲପୁରରେ ପ୍ରଥମ କରି ଏଭଳି କାର୍ଯ୍ୟକ୍ରମ କରିବ। ଏହା ଏକ ଚମତ୍କାର ଉତ୍ସବ ହେବ। ଆଦିବାସୀ ସମ୍ପ୍ରଦାୟର ବିଭିନ୍ନ ପରମ୍ପରା ଏବଂ ହସ୍ତଶିଳ୍ପ ପ୍ରଦର୍ଶନ କରିବେ। ଦେଶର ୧୨ ଟି ରାଜ୍ୟ ଓ ଓଡ଼ିଶାର ୧୯ ଟି ଜିଲ୍ଲାରୁ ଏହି କାର୍ଯ୍ୟକ୍ରମରେ ୧୦୦ ଟି ଷ୍ଟଲ୍ ହେବ।




ମହିଳା କାରିଗରମାନେ କଳା, ହସ୍ତଶିଳ୍ପ, ବସ୍ତ୍ର, ମସଲା, ହସ୍ତତନ୍ତ ଏବଂ ବିଭିନ୍ନ ଆଦିବାସୀ ରୋଷେଇର ସମାଗ୍ରୀ ରହିବ। ଆଦିବାସୀ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଓ ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବା ମୂଳ ଲକ୍ଷ୍ୟ। ଆଦିବାସୀ କାରିଗରମାନଙ୍କ ପାଇଁ ସେମାନଙ୍କର ଦକ୍ଷତା ଏବଂ କାରିଗରୀ ପ୍ରଦର୍ଶନ କରିବେ। ମାନ୍ୟବର କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ତଥା ଉଦ୍ୟୋଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍‌ଘାଟିତ କରିବେ। ସାଂସ୍କୃତିକ ସନ୍ଧ୍ୟା କାର୍ନିଭାଲର ଏକ ମୁଖ୍ୟ ଆକର୍ଷଣ ରହିବ। ଯେଉଁଥିରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଆଦିବାସୀ କାରିଗରମାନେ ବିଭିନ୍ନ ଆଦିବାସୀ ନୃତ୍ୟ ପରିବେଷଣ କରିବେ। ଆଦିବାସୀ ସଂସ୍କୃତିକୁ ଜୀବନ୍ତ କରିବେ। ସମୃଦ୍ଧ ବିବିଧତାକୁ ଅନୁଭବ କରିବା ପାଇଁ ପରିଦର୍ଶକମାନଙ୍କ ପାଇଁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରିବ। ଆଦିବାସୀ ସମ୍ପ୍ରଦାୟର ସମୃଦ୍ଧ ସାଂସ୍କୃତିକ ଉତ୍ତରାଧିକାରୀ ପ୍ରତିପାଦନ କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛି ଅନୁଷ୍ଠାନ ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ପ୍ରବନ୍ଧନ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ସୁବାଶିଷ ଦାସ, ମୁଖ୍ୟ ସଂଯୋଜକ ଅମୀୟ କୁମାର ମହାନ୍ତି, ସଂଯୋଜକ ପ୍ରଭାତ ସେଠୀ, ଚନ୍ଦ୍ର ଶେଖର ଦାସ, ସମ୍ବଲପୁର ଜିଲ୍ଲା ସଂଯୋଜକ ଆଲୋକ କୁମାର ପଣ୍ଡା, ସଂଯୋଜକ ସିଦ୍ଧାର୍ଥ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବିଜେଡିର ବୈଠକ

# ସଂଗଠନ ସୁଦୃଢ କରିବାକୁ ମତ

**ସମ୍ବଲପୁର ୨୪।୨(ସମିସ):** ବିଜେଡି ପକ୍ଷରୁ ସମ୍ବଲପୁର ଫେଜର କ୍ଲବ ଠାରେ ୱାର୍ଡ ସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେଡି ସଭାପତି ତଥା ବିଧାୟକ ରୋହିତ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ବଲପୁର ବିଧାନସଭା କ୍ଷେତ୍ରର ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ପୁର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, ଜିଲ୍ଲା ମହିଳା ବିଜେଡି ପର୍ଯ୍ୟବେକ୍ଷକ ମିନତୀ ଦେବତା, ସମ୍ବଲପୁର ବିଜେଡି ମହାନଗର ସଭାପତି ସତିଶ ବିଶିଙ୍କ ସମେତ ଅନ୍ୟ ପଦାଧିକାରୀ ମାନେ ଉପସ୍ଥିତ ଥିଲେ। ଏଥିରେ ୨୨, ୨୩, ୨୪, ୨୫, ୨୬, ୩୨ ୱାର୍ଡର ସକ୍ରିୟ ବିଜେଡି କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ଏହିସବୁ ୱାର୍ଡରେ ଦଳୀୟ ସଂଗଠନକୁ ମଜବୁଦ କରିବା ଉପରେ ଆଲୋଚନା କରାଯାଇଛି।

